# ଧରିତ୍ରୀ DHARITRI

51 Years

ଭୁବନେଶ୍ୱର, ରବିବାର, ଜୁନ୍ ୧/୨୦୨୫ (୧୬ ପୃଷ୍ଠା+ଛୁଟିଦିନ) Bhubaneswar, Sunday, June 1/2025 Page 16 ₹ 7.00 | RAYAGADA

୫୧ଶ ଭାଗ ୧୮୬ ସଂଖ୍ୟା www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul VOLUME 51 ISSUE 186 ମୂଲ୍ୟ ₹୭/-





KP GROUP
Quality Since 1965

# Safal


PAN MASALA

କିଛି ଅତୁଲ୍ୟ ସ୍ୱାଦକୁ
ଶବ୍ଦରେ ବର୍ଣ୍ଣନା କରିହୁଏ ନାହିଁ




0% TOBACCO • NICOTINE NOT ADDED • NOT FOR MINORS ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ ।

ଧରିତ୍ରୀ 51 Years
# ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ଜୁନ୍ ୧/୨୦୨୫ | Bhubaneswar, Sunday, June 1/2025 | ପୃଷ୍ଠା-୧



**'ଭୁଲ୍ ଚୁକ୍ ମାଫ୍': ୨୦୨୫ର ୭ମ ହିଟ୍ ଫିଲ୍ମ**
ଅଭିନେତା ରାଜକୁମାର ରାଓଙ୍କ 'ଭୁଲ୍ ଚୁକ୍ ମାଫ୍' ଚଳିତବର୍ଷ ଘରୋଇ ବକ୍ସ ଅଫିସରୁ ସର୍ବାଧିକ ରୋଜଗାର କରିଥିବା ସପ୍ତମ ଫିଲ୍ମ ହୋଇପାରିଛି। **୧୩**

**୧୪** **ଶ୍ରାବଣୀଙ୍କୁ ରୌପ୍ୟ ପଦକ**
ଭାରତୀୟ ମହିଳା ୪x୧୦୦ ମିଟର ରିଲେ ଦଳର ସଦସ୍ୟାଭାବେ ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ହାସଲ କରିଛନ୍ତି ଓଡ଼ିଶାର ଶ୍ରାବଣୀ ନନ୍ଦ ।



## ଫରେଷ୍ଟରଙ୍କୁ ହତ୍ୟା, ଜାଳିଦେଲେ



ନୟାଗଡ଼ ବାରମାସିସ୍ଥିତ ଫରେଷ୍ଟରଙ୍କ ଘର।



ଶିଶିର ସାହୁ

### ସ୍ତ୍ରୀ, ପୁଅ ଉପରେ ପୋଲିସର ସନ୍ଦେହ

**ନୟାଗଡ଼, ୩୧।୫ (ଲୋକନାଥ ମିଶ୍ର)**

ନୟାଗଡ଼ ବନଖଣ୍ଡର ପଞ୍ଚରିଡ଼ା ଫରେଷ୍ଟର ଶିଶିର ସାହୁ (୫୫)ଙ୍କୁ ଶୁକ୍ରବାର ରାତିରେ ହତ୍ୟା କରାଯାଇ ଆତ୍ମହତ୍ୟାର ରୂପ ଦେବାକୁ ଚେଷ୍ଟା କରାଯାଇଛି। ଘଟଣା ଘଟିଛି ନୟାଗଡ଼ ସହରର ବାରମାସି ଦଣ୍ଡାସ୍ଥିତ ଶିଶିରଙ୍କ ଘରେ। ତେବେ ଘର ଚଟାଣରେ ରକ୍ତଛିଟା ପଡ଼ିବା, ପୋଟିକୋରେ ବନ୍ଧା ଯାଇଥିବା କୁକୁର ଫିଟିଯିବା, ଗୋଟିଏ ଘରେ ୩ ଜଣ ଥିବାବେଳେ କେବଳ ଜଣେ ନିଆଁରେ ପୋଡ଼ି ହୋଇ ମୃତ୍ୟୁ ହେବା ଭଳି କିଛି ପାରିପାର୍ଶ୍ୱିକ ସ୍ଥିତିରୁ ଶିଶିରଙ୍କୁ ହତ୍ୟା କରାଯାଇଥିବା ନୟାଗଡ଼ ଟାଉନ ଥାନା ☞ପୃଷ୍ଠା-୨

**ସୂଚନା:** ଅନିବାର୍ଯ୍ୟ କାରଣବଶତଃ ଏ ସପ୍ତାହର 'ଆଗାମୀ ଆଶା' ପୃଷ୍ଠା ପ୍ରକାଶ ପାଇପାରୁନାହିଁ।

ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍
**ଅନିମେଶ କୁଜୁରଙ୍କୁ ବ୍ରୋଞ୍ଜ**
(ରିପୋର୍ଟ: ଖେଳ ପୃଷ୍ଠା)

# ଖସିଥିଲା ଭାରତର ଯୁଦ୍ଧବିମାନ

## ■ ସ୍ୱୀକାର କଲେ ସିଡିଏସ୍
## ■ ସଂଖ୍ୟା ପଚାରିଲା କଂଗ୍ରେସ

ପହଲଗାମ୍ ଆକ୍ରମଣ ପରେ ଭାରତୀୟ ସଶସ୍ତ୍ର ବଳ ପକ୍ଷରୁ କରାଯାଇଥିବା 'ଅପରେଶନ ସିନ୍ଦୂର'କୁ କେନ୍ଦ୍ର ସରକାର ନିଜର ଏକ ବଡ଼ ସଫଳତା ବୋଲି ଦାବି କରୁଥିବାବେଳେ ପାକିସ୍ତାନୀ ସେନା ଭାରତର ୬ଟି ରାଫାଲ ଫାଇଟର ଜେଟ୍‌କୁ ଖସାଇଦେଇଥିବା କହିଥିଲା। ଅନ୍ୟପକ୍ଷେ ସରକାରଙ୍କ ପକ୍ଷରୁ ଏହା ଉପରେ କିଛି ସୂଚନା ଦିଆଯାଇ ନ ଥିଲା। ତେବେ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଜେନେରାଲ ଅନିଲ ଚୌହାନ ଶନିବାର ଏନେଇ ପ୍ରଥମ ଥର ମୁହଁ ଖୋଲିଛନ୍ତି। ସିଙ୍ଗାପୁରରେ ଆୟୋଜିତ ଶାଙ୍ଗ୍ରି-ଲା ଡାଏଲଗ୍‌ରେ ଯୋଗଦେଇ ଚୌହାନ ବ୍ଲୁମ୍‌ବର୍ଗ ଟିଭିକୁ ସାକ୍ଷାତକାର ଦେବା ଅବସରରେ କହିଛନ୍ତି, ଭାରତ-ପାକିସ୍ତାନ ମଧ୍ୟରେ ୪ ଦିନ ଧରି ଲାଗିଥିବା ସଂଘର୍ଷବେଳେ ଭାରତୀୟ ଯୁଦ୍ଧବିମାନ ଖସିଥିଲା। ଫାଇଟର ଜେଟ୍ ଖସିବା ଗୁରୁତ୍ୱପୂର୍ଣ୍ଣ ନୁହେଁ, ବରଂ କାହିଁକି ଖସିଥିଲା ତାହା ତାତ୍ପର୍ଯ୍ୟପୂର୍ଣ୍ଣ। ୬ ଯୁଦ୍ଧବିମାନ ଖସାଇଥିବା ନେଇ ପାକିସ୍ତାନର ଦାବିକୁ ଚୌହାନ 'ସମ୍ପୂର୍ଣ୍ଣ ମିଥ୍ୟା' ବୋଲି ଖଣ୍ଡନ କରିଥିଲେ ହେଁ ଭାରତ ହରାଇଥିବା ଯୁଦ୍ଧବିମାନ ସଂଖ୍ୟା ସ୍ପଷ୍ଟ କରିନାହାନ୍ତି। ଏହା ପୂର୍ବରୁ ବାୟୁସେନା ମୁଖ୍ୟ ଅମରପ୍ରୀତ୍ ସିଂ ଗୁରୁବାର ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ)ର ବାର୍ଷିକ ବ୍ୟବସାୟିକ ସମ୍ମିଳନୀରେ କହିଥିଲେ, ପ୍ରତିରକ୍ଷା ସାମଗ୍ରୀ ସଂକ୍ରାନ୍ତରେ ଚୁକ୍ତି ସ୍ୱାକ୍ଷର ହେଉଛି; କିନ୍ତୁ ବାସ୍ତବରେ ସେଗୁଡ଼ିକ ଠିକ୍ ସମୟରେ ପହଞ୍ଚିପାରୁନାହିଁ। ବାୟୁସେନା ମୁଖ୍ୟ ଅସନ୍ତୋଷ ବ୍ୟକ୍ତ କରିବାର ୨ ଦିନ ପରେ ସିଡିଏସ୍ ଚୌହାନ ଅନ୍ତର୍ଜାତୀୟ ମଞ୍ଚରେ ଏଭଳି କହିବା ବିରୋଧୀଙ୍କୁ ପ୍ରଶ୍ନ ଉଠାଇବା ପାଇଁ ସୁଯୋଗ ଦେଇଛି। ସରକାର ଦେଶବାସୀଙ୍କୁ ସତ କୁହନ୍ତୁ ବୋଲି କଂଗ୍ରେସ ଦାବି କରିଛି।



ସିଡିଏସ୍ ଜେନେରାଲ ଅନିଲ ଚୌହାନ

**ସିଙ୍ଗାପୁର/ନୂଆଦିଲ୍ଲୀ, ୩୧।୫(ପି.ଟି.)**

ଅପରେଶନ ସିନ୍ଦୂରରେ ଭାରତ ଅନିର୍ଦ୍ଦିଷ୍ଟ ସଂଖ୍ୟକ ଯୁଦ୍ଧବିମାନ ହରାଇଥିବା ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଜେନେରାଲ ଅନିଲ ଚୌହାନ ଶନିବାର ସ୍ୱୀକାର କରିଛନ୍ତି। ତେବେ ଭାରତର ୬ଟି ଯୁଦ୍ଧବିମାନକୁ ଖସାଇଥିବା ନେଇ ପାକିସ୍ତାନର ଦାବି ସମ୍ପୂର୍ଣ୍ଣ ଭୁଲ୍ ବୋଲି ସେ କହିଛନ୍ତି। ବ୍ଲୁମ୍‌ବର୍ଗ ଟିଭିକୁ ସାକ୍ଷାତ୍‌କାର ଦେଇ ଚୌହାନ କହିଛନ୍ତି, କେତେ ବିମାନ ହରାଇଲୁ ଗୁରୁତ୍ୱପୂର୍ଣ୍ଣ ନୁହେଁ, ବରଂ କାହିଁକି ଆମେ ଯୁଦ୍ଧବିମାନ ହରାଇଲୁ, ତାହା ଜାଣିବା ଗୁରୁତ୍ୱପୂର୍ଣ୍ଣ। ଫଳରେ ଭାରତୀୟ ସେନା ଏହାର ରଣକୌଶଳକୁ ଉନ୍ନତ କରିପାରିବା ସହ ପୁନର୍ବାର ଉପଯୁକ୍ତ ଜବାବ ଦେଇପାରିବ। ତେବେ ଭଲ କଥା ହେଲା, ଆମେ କରିଥିବା କୌଶଳଗତ ଭୁଲ୍‌କୁ ବୁଝିବାରେ ସକ୍ଷମ ହୋଇଥିଲୁ ଏବଂ ଏଥିରେ ସଂଶୋଧନ କରି ୨ ଦିନ ପରେ ପୁନର୍ବାର ପ୍ରୟୋଗ କରିଥିଲୁ। ଦୀର୍ଘ ଦୂରତାକୁ ଟାର୍ଗେଟକରି ଆମେ ପୁଣିଥରେ ଆମ ଜେଟ୍‌ଗୁଡ଼ିକୁ ଉଡ଼ାଇଥିଲୁ ବୋଲି ସିଡିଏସ୍ କହିଛନ୍ତି। ସୂଚନାଯୋଗ୍ୟ, କ୍ଷୟକ୍ଷତି ଯୁଦ୍ଧର ଅଂଶବିଶେଷ ବୋଲି ପୂର୍ବରୁ ବାୟୁସେନାର ଡାରେକ୍ଟର ଜେନେରାଲ ଅଫ୍ ଏୟାର ଅପରେଶନ ଏୟାର ମାର୍ଶାଲ ଏ.କେ. ଭାରତୀ ସ୍ୱୀକାର କରିବା ସହ ସବୁ ବାୟୁସେନା ପାଇଲଟ ସୁରକ୍ଷିତ ଫେରିଥିବା କହିଥିଲେ।

ଏପ୍ରିଲ ୨୨ରେ ପହଲଗାମ୍‌ରେ ଆତଙ୍କବାଦୀମାନେ ୨୬ ପର୍ଯ୍ୟଟକଙ୍କୁ ହତ୍ୟା କରିବା ପରେ ମେ' ୬-୭ ରାତିରେ ଭାରତୀୟ ସେନା ଅପରେଶନ ସିନ୍ଦୂର ଜରିଆରେ ପାକିସ୍ତାନ ଓ ପାକ୍ ଅଧିକୃତ କଶ୍ମୀର(ପିଓକେ)ରେ ଥିବା ଆତଙ୍କବାଦୀଙ୍କ ଭିତ୍ତିଭୂମି ଉପରେ ଆକ୍ରମଣ କରିଥିଲା। ☞ପୃଷ୍ଠା-୨

ଆଜିର ସମ୍ପାଦକୀୟ | ଗାଜାରେ ଗଣହତ୍ୟା




**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**
**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

No. T-: ଏତଦ୍ଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା।02.06.2025ରିଖ ଦିନ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ
OIPR-09014/11/0134/2526 ସାଧାରଣ ଅଭିଯୋଗ ବିଭାଗ

DSPL-89

ଓମଫେଡ୍



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ବିଶ୍ୱ ଦୁଗ୍ଧ ଦିବସ-୨୦୨୫**

ମୁଖ୍ୟ ଅତିଥି
**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ

ଗରିମାମୟ ଉପସ୍ଥିତି
**ଶ୍ରୀମତୀ ପ୍ରଭାତୀ ପରିଡ଼ା**
ଉପ-ମୁଖ୍ୟମନ୍ତ୍ରୀ

**ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ**
ମନ୍ତ୍ରୀ, ଆଇନ, ପୂର୍ତ୍ତ ଏବଂ ଅବକାରୀ

**ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ**
ମନ୍ତ୍ରୀ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ

- ୨୦୨୪-୨୫ ରେ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ୩ ଲକ୍ଷ ଗୋପାଳକଙ୍କୁ ୭୧ କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରଦାନ
- ଓମଫେଡ୍ ଦୁଗ୍ଧଚାଷୀଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ
- ରାଜ୍ୟର ୭୭ ଟି ଗୋଶାଳାକୁ ୧୦.୫ କୋଟି ଟଙ୍କାର ସହାୟତା ବଣ୍ଟନ

୧ ଜୁନ ୨୦୨୫ | କନ୍‌ଭେନ୍‌ସନ୍ ସେଣ୍ଟର, ଲୋକସେବା ଭବନ

**ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ, ଓଡ଼ିଶା ସରକାର**

OIPR-06042/13/0008/2526

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଓଡ଼ିଶା ଦୁଗ୍ଧ ଚାଷୀ ମହାସଂଘ ପକ୍ଷରୁ କ୍ଷୀର ବଣ୍ଟନ, ସ୍ଥାନ: ଉତ୍କଳମଣି ଗୋପବନ୍ଧୁ ଆଦର୍ଶ ବୃଦ୍ଧାଶ୍ରମ, ପାଣ୍ଡରା ଛକ, ସମୟ: ସକାଳ ୯ଟା।
- ୩୩ତମ ନୃତ୍ୟାଞ୍ଜଳି ମହୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱ ଦୁଗ୍ଧ ଦିବସ, ସ୍ଥାନ: ଲୋକସେବା ଭବନ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ପୁସ୍ତକ 'ମୋଦୀତନ୍ତ୍ର' ଉନ୍ମୋଚନ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।

## କଟକ
- ବଡ଼ମ୍ବା ୩୦ ନମ୍ବର ଜୋନ ବିଜୁ ଜନତା ଦଳର ସାଙ୍ଗଠନିକ କର୍ମୀ ସମ୍ମିଳନୀ, ସ୍ଥାନ: ଲଡୁକେଶ୍ୱର ପୀଠ, ମଙ୍ଗରାଜପୁର ଗ୍ରାମ, ବଡ଼ମ୍ବା, ସମୟ: ସକାଳ ୯ଟା।
- ଥାଲେସେମିଆ ୱେଲଫେୟାର ଫୋରମ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ରେଡ୍‌କ୍ରସ୍ ସେଣ୍ଟର, ସମୟ: ସକାଳ ୯ଟା।
- ଜନତା ରଙ୍ଗ ମଞ୍ଚ ପକ୍ଷରୁ ଡ. ନିବେଦିତା ଜେନାଙ୍କ ନାଟକ ଚଇତୁ ପରିବେଷଣ, ସ୍ଥାନ: ଜନତା ରଙ୍ଗମଞ୍ଚ, ବାଙ୍କାବଜାର, ସମୟ: ସନ୍ଧ୍ୟା ୭ଟା

## ବାଲେଶ୍ୱର
- ରାଜ୍ୟସ୍ତରୀୟ ସାରସ୍ୱତ ମହୋତ୍ସବ ଓ କବିତା କୁମ୍ଭର ସଂଯୋଜକ ସମ୍ମିଳନୀ, ସମୟ: ସକାଳ ୭ଟା ୩୦।
- ରାଜ୍ୟସ୍ତରୀୟ ପ୍ରତିଭା ସମ୍ମାନ ଓ ସମ୍ବର୍ଦ୍ଧନା ସଭା, ସ୍ଥାନ: ଭଗବାନପୁର ବୈଠକ ବଙ୍ଗଳା, ରୂପସା, ସମୟ: ପୂର୍ବାହ୍ନ ୧୦ଟା।
- ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ତ୍ରୟୋଦଶ ଦିବସ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ କ୍ୟାମ୍ପସ୍, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଗାନ୍ଧୀ ସ୍ମୃତି ଭବନ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ସୁବୁଦ୍ଧେଶ୍ୱର ମହାଦେବଙ୍କ ପାଟ ଉତ୍ସବ, ନିଆଁପାଟ, ଆତସବାଜି କାର୍ଯ୍ୟକ୍ରମ, ସ୍ଥାନ: ପାଲୁସିଆ, ଭୋଗରାଇ, ସମୟ: ଅପରାହ୍ନ ୪ଟାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ।
- ସାପ୍ତାହିକ କବିତା ପାଠ ଉତ୍ସବ, ସ୍ଥାନ: ଶାନ୍ତିକାନନ ପରିସର, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ
- ସିଦ୍ଧେଶ୍ୱର ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ସୁଗୋ, ବାସୁଦେବପୁର, ସମୟ: ସକାଳ ୭ଟା।
- ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ସଦକପୁର, ପୀରହାଟ, ତିହିଡ଼ି, ସମୟ: ସକାଳ ୯ଟା।
- ବନ୍ଧୁମିଳନ, ସ୍ଥାନ: ନପଙ୍ଗ, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- କଳ୍ପନାଦେବୀ ଜରାନିବାସ ପ୍ରଥମ ମହଲାର ଉଦ୍‌ଘାଟନ, ସ୍ଥାନ: କାଉପୁର, ଭଦ୍ରକ, ସମୟ: ମଧ୍ୟାହ୍ନ ୧୨ଟା ୩୦।

## ମୟୂରଭଞ୍ଜ
- ସ୍ୱାସ୍ଥ୍ୟ ଏବଂ ଚକ୍ଷୁ ରୋଗ ପରୀକ୍ଷା ଶିବିର, ସ୍ଥାନ: ଭୀମତାଳି ବାତ୍ୟା ଆଶ୍ରୟସ୍ଥଳ, ଉଦଳା, ସମୟ: ସକାଳ ୮ଟା।
- ଆମେ-୮୦ ପକ୍ଷରୁ ଜଳସେବା, ସ୍ଥାନ: ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ, ବାରିପଦା, ସମୟ: ସକାଳ ୯ଟା।

## ବ୍ରହ୍ମପୁର
- ଶୀତଳଷଷ୍ଠୀ ଉତ୍ସବ, ସ୍ଥାନ: ବ୍ରହ୍ମାନଗର ଭାଗବତ ପୀଠ, ସମୟ: ସକାଳ ୬ଟା।
- ହ୍ୟାଣ୍ଡ ବଲ୍ ଗ୍ରୀଷ୍ମକାଳୀନ ଶିବିର ଉଦଯାପନ, ସ୍ଥାନ: ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳପଡିଆ, ସମୟ: ସକାଳ ୬ଟା୪୫।
- ସିଏମ୍ ଟ୍ରଫି ଫୁଟବଲ (୨ ମ୍ୟାଚ), ସ୍ଥାନ: ମହାତ୍ମାଗାନ୍ଧୀ ଷ୍ଟାଡିୟମ, ସମୟ: ସକାଳ ୭ଟା ଓ ଅପରାହ୍ନ ୪ଟା ୩୦।
- ରଜମଉଜ ପ୍ରତିଯୋଗିତା, ସ୍ଥାନ: ଗଞ୍ଜାମ କଳା ପରିଷଦ, ସମୟ: ପୂର୍ବାହ୍ନ ୧୦ଟା୩୦।
- ନାଟକ ପରିବେଷଣ, ସ୍ଥାନ: ବିଦ୍ୟୁତପୁରୀ କଲୋନୀ, ସମୟ: ରାତି ୯ଟା।

## ଗଞ୍ଜାମ
- ଆଞ୍ଚଳିକ ସାମ୍ବାଦିକ ସଂଘର ବୈଠକ, ସ୍ଥାନ: ପୂର୍ତ୍ତ ବିଭାଗ ଡାକବଙ୍ଗଳା, ଶେରଗଡ, ସମୟ: ପୂର୍ବାହ୍ନ ୧୦ଟା।

## କନ୍ଧମାଳ
- ମା'ଠାକୁରାଣୀଙ୍କ ଯାତ୍ରାର ୨୭ଦିନରେ ନଗର ଭ୍ରମଣ, ସ୍ଥାନ: ଗୁଣ୍ଡିଚା ମାର୍ଗ ନୂଆସାହି ବାଲିଗୁଡ଼ା, ସମୟ: ସନ୍ଧ୍ୟା ୭ଟା।

## ଅନୁଗୋଳ
- କୁମ୍ଭୀର ସଂରକ୍ଷଣ ସଚେତନତା ନିମନ୍ତେ ସାଇକେଲ ଶୋଭାଯାତ୍ରା, ସ୍ଥାନ : ଆଠମଲ୍ଲିକ ରେଞ୍ଜ ଯଦପୁର ବନ କାର୍ଯ୍ୟାଳୟ, ସମୟ : ସକାଳ ୬ଟା।
- ଶୀତଳ ଷଷ୍ଠୀ ଶୋଭାଯାତ୍ରା ଆରମ୍ଭ, ସ୍ଥାନ: ଆଠମଲ୍ଲିକ ରାମେଶ୍ୱର ପାଟଣା ମହାଦେବ ମନ୍ଦିର, ସମୟ : ସକାଳ ୮ଟା।

## କେନ୍ଦ୍ରାପଡ଼ା
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଗର୍ଦ୍ଦେଶ୍ୱର ଦେବ ପୀଠ, ବାଲିଚନ୍ଦ୍ରପୁର, ରାଜନଗର, ଅମରେଶ୍ୱର ପୀଠ, ଗୋପ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୬ଟା।

## ଯାଜପୁର
- ହର ପାର୍ବତୀଙ୍କ ଦ୍ୱିତୀୟ ବାର୍ଷିକ ପୂଜା ଉତ୍ସବର ପୂର୍ଣ୍ଣାହୁତି, ସ୍ଥାନ: ଯାଜପୁର ରୋଡ ଚୋରଦା ମହାଦେବ ସାହି, ସମୟ: ସନ୍ଧ୍ୟା ୬ଟା।
- ଓଡିଶା ଦକ୍ଷତା ବିକାଶ ପ୍ରାଧିକରଣ ପକ୍ଷରୁ ଦକ୍ଷତା ବିକାଶ ତାଲିମର ୪ର୍ଥ ଦିବସ, ସ୍ଥାନ : ରଗଡି ଉପକାରାଗାର ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼
- ଶୀତଳଷଷ୍ଠୀ ଯାତ୍ରା ଅବସରରେ ମୋ ଗାଁ ମହୋତ୍ସବର ୨ୟ ଦିବସରେ ପ୍ରଭୁ ଚନ୍ଦ୍ର ଶେଖରଙ୍କ ନଗର ପରିକ୍ରମା, ସ୍ଥାନ: ନୟାଗଡ ବ୍ଲକ ପ୍ରତାପପ୍ରସାଦ ନୀଳକଣ୍ଠେଶ୍ୱର ଦେବଙ୍କ ପୀଠ, ସମୟ: ପୂର୍ବାହ୍ନ ୧୧ଟା।
- ଶୀତଳଷଷ୍ଠୀ ଯାତ୍ରା ଅବସରରେ ମୋ ଗାଁ ମହୋତ୍ସବର ୨ୟ ଦିବସରେ ଯାତ୍ରା ସଂଘର୍ଷ ଦ୍ୱାରା ମହି ରାବଣ ବଧ, ସ୍ଥାନ: ନୟାଗଡ ବ୍ଲକ ପ୍ରତାପପ୍ରସାଦ ନୀଳକଣ୍ଠେଶ୍ୱର ଦେବଙ୍କ ପୀଠ, ସମୟ: ସନ୍ଧ୍ୟା ୭ଟା।
- ଦେବ ଦମ୍ପତିଙ୍କ ଗ୍ରାମ୍ୟ ପରିକ୍ରମା କରି ମନ୍ଦିର ପ୍ରତ୍ୟାବର୍ତ୍ତନ, ସ୍ଥାନ: ଖଣ୍ଡପଡ଼ାର ମର୍ଦ୍ଦରାଜପୁର ମୁଣ୍ଡିଆ ହନୁମାନ ପୀଠ, କଣ୍ଟିଲୋ ପାଟଣା ଦୁର୍ଗା ମଣ୍ଡପ, ସମୟ: ସନ୍ଧ୍ୟା ୮ଟା।
- ଶିବ ବିବାହର ପର୍ବ ଅବସରରେ ଶୀତଳ ଷଷ୍ଠୀ ଯାତ୍ରା ପାଇଁ ୧୬ ଶମ୍ଭୁ ମେଳଣ, ସ୍ଥାନ: ଶରଣକୁଳ ଲଡୁବାବା ମନ୍ଦିର, ସମୟ: ରାତି ୧୦ଟା।

## ନବରଙ୍ଗପୁର
- ମା ସନ୍ତୋଷୀଙ୍କ ମନ୍ଦିରରେ ୧୦୦୮ ଦୀପ ଯଜ୍ଞ, ସ୍ଥାନ: ଉମରକୋଟ ଡିଏନ୍‌କେସ୍ଥିତ ସନ୍ତୋଷୀ ମନ୍ଦିର ପରିସର, ସମୟ: ସନ୍ଧ୍ୟା ୭ଟା।

## କୋରାପୁଟ
- ବିକଶିତ କୃଷି ସଂକଳ୍ପ ଅଭିଯାନ, ସ୍ଥାନ: ପଟ୍ଟାଙ୍ଗୀ ମିନି ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶାବର ଶ୍ରୀକ୍ଷେତ୍ରରେ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ, ସ୍ଥାନ:୨୬ ଜାତୀୟ ରାଜପଥ ପାର୍ଶ୍ୱ, କୋରାପୁଟ, ସମୟ: ଅପରାହ୍ନ ୧ଟା।

## ସମ୍ବଲପୁର
- ସାଓଲିନ କୁଙ୍ଗ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ : ଜିଲା ଜୁଡୋ ହଲ, ସମୟ : ସକାଳ ୭ଟା ।
- କୃଷି ଭବନର ଉଦ୍‌ଘାଟନ ଉତ୍ସବ, ସ୍ଥାନ : ଫାର୍ମ ରୋଡ, ସମୟ ସକାଳ ୯ଟା ୩୦।
- ଶ୍ରୀଶ୍ରୀବମବରାଡ ବାଲୁଙ୍କେଶ୍ୱର ବାବା ଓ ମାତା ପାର୍ବତୀଙ୍କ ନଗର ପରିକ୍ରମା, ସ୍ଥାନ : ନନ୍ଦପଡା, ସମୟ : ରାତି ୧୧ଟା।
- ଶ୍ରୀଶ୍ରୀ ଲୋକନାଥ ବାବା ଓ ମାତା ପାର୍ବତୀଙ୍କ ନଗର ପରିକ୍ରମା, ସ୍ଥାନ: ଝାଡୁଆପଡା, ସମୟ : ରାତି ୧୧ଟା ୩୦।
- ଶ୍ରୀଶ୍ରୀ ଜାଗେଶ୍ୱର ବାବା ଓ ମାତା ପାର୍ବତୀଙ୍କ ନଗର ପରିକ୍ରମା, ସ୍ଥାନ : ମୁଦିପଡା, ସମୟ : ରାତି ୧୨ଟା।
- ଶ୍ରୀଶ୍ରୀଶିତଲେଶ୍ୱର ବାବା ଓ ମାତା ପାର୍ବତୀଙ୍କ ନଗର ପରିକ୍ରମା, ସ୍ଥାନ : ବଡବଜାର, ସମୟ : ରାତି ୧୨ଟା।
- ଶ୍ରୀଶ୍ରୀଗୁପ୍ତେଶ୍ୱର ବାବା ଓ ମାତା ପାର୍ବତୀଙ୍କ ନଗର ପରିକ୍ରମା, ସ୍ଥାନ : ଠାକୁରପଡା, ସମୟ : ରାତି ୧୨ଟା।
- ବୁଢ଼ାରଜା ମହାଦେବ ଓ ମାତା ପାର୍ବତୀଙ୍କ ନଗର ପରିକ୍ରମା, ସ୍ଥାନ : ବୁଢ଼ାରଜା, ସମୟ : ରାତି ୧୨ଟା।

## ରାଉରକେଲା
- ସୁନ୍ଦରଗଡ଼ ଜିଲା ଶିଳ୍ପାଞ୍ଚଳ ଶ୍ରମିକ ସଭା ପକ୍ଷରୁ ଦାବିପତ୍ର ପ୍ରଦାନ, ସ୍ଥାନ: ସିଆଇଏସ୍‌ଏଫ୍ ଡିସ୍‌ପେନ୍‌ସାରୀ, ବିଶ୍ରା ଛକ, ସମୟ: ପୂର୍ବାହ୍ନ ୧୦ଟା।
- ଆର୍‌ଏସ୍‌ପିର ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ଅପରାହ୍ନ ୫ଟା।

## ବରଗଡ଼
- ନବବଧୂ ପାର୍ବତୀଙ୍କ ଆଗମନ, ସ୍ଥାନ: ସଂକ୍ରିପାଣି, ଗାଇସିଲେଟ, ସମୟ: ପୂର୍ବାହ୍ନ ୧୦ଟା।
- ଶୀତଳଷଷ୍ଠୀରେ ଲମ୍ବାନୀ ଶୋଭାଯାତ୍ରା, ସ୍ଥାନ:ବରପାଲି, ସମୟ:ରାତି ୧ଟା।

## କଳାହାଣ୍ଡି
- ବାଲୁଙ୍କେଶ୍ୱର ମହାଦେବ ଓ ମାତା ପାର୍ବତୀଙ୍କ ବିବାହ ଉତ୍ସବ ଉପଲକ୍ଷେ ନଗର ପରିକ୍ରମା, ସ୍ଥାନ: ଭବାନୀପାଟଣା ପୁରୁଣାପଡା, ସମୟ: ଅପରାହ୍ନ ୫ଟା।
- ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ନୂଆଗୁଡା ଜଗନ୍ନାଥ ମନ୍ଦିର, ଜୁନାଗଡ଼ ବ୍ଲକ, ସମୟ: ଅପରାହ୍ନ ୫ଟା।

## ସୁବର୍ଣ୍ଣପୁର
- ବୀରମହାରାଜପୁର ଜଗନ୍ନାଥ ମନ୍ଦିର ନୂତନ ପରିଚାଳନା କମିଟି କର୍ମକର୍ତ୍ତା ଚୟନ ବୈଠକ, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।

## ନୂଆପଡ଼ା
- ଜିଲା ଆଦିବାସୀ କଲ୍ୟାଣ ସଂଘ ମହାସମ୍ମିଳନୀ, ସ୍ଥାନ: ଆଦିବାସୀ କଲ୍ୟାଣ ସଂଘ ସଭାଗୃହ ତନୱାଟ, ନୂଆପଡ଼ା, ସମୟ: ପୂର୍ବାହ୍ନ ୧୧ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଚନ୍ଦ୍ରମଙ୍ଗଳ ଯୋଗ ହେତୁ ପାରିପାର୍ଶ୍ୱିକ ପରିସ୍ଥିତି ଓ ପରିବେଶ ଆପଣଙ୍କ ପାଇଁ ସୁଖଦ ରହିବ। ସମାଜରେ ଆଦୃତି ସାଙ୍ଗକୁ ଯାନବାହନ, ପ୍ରଶାସନ, ସାହିତ୍ୟଚର୍ଚ୍ଚା ଶୁଭପ୍ରଦ ହେବ। ଶିଳ୍ପ, ବ୍ୟବସାୟ କ୍ଷେତ୍ରରେ ପ୍ରତିବନ୍ଧକ ଦୂରେଇଯିବ। ନିଜର ଲୋକଙ୍କୁ ବୃଥା ସନ୍ଦେହ କରିବା ଦ୍ୱାରା ଅଯଥା ଅଶାନ୍ତ ପରିସ୍ଥିତି ସୃଷ୍ଟି ହୋଇପାରେ।

**ବୃଷ** କର୍ମକ୍ଷେତ୍ରସ୍ଥ ରାହୁ ବନ୍ଧୁଙ୍କ ମାଧ୍ୟମରେ ଆପଣଙ୍କ କାର୍ଯ୍ୟକ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି କରିବେ। ଦୈହିକ ଦୁର୍ବଳତା ଓ ପାରିବାରିକ ଅସହଯୋଗଜନିତ କାମଗୁଡ଼ିକ ଆଗକୁ ବଢ଼ିନପାରେ। ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟରେ ଆସି ସରକାରୀ ସ୍ତରର କାର୍ଯ୍ୟ ଅବଶ୍ୟ ସମ୍ପନ୍ନ ହୋଇଯିବ। ସହକର୍ମୀଙ୍କ ସହ ସାଧାରଣ କଥାକୁ କେନ୍ଦ୍ରକରି ମନାନ୍ତରର ଆଶଙ୍କା ରହିଛି।

**ମିଥୁନ** ଆଜି ଧନାଧିପଙ୍କ ସହିତ ଲାଭାଧିପ ବୈଷୟିକ ଅଭିବୃଦ୍ଧିରେ ସହାୟକ ହୋଇପାରିବ। ପ୍ରତ୍ୟେକ କ୍ଷେତ୍ରରେ ବନ୍ଧୁଙ୍କ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିପାରନ୍ତି। ବ୍ୟବସାୟ, କଚେରି ମାମଲା, ପ୍ରତିଯୋଗିତାରେ ସଫଳ ହେବେ। ଆଲୋଚନା, ଗବେଷଣା, ଆନୁଷ୍ଠାନିକ କାମ ପ୍ରଭୃତିରୁ ପ୍ରଶଂସିତ ହୋଇପାରନ୍ତି।

**କର୍କଟ** ଆଜି ଅନୁକୂଳ ଗ୍ରହସ୍ଥିତିରୁ ଯାହା ଓ ଯେମିତି ଚାହୁଁଛନ୍ତି ପାଇବାରେ ଅସୁବିଧା ହେବନାହିଁ। କର୍ମକ୍ଷେତ୍ରରେ ଉଚ୍ଚ ସମ୍ମାନ, ପଦ ପଦବୀ ଲାଭ ସାଙ୍ଗକୁ ଲକ୍ଷ୍ୟ ହାସଲ ଦିଗରେ ଅନୁଧାବନ କରିପାରନ୍ତି। ସାହିତ୍ୟ ଚର୍ଚ୍ଚା, ଉତ୍ସବାନୁଷ୍ଠାନ, ପରିବହନ କ୍ଷେତ୍ରରେ ଉନ୍ନତ ଫଳ ପାଇବେ। ପଡ଼ୋଶୀ କିମ୍ବା ଆତ୍ମୀୟଙ୍କ ସହ ସମ୍ପର୍କ ହ୍ରାସ ଘଟିପାରେ।

**ସିଂହ** ଭାଗ୍ୟସ୍ଥ ବୁଧାଦିତ୍ୟ ଯୋଗରୁ ଆଶାର ଆଲୋକରେ କାମ ହାସଲର ସୂଚନା ପାଇ ଖୁସି ହେବେ। କୌଶଳ ପ୍ରୟୋଗ ପୂର୍ବକ ଭେଦଭାବ ଭୁଲି ଅନ୍ୟମାନଙ୍କୁ ଆପଣେଇ ନେଇପାରନ୍ତି। ନୂତନ ଯାନବାହନ, ଜମିଜମା, ନୂତନ ବନ୍ଧୁ ସମ୍ପର୍କ କ୍ଷେତ୍ରରେ ଆଗ୍ରହ ପ୍ରକାଶ କରିବେ। ସାମାଜିକ ସ୍ତରରେ ଦୃଢ଼ ପଦକ୍ଷେପ ନେଇ କାମ ହାସଲ କରିବେ।

**କନ୍ୟା** ଦ୍ୱାଦଶସ୍ଥ କେତୁଙ୍କ କୁପ୍ରଭାବରୁ ଅପବ୍ୟୟ ଜନିତ ଧନହାନି ଘଟିପାରେ। ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ କୌଣସି ଭୁଲ୍ ନିଷ୍ପତ୍ତି ନେବା ଠିକ୍ ହେବ ନାହିଁ। ରବିଙ୍କ ଶୁଭ ସଂସ୍ଥାନରୁ ସରକାରୀ ସ୍ତରରୁ ସହାୟତା ସାଙ୍ଗକୁ ସାହିତ୍ୟ, ସାମ୍ବାଦିକତା ଏବଂ ଏଜେନ୍‌ସିପରୁ ଖୁସି ରହିବେ। ପରିବାରରେ ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦ ଦେଖାଦେବ।

**ତୁଳା** ରାଶ୍ୟାଧିପତିଙ୍କ ସ୍ୱଗୃହକୁ ଦୃଷ୍ଟିଜନିତ ସ୍ୱାସ୍ଥ୍ୟସମସ୍ୟା ନିୟନ୍ତ୍ରିତ ରହିବ। ଆନୁଷଙ୍ଗିକ ସାହାଯ୍ୟ ଲାଭକରି କାର୍ଯ୍ୟକ୍ଷେତ୍ର ଓ ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ପ୍ରତି ମଧ୍ୟ ଅନୁରାଗ ବୃଦ୍ଧି ପାଇବ। ଖର୍ଚ୍ଚ ଭାର ବୃଦ୍ଧି ହେତୁ ଋଣଗ୍ରସ୍ତ ହେବାକୁ ପଡ଼ିପାରେ। ଭୁଲ୍ ବୁଝାମଣାଜନିତ ସାମୟିକ ମତାନ୍ତର ପାରିବାରିକ ପରିବେଶକୁ ଗମ୍ଭୀର କରିଦେଇପାରେ।

**ବିଛା** ଭାଗ୍ୟାଧିପ ସ୍ୱଗୃହସ୍ଥ ଯୋଗୁ ଶିକ୍ଷା, ସନ୍ତାନ, ଆଲୋଚନା, ସିଦ୍ଧାନ୍ତ ନେବାରେ ସଫଳତା ହାସଲ କରିବେ। ଅର୍ଥନୈତିକ, ବ୍ୟବସାୟିକ, ସାଙ୍ଗଠନିକ, ତଥା ଆନୁଷ୍ଠାନିକ କ୍ଷେତ୍ର ପାଇଁ ଦିନଟି ଭଲ। ପଦସ୍ଥ ବ୍ୟକ୍ତିଙ୍କ ଅନୁକମ୍ପାରୁ ଆରମ୍ଭ କରିଥିବା କାମଟି ପୂର୍ଣ୍ଣାଙ୍ଗ ହୋଇଯାଇପାରେ। ମଙ୍ଗଳଙ୍କ ଦୁର୍ବଳତା ସ୍ୱାସ୍ଥ୍ୟହାନିର କାରଣ ହେବ।

**ଧନୁ** ଆଜି ଅଷ୍ଟମସ୍ଥ ଚନ୍ଦ୍ରଙ୍କ ସ୍ଥିତି ଆପଣଙ୍କ ଅସୁସ୍ଥ ଚିନ୍ତାଧାରାକୁ ପ୍ରତିଫଳନ କରିପାରେ। ଯାହାକି ଆପଣଙ୍କ କଥାରେ, କାମରେ ଓ ବ୍ୟବହାରରେ ଅନ୍ୟମାନେ ଅନୁଭବ କରିପାରିବେ। ପାରିବାରିକ ଜୀବନରେ ଉଦାସୀନତା, ମାନସିକ ଅନ୍ତର୍ଦ୍ୱନ୍ଦ୍ୱ ଓ ପ୍ରାପ୍ୟଧନରେ ପ୍ରତିବନ୍ଧକ ସୃଷ୍ଟି କରିବ।

**ମକର** ବିଚଳିତ ମାନସିକ ସ୍ଥିତି ସାଙ୍ଗକୁ ମଙ୍ଗଳଙ୍କ ଦୁର୍ବଳତା ପ୍ରତ୍ୟେକ କାମକୁ ଅସମ୍ପୂର୍ଣ୍ଣ ରଖିବ। ଅଧିକାଂଶ ସମୟ ଅସାବଧାନତାବଶତଃ ଧନହାନିର ଆଶଙ୍କା ରହିଛି। ପରୋକ୍ଷ ଶତ୍ରୁତା, ଋଣ ପରିଶୋଧ, କଚେରି ମାମଲା ସକାଶେ ବ୍ୟସ୍ତତା ପ୍ରକାଶ କରିପାରନ୍ତି। ଅଫିସ୍‌ରେ କିମ୍ବା ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣାରୁ ମତାନ୍ତର ଘଟିପାରେ।

**କୁମ୍ଭ** ସ୍ଥଗିତ କାର୍ଯ୍ୟ ସମ୍ପନ୍ନ କରିବାରେ କିଛିନା କିଛି ସମସ୍ୟା ସାମୟିକ ଅସ୍ଥିରତା ସୃଷ୍ଟି କରିବ। ଆର୍ଥିକ ସଂକଟ, ଶିଳ୍ପ, ବାଣିଜ୍ୟରେ ପ୍ରତିବନ୍ଧକର ସାମ୍ନା କରିବେ। ଭ୍ରାତୃ ସମ୍ପର୍କରେ ଉନ୍ନତି ଘଟିବାରୁ ସାମୟିକ ଖୁସୀ ରହିପାରନ୍ତି। ସଭା ସମିତିରେ, ଆଲୋଚନା କ୍ଷେତ୍ରରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବାର ସୂଚନା ରହିଛି।

**ମୀନ** ପରିସ୍ଥିତି ଯାହା ଥାଉନା କାହିଁକି, ମୁଖଭାବସ୍ଥ ଶୁକ୍ର ସମସ୍ୟା ସମାଧାନରେ ସାହାଯ୍ୟ କରିବେ। କିନ୍ତୁ କେତୁ ଅପରିଣାମଦର୍ଶୀ କରାଇ ପାରିବାରିକ ଅଶାନ୍ତି ସୃଷ୍ଟି କରିବେ। ଆପଣଙ୍କ ଚିନ୍ତାଧାରାନୁଯାୟୀ ସାମାଜିକ ସ୍ତରରେ ଆଦରଣୀୟ ହୋଇପାରନ୍ତି। ଆଜିର ଯାତ୍ରା, ବାଣିଜ୍ୟ, ପରିବହନ ଓ ସଭାସମିତି ସକାଶେ କୌଣସି ଅସୁବିଧା ରହିବ ନାହିଁ।

ଆଜି ଜୁନ୍ ୧ ତାରିଖ, ବିଶ୍ୱ ପିତାମାତା ଦିବସ, ଅନ୍ତର୍ଜାତୀୟ ଦୁଗ୍ଧ ଦିବସ, ଜ୍ୟେଷ୍ଠ ଶୁକ୍ଳପକ୍ଷର ଶୀତଳଷଷ୍ଠୀ ରବିବାର। ରାଶିନକ୍ଷତ୍ର- ଅଶ୍ଲେଷା/କର୍କଟ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ, ଦିବା ଘ.୦୬।୫୫ମି. ଗତେ ଘ. ୦୯।୩୩ ମଧ୍ୟେ, ଘ.୦୧।୨୩ ଗତେ ଘ.୦୨।୪୮ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ଣ ଘ.୦୪।୩୯ ଗତେ ଘ.୦୬।୨୫ ମଧ୍ୟେ ରାହୁ କାଳ।

# ମନୋବଳ ବଢ଼ିଲେ କର୍କଟକୁ ଜିତିହେବ


ଡା. ଚିନ୍ମୟ କୁମାର ପାଣି

### ନାଶନାଲ କ୍ୟାନସର ସର୍ଭାଇଭର ଡେ'



ଦିନକୁଦିନ କର୍କଟ ରୋଗୀଙ୍କ ସଂଖ୍ୟା ବଢିବା ସହ ଏଥିଜନିତ ମୃତ୍ୟୁସଂଖ୍ୟା ମଧ୍ୟ ବଢୁଛି। ଏହାର ମୁଖ୍ୟ କାରଣ ହେଉଛି କର୍କଟ ହେବା କଥା ଶୁଣିବାମାତ୍ରେ ମାନସିକ ସ୍ତରରେ ରୋଗୀ ଦୁର୍ବଳ ହୋଇପଡ଼ିବା। ତେବେ ଉପଯୁକ୍ତ ସମୟରେ ରୋଗ ଚିହ୍ନଟ ସହ ଚିକିତ୍ସା ଆରମ୍ଭ ହେଲେ ଏବଂ ରୋଗୀର ମନୋବଳ ଦୃଢ଼ ହେଲେ କର୍କଟକୁ ପରାଜିତ କରାଯାଇପାରିବ। ଅବଶ୍ୟ ଏବେ କର୍କଟର ମଧ୍ୟ ସଫଳ ଚିକିତ୍ସା ହୋଇପାରୁଛି ଏବଂ ରୋଗୀ ସମ୍ପୂର୍ଣ୍ଣ ସୁସ୍ଥ ଜୀବନଯାପନ କରିପାରୁଛନ୍ତି। ଏ ଦିଗରେ ସଚେତନତା ସୃଷ୍ଟି ଲାଗି ୧୯୮୭ ମସିହାରେ ନାଶନାଲ୍ କ୍ୟାନ୍‌ସର ସର୍ଭାଇଭର ଡେ' ଆରମ୍ଭ କରିବାକୁ ଯୋଜନା କରାଯାଇଥିଲା। ୧୯୮୮ ମସିହାଠାରୁ ପ୍ରତିବର୍ଷ ଜୁନ୍ ପ୍ରଥମ ରବିବାରରେ ଏହି ଦିବସ ପାଳନ କରାଯାଇଆସୁଅଛି।

ଏବେ ସ୍ତନ ଓ ମୁଖଗହ୍ୱର କର୍କଟ ରୋଗୀଙ୍କ ସଂଖ୍ୟା ଅଧିକ ହେଲାଣି। ଅତ୍ୟଧିକ ନିଶାସେବନ ସହ ଅତ୍ୟାଧୁନିକ ଜୀବନଶୈଳୀ ଏହାର ପ୍ରମୁଖ କାରଣ କହିଲେ ଅତ୍ୟୁକ୍ତି ହେବନାହିଁ। ସେହିଭଳି ଭାରତରେ ପ୍ରତି ୫ଜଣରେ ୩ଜଣ, ଆମେରିକାରେ ପ୍ରତି ୪ଜଣରେ ଜଣେ ଏବଂ ଚାଇନାରେ ପ୍ରତି ୨ଜଣରେ ଜଣେ କର୍କଟ ରୋଗୀ ଆଖି ବୁଜି ଦେଉଛନ୍ତି। ଲାନ୍‌ସେଟ ରିଜିଓନାଲ ହେଲ୍‌ଥ ସାଉଥ୍‌ଇଷ୍ଟ ଏସିଆ ପତ୍ରିକାରେ ଏଭଳି ତଥ୍ୟ ପ୍ରକାଶ ପାଇଛି। ଭାରତୀୟ ଚିକିତ୍ସା ଅନୁସନ୍ଧାନ ପରିଷଦ ବା ଆଇସିଏମ୍‌ଆର୍ ଅଧ୍ୟୟନରୁ ଜଣାପଡିଛି, ବିଶ୍ୱବ୍ୟାପୀ କର୍କଟ ରୋଗୀଙ୍କ ସଂଖ୍ୟା ନେଇ ଯେଉଁ ତାଲିକା କରାଯାଇଛି, ସେଥିରେ ତୃତୀୟ ସ୍ଥାନରେ ରହିଛି ଭାରତ। ବିଶ୍ୱର କର୍କଟଜନିତ ମୃତ୍ୟୁର ୧୦% କେବଳ ଭାରତରେ ହେଉଛି। ବିଶେଷଜ୍ଞଙ୍କ ଆକଳନ ଅନୁଯାୟୀ ଆସନ୍ତା ଦୁଇ ଦଶନ୍ଧି ମଧ୍ୟରେ ଭାରତ କର୍କଟଜନିତ ମୃତ୍ୟୁ ପରିଚାଳନା କରିବାରେ ଏକ ବଡ଼ ଚ୍ୟାଲେଞ୍ଜକୁ ସାମ୍ନା କରିବ। ଗ୍ଲୋବାଲ କ୍ୟାନ୍‌ସର ଅବଜରଭେଟୋରି-୨୦୨୨ ଏବଂ ଗ୍ଲୋବାଲ ହେଲ୍‌ଥ ଅବଜରଭେଟୋରି ତଥ୍ୟ ଆଧାରରେ ୨୦ବର୍ଷ ମଧ୍ୟରେ ୩୬ ପ୍ରକାର କର୍କଟ ରୋଗ ଉପରେ ପରୀକ୍ଷଣ ହୋଇଥିଲା। କର୍କଟ ରୋଗଜନିତ ମୃତ୍ୟୁ ପ୍ରତିବର୍ଷ ବୃଦ୍ଧି ପାଉଥିବା ଏହି ପରୀକ୍ଷଣ ବେଳେ ବିଶେଷଜ୍ଞ ଟିମ୍ ଜାଣିବାକୁ ପାଇଥିଲେ।

କେବଳ ଏତିକି ନୁହେଁ, ପରୀକ୍ଷଣରୁ ଆଉ କିଛି ଚିତ୍ର ମଧ୍ୟ ସାମ୍ନାକୁ ଆସିଛି। ଉଭୟ ପୁରୁଷ ଓ ମହିଳାଙ୍କୁ ପ୍ରଭାବିତ କରୁଥିବା ୫ଟି ସାଧାରଣ କର୍କଟ ରୋଗ ସମୂହ ଭାରତରେ କର୍କଟ ବୋଝର ୪୪%। ପୁରୁଷଙ୍କ ଅପେକ୍ଷା ମହିଳାମାନେ ଏ କ୍ଷେତ୍ରରେ ଅଧିକ ଜଟିଳ ସ୍ଥିତିକୁ ସାମ୍ନା କରୁଛନ୍ତି। ମହିଳାଙ୍କ ପାଇଁ ଏବେ ସବୁଠୁ ବଡ଼ କାଳ ସାଜିଛି ସ୍ତନ କର୍କଟ ଓ ଗର୍ଭାଶୟ କର୍କଟ। ଅପରପକ୍ଷେ ପୁରୁଷମାନେ ମୁଖଗହ୍ୱର, ଶ୍ୱାସନଳୀ ଏବଂ ଖାଦ୍ୟନଳୀଜନିତ କର୍କଟର ଶିକାର ହେଉଛନ୍ତି। ଏହାର କାରଣ ସଂପର୍କରେ ବିଶେଷଜ୍ଞମାନେ ସର୍ଭେ ରିପୋର୍ଟରେ ସେଭଳି କିଛି ଦର୍ଶାଇନଥିଲେ ହେଁ ଏହା ମୁଖ୍ୟତଃ ଧୂମପାନ, ନିଶାସେବନ, ପାନ ଓ ଗୁଟ୍‌ଖାର ଅତ୍ୟଧିକ ବ୍ୟବହାର ସହିତ ବାୟୁମଣ୍ଡଳ ପ୍ରଦୂଷଣ ପାଇଁ ହେଉଥିବା କୁହାଯାଉଛି। ତେଣୁ ବର୍ତ୍ତମାନ ଅଧିକ ସଚେତନ ହେବାର ଆବଶ୍ୟକତା ରହିଛି।

**-ବରିଷ୍ଠ କର୍କଟ ରୋଗ ବିଶେଷଜ୍ଞ, ଭୁବନେଶ୍ୱର**

# ଦୁଗ୍ଧର ଶକ୍ତି ପାଳନ

### ବିଶ୍ୱ ଦୁଗ୍ଧ ଦିବସ



ବିଶ୍ୱ ଦୁଗ୍ଧ ଦିବସ ୨୦୦୧ ମସିହାରୁ ପ୍ରତିବର୍ଷ ଜୁନ ୧ ତାରିଖରେ ପାଳିତ ହୋଇଆସୁଛି। ଚଳିତ ବର୍ଷ ଏହି ଦିବସ ଲାଗି ଥିମ୍ ରହିଛି 'ଦୁଗ୍ଧର ଶକ୍ତି ପାଳନ'। ଏହି ବିଷୟବସ୍ତୁ ବିଶ୍ୱ ସ୍ୱାସ୍ଥ୍ୟ, ପୁଷ୍ଟିସାର, ଜୀବିକା ଏବଂ ସ୍ଥାୟିତ୍ୱରେ ଦୁଗ୍ଧ ଉତ୍ପାଦନର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରେ। ଏହା ସମସ୍ତଙ୍କୁ ଫାର୍ମଠାରୁ ଟେବୁଲ ପର୍ଯ୍ୟନ୍ତ ଦୁଗ୍ଧ କ୍ଷେତ୍ରର ଅବଦାନ ଏବଂ ଶକ୍ତିଶାଳୀ ତଥା ସୁସ୍ଥ ସମାଜ ଗଠନରେ ଏହାର ପ୍ରଭାବକୁ ସ୍ୱୀକାର କରିବାକୁ ପ୍ରୋତ୍ସାହିତ କରେ। ତେବେ ଏହି ଦିବସ ଏକ ଆନ୍ଦୋଳନ ଯାହା କ୍ଷୀରକୁ ଏକ ଗୁରୁତ୍ୱପୂର୍ଣ୍ଣ, ସୁଲଭ ଖାଦ୍ୟ ଉତ୍ସର ସ୍ଥାନ ଦେଇଛି। ପିଢ଼ି ପରେ ପିଢ଼ି କ୍ଷୀର ଏକ ସୁସ୍ଥ ଖାଦ୍ୟର ଏକ ଅଂଶ ହୋଇଆସିଛି। ଏହାକୁ ସର୍ବଦା ବିଶେଷକରି ବଢୁଥିବା ପିଲାଙ୍କ ପାଇଁ ଏକ ପୁଷ୍ଟିକର ପାନୀୟ ଭାବରେ ବିବେଚନା କରାଯାଇଆସୁଛି। ଏହା କେବଳ ଏକ ପାନୀୟ ନୁହେଁ ବରଂ ଅନେକ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ସହ ହାଡ଼ ଏବଂ ମାଂସପେଶୀର ଯତ୍ନ ନେଉଛି। ଏହା ସହିତ ଏହାର ଅନେକ ସ୍ୱାସ୍ଥ୍ୟଗତ ଫାଇଦା ମଧ୍ୟ ମିଳୁଛି । ଏପରିକି ଏହାକୁ ସର୍ବୋତ୍ତମ ଖାଦ୍ୟ ଭାବେ ଅଭିହିତ କରାଯାଉଛି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ତୁ ଡାଳେ ଡାଳେ ବୁଲିଲେ
ମୁଁ ପତରେ ପତରେ ଯିବି।**

ଅନେକ ସମୟରେ ପରସ୍ପର ମଧ୍ୟରେ ଟକରା ଟକରି ଚାଲୁଥିବାର ଦେଖିବାକୁ ମିଳିଥାଏ। ଦୁଇ ଜଣଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତାମୂଳକ ମନୋଭାବ ସୃଷ୍ଟି ହେଉଥିବା ବେଳେ କେହି କାହାରିକୁ ସହଜରେ ଛାଡ଼ି ନ ଥାନ୍ତି। ଜଣେ ଆଉ ଜଣଙ୍କ ଠାରୁ ବୁଦ୍ଧିରେ ବଳିଯିବା ବା ଟପିଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ତୋଳିବାକୁ ସହସ୍ରେ ଦିନ
ଭାଙ୍ଗିବାକୁ କ୍ଷଣେ।**

ଗଢ଼ିବାଠାରୁ ଭାଙ୍ଗିବା ଅତି ସହଜ ହୋଇଥାଏ। ତିଆରି କରିବାକୁ ହେଲେ ବହୁ କଷ୍ଟ ସ୍ୱୀକାର କରିବାକୁ ପଡ଼ିଥାଏ ଓ ସେହି ଅନୁସାରେ ସମୟ ମଧ୍ୟ ବହୁତ ଲାଗିଥାଏ। କିନ୍ତୁ ଭାଙ୍ଗିବା କଥା ଉଠିଲେ ସମୟ ଆଦୌ ଲାଗି ନ ଥାଏ। ଜିନିଷ ଗଢ଼ିବା ଅପେକ୍ଷା ଭାଙ୍ଗିବା ଖୁବ୍ ସହଜ ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ-ଫ୍ରେଣ୍ଡ୍‌ସ ପବ୍ଲିଶର୍ସ


ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପ୍ରଥମ ପୃଷ୍ଠାରୁ...

## ଫରେଷ୍ଟରଙ୍କୁ ହତ୍ୟା,...

ପୋଲିସ କହିଛି। ହତ୍ୟାର କାରଣ ସମ୍ପର୍କରେ ପୋଲିସ ତଦନ୍ତ ଚଳାଇଥିବାବେଳେ ପରକୀୟା ପ୍ରୀତିରୁ ଏହି ହତ୍ୟାକାଣ୍ଡ ଘଟିଥିବା ଆଲୋଚନା ଜୋର ଧରିଛି। ପ୍ରାଥମିକ ତଦନ୍ତ ପରେ ପୋଲିସ ଶିଶିରଙ୍କ ସ୍ତ୍ରୀ ନମିତା (୪୮) ଏବଂ ପୁଅ ଅଭିଷେକ (୨୬)ଙ୍କୁ ସନ୍ଦେହ କରୁଛି। ତେବେ ଘରେ ନମିତା ପେଟ୍ରୋଲ ଢାଳି ନିଆଁ ଲଗାଇଥିବା କଥାକୁ ପୁଅ ଅଭିଷେକ ପଚରାଉଚରା ସମୟରେ ସ୍ୱୀକାର କରିଥିବା ନୟାଗଡ଼ ଏସ୍‌ଡିପିଓ ଜ୍ୟୋତିରଞ୍ଜନ ସାମନ୍ତରାୟ କହିଛନ୍ତି। ଶିଶିରଙ୍କ ବଡ଼ ଭାଇ ଶରତ ସାହୁଙ୍କ ଅଭିଯୋଗ କ୍ରମେ ନୟାଗଡ଼ ଟାଉନ ଥାନାରେ ୨୩୧/୨୫ ନମ୍ବରରେ ହତ୍ୟା ମାମଲା ରୁଜୁ ହୋଇଥିବାବେଳେ ପୋଲିସ ଫରେଷ୍ଟରଙ୍କ ଘରର ଖଟ ଉପରୁ ତାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଶନିବାର ଜବତ କରିଛି। ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ ପରେ ମୃତଦେହକୁ ବ୍ୟବଚ୍ଛେଦ କରାଯିବା ପାଇଁ କଟକ ବଡ଼ ମେଡିକାଲକୁ ପଠାଯାଇଛି। ଘରେ ଅଗ୍ନିକାଣ୍ଡ ଯୋଗୁ ୱିଣ୍ଡୋ ଏସି, ସ୍କୁଟି, ସିଲେଇ ମେଶିନ୍ ଭଳି କେତେକ ଗୃହ ଉପକରଣ ଜଳି ଯାଇଛି।

ପୋଲିସ ସୂଚନା ମୁତାବକ, ଶୁକ୍ରବାର ବିଳମ୍ବିତ ରାତିରେ ପଞ୍ଚରିଡ଼ା ଫରେଷ୍ଟର ଶିଶିର ସାହୁ, ସ୍ତ୍ରୀ ନମିତା, ପୁଅ ଅଭିଷେକ ନୟାଗଡ଼ ବାରମାସି ଦଣ୍ଡାସ୍ଥିତ ଘରେ ଥିବାବେଳେ ଛାତ ଘରୁ ନିଆଁ ବାହାରିଥିଲା। ନମିତା ବାହାରକୁ ଆସି ଘରେ ନିଆଁ ଲାଗି ଯାଇଥିବା ନେଇ ଚିତ୍କାର କରିବା ପରେ ସ୍ଥାନୀୟ ଲୋକ ପହଞ୍ଚି ନିଆଁକୁ ଲିଭାଇବାକୁ ଚେଷ୍ଟା କରିଥିଲେ। ଖବରପାଇ ନୟାଗଡ଼ ଦମକଳ କେନ୍ଦ୍ରର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇଥିଲେ। ତେବେ ଘରର ବେଡ୍‌ରୁମ ଖଟ ଉପରେ ଶିଶିରଙ୍କ ଗୋଟିଏ ଗୋଡ଼ ଚଟାଣରେ ଅନ୍ୟଟି ଖଟରେ ଥିବା ଅବସ୍ଥାରେ ଜଳିଯାଇଥିବା ଦେଖିବାକୁ ମିଳିଥିଲା। ସେତେବେଳେ ସେ ବନ ବିଭାଗର ୟୁନିଫର୍ମରେ ଥିବାବେଳେ ଜୋତା ମଧ୍ୟ ପିନ୍ଧିଥିଲେ। ନିକଟରେ କିଛି ତାର ଏବଂ ଘରେ ରକ୍ତ ଛିଟା ଓ କିଛି ପାଇପ ପଡ଼ିଥିଲା। ନିଆଁ ଲାଗିବାର କାରଣ ସମ୍ପର୍କରେ ସ୍ତ୍ରୀ ଓ ପୁଅ ମୁହଁ ଖୋଲି ନ ଥିଲେ। ବିଦ୍ୟୁତ୍ ଶର୍ଟ ସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଥିଲା। ନୟାଗଡ଼ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସାମାନ୍ୟ ଆହତ ଥିବା ନମିତାଙ୍କୁ ଚିକିତ୍ସା ପାଇଁ ସ୍ଥାନୀୟ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ତେବେ ପାରିପାର୍ଶ୍ୱିକ ସ୍ଥିତିରୁ ଶିଶିରଙ୍କୁ ହତ୍ୟା କରାଯାଇଥିବା ତାଙ୍କ ବଡ଼ ଭାଇ ଶରତ ସାହୁ ଅଭିଯୋଗ କରିଥିଲେ। ପୋଲିସ ମଧ୍ୟ ଏହାକୁ ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ଭାବେ ଗ୍ରହଣ କରି ତଦନ୍ତ ଚଳାଇବା ସହ ଶିଶିରଙ୍କ ପୁଅ ଅଭିଷେକଙ୍କୁ ପଚରାଉଚରା ନିମନ୍ତେ ସାଙ୍ଗରେ ନେଇଯାଇଥିଲା।

ଏ ସମ୍ପର୍କରେ ନୟାଗଡ଼ ଟାଉନ ଥାନା ଆଇଆଇସି ରଶ୍ମିରଞ୍ଜନ ମହାପାତ୍ରଙ୍କୁ ପଚାରିବାରେ ଏହା ହତ୍ୟାକାଣ୍ଡ ବୋଲି ଜଣାପଡୁଛି। ଘରେ ମା' ନିଆଁ ଲଗାଇଥିବା ପୁଅ ସ୍ୱୀକାର କରିଛି। ସ୍ତ୍ରୀ (ନମିତା) ଚିକିତ୍ସାଳୟରେ ଥିବାରୁ ପଚରାଉଚୁରା କରାଯାଇ ପାରିନାହିଁ। ପରକୀୟା ପ୍ରୀତି ଯୋଗୁ ହତ୍ୟା ଘଟିଥିବାର ପ୍ରମାଣ କିଛି ମିଳିନି। ଖୁବ୍‌ଶୀଘ୍ର ହତ୍ୟାର କାରଣ ପର୍ଦ୍ଦାଫାଶ ହେବ ବୋଲି ସେ କହିଛନ୍ତି। ନୟାଗଡ଼ ଅତିରିକ୍ତ ଏସ୍‌ପି ସୁବାସ ଚନ୍ଦ୍ର ପଣ୍ଡାଙ୍କୁ ପଚାରିବାରେ ସେ କହିଛନ୍ତି, ମୃତକଙ୍କ ଭାଇଙ୍କ ଅଭିଯୋଗକ୍ରମେ ଥାନାରେ ଏକ ହତ୍ୟା ମାମଲା ରୁଜୁ ହୋଇଛି। ତେବେ ହତ୍ୟାକାରୀ କିଏ ସେନେଇ ସେ ଅଭିଯୋଗରେ ଦର୍ଶାଇ ନାହାନ୍ତି। ପାରିବାରିକ ବିବାଦରୁ ହତ୍ୟା କରାଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ତେବେ ପାରିବାରିକ ବିବାଦ କ'ଣ ଥିଲା, ପରକୀୟା ପ୍ରୀତି ଥିଲା କି ନାହିଁ, ତା'ର ତଦନ୍ତ ଆରମ୍ଭ ହୋଇଛି। ପରିବାର ଲୋକଙ୍କୁ ପଚରାଉଚୁରା କରାଯାଉଛି ବୋଲି ପଣ୍ଡା କହିଛନ୍ତି।

## ଖସିଥିଲା ଭାରତର ...

ଏହାର ଜବାବରେ ପାକିସ୍ତାନ ଭାରତର ସୀମାନ୍ତ ସାମରିକ ଘାଟି ଏବଂ ଜନବସତି ଅଞ୍ଚଳକୁ ଟାର୍ଗେଟ କରିବାରୁ ଏହାର ମୁହଁତୋଡ଼ ଜବାବ ଦିଆଯାଇଥିଲା। ୪ ଦିନର ସଂଘର୍ଷ ପରେ ମେ' ୧୦ରେ ଦୁଇ ଦେଶର ଡିଜିଏମ୍‌ଓଙ୍କ ମଧ୍ୟରେ ଅସ୍ତ୍ରବିରତି ପାଇଁ ବୁଝାମଣା ହୋଇଥିଲା। ସିଡିଏସ୍ ଆହୁରି ସ୍ପଷ୍ଟ କରିଛନ୍ତି ଯେ, ସଂଘର୍ଷ କଦାପି ଆଣବିକ ଯୁଦ୍ଧ ନିକଟବର୍ତ୍ତୀ ସ୍ଥିତିକୁ ଆସି ନ ଥିଲା। ସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ପାକିସ୍ତାନ ସହ ଯୋଗାଯୋଗ ଚ୍ୟାନେଲ ସବୁବେଳ ପାଇଁ ଖୋଲା ରହିଥିଲା। ଭାରତର ୬ଟି ଯୁଦ୍ଧବିମାନକୁ ଖସାଇଥିବା ନେଇ କିଛିଦିନ ପୂର୍ବରୁ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍ ଦାବି କରିଥିବାବେଳେ ଏହାର କୌଣସି ନିରପେକ୍ଷ ଯାଞ୍ଚ ହୋଇ ନ ଥିବା ବ୍ଲୁମ୍‌ବର୍ଗ ରିପୋର୍ଟରେ କୁହାଯାଇଛି। ଭାରତ ବ୍ରହ୍ମୋସ୍ ମିଶାଇଲ ମାଡ଼ କରିବାରୁ ପାକିସ୍ତାନର ଯୋଜନାବଦ୍ଧ ଆକ୍ରମଣ ପଥଭ୍ରଷ୍ଟ ହୋଇଥିବା ଶରିଫ୍ ସ୍ୱୀକାର କରିଥିଲେ।

ସଂଘର୍ଷ ବେଳେ ଭାରତ ଯୁଦ୍ଧବିମାନ ହରାଇଥିବା ସିଡିଏସ୍ ଅନିଲ ଚୌହାନ ସ୍ୱୀକାର କରିବା ପରେ କ୍ଷୟକ୍ଷତି ସମ୍ପର୍କରେ ସମ୍ପୂର୍ଣ୍ଣ ସତ୍ୟ କେନ୍ଦ୍ର ସରକାର ଦେଶବାସୀଙ୍କୁ ଜଣାନ୍ତୁ ବୋଲି କଂଗ୍ରେସ ଶନିବାର ଦାବି କରିଛି। ସିଡିଏସ୍‌ଙ୍କ ସ୍ୱୀକାରୋକ୍ତି ପରେ ଭାରତ ପ୍ରକୃତରେ କେତୋଟି ଯୁଦ୍ଧବିମାନ ହରାଇଛି, ତାହା ଦେଶବାସୀ ଜାଣିବାକୁ ଚାହାନ୍ତି ବୋଲି କଂଗ୍ରେସ ନେତା ଉତ୍ତମ କୁମାର ରେଡ୍ଡୀ କହିଛନ୍ତି। ସରକାର ସ୍ୱଚ୍ଛ ହେବା ଆବଶ୍ୟକ। ଗଣତନ୍ତ୍ରରେ ଉତ୍ତରଦାୟିତ୍ୱ ସ୍ୱାଭାବିକ କଥା। ଭାରତୀୟ ସଶସ୍ତ୍ର ବଳର ପ୍ରତ୍ୟେକ ପ୍ରୟାସକୁ କଂଗ୍ରେସ ସମର୍ଥନ କରେ। ସେମାନଙ୍କ ମହାନ୍ କାର୍ଯ୍ୟ ପାଇଁ ଦଳ ସେମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଆମେ ସାଲ୍ୟୁଟ୍ କରୁଛୁ ବୋଲି ରେଡ୍ଡୀ କହିଛନ୍ତି।

କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି, କାର୍‌ଗିଲ୍ ଯୁଦ୍ଧର ମାତ୍ର ୩ ଦିନ ପରେ ବାଜପେୟୀ ସରକାର ୧୯୯୯ ଜୁଲାଇ ୨୯ରେ ଦେଶର ରଣନୈତିକ ବ୍ୟାପାର ଗୁରୁ କେ. ସୁବ୍ରମନ୍ୟମ୍‌ଙ୍କ ଅଧ୍ୟକ୍ଷତାରେ କାର୍‌ଗିଲ୍ ସମୀକ୍ଷା କମିଟି ଗଠନ କରିଥିଲେ। ୫ ମାସ ପରେ କମିଟି ରିପୋର୍ଟ ପ୍ରଦାନ କରିଥିଲା, ଯାହା ୨,୦୦୦ ଫେବୃଆରୀ ୨୩ରେ ପାର୍ଲାମେଣ୍ଟର ଉଭୟ ଗୃହରେ ଉପସ୍ଥାପନ କରାଯାଇଥିଲା। ସିଡିଏସ୍‌ଙ୍କ ସ୍ୱୀକାରୋକ୍ତି ପରେ ନରେନ୍ଦ୍ର ମୋଦି ସରକାର ଅନୁରୂପ ପଦକ୍ଷେପ ନେବେ କି ବୋଲି ଜୟରାମ ପ୍ରଶ୍ନ କରିଛନ୍ତି।

# ବେଳାଭୂମି, ଜନବସତିରେ ଲୁଣାପାଣି ପଶିଲା



ସମୁଦ୍ର ଜୁଆରପାଣି ବେଳାଭୂମି ମହୋତ୍ସବ ମଞ୍ଚ ନିକଟରୁ ଗାଡି ପାର୍କିଂ ସ୍ଥଳ ପର୍ଯ୍ୟନ୍ତ ମାଡ଼ିଯାଇଛି।

**ଏରସମା,୩୧।୫(ଦୀପ୍ତି ଖଣ୍ଡୁଆଳ)**

ଜଗତ୍‌ସିଂହପୁର ଜିଲାର ଅନ୍ୟତମ ପର୍ଯ୍ୟଟନ କ୍ଷେତ୍ର ଭାବେ ପରିଚିତ ଏରସମା ବ୍ଲକ ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତସ୍ଥିତ ଶିଆଳି ବେଳାଭୂମି ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ସମୁଦ୍ର କୂଳ ଲଂଘି ବେଳାଭୂମି ଓ ଜନବସତି ପର୍ଯ୍ୟନ୍ତ ମାଡ଼ିଯାଇଛି। ବେଳାଭୂମି ମହୋତ୍ସବ ମଞ୍ଚ ନିକଟରୁ ଗାଡି ପାର୍କିଂ ସ୍ଥଳ ପର୍ଯ୍ୟନ୍ତ ସମୁଦ୍ର ଜୁଆର ପାଣି ଚାଲିଆସିଛି। ଶନିବାର ଜୁଆର କମିବା ପରିବର୍ତ୍ତେ ପୂର୍ବାହ୍ନରେ ପାର୍କିଂ ସ୍ଥଳ ଅତିକ୍ରମ କରି ଅସ୍ଥାୟୀ ହୋଟେଲ ଓ ବିପଣି ଗୃହ ପର୍ଯ୍ୟନ୍ତ ମାଡିଯାଇଛି। ଓଟିଡିସି ଗୃହ ପାଚେରି ମଧ୍ୟ ଜୁଆର ପାଣି ମାଡ଼ରେ ପ୍ରଭାବିତ ହୋଇଛି। ଏହାଦେଖି ବେଳାଭୂମି ସଂଲଗ୍ନ ପଦ୍ମପୁର ପଞ୍ଚାୟତର ଶିଆଳି, କଳାବେଦି, ରାମତରା, ଶଙ୍ଖା, ନୋଳିଆସାହି ଆଦି ଅଞ୍ଚଳର ଗ୍ରାମବାସୀ ଆତଙ୍କିତ ହୋଇପଡ଼ିଛନ୍ତି। ଗଡ଼ବିଶୁନିପୁର, ଗଡ଼ହରିଶପୁର, ଆମ୍ବିକି ଆଦି ସମୁଦ୍ର ସଂଲଗ୍ନ ପଞ୍ଚାୟତବାସୀ ମଧ୍ୟ ସମୁଦ୍ରର ଆକସ୍ମିକ ଉଗ୍ରରୂପ ଦେଖି ଭୟଭୀତ ହୋଇପଡ଼ିଛନ୍ତି। ଲଘୁଚାପ ପ୍ରଭାବରେ ୨୨ ତାରିଖରୁ ୭ ଦିନ ହେବ ଲଗାଣ ବର୍ଷା ହେଉଛି। ଏହା ପ୍ରଭାବରେ ସମୁଦ୍ର ଅଶାନ୍ତ ହୋଇପଡ଼ିଥିବା କୁହାଯାଉଛି।

ସୂଚନାଯୋଗ୍ୟ, ଶିଆଳିଠାରେ ସମୁଦ୍ର ଅଗଭୀର ଥିବାରୁ ଓ ଏହାର ଆକର୍ଷଣୀୟ ପ୍ରାକୃତିକ ପରିବେଶକୁ ବିଚାରକୁ ନେଇ ଗତ ୨୦୧୪ରେ ରାଜ୍ୟ ସରକାର ଏହି କ୍ଷେତ୍ରକୁ ଓଡ଼ିଶାର ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ଦେଇଥିଲେ। ପ୍ରାୟ ବର୍ଷସାରା ବହୁ ଦୂରଦୂରାନ୍ତରୁ ପର୍ଯ୍ୟଟକମାନେ ଏଠାକୁ ଛୁଟି କଟାଇବାକୁ ଆସନ୍ତି। ଏହାକୁ ଦୃଷ୍ଟିରେ ରଖି ଓଟିଡିସି ପକ୍ଷରୁ ଶିଆଳିଠାରେ ପର୍ଯ୍ୟଟକମାନଙ୍କ ପାଇଁ ସଭାଗୃହ ନିର୍ମାଣ କରାଯାଇଛି। ମାତ୍ର ପରିତାପର ବିଷୟ, ସମୁଦ୍ରର ଲୁଣା ଜୁଆର କବଳରୁ ଉପକୂଳ ସୁରକ୍ଷା ପାଇଁ କୌଣସି ଆଖିଦୃଶିଆ ପ୍ରତିକାର ବ୍ୟବସ୍ଥା କରାଯାଇନାହିଁ। ପ୍ରଶାସନ ପକ୍ଷରୁ ଜୁଆର ପ୍ରତିରୋଧକ ଭାବେ କେବଳ ଅସ୍ଥାୟୀ ଖାଉଁ ଖୁଣ୍ଟ ପୋତି ତାରଜାଲି ଦ୍ୱାରା ପଥର ଛାଉଣି କରାଯାଇଥିଲା। ମାତ୍ର ତାହା ସମୁଦ୍ର ଗର୍ଭରେ ଲୀନ ହୋଇଗଲାଣି। ଏଥିସହିତ ଜୁଆର ମାଡ଼ରେ ଅସୁରକ୍ଷିତ ହୋଇପଡ଼ିଥିବା ଭିୟୁ ଟାୱାରକୁ ମଧ୍ୟ ପ୍ରଶାସନ ପକ୍ଷରୁ ଗତ ୨୦୨୪ରେ ଭାଙ୍ଗି ଦିଆଯାଇଛି। ଇତିମଧ୍ୟରେ ବେଳାଭୂମି ମହୋତ୍ସବ ପିଣ୍ଡି ସମୁଦ୍ର ଗର୍ଭରେ ଲୀନ ହୋଇଗଲାଣି। ଏଭଳିସ୍ଥିତିରେ ଉପକୂଳ ସୁରକ୍ଷା ପାଇଁ ବିଭିନ୍ନ ମହଲରୁ ଦାବି ହୋଇଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ଅଭିଯୋଗ ହେଉଛି। ସାଗରମାଳା ପ୍ରକଳ୍ପ ମାଧ୍ୟମରେ ହେବାକୁ ଥିବା ପଥର ବନ୍ଧ କାଗଜପତ୍ରରେ ସୀମିତ ରହିଯାଇଛି ବୋଲି ପଦ୍ମପୁର ପଞ୍ଚାୟତର ପ୍ରଣତି ଗିରି ଦୁଃଖର ସହ ପ୍ରକାଶ କରିଛନ୍ତି।

ଏ ସମ୍ପର୍କରେ ଏରସମା ବିଡିଓ ଦାଶରଥି ଜେନାଙ୍କୁ ପଚାରିବାରେ, ଜିଲାପାଳଙ୍କ ସହ ଏ ବିଷୟରେ ଆଲୋଚନା କରିଛି, ତା'ଉପରେ ଯଥାଶୀଘ୍ର ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ପ୍ରତିଭାରାଣୀ ପାତ୍ର କୁହନ୍ତି, ପୂର୍ବରୁ ସମୁଦ୍ର ଉପକୂଳରେ ଉଚ୍ଚା ବାଲିବନ୍ଧ ଥିଲା। ପ୍ରାକୃତିକ କାରଣରୁ ତାହା ବିଲୁପ୍ତ ହୋଇଗଲାଣି। ଫଳରେ ସାମାନ୍ୟ ଜୁଆର ଆସିଲେ ଲୁଣାପାଣି କୂଳ ଲଂଘୁଛି। ସରକାର ଏଥିପ୍ରତି ଦୃଷ୍ଟି ଦେଇ ସ୍ଥାୟୀ ପ୍ରତିକାର ବ୍ୟବସ୍ଥା କରିବା ଉଚିତ ବୋଲି ପାତ୍ର ପ୍ରକାଶ କରିଛନ୍ତି।

## ସମୁଦ୍ର ଢେଉ କୂଳ ଲଂଘିଲା




# ଶିଳ୍ପ ପାଇଁ ଜଳକର ୧୦% ବୃଦ୍ଧି

**ଭୁବନେଶ୍ୱର,୩୧।୫ (ରବିନାରାୟଣ ଜେନା)**

ଶିଳ୍ପ ଓ ବ୍ୟବସାୟ କ୍ଷେତ୍ର ଲାଗି ଚଳିତ ଆର୍ଥିକବର୍ଷ ପାଇଁ ଜଳକର ୧୦ପ୍ରତିଶତ ବୃଦ୍ଧି କରାଯାଇଛି। ଏହି ଦରକୁ ପିଛିଲା ଭାବେ ଏପ୍ରିଲ ପହିଲାରୁ ଲାଗୁ କରିବାକୁ ଜଳସମ୍ପଦ ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏସଂକ୍ରାନ୍ତରେ ଜଳସମ୍ପଦ ବିଭାଗ ଅତିରିକ୍ତ ସଚିବ ଆରତୀ ରାଉତ ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀ (ପ୍ରକଳ୍ପ ଏବଂ ଉନ୍ନୟନ)ଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି। ସେ ଦର୍ଶାଇଛନ୍ତି, ଓଡ଼ିଶା ଜଳସେଚନ ନିୟମ-୧୯୬୧ ଓ ସଂଶୋଧନ ନିୟମ-୨୦୧୬ ଅନୁଯାୟୀ, ୨୦୨୫-୨୬ ଆର୍ଥିକବର୍ଷ ଲାଗି ୧୦ପ୍ରତିଶତ ଜଳକର ବୃଦ୍ଧି କରାଯାଇଛି। ଏହାକୁ ପିଛିଲା ଭାବେ ଏପ୍ରିଲ ପହିଲାରୁ ୨୦୨୬ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଲାଗୁ କରାଯିବ। ଏସଂକ୍ରାନ୍ତରେ ଅଧସ୍ତନ ଅଧିକାରୀଙ୍କୁ ଅବଗତ କରାଇବାକୁ ସେ ପତ୍ରରେ ଦର୍ଶାଇଛନ୍ତି।

# ନିଶା ନୁହେଁ, ଜୀବନକୁ ଗ୍ରହଣ କର: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୩୧।୫(ରବିନାରାୟଣ ଜେନା)**

## ବିଶ୍ୱ ତମାଖୁ ନିଷେଧ ଦିବସ



ଭାରତରେ ପ୍ରାୟ ବର୍ଷକୁ ୧୪ ଲକ୍ଷ ଲୋକ ତମାଖୁ ସେବନ ଯୋଗୁ ଜୀବନ ହରାଉଛନ୍ତି। ପ୍ରତି ବର୍ଷ ଭାରତରେ ବିଭିନ୍ନ କାରଣରୁ ଯେତିକି ମୃତ୍ୟୁ ହେଉଛି, ତା'ର ପ୍ରାୟ ୧୦% କେବଳ ତମାଖୁଜନିତ। ଜନସାଧାରଣ, ବିଶେଷକରି ଯୁବ ସମାଜ କିପରି ଏଥିରୁ ମୁକ୍ତି ପାଇବେ ସେଥିପ୍ରତି ଗମ୍ଭୀରତାର ସହ ବିଚାର କରିବାର ସମୟ ଆସିଛି। ନିଶା ନୁହେଁ, ଜୀବନକୁ ଆପଣେଇବା ପାଇଁ ସମସ୍ତଙ୍କୁ ସଂକଳ୍ପ ନେବାକୁ ପଡ଼ିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ଲୋକସେବା ଭବନ କନ୍‌ଭେନ୍‌ଶନ ହଲ୍‌ଠାରେ ଶନିବାର ବିଶ୍ୱ ତମାଖୁ ନିଷେଧ ଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ, ତମାଖୁଜନିତ ମୃତ୍ୟୁକୁ ରୋକିବା ପାଇଁ କେବଳ ଗୋଟିଏ ଉପାୟ ହେଉଛି ସଚେତନତା। ଲୋକମାନେ ଏହାର ଭୟାବହତା ଜାଣିବା ସତ୍ତ୍ୱେ ଏଥିରୁ ଦୂରେଇ ପାରୁନାହାନ୍ତି। ଯଦି ଗୋଟିଏ ବ୍ୟକ୍ତିକୁ ସଚେତନ କରାଇପାରୁଛେ, ତେବେ ଆମେ ତା'ର ଜୀବନ ବଞ୍ଚାଇ ପାରୁଛେ। ତମାଖୁ ସେବନର ଅପକାରିତା ଏବଂ ସ୍ୱାସ୍ଥ୍ୟଗତ ଭୟାବହତା ଉପରେ ସଚେତନତା ସୃଷ୍ଟି ପାଇଁ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ସଚେତନତା ଅଭିଯାନକୁ ଘରେ ଘରେ ପହଞ୍ଚାଇବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ। ସେ କହିଥିଲେ, ତମାଖୁ, ସିଗାରେଟ୍ ଓ ନିଶାଦ୍ରବ୍ୟର ବିଜ୍ଞାପନ ମଧ୍ୟ ଯୁବ ସମାଜ ଉପରେ ପ୍ରଭାବ ପକାଉଛି। ଏହି ଛଳନାପୂର୍ଣ୍ଣ ବିଜ୍ଞାପନ ପ୍ରତି ସଜାଗ ରହିବା ଆବଶ୍ୟକ। ଏସ୍‌ଟିଏଫ୍‌କୁ କ୍ଷମତାପନ୍ନ କରାଯାଇଛି। ତମାଖୁ ସହିତ ସବୁ ପ୍ରକାର ନିଶା ଦ୍ରବ୍ୟ ଉପରେ ଅଙ୍କୁଶ ଲଗାଇବା ପାଇଁ ଖୁବ୍‌ଶୀଘ୍ର ନୂତନ ଅବକାରୀ ନୀତି ପ୍ରଣୟନ କରାଯିବ ବୋଲି ସେ କହିଥିଲେ।

କାର୍ଯ୍ୟକ୍ରମରେ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ, ନିଶା ବ୍ୟବହାରର ଫଳ ହେଉଛି ମୃତ୍ୟୁ। ତେଣୁ ଏଥିପ୍ରତି ସଚେତନତା ବୃଦ୍ଧି କରିବା ଆମ ସମସ୍ତଙ୍କର ନୈତିକ ଦାୟିତ୍ୱ। ତମାଖୁ, ମଦ, ଡ୍ରଗ୍ସର ବ୍ୟବହାର ଓ ପ୍ରସାର ରୋକିବା ପାଇଁ ଏଭଳି ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଓଡ଼ିଶାରେ ପ୍ରଥମ ଥର ପାଇଁ ଆରମ୍ଭ ହୋଇଛି। ସମାଜର ଶେଷ ଲୋକ ପର୍ଯ୍ୟନ୍ତ ଆମେ ଏହି ସଚେତନତା ବାର୍ତ୍ତା ପହଞ୍ଚାଇବୁ। ଅବକାରୀ ଆଇନରେ ଦୋଷୀ ପ୍ରତି ଦଣ୍ଡବିଧାନ ଆହୁରି କଡ଼ାକଡ଼ି ହେବ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂ, ଅବକାରୀ ବିଭାଗ କମିଶନର ଗୁହା ପୁନମ୍‌ତାପସ କୁମାର ପ୍ରମୁଖ ଉପସ୍ଥିତ ଥିଲେ।




## ବିସ୍ଫୋରକ ଲୁଟ୍ ଘଟଣା

# ଗୋଦାମ ଯାଞ୍ଚକଲା ଏସ୍‌ଆଇଟି

**ବଡ଼ଗାଁ,୩୧।୫(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ଼ କେ. ବଲାଙ୍ଗ ଥାନା ଅନ୍ତର୍ଗତ ବାଙ୍କୋ ପଥରଖାଦିରୁ ୪ଟନ୍ ବିସ୍ଫୋରକ ଲୁଟ ଘଟଣାରେ ଶନିବାର ଏସଆଇଟି ବଡ଼ଗାଁ ଥାନା ଅନ୍ତର୍ଗତ ଇତମା ଗାଁ ନିକଟ ଜଙ୍ଗଲରେ ଥିବା ବିସ୍ଫୋରକ ଗୋଦାମରେ ପହଞ୍ଚି ତନାଘନା ଚଳାଇଛି। ତହସିଲଦାର ଝରଣା ପ୍ରଧାନ, ବଡ଼ଗାଁ ଥାନା ଆଇଆଇସି ବାଲୁଙ୍କେଶ୍ୱର ନାଏକ, ଏଏସ୍‌ଆଇ ଅରୂପାନନ୍ଦ ଦାସ, ବଣାଇଁ ଏସ୍‌ଡିପିଓ ଏବଂ ଖଣି ଅଧିକାରୀମାନେ ପୂର୍ବରୁ ସିଲ୍ ହୋଇଥିବା ଗୋଦାମ ଭିତରେ ପଶି ଯାଞ୍ଚ କରିବା ପରେ ପୁଣି ଗୋଦାମକୁ ସିଲ୍ କରିଦେଇଛନ୍ତି। ଗତ ୩ ଦିନ ପୂର୍ବେ ବଡ଼ଗାଁ ଥାନା ଆଇଆଇସି ବାଲୁଙ୍କେଶ୍ୱର ନାଏକ ତଦନ୍ତ କରି ଗୋଦାମକୁ ସିଲ୍ କରିଥିଲେ। ଲୁଟ୍ ଘଟଣାର ତଦନ୍ତ ପାଇଁ ଶୁକ୍ରବାର ଏସ୍‌ଆଇଟି ଟିମ୍ ଗଠନ ହୋଇଥିଲା।

ସୂଚନା ଅନୁଯାୟୀ, ଗତ ୨୭ ତାରିଖରେ ଇତମା ଗାଁ ନିକଟ ଜଙ୍ଗଲରେ ଥିବା ବିସ୍ଫୋରକ ଗୋଦାମରୁ ଟ୍ରକ ଯୋଗେ ୨ଶହ ପେଟି ବିସ୍ଫୋରକ ସାମଗ୍ରୀ କେ.ବଲାଙ୍ଗ ଥାନା ଅନ୍ତର୍ଗତ ଝାଡଖଣ୍ଡ -ଓଡ଼ିଶା ସୀମା ନିକଟବର୍ତ୍ତୀ ବାଙ୍କୋ ପଥର ଖାଦାନକୁ ଆସୁଥିଲା। ବାଙ୍କୋ କୁଆରି ନିକଟରେ ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ଅଜ୍ଞାତ ବନ୍ଧୁକଧାରୀ ବିସ୍ଫୋରକ ବୋଝେଇ ଗାଡିକୁ ଜଙ୍ଗଲ ଭିତରକୁ ନେବାକୁ କହିଥିଲେ। କିଛିବାଟ ଗଲାପରେ ଚାଳକଙ୍କୁ ଗାଡ଼ି ରଖିବାକୁ କହିଥିଲେ। ପରେ ଅନ୍ୟ ଏକ ଗାଡ଼ିରେ ସେମାନେ ବିସ୍ଫୋରକ ନେଇଯାଇଥିଲେ। ପୋଲିସ ଉକ୍ତ ଟ୍ରକ୍‌କୁ ଠାବ କରିଥିଲା। କିନ୍ତୁ ସେଥିରେ ଥିବା ବିସ୍ଫୋରକକୁ ମାଓବାଦୀମାନେ ନେଇଯାଇଥିଲେ। ଏହାର ୨ ଦିନ ପରେ ଓଡ଼ିଶା- ଝାଡଖଣ୍ଡ ସୀମାକୁ ସିଲ୍ କରାଯିବା ସହ କୋମ୍ବିଂ ଅପରେଶନକୁ ଜୋରଦାର କରାଯାଇଛି। ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲେ।

# ସିକ୍କିମ ଦୁର୍ଘଟଣା: ନିଖୋଜ ୪ ଓଡ଼ିଆଙ୍କ ପତ୍ତା ମିଳୁନି

**ଯାଜପୁର,୩୧।୫(ହର୍ଷବର୍ଦ୍ଧନ ବେହେରା)**

- ଉଦ୍ଧାର କାର୍ଯ୍ୟରେ ବାଧକ ସାଜିଥିଲା ବର୍ଷା
- ମୁଖ୍ୟମନ୍ତ୍ରୀଙ୍କ ସହ ବିଧାୟକ ଆକାଶଙ୍କ ଆଲୋଚନା

ଉତ୍ତର ସିକ୍କିମର ତିସ୍ତା ନଦୀକୁ ଗୁରୁବାର ରାତିରେ ଏକ ଟୁରିଷ୍ଟ ଗାଡ଼ି 'ମହିନ୍ଦ୍ରା ମାକ୍ସ' ଖସିପଡ଼ିବା ଯୋଗୁ ନିଖୋଜ ଥିବା ରାଜ୍ୟ ଭାଜପା ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ଇତିଶ୍ରୀ ଜେନାଙ୍କ ସମେତ ତାଙ୍କ ପରିବାରର ୪ଜଣଙ୍କ ପତ୍ତା ଶନିବାର ସନ୍ଧ୍ୟା ସୁଦ୍ଧା ମିଳିପାରିନାହିଁ। ଦୁର୍ଘଟଣାଗ୍ରସ୍ତ ଟୁରିଷ୍ଟ ଗାଡ଼ି କିଛି ସମୟ ପାଇଁ ନଦୀଗର୍ଭରେ ଦେଖାଯାଇଥିଲେ ହେଁ ତାକୁ ବାହାର କରିବା ସମ୍ଭବ ହୋଇପାରିନାହିଁ। ପ୍ରବଳ ବର୍ଷା ଓ ନଦୀରେ ପାଣିସ୍ରୋତ ବୃଦ୍ଧିଯୋଗୁ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ସ୍ଥାନୀୟ ଏବଂ ଓଡ଼ିଶାରୁ ଯାଇଥିବା ସ୍ୱତନ୍ତ୍ର ଉଦ୍ଧାରକାରୀ ଦଳ ସିଲିଗୁଡ଼ିରେ ଅପେକ୍ଷାରେ ରହିଥିଲେ। ସିଲିଗୁଡ଼ି ନିକଟରେ ଭୂସ୍ଖଳନ ହୋଇଥିବାରୁ ଘଟଣାସ୍ଥଳକୁ ଯାତାୟାତରେ ବାଧା ସୃଷ୍ଟି ହୋଇଥିଲା। ବର୍ଷା କମିବା ଏବଂ ଘଟଣାସ୍ଥଳକୁ ଯିବା ରାସ୍ତା ସ୍ୱାଭାବିକ ହେବା ପରେ ଶନିବାର ସନ୍ଧ୍ୟାରୁ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଛି।


ମିଳିଥିବା ସୂଚନା ଅନୁସାରେ ଇତିଶ୍ରୀ ଜେନା ତାଙ୍କ ୧୧ ଜଣ ପରିବାର ସଦସ୍ୟଙ୍କ ସହ ଏଠାରୁ ଗତ ରବିବାର ରାତି ୧୨ଟାରେ ଟ୍ରେନ ଯୋଗେ ସିକ୍କିମ ଅଭିମୁଖେ ଯାତ୍ରା କରିଥିଲେ। ସେମାନେ ପ୍ରଥମେ ସିଲିଗୁଡ଼ି ଷ୍ଟେଶନରୁ ଓହ୍ଲାଇ ଆଖପାଖ ଅଞ୍ଚଳ ବୁଲାବୁଲି କରି ଗ୍ୟାଙ୍ଗଟକ ଯାଇଥିଲେ। ସେଠାରୁ ପ୍ରାୟ ୧୦୦୦ଫୁଟ ଉଚ୍ଚରେ ଥିବା ଚୁଙ୍ଗଥାଙ୍ଗକୁ ଟୁରିଷ୍ଟ ଗାଡ଼ିରେ ବୁଲିବାକୁ ଯାଇଥିଲେ। ଫେରୁଥିବା ସମୟରେ ଇତିଶ୍ରୀ ଓ ତାଙ୍କ ପରିବାରର ଅନ୍ୟ ୫ ଜଣ ସଦସ୍ୟଙ୍କୁ ମିଶାଇ ମୋଟ ୧୧ଜଣ ବସିଥିବା ଟୁରିଷ୍ଟ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇ ପ୍ରାୟ ୧୦୦୦ ଫୁଟ ତଳେ ଥିବା ତିସ୍ତା ନଦୀରେ ପଡ଼ିଥିଲା। ସେମାନଙ୍କ ମଧ୍ୟରୁ ଇତିଶ୍ରୀଙ୍କ ସାନପୁଅ ସାଇରାଜ ଜେନା ଏବଂ ଭାଇଙ୍କ ପୁଅ ଅଂଶୁମାନ ନାଏକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଛି। ଜଣଙ୍କର ମୃତ୍ୟୁ ଘଟିଛି। ଇତିଶ୍ରୀ ଓ ତାଙ୍କ ବଡ ପୁଅ ସାହିଲ ଜେନା(୨୦ ବର୍ଷ), ଭାଇ ଅଜିତ ନାଏକ ଓ ଭାଉଜ ସୁନିତା ନାଏକ ନିଖୋଜ ରହିଛନ୍ତି। ଅନ୍ୟ ୪ଜଣ ନିଖୋଜ ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ ଏବଂ ତ୍ରିପୁରା ବାସିନ୍ଦା ବୋଲି ଜଣାପଡ଼ିଛି। ଉଦ୍ଧାର ହୋଇଥିବା ସାଇରାଜ ଏବଂ ଅଂଶୁମାନଙ୍କୁ ଗ୍ୟାଙ୍ଗଟକର ଏକ ଡାକ୍ତରଖାନାରେ ଚିକିତ୍ସା କରାଯାଉଛି। ଅଂଶୁମାନଙ୍କ ଅବସ୍ଥା ଗୁରୁତର ରହିଛି। ଅନ୍ୟପକ୍ଷେ କୋରେଇ ବିଧାୟକ ଆକାଶ ଦାସନାୟକ ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରି ଉଦ୍ଧାର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଏବଂ ଗ୍ୟାଙ୍ଗଟକ ଡାକ୍ତରଖାନାରେ ଚିକିତ୍ସାଧୀନ ସାଇରାଜ ଜେନା ଏବଂ ଅଂଶୁମାନ ନାଏକଙ୍କୁ ଉନ୍ନତମାନର ଚିକିତ୍ସା ଯୋଗାଇ ଦେବାକୁ ଅନୁରୋଧ କରିଛନ୍ତି। ଏହାବାଦ୍ ଉଭୟଙ୍କୁ ଏୟାର ଲିଫ୍ଟ କରିବାକୁ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ମାଝୀ ପୁଣି ଥରେ ସିକ୍କିମ ମୁଖ୍ୟମନ୍ତ୍ରୀ ପ୍ରେମ ସିଂ ତମାଙ୍ଗଙ୍କ ସହ ଆଲୋଚନା କରି ସ୍ଥିତି ସମ୍ପର୍କରେ ବୁଝି ଯଥାସାଧ୍ୟ ସହଯୋଗ କରିବାକୁ ଅନୁରୋଧ କରିଛନ୍ତି। ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇଦେବା ନେଇ ମୁଖ୍ୟମନ୍ତ୍ରୀ ମାଝୀ ପ୍ରତିଶ୍ରୁତି ଦେଇଛନ୍ତି।

**FREE HOTEL MANAGEMENT COURSES AT SIHM, BALANGIR (ODISHA)**
**(ONLY FOR SUNDARGARH DISTRICT)**

Eligible students belonging to all sections (SC/ST/OBC/Gen) from the mining affected Blocks (Bonaigarh, Gurundia, Hemgir, Koida, Kuarmunda, Kutra, Lahunipada, Nuagaon, Lephripada Lathikata, Rajgangpur, Rajgangpur MPL, Biramitrapur MPL, Rourkela Municipal Corp. of SUNDARGARH District can enroll themselves at SIHM, Balangir free of cost for Degree, Diploma and Craft Courses for the Academic Year 2024-25. The entire expenses of Course & Hostel Fees will be sponsored by District Mineral Foundation (DMF), Sundargarh.

| COURSES | DURATION | QUALIFICATION | AGE LIMIT |
|---|---|---|---|
| 1. B.Sc In Hospitality & Hotel Administration | 03 Years | 10+2 pass or equivalent with English one of the subject at the 12th level | No Age Limit |
| 2. Diploma in Front Office Operation, Food Production, Housekeeping Operation, Food & Beverage Service and Bakery & Confectionery | $1\frac{1}{2}$ Year | 10+2 pass or equivalent | |
| 3. Craftsmanship Certificate Course in Food Production | 06 Months | 10th pass | |
| 4. Craftsmanship Certificate Course in Food & Beverage Service | $1\frac{1}{2}$ Year | 10th pass | |

VISIT STATE IHM, BALANGIR FOR FURTHER DETAILS
STATE INSTITUTE OF HOTEL MANAGEMENT, DIGITAL DOOR NO. ODBLGBIJ01A002, BIJAKHAMAN, BALANGIR (ODISHA)
(ESTABLISHED BY MINISTRY OF TOURISM, GOVT. OF INDIA & DEPT. OF TOURISM, GOVT. OF ODISHA)
Visit our website - www.sihmbalangir.org, e-mail: admissions@sihmbalangir.org
Contact No. 8447903803, 9437140772, 8018581031
NCHMCT



ଯେଉଁମାନେ ଗରିବ, ଅଜ୍ଞାନ, ନୀଚକୁଳରେ ଜାତ ଓ କଦର୍ଯ୍ୟ ପରିବେଶରେ ପ୍ରତିପାଳିତ ସେମାନଙ୍କୁ ଆମେ ଇତର ସାଧାରଣ ମଣିଷ ବୋଲି କହିବା ନାହିଁ ବରଂ ଅନ୍ୟପକ୍ଷରେ, ଆମେ ସେଇମାନଙ୍କୁ ହିଁ ଇତର ସାଧାରଣ ମଣିଷ କହିବା- ଯେଉଁମାନେ ଛୋଟ ଛୋଟ କଥାଗୁଡ଼ିକୁ ନେଇ ବଞ୍ଚିଥାନ୍ତି ଓ ଏକ ସାଧାରଣ ଜୀବନକୁ ନେଇ ସନ୍ତୁଷ୍ଟ ଥାନ୍ତି। -ଶ୍ରୀଅରବିନ୍ଦ

ଶୀତଳ ଷଷ୍ଠୀ, ଶ୍ରୀମନ୍ଦିରରେ ଜଳକ୍ରୀଡ଼ା



# ଗାଜାରେ ଗଣହତ୍ୟା



ଆକାର ପଟେଲ

ରାଜ୍ୟ ସଭାରେ ୯ ଫେବୃଆରୀ ୨୦୨୨ରେ ସରକାରଙ୍କୁ ଦୁଇଟି ପ୍ରଶ୍ନ କରାଯାଇଥିଲା। ପ୍ରଥମଟି ହେଉଛି ୧୯୪୮ରେ ଜାତିସଂଘ ସାଧାରଣ ସଭା ଦ୍ୱାରା ପାରିତ ଜେନୋସାଇଡ୍ କନ୍‌ଭେନ୍‌ସନ ବା ନରସଂହାର ଚୁକ୍ତିକୁ ଭାରତ ପ୍ରକୃତରେ ସମର୍ଥନ କରେ ନା ନାହିଁ ସ୍ୱରାଷ୍ଟ୍ର ମନ୍ତ୍ରୀ କହିବେ କି? ଦ୍ୱିତୀୟ ପ୍ରଶ୍ନ ଥିଲା, ଯଦି ଏହା ହୋଇଥାଏ, ତେବେ ସରକାର ନରସଂହାର ବା ଗଣହତ୍ୟାକୁ ନେଇ କିଛି ନୂଆ ଆଇନ ପ୍ରସ୍ତାବ କରିଛନ୍ତି କି? ସରକାର ଉତ୍ତର ଦେଇଥିଲେ, ଭାରତ ୨୯ ନଭେମ୍ବର ୧୯୪୯ରେ କନ୍‌ଭେନ୍‌ସନ ଅନ୍ ଦି ପ୍ରିଭେନ୍‌ସନ ଆଣ୍ଡ ପନିଶ୍‌ମେଣ୍ଟ ଅଫ୍ ଦି କ୍ରାଇମ୍ ଅଫ୍ ଜେନୋସାଇଡ୍, ୧୯୪୮ (ସଂକ୍ଷେପରେ ଗଣହତ୍ୟା ଚୁକ୍ତି)ରେ ସ୍ୱାକ୍ଷର କରିଥିଲା। ୨୭ ଅଗଷ୍ଟ ୧୯୫୯ରେ ଏହି ଚୁକ୍ତିକୁ ସମର୍ଥନ କରିଥିଲା ଓ ଗଣହତ୍ୟାକୁ ଅନ୍ତର୍ଜାତୀୟ ଅପରାଧ ଭାବେ ଗ୍ରହଣ କରିଥିଲା। ଅନ୍ତର୍ଜାତୀୟ ଆଇନରେ ଗଣହତ୍ୟା ଏକ ଅପରାଧ। ନରସଂହାର ଚୁକ୍ତି ଅନୁସାରେ ଗଣହତ୍ୟାକୁ ନିଷିଦ୍ଧ କରାଯିବା ସହ ଏହାକୁ ଅପରାଧୀକରଣ କରାଯାଇଛି, ଯାହାକୁ ୧୯୫୦ରେ ଇସ୍ରାଏଲ ଏବଂ ଅନ୍ତରାଷ୍ଟ୍ରୀୟ ଅପରାଧ ନ୍ୟାୟାଳୟ ସମର୍ଥନ କରିଥିଲା। ପାଞ୍ଚଟି ନିର୍ଦ୍ଦିଷ୍ଟ କାର୍ଯ୍ୟକୁ ନରସଂହାର କୁହାଯାଏ। କୌଣସି ଗୋଷ୍ଠୀ ବା ସମୁଦାୟର ସଦସ୍ୟଙ୍କୁ ହତ୍ୟା କରିବା, ଗୋଷ୍ଠୀର ସଦସ୍ୟଙ୍କୁ ଗମ୍ଭୀର ଭାବେ ଶାରୀରିକ ଓ ମାନସିକ ସ୍ତରରେ କ୍ଷତି ପହଞ୍ଚାଇବା, ସାମଗ୍ରିକ କିମ୍ବା ଆଂଶିକ ଭାବେ ଶାରୀରିକ କ୍ଷତି କରୁଥିବା ଜୀବନର ପରିସ୍ଥିତି ଗୋଷ୍ଠୀ ଉପରେ ଜାଣିଶୁଣି ଲଦିଦେବା, ଗୋଷ୍ଠୀ ମଧ୍ୟରେ ଜନ୍ମକୁ ରୋକିବା ଉଦ୍ଦେଶ୍ୟରେ ଆଇନଗତ ପଦକ୍ଷେପ ନେବା ଏବଂ କୌଣସି ଗୋଷ୍ଠୀର ପିଲାମାନଙ୍କୁ ବଳପୂର୍ବକ ଅନ୍ୟ ଏକ ଗୋଷ୍ଠୀକୁ ପରିବର୍ତ୍ତନ କରିବା। ଏହିସବୁ କାର୍ଯ୍ୟ ସାମଗ୍ରିକ କିମ୍ବା ଆଂଶିକ ଭାବେ ଏକ ଜାତୀୟ, ଜାତିଗତ, ବର୍ଣ୍ଣଗତ ବା ଧର୍ମୀୟ ଗୋଷ୍ଠୀର କ୍ଷତି ଉଦ୍ଦେଶ୍ୟରେ କରାଗଲେ ତାହା ନରସଂହାର ଅପରାଧ ଶ୍ରେଣୀଭୁକ୍ତ ହୁଏ।

ଇସ୍ରାଏଲରେ ନାଗରିକ ଭାବେ ରହୁଥିବା ପାଲେଷ୍ଟିନୀୟ କିମ୍ବା ପାଲେଷ୍ଟାଇନ ଅଧିକୃତ ଅଞ୍ଚଳରେ ଇସ୍ରାଏଲ ମିଲିଟାରି ନିୟନ୍ତ୍ରଣରେ ରହୁଥିବା ପାଲେଷ୍ଟାଇନ୍‌ର ନାଗରିକ ଅବା ଶରଣାର୍ଥୀଙ୍କୁ ପାଲେଷ୍ଟିନୀୟ ଭାବେ ଗଣାଯାଏ। ସେମାନଙ୍କ ମଧ୍ୟରେ ଗଭୀର ରାଜନୈତିକ, ଜାତିଗତ, ସାମାଜିକ ଭାଗୀଦାରି ଓ ସାଂସ୍କୃତିକ ସମ୍ପର୍କ ରହିଛି। ପାଲେଷ୍ଟିନୀୟ ବିଭିନ୍ନ ଧର୍ମର ହୋଇଥିଲେ ମଧ୍ୟ ସେମାନଙ୍କ ଭାଷା, ବେଶପୋଷାକ ଓ ସାଂସ୍କୃତିକ ପରମ୍ପରା ସମାନ। ସେଥିପାଇଁ ସେମାନଙ୍କୁ ନେଇ ଗଠିତ ଏକ ନିର୍ଦ୍ଦିଷ୍ଟ ଜାତୀୟ, ଜାତିଗତ ତଥା ବର୍ଣ୍ଣଗତ ଗୋଷ୍ଠୀ ନରସଂହାର ଚୁକ୍ତି ଦ୍ୱାରା ସୁରକ୍ଷିତ। କିନ୍ତୁ ଅକ୍ଟୋବର ୨୦୨୩ରୁ ଗାଜାରେ ଦୀର୍ଘଦିନ ହେଲା ଇସ୍ରାଏଲ ସାମରିକ କାର୍ଯ୍ୟାନୁଷ୍ଠାନ ଜାରି ରହିଛି। ଏହାଦ୍ୱାରା ବ୍ୟାପକ କ୍ଷତିହେବା ସହ ଗାଜାର ସହରଗୁଡ଼ିକ ଓ ଆଖପାଖ ଅଞ୍ଚଳରେ ଜୀବନ ରକ୍ଷକ ଭିତ୍ତିଭୂମି, ଚାଷଜମି, ସାଂସ୍କୃତିକ ଓ ଧର୍ମୀୟ ସ୍ଥଳୀ ଧ୍ୱଂସାତ ହୋଇଯାଇଛି। ଆକ୍ରମଣରେ ଶିଶୁଙ୍କ ସମେତ ଅନେକ ହଜାର ପାଲେଷ୍ଟିନୀୟଙ୍କ ମୃତ୍ୟୁ ହୋଇଛି। ଏପରିକି ଅନେକ ପରିବାର ପୁରା ନିଶ୍ଚିହ୍ନ ହୋଇଯାଇଛନ୍ତି। ଗାଜାର ୨୨ ଲକ୍ଷ ବାସିନ୍ଦାଙ୍କ ମଧ୍ୟରୁ ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ନାଗରିକଙ୍କୁ ଇସ୍ରାଏଲ ବିସ୍ଥାପିତ କରିଛି। ସେମାନଙ୍କ ମଧ୍ୟରୁ ଅନେକଙ୍କୁ ମୌଳିକ ଭିତ୍ତିଭୂମି ଅଭାବ ଥିବା ଅଳ୍ପ ଜାଗାରେ ରହିବାକୁ ବାଧ୍ୟ କରାଯାଇଛି, ଯାହା ସେମାନଙ୍କୁ ଧୀରେ ଧୀରେ ମୃତ୍ୟୁମୁଖକୁ ଠେଲିଦିଆଯାଇଛି। ଇସ୍ରାଏଲ ମାନବୀୟ ସହାୟତା ଓ ଜୀବନରକ୍ଷକ ସାମଗ୍ରୀଗୁଡ଼ିକର ଆମଦାନୀ ଓ ଯୋଗାଣରେ ଜାଣିଶୁଣି ବାଧା ସୃଷ୍ଟିକରୁଛି। ବିଦ୍ୟୁତ୍ ବନ୍ଦ ଯୋଗୁ ଜଳ ଯୋଗାଣ, ପରିମଳ ଓ ସ୍ୱାସ୍ଥ୍ୟସେବା ଭୁଶୁଡ଼ିପଡ଼ିଛି। ଗାଜାକୁ ଅନେକ ହଜାର ପାଲେଷ୍ଟିନୀୟଙ୍କୁ ନେଇ ଯୋଗାଯୋଗ ନ ଥିବା ସ୍ଥାନରେ ଅଟକ ରଖାଯାଇଛି, ଯେଉଁଠି ନିର୍ଯାତନା ଏବଂ କ୍ରୁର, ଅମାନବୀୟ ଓ ନିକୃଷ୍ଟ ଚିକିତ୍ସା ଯୋଗୁ ଅନେକଙ୍କର ମୃତ୍ୟୁ ଘଟୁଛି।

ପାଲେଷ୍ଟିନୀୟଙ୍କ ପ୍ରତି ଇସ୍ରାଏଲ ଯାହା କରୁଛି ତାହା ନରସଂହାର। ଏହା ଆମେନେଷ୍ଟି ଇଣ୍ଟରନ୍ୟାଶନାଲ ସମେତ ଅନେକ ସଂସ୍ଥାର ସିଦ୍ଧାନ୍ତ। ଗୋଟିଏ ଜନଗୋଷ୍ଠୀର ଅଂଶକୁ ନଷ୍ଟ କରିଦେବା ଲକ୍ଷ୍ୟ ନରସଂହାର ଅପରାଧ ପାଇଁ ଥିବା ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟକୁ ସାବ୍ୟସ୍ତ କରିବା ଲାଗି ଯଥେଷ୍ଟ। ତେବେ ଗୋଟିଏ ଗୋଷ୍ଠୀର ଅଂଶ କାହାକୁ କୁହାଯାଏ ତାହା ନିର୍ଦ୍ଧାରଣ କରିବା ଲାଗି ଅନ୍ତର୍ଜାତୀୟ ନ୍ୟାୟବ୍ୟବସ୍ଥା ପର୍ଯ୍ୟାପ୍ତ ମାନକ ସୃଷ୍ଟି କରିଛି। ଏହି ମାନକ ଅନୁଯାୟୀ ଅପରାଧୀ ଅନ୍ତତଃପକ୍ଷେ ଏକ ଗୋଷ୍ଠୀର ବଡ଼ ଅଂଶକୁ କ୍ଷତି କରିବାକୁ ଚାହୁଁଥିବ, ଯାହାର ସମ୍ପୂର୍ଣ୍ଣ ଗୋଷ୍ଠୀ ଉପରେ ପ୍ରଭାବ ପଡ଼ିଥିବ। ଇସ୍ରାଏଲ ଯୁଦ୍ଧକୁ ଦେଖିଲେ, ଆମେନେଷ୍ଟି ଇଣ୍ଟରନ୍ୟାଶନାଲ ବିଚାରରେ ସମ୍ପୂର୍ଣ୍ଣ ପାଲେଷ୍ଟିନୀୟ ଗୋଷ୍ଠୀର ଏକ ବଡ଼ ଅଂଶ ଗାଜାରେ ରହୁଛନ୍ତି, ଯାହାଙ୍କୁ ଇସ୍ରାଏଲ ଧ୍ୱଂସ କରିବାରେ ଲାଗିଛି। ୨୦୨୩ରେ ପାଲେଷ୍ଟାଇନ ଅଧିକୃତ ଅଞ୍ଚଳରେ ରହୁଥିବା ପାଖାପାଖି ୫୫ ଲକ୍ଷ ପାଲେଷ୍ଟିନୀୟଙ୍କ ମଧ୍ୟରୁ ପ୍ରାୟତଃ ୪୪ ପ୍ରତିଶତ ଗାଜାରେ ରହୁଥିଲେ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଅନ୍ତର୍ଜାତୀୟ ନ୍ୟାୟ ବ୍ୟବସ୍ଥା ପ୍ରକୃତ ବିନାଶ ପରିପ୍ରେକ୍ଷୀରେ 'ସମ୍ପୂର୍ଣ୍ଣ କିମ୍ବା ଆଂଶିକ' ଶବ୍ଦକୁ ସୂଚିତ କରେ। ସାମରିକ ସଫଳତା ହାସଲ କରିବା ଓ ଏଭଳି ଭାବେ ଗୋଟିଏ ଗୋଷ୍ଠୀକୁ ନଷ୍ଟ କରିବା ପାଇଁ ଗୋଟିଏ ଦେଶ ଦ୍ୱୈତ ଲକ୍ଷ୍ୟ ଗ୍ରହଣ କରିପାରେ। ସାମରିକ ସଫଳତା ପାଇବା ପାଇଁ ନରସଂହାର ମଧ୍ୟ ଏକ ମାଧ୍ୟମ ହୋଇପାରେ। ଅନ୍ୟ ଅର୍ଥରେ କହିବାକୁ ଗଲେ, ଏକ ନିର୍ଦ୍ଦିଷ୍ଟ ସାମରିକ ସଫଳତା ହାସଲ କରିବା ପାଇଁ ଯେତେବେଳେ ଏକ ସୁରକ୍ଷିତ ଗୋଷ୍ଠୀର ଧ୍ୱଂସ ଆରମ୍ଭ କରାଯାଏ ସେତେବେଳେ ତାହାକୁ ଗଣହତ୍ୟା ସିଦ୍ଧାନ୍ତ ଭାବେ ଗ୍ରହଣ କରାଯାଇପାରେ। ଗାଜାରେ ପାଲେଷ୍ଟିନୀୟଙ୍କ ପ୍ରତି ଯାହା ଘଟୁଛି ତାହା ହିଁ ଗଣହତ୍ୟା। ଭାରତ ଏହାକୁ ଏକ ଅନ୍ତର୍ଜାତୀୟ ଅପରାଧ ଭାବେ ସ୍ୱୀକାର କରେ ଏବଂ ନରସଂହାରକୁ ରୋକିବା ଏବଂ ଏଥିପାଇଁ ଦୋଷୀଙ୍କୁ ଦଣ୍ଡିତ କରିବା ସକାଶେ ଭାରତ ମଧ୍ୟ ଚୁକ୍ତିରେ ସ୍ୱାକ୍ଷର କରିଛି। ପ୍ରତିଦିନ ଆମ ଆଖି ଆଗରେ ଘଟିଚାଲିଥିବା ଏହି ଅପରାଧ ବିରୋଧରେ ଭାରତ ମୁହଁ ଖୋଲିବା ସହ ପଦକ୍ଷେପ ନେବା ଦରକାର।

Email:aakar.patel@gmail.com

# ନିଶା କବଳିତ ଓଡ଼ିଶା



ଡ. ପ୍ରଫୁଲ୍ଲ କୁମାର ସାହୁ

ନିଶାମୁକ୍ତ ଭାରତ ଗଠନ କଥା କହି କହି ଚାଲିଗଲେ ଗାନ୍ଧିଜୀ। ସ୍ୱାଧୀନତାର ଅବ୍ୟବହିତ ପୂର୍ବରୁ ଜଣେ ବିଦେଶୀ ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତର ଦେଇ ସେ କହିଥିଲେ - ସ୍ୱାଧୀନତାପ୍ରାପ୍ତିର ୨୪ ଘଣ୍ଟା ମଧ୍ୟରେ ନିଶାମୁକ୍ତ ଭାରତ ଗଠନ ପାଇଁ ଆଇନ ପ୍ରଣୟନ ହେବା ଉଚିତ। ତା' ନ ହେଲେ ନିଶାର ବହୁଳ ପ୍ରସାର ଓ ବ୍ୟବହାର ଦ୍ୱାରା ବିପର୍ଯ୍ୟସ୍ତ ହୋଇପଡ଼ିବ ଦେଶର ସଂସ୍କୃତି, ପରମ୍ପରା ଓ ମୌଳିକ ବ୍ୟବସ୍ଥା। ମାତ୍ର ସ୍ୱାଧୀନତା ପରେ ସରକାର ନିଶାମୁକ୍ତ ଭାରତ ଗଠନ ଚାହିଁଲେ ନି କି ସମ୍ବିଧାନରେ ରଖାଗଲାନି ନିଶା ନିବାରଣ ପାଇଁ ସ୍ପଷ୍ଟ ନିର୍ଦ୍ଦେଶ। କେବଳ ଗାନ୍ଧିଜୀଙ୍କୁ ଖୁସିରେ ହେଲା ଭଳି ନିଶା ନିବାରଣ ପ୍ରସଙ୍ଗକୁ ରାଜ୍ୟ ନିର୍ଦ୍ଦେଶାବଳୀ ୪୭ ଧାରାରେ ସ୍ଥାନିତ କରାଗଲା, ପରୋକ୍ଷରେ ମଦ୍ୟପାନକୁ ପ୍ରୋତ୍ସାହିତ କରିବା ପାଇଁ।

ଓଡ଼ିଶାର ଦାରିଦ୍ର୍ୟ ଓ ଦୁର୍ଗତିର ମୁଖ୍ୟ କାରଣ ହେଉଛି ନିଶା ଓ ଆଳସ୍ୟ। ଆଠ ଦଶନ୍ଧି ପୂର୍ବରୁ (୧୯୩୮ ମସିହା ମାର୍ଚ୍ଚ ୨୫) ଗାନ୍ଧିଜୀ ଏକଥା କହିଥିଲେ ସମ୍ବଲପୁରର ବେରବୋଇ ସଭାରେ। ସେତେବେଳେ ଖୁବ୍ କମ୍ ଲୋକ ମଦ୍ୟପାନ କରୁଥିଲେ, ଯେଉଁମାନଙ୍କ ଭିତରେ ଥିଲେ ସହରର କିଛି ଧନୀ ବ୍ୟବସାୟୀ, ଅପରାଧୀ ଓ ସରକାରୀ ବାବୁମାନେ। ଦେଶୀ ମଦ ରନ୍ଧାଯାଉଥିବା ଅଳ୍ପ କିଛି ଆଦିବାସୀ ଗାଁକୁ ଛାଡ଼ିଦେଲେ ପ୍ରାୟତଃ ଗ୍ରାମାଞ୍ଚଳରେ ନ ଥିଲା ମଦର ପ୍ରବେଶ। କେବଳ ପାନ, ବିଡ଼ି, ଗୁଡାଖୁ ଓ ଧୂଆଁପତ୍ର ଆଦି ଛୋଟ ଛୋଟ ନିଶା ସହିତ ଗାଁ ଲୋକ ଅଭ୍ୟସ୍ତ ଥିଲେ, ଯାହାକୁ ଲକ୍ଷ୍ୟ କରି କୁହାଯାଉଥିଲା 'ପାନ ବିଡ଼ି ଗୁଡ଼ାଖୁ ଛୋଟିଆ ନିଶା, ଲଜାପଡେ ନାହିଁ ଟାଣେ ପଇସା'।

ଓଡ଼ିଶାରେ ୧୯୫୬ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଉଦ୍ୟମରେ ବିଧାନସଭାରେ ପାରିତ ହୋଇଥିଲା ନିଶା ନିବାରଣ ଆଇନ। ଦୁର୍ଭାଗ୍ୟର ବିଷୟ ସେ ଇସ୍ତଫା ଦେଇ କ୍ଷମତାରୁ ଚାଲିଗଲା ପରେ ତାହା କାର୍ଯ୍ୟକାରୀ ହୋଇପାରିଲାନି ଠିକଣା ଢଙ୍ଗରେ। ବରଂ ରାଜସ୍ୱ ଆୟ ବଢ଼େଇବା ଲକ୍ଷ୍ୟରେ ଅବକାରୀ ନୀତିକୁ ଆହୁରି କୋହଳ କରିଦିଆଗଲା, ଯାହାଫଳରେ ପୂର୍ବ ନିୟମକୁ ଭାଙ୍ଗି ପ୍ରତି ଜିଲାରେ ଗୋଟିଏ ପରିବର୍ତ୍ତେ ଖୋଲିଲା ଏକାଧିକ ମଦ ଦୋକାନ। ଏହା ସତ୍ତ୍ୱେ ଲୋକଙ୍କ ରକ୍ଷଣଶୀଳ ମନୋଭାବ ଯୋଗୁ ଗାଁ ଗଣ୍ଡାରେ ମଦର ପ୍ରସାର ହୋଇପାରି ନ ଥିଲା। ପ୍ରାୟତଃ ସତୁରି ଦଶକ ପର୍ଯ୍ୟନ୍ତ ମଦ ତ ହାତ ପାହାନ୍ତାରେ ମିଳୁ ନ ଥିଲା। ତଥାପି ସହର ପାଖରେ ଥିବା ଗାଆଁର କେହି କେହି ସହରକୁ ଯାଇ ଲୁଚାଛପାରେ ଯେ ମଦ ପିଇ ନ ଥିଲେ ତାହା ନୁହେଁ, କିନ୍ତୁ କୌଣସି ସୂତ୍ରରୁ କଥା ପ୍ରଘଟ ହେଲେ ଗାଁରେ ବସୁଥିଲା ପଞ୍ଚାୟତ। ମଦ ପିଉଥିବା ଲୋକର ପରିବାରକୁ ଅଟକ ହେଉଥିଲା ନିଆଁପାଣି। ଗାଁର ଏଭଳି ଏକତା ଓ ସାଂସ୍କୃତିକ ପରମ୍ପରା ଯୋଗୁ ପ୍ରାୟତଃ କେହି ସାହସ କରୁ ନ ଥିଲେ ସହରକୁ ଯାଇ ମଦ ପିଇବା ପାଇଁ।

ଏକବିଂଶ ଶତାବ୍ଦୀ ଆସିବା ପୂର୍ବରୁ ସମ୍ପୂର୍ଣ୍ଣ ବଦଳିଗଲା ଦୃଶ୍ୟପଟ। ସରକାର(କେନ୍ଦ୍ର ସରକାରଙ୍କର ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ)ଙ୍କ ତଥ୍ୟ ଅନୁଯାୟୀ ଓଡ଼ିଶାରେ ୩୮.୪ ପ୍ରତିଶତ ଲୋକ ମଦ ପିଅନ୍ତି, ଯାହା ଜାତୀୟ ହାରଠାରୁ ଅଧିକ। ସହରାଞ୍ଚଳରେ ୨୨.୭ ପ୍ରତିଶତ ଲୋକ ମଦ ପିଉଥିବା ବେଳେ ଗ୍ରାମାଞ୍ଚଳରେ ତାହା ୩୦.୨ ଶତାଂଶ। ବିଶେଷକରି ଓଡ଼ିଶା ଭଳି ଏକ ସଂସ୍କୃତି ସମ୍ପନ୍ନ ରାଜ୍ୟରେ କ୍ରମାଗତ ବୃଦ୍ଧି ପାଉଛି ମଦ ପିଉଥିବା ମହିଳାଙ୍କ ସଂଖ୍ୟା। ୨୦୧୫-୧୬ରେ ଗ୍ରାମାଞ୍ଚଳରେ ୨.୬ ଶତାଂଶ ମହିଳା ମଦ୍ୟପାନ କରୁଥିବା ବେଳେ ୨୦୨୧ ବେଳକୁ ତାହା ପହଞ୍ଚିଲା ପାଖାପାଖି ୫ ପ୍ରତିଶତରେ। ଅର୍ଥାତ୍ ପାଞ୍ଚ ବର୍ଷ ମଧ୍ୟରେ ଦୁଇଗୁଣ ବୃଦ୍ଧି ପାଇଲା ମଦ୍ୟପାନ କରୁଥିବା ମହିଳାଙ୍କ ସଂଖ୍ୟା। କାରଣ ଏବେ ପ୍ରାୟତଃ ଅଧିକାଂଶ ଗାଁରେ ମଦ ଦୋକାନ ଖୋଲିଛି ଏବଂ ମଦ୍ୟପାନ କୁ ନେଇ ବଦଳି ଯାଇଛି ଲୋକଙ୍କ ମାନସିକତା। ଆଗ ଭଳି ମଦୁଆଙ୍କ ପ୍ରତି ଆଉ ଘୃଣାଭାବ ନାହିଁ, ବରଂ ବାହାଘର, ବ୍ରତଘର ଓ ନିର୍ବାଚନଠାରୁ ଆରମ୍ଭ କରି ରାଜନୈତିକ ସଭାଯାଏ, ସବୁଠି ପିଉଥିବା ଲୋକଙ୍କୁ ମିଳୁଛି ସ୍ୱତନ୍ତ୍ର ମାନ ମର୍ଯ୍ୟାଦା। ଏକଦା କେହି ଯୁବକ ମଦ ପିଉଛି ବୋଲି ଜଣା ପଡ଼ିଲେ ତାକୁ କନିଆଁ ମିଳୁ ନ ଥିଲା ବାହା ହେବାପାଇଁ। ଏବେ କିନ୍ତୁ ମଦ ପିଉ ନ ଥିବା ବରଟେ ଖୋଜି ପାଇବା କାଠିକର ପାଠ। ମଦ ପିଇବାକୁ ନ ଦେଲେ ଆଜିକାଲି ଲୋକେ ବରଯାତ୍ରୀ ଯିବାକୁ ରାଜି ହେଉନାହାନ୍ତି। ଉତ୍ସବ ଆଉ ଉତ୍ସବ ହୋଇ ନାହିଁ, ବରଂ ତାକୁ ଉପଦ୍ରବରେ ପରିଣତ କରିଦେଲାଣି ମଦର ପ୍ରାବଲ୍ୟ। ବାହାଘର ହେଉ କି ଭସାଣି ଶୋଭାଯାତ୍ରା, ଏପରିକି ଶବ ସତ୍କାର ବେଳେ ମଶାଣିରେ ଖୋଳାପଡ଼ୁଛି ମଦ। ମଜୁରି ସାଙ୍ଗକୁ ମଦ ନ ଦେଲେ କ୍ଷେତବାଡ଼ିରେ କାମ କରିବା ପାଇଁ ରାଜି ହେଉନାହାନ୍ତି କୃଷି ଶ୍ରମିକ।




ଗାଁ ମାଟିରେ ଏବେ ଫାଟି ପଡ଼ୁଛି ମଦର ଦୁର୍ଗନ୍ଧ। ମନରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ମଦ ପିଇବାକୁ ଏତେ ବ୍ୟାକୁଳ ହେଉଥିବା ଲୋକଟି ମଦରୁ ପାଏ କ'ଣ ? କିଛି ସମୟ ପାଇଁ ମଦ ହୁଏତ ଟିକେ ଉତ୍ତେଜନା ଦେଇପାରେ, କିନ୍ତୁ ପ୍ରତିବଦଳରେ ସେ ଛଡ଼େଇ ନିଏ ସୁସ୍ଥ ସ୍ୱାସ୍ଥ୍ୟ, ସମ୍ପତ୍ତି ଓ ସାମାଜିକ ସମ୍ପର୍କ। ମଦ ପିଇ ଗାଡ଼ି ଚଳେଇବା ବେଳେ ଚାଳକ ହୁଏତ ଅନୁଭବ କରୁଥାଇପାରେ ଅତୀନ୍ଦ୍ରିୟ ଜଗତରେ ଘୁରି ବୁଲିବାର ସୁଖ। ମାତ୍ର କଳ୍ପିତ ବ୍ୟୋମଯାନ ଚଢ଼ିବାର ନିଶା ନିଶ୍ଚୟ ଛାଡ଼ିଯାଏ, ଯେତେବେଳେ ତା'ର ଦୁର୍ଘଟଣାଗ୍ରସ୍ତ ଶରୀର ଡାକ୍ତରଖାନାକୁ ବୁହାହୁଏ। ମଦ ପିଉଥିବା ଲୋକ ଯେମିତି ଏକଥା ବୁଝି ବି ବୁଝେନି, ସେମିତି ରାଜସ୍ୱ ଆୟ ବଢ଼େଇବା ନିଶାରେ ଥିବା ସରକାର ଜାଣିଶୁଣି ମାପିବାକୁ ଚାହାନ୍ତିନି ମଦଜନିତ କ୍ଷତର ଗଭୀରତା। ବିଶେଷଜ୍ଞଙ୍କ ମତରେ ମଦରୁ ମିଳୁଥିବା ରାଜସ୍ୱ ଆୟଠାରୁ କୁଆଡେ ବେଶି ଖର୍ଚ୍ଚ ହୁଏ ମଦ୍ୟପାନଜନିତ ରାସ୍ତା ଦୁର୍ଘଟଣା, ବ୍ୟାଧିର ଚିକିତ୍ସା ଓ ଅବକାରୀ ବିଭାଗ କର୍ମଚାରୀଙ୍କ ଦରମାରେ। ରାଜ୍ୟ ମଦମୁକ୍ତ ହେଲେ ଟଙ୍କାରେ ଗଣନା କରାଯାଉଥିବା ରାଜସ୍ୱ ଆୟ ହ୍ରାସ ପାଇବା ସ୍ୱାଭାବିକ। କିନ୍ତୁ ବିନା ମଦଲବ୍ଧ ରାଜସ୍ୱରେ ରାଜ୍ୟ ଚାଲିପାରିବ, ତା'ର ସର୍ବୋତ୍ତମ ଦୃଷ୍ଟାନ୍ତ ହେଉଛି ବିହାର। ଅନ୍ୟପକ୍ଷରେ ତୃଣମୂଳ ସ୍ତରରେ ଯେଉଁ ଅର୍ଥନୈତିକ, ସାମାଜିକ ଓ ନୈତିକ ସମୃଦ୍ଧି ଘଟିବ, ତାହା ହିଁ ହେବ ମାନବସମ୍ବଳର ସନ୍ତୁଳିତ ବିକାଶ। ମଦନେଉଥିବା ଦରକାର ମଦୁଆଙ୍କ ଆଚରଣ ତାଙ୍କ ପିଲାଙ୍କ ଉପରେ ଯେଉଁ କୁପ୍ରଭାବ ପକାଏ, ତାକୁ ମାପି ହୁଏନି ମୁଦ୍ରା ମୂଲ୍ୟରେ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ରିପୋର୍ଟ ଅନୁଯାୟୀ ଯଦି ମଦ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଏ ତେବେ ଅଧିକାଂଶ ଜେଲଖାନା ବନ୍ଦ ହୋଇଯିବ ଏବଂ ଖାଲିପଡ଼ିବ ଡାକ୍ତରଖାନା ଶଯ୍ୟା। ଏହା ଜାଣି ମୁଦ୍ଧା ସରକାରଙ୍କୁ ଘାରିଛି ମଦରୁ ରାଜସ୍ୱ ଆୟ ବୃଦ୍ଧି କରିବାର ନିଶା। ସ୍ୱାଧୀନତା ପରଠାରୁ ସରକାରଙ୍କର ସେହି ଗୋଟିଏ ବାହାନା- ନିଶା ନିବାରଣ ଆଇନ କାର୍ଯ୍ୟକାରୀ ହେଲେ ଚୋରା ମଦ କାରବାର ବଢ଼ିବ ଏବଂ ନକଲି ମଦ ସୃଷ୍ଟି କରିବ ମୃତ୍ୟୁର ବିଭୀଷିକା। ଏବେ ଦେଶୀ ଲୋକଙ୍କ ପାଖରେ ବିଶୁଦ୍ଧ ମଦ ପହଞ୍ଚେଇବା ସରକାରଙ୍କ ସାମ୍ବିଧାନିକ ଦାୟିତ୍ୱ। ଗୋଟିଏ ସମୟରେ ସରକାରଙ୍କ ଅବକାରୀ ନୀତି ପ୍ରତିବାଦରେ କଥାସମ୍ରାଟ ଫକୀରମୋହନ ଲେଖିଥିଲେ 'ପେଟେଣ୍ଟ ମେଡିସିନ' ଗଳ୍ପ। ଯେଉଁ ପୁରୁଷ ପୁଙ୍ଗବମାନେ ମଦପିଇ ଘରକୁ ଫେରନ୍ତି ଏବଂ ନିଜକୁ ଇନ୍ଦ୍ର ଠାରୁ ବଡ଼ ମନେକରି ସ୍ତ୍ରୀ ଉପରେ ମର୍ଦ୍ଦପଣିଆ ଦେଖାନ୍ତି, ସେମାନଙ୍କୁ ସାବାଡ଼ କରିବା ପାଇଁ ଶକ୍ତି ସ୍ୱରୂପା ନାରୀ ହାତରେ ସେ ଧରେଇ ଦେଇଥିଲେ ଝାଡୁ। ଏବେର ଲେଖକମାନେ ସେମିତି କିଛି ନୂଆ ନିଦାନ ଆବିଷ୍କାର କରିବା ଉଚିତ, ଯାହା ସରକାରଙ୍କୁ ଆଇନା ଦେଖାଇବା ସହିତ ଖୋଲିଦେବ ବ୍ୟକ୍ତିର ନୈତିକ ଉତ୍ଥାନ ଓ ଆତ୍ମ ଶୁଦ୍ଧୀକରଣର ମାର୍ଗ।

ଅବସରପ୍ରାପ୍ତ ଅଧ୍ୟକ୍ଷ
ବିଜୁ ପଟ୍ଟନାୟକ ନଗର, ଭଦ୍ରକ
ମୋ:୬୩୭୧୬୪୨୪୬୪

# ସ୍ୱପ୍ନ ଓ ଆଶା



ରାଧାଶ୍ୟାମ ରାଉଳ

ଆଜ୍ଞା, ସ୍ୱପ୍ନଭାଙ୍ଗିଯିବା ଓ ଆଶାର ଅପମୃତ୍ୟୁ ହେବା କେଉଁ ନୂଆ କଥା କି? କାରଣ ପ୍ରତି ମୁହୂର୍ତ୍ତରେ କାହାର ନା କାହାର ସ୍ୱପ୍ନଭାଙ୍ଗିଯାଉଛି, ଆଶାର ଅପମୃତ୍ୟୁ ବି ହେଉଛି!

ସ୍ୱପ୍ନସବୁ କେଉଁ ଅହେତୁକ କାଳରୁ ଏ ମନ ଅଗଣାରେ ବୁଢ଼ିଆଣୀ ଜାଲ ବିଛେଇଛନ୍ତି ଯେ, ତା'ର କିଛି ହିସାବ ନାହିଁ। ଉଚିତ ଗନ୍ତିକୁ ମାନସାଙ୍କରେ ପରିଣତ କରେଇ ଜଣା ବାଟକୁ ଅଜଣା କରେଇବା ଏବଂ ଅଜଣା ବାଟକୁ ଜଣା କରେଇବାରେ ସେମାନେ ତିଳେହେଲେ ଦ୍ୱିଧା ନାହିଁ! ତଥାପି ସ୍ୱପ୍ନକୁ ସଭିଏଁ ଆଦର କରନ୍ତି। ଭିକାରିଟେ ସ୍ୱପ୍ନ ଦେଖେ, ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ, ରାଷ୍ଟ୍ରପତି ମଧ୍ୟ ସ୍ୱପ୍ନ ଦେଖନ୍ତି। ମୁମୂର୍ଷୁ ସଯ୍ୟ ସଂଗ୍ରାମ କରୁଥିବା ରୋଗୀ ମଧ୍ୟ ସ୍ୱପ୍ନ ଦେଖନ୍ତି! ଆଶା ତ ଅସୀମ। ଆଶା ହିଁ ଜୀବନ ଜିଜ୍ଞାସା, ଆବେଗର ପରିଭାଷା! ତେଣୁ ଯଥାର୍ଥରେ କୁହାଯାଇଛି; ଆଶା ବୈତରିଣୀ, ଆଶା ପାରିଜାତ!

ସ୍ନାତକ ପଢୁଥିବା ବେଳର କଥା। ସହପାଠିନୀ ପୁଷ୍ପାଙ୍କ ନବବର୍ଷର ଅଭିନନ୍ଦନ ପତ୍ରରେ ମୁଁ ଲେଖିଥିଲି, "ଆଶା ପାରିଜାତ, ଆଶାରେ ମୋହିତ, ଆଶାରେ ରହିଲି ବାହିଁ, (ମୋ) କାଗଜ କଲମ, ହାତ ପରିଶ୍ରମ, (ମୋତେ) ନିରାଶ କରିବ ନାହିଁ!" ମୋର ଏତାଦୃଶ ଅଭିନନ୍ଦନ ବାର୍ତ୍ତା ପଠନାନ୍ତେ ପୁଷ୍ପା କ୍ରୋଧ, ଅଭିମାନ ଓ ବିରକ୍ତିରେ ଉତ୍ତାରି ଦେଇଥିଲା ସେଇକ୍ଷଣି, "ହେଇ, ହ୍ୱାଟ୍ ଡୁ ୟୁ ମିନ୍? ଡୋଣ୍ଟ ଟ୍ରାଇ ଟୁ ଇମ୍ପ୍ରେସ ମି। ବିହେଭ୍ ୟୋର ସେଲ୍ଫ, ମାଇଣ୍ଡ ୟୋର ଓନ ବିଜିନେସ୍। ଓକେ!" ବିଦ୍ୟାଗାର, ସେଇଦୁ ଆଜିଯାଏଁ ମୁଁ ପ୍ରେମରେ ଗୋଟାପଣେ ଅସହାୟ, ନିରୁପାୟ। ବେଶ୍ ଭଲଭାବରେ ବୁଝିଗଲି, ମୋ ପାଇଁ ପ୍ରେମ ଏକ ଅସମାହିତ ସ୍ୱପ୍ନ ଓ ଅପହଞ୍ଚ ଆଶା! ଆଜ୍ଞା, ମୁଁ ଯିବା ଦୁରେଇଗଲେ ମୋ ପ୍ରେମରୁ, ହେଲେ ମୋ ଜୀବଦ୍ଦଶାରେ ଆଜିଯାଏଁ କ'ଣ ମୁଁ ନିଜକୁ ଦୂରେଇ ରଖିପାରୁଛି ମୋ ସ୍ୱପ୍ନ ଓ ଆଶା ପାଖରୁ? କାରଣ ସ୍ୱପ୍ନ ଓ ଆଶା ମୋ ସହିତ ଆଜିଯାଏ ରହିଆସିଛନ୍ତି, ଏବେ ଅଛନ୍ତି, ଆଗକୁ ରହିଥିବେ ମଧ୍ୟ ଅନ୍ତତଃ ଯେତେଦିନଯାଏଁ ଥିବ ମୋ ଜୀବନ!

ଅନ୍ୟ ଏକ ଗୁଲ୍‌କୁଲି ସହପାଠିନୀ ସ୍ୱପ୍ନା କୌତୁହଳୀ ହୋଇ ଏକଦା ମୋତେ ଯାଚୁଥିଲା ଶୈଳୀରେ ପ୍ରଶ୍ନ କଲେ, "ଆରେ ସାଙ୍ଗ, ଜୀବନରେ ତୁମେ କେବେ ସ୍ୱପ୍ନ ଦେଖିଛ, ଆଶା ସହ ମଇତ୍ର ବାନ୍ଧିଛ ?" ହସିଦେଇ ମୁଁ କହିଥିଲି, "ମୁଁ ଏବେ ଖୋଲାଅଣା ସ୍ୱାଧୀନଚେତା! ମୋ ସ୍ୱପ୍ନକୁ ମୁଁ ଠିକ୍ ଭାବେ ଦେଖୁଛି, ଦେଖୁଛି, ମୋ ଆଶାକୁ ମୁଁ ଚିହ୍ନିଛି, ଜାଣିଛି, ଚିହ୍ନୁଛି, ଜାଣୁଛି ମଧ୍ୟ। କାରଣ ମୁଁ ଭଲଭାବରେ ଜାଣେ, ମୋର ଶକ୍ତି, ସାମର୍ଥ୍ୟ କେତେ? ପୁଣି ମୋର ଦୋଷ, ଦୁର୍ବଳତା କ'ଣ? ତେଣୁ ମୁଁ ସେଇ ସ୍ୱପ୍ନ ଦେଖେ, ସେଇ ଆଶାପୋଷଣ କରେ, ଯାହା ଥାଏ ମୋ ଆୟତ୍ତରେ, ଯାହା ସମ୍ଭବ ମୋ ପକ୍ଷରେ।

ହାଇସ୍କୁଲ ବେଳର କଥା। ମୋ ଉପର କ୍ଲାସରେ ପଢୁଥିବା ସନ୍ତୋଷ ଭାଇ, ସ୍କୁଲର ବାର୍ଷିକୋତ୍ସବ ମଞ୍ଚରେ କହିଥିଲେ, "ମୋ ଜୀବନରେ ସ୍ୱପ୍ନ, ଭଲ ମଣିଷ ହେବି। ମୋ ଆଶା, ସଫଳତାର ଶୀର୍ଷରେ ପହଞ୍ଚିବି।" ଆମେସବୁ ତାଙ୍କ ଉଦ୍‌ବୋଧନରେ ଉଦ୍‌ବୁଦ୍ଧ ହୋଇ ଜୀବନରେ ଭଲ ମଣିଷ ହେବାକୁ ଏବଂ ସଫଳତାର ଶୀର୍ଷରେ ପହଞ୍ଚିବାକୁ ଆପାତତଃ ପଣ କରିଥିଲୁ।



ସମୟକ୍ରମେ ଅବଶ୍ୟ ଆମେ କିଏ କେଉଁ କ୍ଷେତ୍ରରେ ରହିଲୁ, ତା'ର କିଛି ଖବର କି ଠିକଣା ନଥିଲା। ଏବେ କିନ୍ତୁ ଗଣମାଧ୍ୟମ ସୂତ୍ରରୁ ଜାଣିବାକୁ ମିଳିଲା; ସେଦିନର ସନ୍ତୋଷ ଭାଇ ଏବେ ଜଣେ ଯନ୍ତ୍ରୀ ଏବଂ ସେ ଦୁର୍ନୀତି ଅଭିଯୋଗରେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି।

ବିଶିଷ୍ଟ ବାଗ୍ମୀ ଓ ପ୍ରବକ୍ତ କାମାକ୍ଷ୍ୟ ବାଜପେୟୀଙ୍କ ମତରେ, "ଜୀବନରେ ସ୍ୱପ୍ନ ଦେଖିବା, ଆଶାପୋଷଣ କରିବାର ଅର୍ଥ କିଛି ନାହିଁ। ଆପଣ ସ୍ୱପ୍ନ ଦେଖୁଥିବେ; ହେଲେ ତାହା ତୁଚ୍ଛ, ଅକାରଣ! ସେଇପରି ଆଶାପୋଷଣ କରୁଥିବେ; ମୁଁ ଆଶାଏସ୍ ହେବି! ହେଲେ ଅବସ୍ଥାନ୍ତରରେ ଆପଣ କେଉଁଠି ଯେ ଅଭ୍ୟାଗ ହେବେ, ତା'ର କିଛି ଠିକ୍ ଠିକଣା ନଥିବ!

ତା'ଉତ୍ତିରେ କହୁଥିଲେ, ପ୍ରିୟ ସାହିତ୍ୟିକ ବନ୍ଧୁ ଗୁରୁ ବାବୁ, "ଆଜ୍ଞା, ଏକମାତ୍ର ପୁଅ ପାଇଁ ଜୀବନରେ ମୁଁ କେତେ ପରିଶ୍ରମ, କେତେ ସଂଘର୍ଷ ନ କରିଛି! ଭଲ ସ୍କୁଲ ଓ କଲେଜରେ ପାଠ ପଢ଼େଇ ତାକୁ ଉଚ୍ଚଶିକ୍ଷିତ କରେଇଲି। ସ୍ୱପ୍ନ ଦେଖୁଥିଲି; ମୁଁ ଯେଉଁ ସଫଳତା ଜୀବନରେ ହାସଲ କରିପାରିନାହିଁ, ସେ ସଫଳତା ନିଶ୍ଚେ ମୋ ପୁଅ ହାସଲ କରିବ! ଅଥଚ ବିଧିର ବିଧାନ ଭିନ! ସମ୍ପ୍ରତ୍ୟକ୍ଷରେ ପୁଅ ଏବେ ବେକାର ହୋଇ ଘରେ ବସିରହିଛି। ତାକୁ କିଛି କହିଲେ କି ବୁଝେଇଲେ, ସେ ତାକୁ ଅନ୍ୟ ଅର୍ଥରେ ବୁଝୁଛି। କୌଣସି କାମଧନ୍ଦା କିମ୍ବା ରୋଜଗାରିଆ ପନ୍ଥା ନ ଥାଇ ମୋ ସହ ସେ ଅଯଥା ଯୁକ୍ତିତର୍କ କରୁଛି, ରାଗ ରଗରେ ଓ ମେଡ଼ମ ହୋଇ ମୋ ସହ ମନ ଆଚରଣ, ଖରାପ ବ୍ୟବହାର କରୁଛି। ମୋ ରୋଜଗାରରେ ପରିବାର ଚଳୁଥିଲେ ବି ମୁଁ ଏବେ ନାଚାର, ନିରୁପାୟ, ଅସହାୟ ମୋ ପରିବାରରେ। ଗାଁ ଛାଡ଼ି ସହରରେ ଘର ତିଆରି କରି ପରିବାର ସହ ରହିଲି। କିନ୍ତୁ ଶାନ୍ତି ନାହିଁ ମୋ ଜୀବନରେ। ସବୁବେଳେ ଘରେ ଲାଗିରହୁଛି ଅଶାନ୍ତି, ଅସନ୍ତୋଷ, ବିଶୃଙ୍ଖଳା, ସ୍ୱେଚ୍ଛାଚାରିତା! ସ୍ୱପ୍ନ ମୋର ଭାଙ୍ଗି ଧୂଳିସାତ୍ ହେବାକୁ ଯାଉଛି, ହୋ ବନ୍ଧୁ!"

ସୌଭାଗ୍ୟ ବାବୁଙ୍କ ପୂର୍ବରୁ ତାଙ୍କର ଏଭଳି ଅବସୋସ, ଅନ୍ତର୍ଦ୍ଦହନର କଥା ଶୁଣି ମୁଁ ଏକୋଇର ସମାଜ ଓ ପରିବାରର ଚଳନ୍ତି ଚିତ୍ରକୁ ଦେଖି ସ୍ୱତଃ ଉଚ୍ଚାରି ବସିଲି, "କେଉଁ ସ୍ୱପ୍ନ, କେଉଁ ଆଶା, କେଉଁ ଲୁଗାମଣାକୁ ନେଇ ଜୀବନ ଜିଇବେ କହିଲେ? ଅନ୍ୟମାନେ ଆପଣଙ୍କ ସ୍ୱପ୍ନ ଓ ଆଶା ସମ୍ପର୍କରେ ଯଦି ଜାଣିଯିବେ, ତେବେ ଆପଣ ପ୍ରତିଦ୍ୱନ୍ଦ୍ୱୀରେ ଅନ୍ୟମାନଙ୍କର ବ୍ଲାକମେଲିଂର ଶିକାର ଜରୁର ହେବେ। କ'ଣ ବୁଝିପାରୁନାହାନ୍ତି, ସମ୍ପର୍କ ଏବେ କେମିତି ସଙ୍କଟ ଘେରରେ! ସାଇବର ଲୁଟେରା ପରି ସର୍ବତ୍ର ମାତିଛନ୍ତି, ସମ୍ପର୍କ ଲୁଟେରାମାନେ! ଭଲଭାବରେ ଭାବିଦେଖିଲେ ଆଜ୍ଞା, ଆମ ନିୟନ୍ତ୍ରଣରେ କ'ଣ କିଛି ଅଛି କି? ସବୁକିଛି ଆମର ପ୍ରାରବ୍ଧ କର୍ମର ଫଳ, ବିଧିନିର୍ଦ୍ଦେଶ! କାଳର ବଶ ଏବଂ ସମୟର ଦାସ ହେବାକୁ ଆମେ ସଭିଏଁ ଯେମିତି ବସ୍ତୁତଃ ବାଧ୍ୟ! ଯଥାର୍ଥରେ ଭଗବାନ ବୁଦ୍ଧ କହିଥିଲେ, 'କାମନାର ବିନାଶରେ ଦୁଃଖର ବିନାଶ।' କୌଣସି ଈପ୍ସିତ ବସ୍ତୁ ପାଇବା ପାଇଁ ବା କୌଣସି ନା କୌଣସି କ୍ଷେତ୍ରରେ ସଫଳ ହେବା ପାଇଁ ସ୍ୱପ୍ନାବିଷ୍ଟ ହେବା ଏବଂ ମନରେ ଆଶାପୋଷଣ କରିବା ନିସ୍ତିତଭାବେ କାମନାର ପର୍ଯ୍ୟାୟଭୁକ୍ତ ବା ପରିସରଭୁକ୍ତ। ତେଣୁ ପରବର୍ତ୍ତୀ କାଳରେ ଯଦି ଈପ୍ସିତ ବସ୍ତୁ ପ୍ରାପ୍ତି ହେଉନାହିଁ ବା କୌଣସି ନା କୌଣସି କ୍ଷେତ୍ରରେ ଅସଫଳ ଓ ଭଗ୍ନମନୋରଥ ହେବାକୁ ପଡୁଛି, ତେବେ ତାହା ଆମ ମନରେ ଯଥେଷ୍ଟ ଆଘାତ ଦେବ, ହୃଦୟରେ ଗଭୀର ଆଲୋଡ଼ନ ସୃଷ୍ଟି କରିବ ନିଶ୍ଚୟ।

ମୋ:୯୪୩୭୦୦୦୯୦୫

## ଏଇ ଭାରତରେ

ପୁଅର ଦୁର୍ଘଟଣା ପରେ ଜୈବିକ କୃଷି ଆରମ୍ଭ କରି ଏବେ ବଗିଚାରେ ୧୦୦ରୁ ଊର୍ଦ୍ଧ୍ୱ ଫସଲ କରୁଛନ୍ତି କେରଳର କେ.ଏସ୍. ଶ୍ରୀଜେ। ବଗିଚାରେ ଦେଶୀ ପରିପରିବା ସହ ୨୦୦ରୁ ଊର୍ଦ୍ଧ୍ୱ ବିଦେଶୀ ଗଛ ରହିଛି। ୨୦୧୪ରେ ଶ୍ରୀଜେଙ୍କ ପୁଅର ଦୁର୍ଘଟଣା କୋୟମ୍ବତୁରରେ ହୋଇଥିଲା ଓ ସେତେବେଳେ ସେ ମେକାନିକାଲ ଇଞ୍ଜିନିୟରିଂ ଛାତ୍ର ଥିଲେ। ପୁଅର ଚିକିତ୍ସା ପାଇଁ ତାମିଲନାଡୁ ଯାଇଥିଲେ ଓ ସେଠାରେ ସେ ଦେଢ଼ବର୍ଷ ରହିଗଲେ। ଏହି ସମୟରେ ସେ ଏକୁଟିଆ ରହିବା ଯୋଗୁ ତାଙ୍କ ଘର ବାଡ଼ିପାଖରେ ପରିବପରିବା ଚାଷ ଆରମ୍ଭ କରିଥିଲେ। ପରେ ସେଠାରୁ କେରଳ ଫେରି ସେ ତାମିଲନାଡୁରେ ଆରମ୍ଭ କରିଥିବା ଚାଷକୁ ଆଗେଇ ନେବା ସହ ଜୈବିକ ଚାଷ ସମ୍ପର୍କରେ ପ୍ରଶିକ୍ଷଣ ନେଇଥିଲେ। ପରେ ପାଖାପାଖି ୬ସେଣ୍ଟ ଜମିରେ ବଗିଚା କରି ୨୫ ପ୍ରକାର ପରିବା ଓ ୮ ପ୍ରକାର ଫଳ ଉତ୍ପାଦନ କରୁଛନ୍ତି। ଏହା ମଧ୍ୟରେ କିଛି ବିଦେଶୀ ଫଳ ମଧ୍ୟ ରହିଛି। ସେ ଜୈବିକ ଖତ ପ୍ରୟୋଗ କରିବା ସହ ପରାଗରେଣୁ ପାଇଁ ବଗିଚାରେ ମହୁଚାଷ ମଧ୍ୟ କରୁଛନ୍ତି। ପରିବାରର ଆବଶ୍ୟକତା ପୂରଣ କରିବା ପରେ ସେ ପରିବା ଓ ମହୁ ବିକ୍ରି କରି ବର୍ଷକୁ ପାଖାପାଖି ୬୦ ହଜାର ଟଙ୍କା ରୋଜଗାର କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧ ଜୁନ୍ ୧୯୭୫

- ଲେବାନନ୍‌ର ରାଜଧାନୀ ବେରୁଟ୍‌ର ରାସ୍ତାଘାଟରେ ଭୀଷଣ ସଂଘର୍ଷ ଘଟି ୧୦୦ ବ୍ୟକ୍ତି ନିହତ।
- ଜାତିସଂଘର ୪ର୍ଥ ବାଣିଜ୍ୟ ଓ ଉନ୍ନୟନ ସମ୍ମିଳନୀ ଉଦ୍‌ଯାପନର ଅବ୍ୟବହିତ ପୂର୍ବରୁ ବିଭିନ୍ନ ବ୍ୟବହାର୍ଯ୍ୟ ସାମଗ୍ରୀର ମହାର୍ଘ୍ୟକରଣ ପାଇଁ ଏକ ଆନ୍ତର୍ଜାତିକ ମହଜୁଦ ଭଣ୍ଡାର ଗଠନ ପ୍ରସ୍ତାବ ଗୃହୀତ।

## ଚିରନ୍ତନୀ

ଯେ ରାଜନ ଗଢ଼ିଲା ଏ ପାଷାଣର ଗିରି,
ଯେ ବିରାଟ କଳ୍ପନାରୁ ଉଦ୍ଭୁତ ଏ ଶିରୀ,
ବିଶ୍ୱ ପାଇଁ କରିଲା ଦାଦନ
ଅନ୍ତରର ବିପୁଳ ବେଦନ,
ହେବାକୁ ନିର୍ବଂଶ
ଲୋଡ଼ିଲା ଅଯଶ
ବଂଶ ଗର୍ବ
କରି ଖର୍ବ!

(ପୁରୀ-ମନ୍ଦିର)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 8 | | 7 | | | | |
| | 3 | 9 | 6 | | 5 | | | |
| | | 9 | | 3 | | 1 | | |
| 7 | | | | | | 4 | | |
| | 5 | | | | | 8 | | |
| | | | 2 | 8 | | | | 1 |
| | | 6 | | 3 | 9 | | | |
| 1 | | 2 | | 7 | | | 5 | |
| | | | | | | 6 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 2 | 7 | 4 | 6 | 8 | 1 | 5 | 3 |
| 4 | 8 | 3 | 7 | 5 | 1 | 2 | 6 | 9 |
| 1 | 6 | 5 | 9 | 3 | 2 | 8 | 7 | 4 |
| 5 | 7 | 4 | 6 | 1 | 9 | 3 | 8 | 2 |
| 3 | 9 | 8 | 2 | 7 | 5 | 4 | 1 | 6 |
| 2 | 1 | 6 | 3 | 8 | 4 | 7 | 9 | 5 |
| 8 | 4 | 1 | 5 | 2 | 6 | 9 | 3 | 7 |
| 6 | 3 | 9 | 8 | 4 | 7 | 5 | 2 | 1 |
| 7 | 5 | 2 | 1 | 9 | 3 | 6 | 4 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପିଅନ ପଦବୀ ପୂରଣ ହେଉ

ମହାଶୟ,
କର୍ଣ୍ଣାଟକରେ ୫୪ ହଜାର ପିଅନ ପଦବୀ ପୂରଣ ପାଇଁ ଅଳ୍ପ କିଛିଦିନ ତଳେ ଖବରକାଗଜରେ ବିଜ୍ଞାପନ ପ୍ରକାଶ ପାଇଥିଲା। ଏଥିପାଇଁ ସାଢ଼େ ୨୫ ଲକ୍ଷ ଆଶାୟୀ ଆବେଦନ କରିଥିଲେ। ଏହି ପରିପ୍ରେକ୍ଷୀରେ ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଓଡ଼ିଶାରେ ଗତ ୩ ଦଶନ୍ଧି ହେବ ପିଅନ ପଦବୀ ପୂରଣ ହେଉ ନାହିଁ କିମ୍ବା ନୂତନ ପଦବୀ ସୃଷ୍ଟି ହେଉନାହିଁ। ଯଦି ଅନ୍ୟ ରାଜ୍ୟରେ ପିଅନ ପଦବୀ ପୂରଣ ହୋଇପାରୁଛି, ତେବେ ଓଡ଼ିଶାରେ କାହିଁକି ହେବ ନାହିଁ। ଏବେ ମୁଦ୍ଧା ରାଜ୍ୟର ସରକାରୀ, ଅର୍ଦ୍ଧ ସରକାରୀ କାର୍ଯ୍ୟାଳୟ ଓ ଶିକ୍ଷାନୁଷ୍ଠାନରେ ହଜାର ହଜାର ପିଅନ ପଦବୀ ଖାଲିପଡ଼ିଛି। ଅବସର ହେତୁ ପ୍ରତି ମାସରେ ଏହି ସଂଖ୍ୟା ବଢ଼ି ବଢ଼ି ଚାଲିଛି। ଫଳରେ ସରକାରୀ କାର୍ଯ୍ୟରେ ବାଧାସୃଷ୍ଟି ହେବା ସହ ବେକାରି ବୃଦ୍ଧି ପାଉଛି। ରାଜ୍ୟ ସରକାର ଖାଲି ପଡ଼ିଥିବା ପିଅନ ପଦବୀ ପୂରଣ କଲେ ଏହି ଅସୁବିଧା ଦୂର ହେବ। ସରକାର ଏହାର ତୁରନ୍ତ ବିଚାର କରିବାକୁ ଅନୁରୋଧ।

-ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ: E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଜିଲାସ୍ତରୀୟ ବିଶ୍ୱ ତମାଖୁ ବର୍ଜନ ଦିବସ

ମାଲକାନଗିରି,୩୧।୫(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଶନିବାର ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ଜାଗରଣ ପଦଯାତ୍ରା ଆୟୋଜିତ ହୋଇଥିବା ବେଳେ ଏଥିରେ ମାଲକାନଗିରି ମୁଖ୍ୟ ରାସ୍ତାଦେଇ ସହର ପରିକ୍ରମାକରି ମୁଖ୍ୟ ଚିକିତ୍ସାଳୟଠାରେ ଶେଷ ହୋଇଥିଲା। କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବ୍ରଜବନ୍ଧୁ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡା. ଆବିଦ୍ ହୁସେନ, ଖାଦ୍ୟ ସୁରକ୍ଷା ଅଧିକାରୀ ପ୍ରଭାସ କୁମାର ସେଠୀ, ଡା.ଲେଲୁପ ଶତପଥୀ, ଡା.ମୌସୁମୀ ମିଶ୍ର ଓ ଡା. ଦୁର୍ଗାପ୍ରସାଦ ରାଜଙ୍କ ସହ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ପରେ ଚିକିତ୍ସାଳୟ ସଭାଗୃହରେ ଏକ ବିଭାଗୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଗାମୀ ଦିନରେ ତମାଖୁଠାରୁ କିଶୋରୀକିଶୋରଙ୍କୁ କିପରି ଦୂରେଇ ରଖିପାରିବେ, ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଯାଉଥିବା ରାସ୍ତାଗୁଡ଼ିକରେ କିପରି ତମାଖୁ ନିଷିଦ୍ଧାଞ୍ଚଳ ଭାବେ ଘୋଷଣା କରାଯିବ ସେ ବିଷୟରେ ଆଲୋଚନା କରାଯାଇଥିଲା। ଶେଷରେ ତମାଖୁ ବର୍ଜନ ଦିବସ ଉପଲକ୍ଷେ ଏକ କୁଇଜ୍ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।



ତମାଖୁ ବର୍ଜନ ଦିବସରେ ବାହାରିଥିବା ସଚେତନତା ପଦଯାତ୍ରା।

# ବାଲିମେଳାରେ ଶୀତଳଷଷ୍ଠୀ

କୋରୁକୋଣ୍ଡା,୩୧।୫
(ଶିବଦତ୍ତ ସାହୁ)

ବାଲିମେଳା ସହରରେ ଥିବା ଆଖଣ୍ଡଳମଣି ମନ୍ଦିରରେ ଶନିବାର ଶୀତଳଷଷ୍ଠୀ ଯାତ୍ରା ପାଳିତ ହୋଇଯାଇଛି। ଏହି ଅବସରରେ ଶନିବାର ଭୋରରୁ ମହାଦେବଙ୍କ ପୂଜାର୍ଚ୍ଚନା, ହୋମଯଜ୍ଞ କରାଯିବା ସହିତ ଏକ ଲକ୍ଷ ଆଠ ହଜାର ବେଲପତ୍ର ଚଢା ଯାଇଥିଲା। ଅପରାହ୍ଣ ୪ ଟା ୩୦ରେ ଶିବ ଓ ପାର୍ବତୀଙ୍କ ନିର୍ବନ୍ଧ ହୋଇଥିଲା। ସନ୍ଧ୍ୟା ୬ ଟାରେ ବରଯାତ୍ରୀ ଉତ୍ସବ ପାଳିତ ହୋଇଥିଲା । ରାତ୍ର ୮ଟାରେ ମନ୍ଦିର ପରିସରରେ ଥିବା ବିବାହ ମଣ୍ଡପରେ ବିବାହ କାର୍ଯ୍ୟ ଆରମ୍ଭ ହୋଇଥିଲା। ବର ପିତା ମାତା ଭାବେ ଶରତ ଚନ୍ଦ୍ର ପାଢ଼ୀ, ସବିତା ପାଢ଼ୀ ଓ କନ୍ୟାଙ୍କ ପିତା ମାତା ଭାବେ ଲଡ୍ଡୁ କିଶୋର ପାଣିଗ୍ରାହୀ, ସୁଦେଷ୍ଣା ପାଣିଗ୍ରାହୀ ବିବାହ କାର୍ଯ୍ୟ ସମ୍ପନ୍ନ କରିଥିଲେ। ଏହି ଶୀତଳଷଷ୍ଠୀ କାର୍ଯ୍ୟକ୍ରମକୁ ମନ୍ଦିର କମିଟି ସଭାପତି ଦେବେନ୍ଦ୍ର କୁମାର ଭୋଳ,ସମ୍ପାଦକ ଶେଷଦେବ ପ୍ରଧାନ, ସନ୍ତୋଷ କୁମାର ଗନ୍ତାୟତ, ମନୋଜ କୁମାର ଖଣ୍ଡୁଆଳ, ରାଜେନ୍ଦ୍ର ପ୍ରଧାନଙ୍କ ସମେତ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହି ସୁଚାରୁରୂପେ ପରିଚାଳନା କରିଥିଲେ।


ଠାକୁରଙ୍କୁ ବିମାନରେ ନିଆଯାଉଛି ।

## ଜାତୀୟ ରାଜପଥରେ ବସକୁ ଅପେକ୍ଷା କରୁଛନ୍ତି ଯାତ୍ରୀ

# ମନ୍ଥର ଗତିରେ ବସ୍‌ଷ୍ଟାଣ୍ଡ ଉପରମହଲା ଭଙ୍ଗା କାର୍ଯ୍ୟ

କୋରାପୁଟ,୩୧।୫
(ଅମିତାଭ ବେହେରା)

କୋରାପୁଟ ସହର ବସ୍‌ଷ୍ଟାର ଉପରମହଲା ଭାଙ୍ଗିବା କାମ ପୌର ପରିଷଦ ପକ୍ଷରୁ ଗୁରୁବାର ଆରମ୍ଭ କରାଯାଇଛି। କିନ୍ତୁ କାର୍ଯ୍ୟ ମନ୍ଥର ଗତିରେ ଚାଲୁଥିବା ଦେଖାଦେଇଛି। ଡ୍ରିଲ ମେସିନ ଓ ଶ୍ରମିକ ସଂଖ୍ୟା କମ୍ ଥିବାରୁ ଭାଙ୍ଗିବା କାର୍ଯ୍ୟରେ ମନ୍ଥର ହୋଇଛି। ୨୦ ବର୍ଷ ତଳେ ସ୍ଥାନୀୟ ଯୁବତୀ ଯୁବକଙ୍କୁ କର୍ମ ଯୋଗାଇବା ନେଇ ବସ୍‌ଷ୍ଟାଣ୍ଡ ଉପରେ ୨୦ ଷ୍ଟଲ ନିର୍ମାଣ କରାଯାଇଥିଲା। ବିଭିନ୍ନ କାରଣରୁ ଷ୍ଟଲଗୁଡିକ ଯୁବତୀ ଯୁବକଙ୍କୁ ପ୍ରଦାନ କରାଯାଇ ନ ଥିଲା। ଦୀର୍ଘ ଦିନରୁ ଗୃହଗୁଡ଼ିକ ବିପଦସଙ୍କୁଳ ଅବସ୍ଥାରେ ରହିଥିଲା। ବର୍ତ୍ତମାନ କିଛି ଗୃହ ଭଙ୍ଗାଯାଇଛି। ଏଥିଯୋଗୁ ସମସ୍ତ ବସ ୨୬ନଂ ଜାତୀୟ ରାଜପଥରେ ରହୁଛି। ଜାତୀୟ ରାଜପଥ, ସ୍ଥାନୀୟ ଟ୍ରେଜେରୀ, ଏସ୍‌ପି କାର୍ଯ୍ୟାଳୟ ଆଗରେ ବସଗୁଡ଼ିକ ଅଟକି ରହୁଥିବାରୁ ଯାତ୍ରୀମାନେ ଅପେକ୍ଷା କରିବାକୁ ପଡୁଛି। କୋରାପୁଟ ପୋଲିସ ପକ୍ଷରୁ ଜାତୀୟ ରାଜପଥରେ ଟ୍ରାଫିକ ପରିଚାଳନା ପାଇଁ ବ୍ୟାପକ ଫୋର୍ସ ମୃତୟନ ସତ୍ତ୍ୱେ କିଛି ଗାଡି ଏହାକୁ ଅବମାନନା କରୁଛନ୍ତି। ଏ ନେଇ କୋରାପୁଟ ମ୍ୟୁନିସିପାଲିଟିର ନିର୍ବାହୀ ଅଧିକାରୀ ଜ୍ଞାନଜିତ ତ୍ରିପାଠୀଙ୍କୁ ପଚାରିବାରୁ ବସଷ୍ଟାଣ୍ଡର ଉପର ମହଲା ଭଙ୍ଗା କାର୍ଯ୍ୟ ଶୀଘ୍ର ଶେଷ ହେବା ନେଇ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

# ରାଜନୀତିକୁ ଫେରିବେ ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା

ମାଥିଲି,୩୧।୫(ସୁବାଷ ଚନ୍ଦ୍ର ଖୁଲୁପିଆ)

ଚିତ୍ରକୋଣ୍ଡା ନିର୍ବାଚନମଣ୍ଡଳୀର ପୂର୍ବତନ ବିଜେଡି ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା ପୁଣି ରାଜନୀତିକୁ ଫେରିବେ ବୋଲି କହିଛନ୍ତି। ଲୋକଙ୍କ ପାଖରେ ପହଞ୍ଚି ଦଳକୁ ସଶକ୍ତ କରିବେ। ତୃଣମୂଳସ୍ତରରୁ ଦଳୀୟ କର୍ମୀଙ୍କୁ ନେଇ ଦଳକୁ ଆଗକୁ ବଢ଼ାଇବାକୁ ନିଷ୍ପତ୍ତି ନେଇଛନ୍ତି। ୨୦୧୪ରେ ଚାକିରିରୁ ଅବସର ନେଲା ପରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ବାକାଙ୍କୁ ଚିତ୍ରକୋଣ୍ଡା ନିର୍ବାଚନମଣ୍ଡଳୀ ପାଇଁ ଟିକେଟ ଦେଇଥିଲେ । ବିଜୟୀ ହୋଇ ଅଞ୍ଚଳରେ ବିଭିନ୍ନ କାମ କରିଥିଲେ । ସୁକାଯୋଗ, ୨୦୨୪ ନିର୍ବାଚନରେ ବାକା ରାଜନୀତିରୁ ଓହରିଯିବାରୁ ବିଜେଡି କର୍ମୀମାନେ କିଏ ଭାଜପାରେ ତ କିଏ କଂଗ୍ରେସରେ ସାମିଲ ହେଲେ। ଆଗାମୀ ଦିନ ପାଇଁ ସେ କର୍ମୀମାନଙ୍କୁ ଫେରାଇ ଆଣି ଦଳକୁ ସୁଦୃଢ଼ କରିବେ। ପ୍ରତି ଗାଁ ବା ପ୍ରତି ପଞ୍ଚାୟତକୁ ଯାଇ ସଙ୍ଗଠନ କରିବେ ବୋଲି ବାକା କହିଛନ୍ତି। ଚିତ୍ରକୋଣ୍ଡା ନିର୍ବାଚନମଣ୍ଡଳୀ ବିଜେଡି ସଙ୍ଗଠନ ଧୀରେ ଧୀରେ ଭୁଶୁଡ଼ିବାରେ ଲାଗିଛି ବୋଲି ବାକା କହିଛନ୍ତି।

# ସ୍ୱାମୀଙ୍କୁ ଗିରଫ ଦାବିରେ ଏସ୍‌ପିଙ୍କୁ ଅଭିଯୋଗ

## କୁନି ନାୟକ ହତ୍ୟା ଘଟଣା


ଜିଲାପାଳଙ୍କୁ ଭେଟିବାକୁ ଆସିଥିବା କୁନି ନାୟକଙ୍କ ପରିବାର ।

ମାଲକାନଗିରି,୩୧।୫(ଦୁର୍ଯ୍ୟୋଧନ ପାତ୍ର)

ମାଥିଲି ଥାନା ଆମ୍ବଗୁଡ଼ା ପଞ୍ଚାୟତ ମାର୍କେଲଗୁଡ଼ାର କୁନି ନାୟକଙ୍କୁ ଶାଶୁଘରେ ହତ୍ୟା କରାଯାଇଥିବା ନେଇ ତାଙ୍କ ପରିବାର ଲୋକେ ସ୍ୱାମୀଙ୍କ ଗିରଫ ଦାବିରେ ଶନିବାର ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ କରିଛନ୍ତି, କୁନି ଗତ ୧୫ ବର୍ଷ ପୂର୍ବେ ବରଜା ଗ୍ରାମର ରବି ବରଜାଙ୍କୁ ବିବାହ କରିଥିଲେ। ବିବାହ ସମୟରେ ଯୌତୁକ ବାବଦକୁ ସମସ୍ତ ଜିନିଷପତ୍ର ଦିଆଯାଇଥିଲା। କିନ୍ତୁ ବିବାହର ୨/୩ ବର୍ଷ ପରେ କୁନିଙ୍କ ସ୍ୱାମୀ ରବି ତାଙ୍କୁ ନିର୍ଯାତନା ଦେଇ ଅଧିକ ଯୌତୁକ ଆଣିବାକୁ ଦାବି କରୁଥିଲେ। କୁନି ନିଧ ବନ୍ଧୁବାର ନିଜ ଗ୍ରାମକୁ ଯାଉଥିବା ବେଳେ ପରିବାରବର୍ଗ ବୁଝାଶୁଝା କରି ତାଙ୍କ ଶାଶୁଘରେ ଛାଡୁଥିଲେ। ମେ ୨ ତାରିଖରେ ରବି ଓ ତାଙ୍କ ପରିବାରବର୍ଗ କୁନିଙ୍କୁ ମାଡ଼ମାରି ଗୁରୁତର ଅବସ୍ଥାରେ ପାଣ୍ଡ୍ରିପାଣି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସେଠାରୁ ତାଙ୍କୁ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ତେବେ ପାଣ୍ଡ୍ରିପାଣି ସ୍ୱାସ୍ଥ୍ୟକେନ୍ଦ୍ରରେ ସେ ବିଷ ପିଇଥିବା କହିଥିବା ବେଳେ ମୁଖ୍ୟ ଚିକିତ୍ସାଳୟରେ ସେ ଫାଶୀ ଲଗାଇଦେଇଥିବା ତାଙ୍କ ସ୍ୱାମୀ ରବି କହିଥିଲେ ବୋଲି କୁନିଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ କୁନିଙ୍କ ପରିବାରବର୍ଗ ମାଥିଲି ଥାନାରେ ଅଭିଯୋଗ କରିବା ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ କି ରବିଙ୍କୁ ଗିରଫ କରାଯାଇନାହିଁ। ତେଣୁ ଝିଅ କୁନିଙ୍କ ମୃତ୍ୟୁକୁ ନେଇ ଉଚିତ ନ୍ୟାୟ ପ୍ରଦାନ କରିବା ସହ ହତ୍ୟାକାରୀ ସ୍ୱାମୀ ରବିଙ୍କୁ ଗିରଫ ଦାବିକରି କୁନିଙ୍କ ପରିବାର ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଘଟଣାର ତଦନ୍ତକରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି ପ୍ରତିଶ୍ରୁତି ଦେଇଥିବା କୁନିଙ୍କ ଭାଇ ପଦ୍ମନ ନାୟକ କହିଛନ୍ତି।

# ଆଇଇଡି ସଂସ୍ପର୍ଶରେ ଆସି ୩ ଗୁରୁତର

ମାଲକାନଗିରି, ୩୧।୫(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ବିଜାପୁର ଜିଲାରେ ମାଓବାଦୀଙ୍କ ଦ୍ୱାରା ବିଛାଯାଇଥିବା ଆଇଇଡିସଂସ୍ପର୍ଶରେଆସି୩ଗ୍ରାମବାସୀ ଶନିବାର ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ବିଜାପୁର ଜିଲା ମଧେଡ ଥାନା ବାନ୍ଦେପାରା ଗ୍ରାମ ନିକଟ ଏରାଗୁଫାର ବାସିନ୍ଦା ଗଟେ ଜଗା, ବିବେକ ଧୋଡ଼ି ଓ ବଡ଼ଦେ ସୁନୀଲ ସକାଳେ କୌଣସି କାର୍ଯ୍ୟ ପାଇଁ ଚାଲି ଚାଲି ବାନ୍ଦେପୁରା ଗ୍ରାମ ଅଭିମୁଖେ ଜଙ୍ଗଲ ରାସ୍ତାଦେଇ ଯାଉଥିବା ସମୟରେ ମାଓବାଦୀଙ୍କ ଦ୍ୱାରା ବିଛାଯାଇଥିବା ପ୍ରେସର ଆଇଇଡି ସଂସ୍ପର୍ଶରେ ଆସିବାରୁ ତାହା ବିସ୍ଫୋରଣ ହୋଇଥିଲା। ଫଳରେ ଉକ୍ତ ୩ ଗୁରୁତର ହୋଇଥିଲେ। ତାଙ୍କ ଗୋଡ଼ ଓ ମୁହଁରେ ଗଭୀର ଆଘାତ ଲାଗିଥିବା ବେଳେ ଗ୍ରାମବାସୀ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ବିଜାପୁର ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି ।

# କନ୍ୟାଘରେ ବାବା ବୈଦ୍ୟନାଥ, ଶୁଭଲଗ୍ନରେ ହସ୍ତଗଣ୍ଠି


ବାବା ବୈଦ୍ୟନାଥଙ୍କୁ କନ୍ୟାପକ୍ଷ ବାଟବରଣୀ କରି ନେଉଛନ୍ତି।

ଉମରକୋଟ, ୩୧।୫
(ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ କଳିଙ୍ଗ କଳା ସାଂସ୍କୃତିକ ଯୁବ ପରିଷଦ ପକ୍ଷରୁ ଗୁଳିପାଟଣା ବାବା ବୈଦ୍ୟନାଥ ମନ୍ଦିରରେ ଶନିବାର ମହାଦେବ ଓ ପାର୍ବତୀଙ୍କ ଶୁଭ ପରିଣୟ ଅନୁଷ୍ଠିତ ହୋଇଯାଇଛି। ବିବାହ କାର୍ଯ୍ୟ ପୂର୍ବରୁ ଭଗବାନ ଶିବ ଓ ମା' ପାର୍ବତୀଙ୍କ ପ୍ରତିମୂର୍ତ୍ତିରେ ପ୍ରାଣ ପ୍ରତିଷ୍ଠା କରାଯାଇଥିଲା। ଶୁକ୍ରବାର ଶୁଭଲଗ୍ନ ଦେଖି କନ୍ୟାପିତାଙ୍କ ଘରେ ପୁରୋହିତ ଲକ୍ଷ୍ମୀ ତ୍ରିପାଠୀ ଦେବ ଦମ୍ପତିଙ୍କ ନିର୍ବନ୍ଧ କାର୍ଯ୍ୟ କରିଥିଲେ। ଶନିବାର ସନ୍ଧ୍ୟା ୫ଟାରେ ସହରର ୯ ନମ୍ବର ୱାର୍ଡ ସ୍ଥିତ ବରଘର ଘର ସମ୍ମୁଖରେ ବାବା ବୈଦ୍ୟନାଥଙ୍କ ପ୍ରତିମୂର୍ତ୍ତିକୁ ଅଳଙ୍କାର, ସୁଗନ୍ଧିତ ପୁଷ୍ପମାଳ ପରିଧାନ କରାଯାଇ ବର ବେଶରେ ସୁସଜ୍ଜିତ କରାଯାଇଥିଲା। ଏମ୍.ରଞ୍ଜିତ କୁମାର ଓ ଏମ୍.ମହାଲକ୍ଷ୍ମୀ ବରଙ୍କ ପିତାମାତାଭାବେ ସମସ୍ତ ଦାୟିତ୍ୱ ତୁଲାଇଥିଲେ। ବର ପିତାଙ୍କ ଘରୁ ସନ୍ଧ୍ୟା ୫ଘଣ୍ଟା ସମୟରେ ବରଯାତ୍ରୀ ବାହାରି ସହର ପରିକ୍ରମା କରି ଗୁଳିପାଟଣାସ୍ଥିତ ମନ୍ଦିରରେ ପହଞ୍ଚିଥିଲା। ଏହି ସମୟରେ ବାଜା, ଡିଜେରେ ଝୁମି ଝୁମି ନାଚିଥିଲେ ବରଯାତ୍ରୀ। ଆତସବାଜିର ଦୃଶ୍ୟ ବେଶ୍ ମନୋରମ ଥିଲା। ଏହି ସମୟରେ ପ୍ରାୟ ୧୦୦୦ରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। କନ୍ୟାମାତା ୱାଇ. ସାବିତ୍ରି ଓ ପିତା ୱାଇ. ମୋହନ ରାଓ ପରିବାର ସଦସ୍ୟଙ୍କ ସହ ବରଯାତ୍ରୀଙ୍କୁ ସ୍ୱାଗତ କରିଥିଲେ। ବୈଦ୍ୟନାଥ ମନ୍ଦିରରେ ପହଞ୍ଚିବା ପରେ ବାଟବରଣକରି ବିବାହ ବେଦିକୁ ପାଛୋଟି ନିଆଯାଇଥିଲା। ସେଠାରେ ବିବାହ କାର୍ଯ୍ୟ ଆରମ୍ଭ ହୋଇଥିଲା। ରାତି ୯.୫୫ରେ ଶୁଭ ଲଗ୍ନରେ ଦେବ ଦମ୍ପତିଙ୍କ ହସ୍ତଗଣ୍ଠି ପଡ଼ିଥିଲା। ଏହି ଅବସରରେ ମନ୍ଦିର କମିଟି ପକ୍ଷରୁ ପ୍ରାୟ ୩୦୦୦ ଲୋକଙ୍କ ପାଇଁ ପ୍ରସାଦ ବ୍ୟବସ୍ଥା କରାଯାଇଥିଲା। ଗୁଳିପାଟଣା ମନ୍ଦିରରେ ଶୀତଳଷଷ୍ଠୀର ଏହି କାର୍ଯ୍ୟକ୍ରମ ୨୦୧୨ରୁ ଶାନ୍ତିଲତା ମହାନ୍ତିଙ୍କ ତତ୍ତ୍ୱାବଧାନରେ ସ୍ୱର୍ଗତ ସୁବାସ ଚନ୍ଦ୍ର ସ୍ୱାଇଁ ଆରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ କଳିଙ୍ଗ କଳା ଓ ସାଂସ୍କୃତିକ ଯୁବ ପରିଷଦର ସମସ୍ତ ସଦସ୍ୟ ବାଲାଜି ବେହେରା, ମହେନ୍ଦ୍ର ଦାସ, ଟୁନା ନାୟକ, କୃଷ୍ଣ ସାହୁ, ଭୁଲକୁ ଗୌଡ଼, ରାମ ମାଝୀ, ଯତୀନ ପଣ୍ଡା, ଟୁନା ବେହେରା, ବିଷ୍ଣୁ ପ୍ରସାଦ ପଟ୍ଟନାୟକ, ଟୁଲୁ ସାହୁ, ଟୁନା ରଣା, ସଞ୍ଜୟ ସ୍ୱାଇଁ, ରଜତ ସନ୍ଧା ଓ ଅଞ୍ଚଳବାସୀ ଯୋଗ ଦେଇଥିଲେ। ମନ୍ଦିର କମିଟି ସଭାପତି ଜୟଦେବ ପରିଡ଼ା, କୋଷାଧକ୍ଷ ନିରଞ୍ଜନ ସ୍ୱାଇଁ, ସାଧାରଣ ସମ୍ପାଦକ ଦଣ୍ଡପାଣି ଖଡେଙ୍ଗାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସମ୍ପାଦନ ହୋଇଥିଲା।

# ମାଥିଲିରେ ସ୍ୱଚ୍ଛତା ଅଭିଯାନ


ସ୍ୱଚ୍ଛତା ଅଭିଯାନରେ ସାମିଲ ହୋଇଥିବା ଲ୍ୟାମ୍ପସ୍ କର୍ମଚାରୀ ।

ମାଥିଲି, ୩୧।୫(ସୁବାଷ ଚନ୍ଦ୍ର ଖୁଲୁପିଆ)

ମାଲକାନଗିରି ଜିଲା ମାଥିଲିରେ ଶନିବାର ଲ୍ୟାମ୍ପସ୍ ତରଫରୁ ସ୍ୱଚ୍ଛ ଭାରତ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ସକାଳ ୭ଟାରେ ଲ୍ୟାମ୍ପସ୍ ପରିଚାଳନା ନିର୍ଦ୍ଦେଶିକା ସରୋଜିନୀ ପରିଡ଼ାଙ୍କ ନେତୃତ୍ୱରେ ଲ୍ୟାମ୍ପସ୍ ପରିସରରୁ ସଚେତନତା ରାଲି ବାହାରି ମାଥିଲି ସହର ପରିକ୍ରମା କରିଥିଲା। ପ୍ରଥମେ କୋରାପୁଟ କୋଅପରେଟିଭ୍ ବ୍ୟାଙ୍କ ସଫା କରିଥିଲେ। ପରେ ମେଡିକାଲ, ଗାନ୍ଧୀ ଛକ, ବ୍ଲକ, ବସ୍‌ଷ୍ଟାଣ୍ଡ, ଦୁର୍ଗା ମଣ୍ଡପ, ଥାନା ସମେତ ବିଭିନ୍ନ ଜାଗାକୁ ଯାଇ ସଫା କରିଥିଲେ। ଲ୍ୟାମ୍ପସ୍ ପରିଚାଳନା ନିର୍ଦ୍ଦେଶିକା ପରିଡ଼ାଙ୍କ ସମେତ କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖା ପରିଚାଳକ ମନୋଜ ମଣ୍ଡଳ, କେସିସିବି ଓଆଇସି ପ୍ରଶାନ୍ତ କୁମାର ନାୟକ, ଧର୍ମୁଜ ଭୂମିଆ, ଅନନ୍ତ ବିଶାଇ, ଲକ୍ଷ୍ମୀ ସଗରିଆ, ସନ୍ତୋଷ ପଟ୍ଟନାୟକ, ଉମେଶ ଚୌଧୁରୀ, ଡି ଓ ଭାରତୀ ଖ୍ୱାଲାରି, କାଞ୍ଚନ ଖୁରୁପିଆ,ଶ୍ରୀଧର ପଣ୍ଡା, ପିଙ୍କନ ରାମଚନ୍ଦ୍ର ଦଲେଇ ପ୍ରମୁଖ ମିଶି ସ୍ୱଚ୍ଛ ଭାରତ ଅଭିଯାନରେ ସାମିଲହୋଇ ସହର ପରିକ୍ରମାକରି ରାସ୍ତାଘାଟ ଆବର୍ଜନା ସଫାକରି ସ୍ୱଚ୍ଛ ଭାରତ ପାଳନ କରିଥିଲେ।

# ଦେଶୀ ମଦ ଚାଲାଣ, ଜଣେ ଗିରଫ

ଜୟପୁର,୩୧।୫(ପବନ ପାଣିଗ୍ରାହୀ)-ଦେଶୀ ମଦ ଚାଲାଣ ବେଳେ ଜୟପୁର ଅବକାରୀ ଥାନା ପକ୍ଷରୁ ଚଢାଉ କରି ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ହେଲେ ରାଣିପୁଟ ଗ୍ରାମର ଜଗବନ୍ଧୁ ହରିଜନ(୨୨)। ସୂଚନା ଅନୁଯାୟୀ, ଜୟପୁର ଅବକାରୀ ଥାନା ପକ୍ଷରୁ ରାଣିପୁଟ ଗ୍ରାମ ରାସ୍ତାରେ ଚଢାଉ କରି ୮ ଲିଟର ଦେଶୀ ମଦ ଜବତ କରାଯାଇଛି। ଅଭିଯୁକ୍ତଙ୍କୁ ଶନିବାର ଅପରାହ୍ନ ୨ଟାରେ କୋର୍ଟ ଚାଲାଣ କରାଯାଇଥିବା ଜୟପୁର ଅବକାରୀ ଥାନା ଓଆଇସି ହିରଣ ସୁବ୍ରତ ସୂଚନା ଦେଇଛନ୍ତି।

DSPL-89
ଓଡ଼ିଶା ସରକାର
ରତୁସ୍ରାବ ସମ୍ପର୍କିତ ପରିଚ୍ଛନ୍ନତା ଦିବସ
୨୮ ମଇ ୨୦୨୫
"କିଶୋରୀ ଓ ମହିଳାମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ରତୁସ୍ରାବ ସମୟରେ ପରିଚ୍ଛନ୍ନତା ଅତ୍ୟନ୍ତ ଜରୁରୀ । "ଖୁସି" ଯୋଜନାରେ ସରକାରଙ୍କ ତରଫରୁ କିଶୋରୀମାନଙ୍କୁ ଦିଆଯାଉଥିବା ସାନିଟାରୀ ପ୍ୟାଡ୍‌ର ସଦୁପଯୋଗ କରନ୍ତୁ ।"
ରତୁସ୍ରାବ ପରିଚ୍ଛନ୍ନତା ସମ୍ପର୍କିତ କିଛି ସରଳ ଉପାୟ
- ପ୍ରତିଦିନ ସ୍ନାନ କରନ୍ତୁ ଓ ପରିଷ୍କାର ବସ୍ତ୍ର ପରିଧାନ କରନ୍ତୁ।
- ସାନିଟାରୀ ପ୍ୟାଡ୍ ବ୍ୟବହାର କରନ୍ତୁ ଓ ୪-୬ ଘଣ୍ଟା ଅନ୍ତରରେ ତାହାକୁ ବଦଳାନ୍ତୁ।
- ରକ୍ତସ୍ରାବର ଭରଣା ପାଇଁ ସରକାରଙ୍କ ଦ୍ୱାରା ଦିଆଯାଉଥିବା ଲୌହସାର ଓ ଫଲିକ ଏସିଡ୍ ବଟିକା ଖାଆନ୍ତୁ।
- ଅନିୟମିତ କିମ୍ବା ଅତ୍ୟଧିକ ସ୍ରାବ ହେଲେ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପରାମର୍ଶ କରନ୍ତୁ।
OIPR-10003/13/0195/2526
ଅଧିକ ସୂଚନା ପାଇଁ ଆଶା / ସ୍ୱାସ୍ଥ୍ୟକର୍ମୀଙ୍କ ସହ ପରାମର୍ଶ କରନ୍ତୁ।
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
facebook.com/HFWOdisha
@HFWOdisha
http://www.health.odisha.gov.in

## ନିୟୋଜିତ ହେବେ ୭୫ ପ୍ଲାଟୁନ୍ ପୋଲିସ ଫୋର୍ସ

ସମ୍ବଲପୁର ସହରରେ ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣକୁ ପ୍ରାଥମିକତା ଦିଆଯାଇଛି। ବିଭିନ୍ନ ସ୍ଥାନରେ ୧୭୦ପ୍ଲାଟୁନ ପୋଲିସ ଫୋର୍ସଙ୍କୁ ନିୟୋଜିତ କରାଯିବ। ସେମାନଙ୍କ ଶୃଙ୍ଖଳିତ ପରିଚାଳନା ପାଇଁ ୭ଜଣ ଏଏସ୍‌ପି ପାହ୍ୟା ଅଧିକାରୀ ରହିବେ ବୋଲି କହିଛନ୍ତି ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶଶାଙ୍କ ଶେଖର ବେହୁରା।




# ଜାଗେଶ୍ୱର ପୀଠରେ ମହିଳାଙ୍କ ହଳଦୀ ପରମ୍ପରା

ସମ୍ବଲପୁର ମୁଦିପଡ଼ା ଶ୍ରୀଶ୍ରୀ ଜାଗେଶ୍ୱର ପୀଠରେ ମହିଳାଙ୍କ ହଳଦୀ ଓ ତୈଳାଭିଷେକ ନୀତି ଶୀତଳଷଷ୍ଠୀ ଯାତ୍ରାର ଅନନ୍ୟ ପରମ୍ପରା ଓ ମୁଖ୍ୟ ଆକର୍ଷଣ। ଏହିକ୍ରମରେ ଶନିବାର ମଧ୍ୟାହ୍ନରେ ଅଞ୍ଚଳର ମହିଳାମାନେ ସମବେତ ହୋଇଥିଲେ। ପଣ୍ଡିତଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା ପରେ ସେମାନେ ହଳଦୀ, ପାଣି, ତୈଳ ନେଇ ଶୋଭାଯାତ୍ରାରେ ନଗର ପରିକ୍ରମା କରିଥିଲେ। ଏହାପରେ ନିକଟସ୍ଥ ପୋଖରୀରେ ପାଣି ପାଲଟା ନୀତି ସମ୍ପନ୍ନ ହୋଇଥିଲା। ଦୁଲ୍‌ଦୁଲି ବାଜାର ତାଳରେ ସାତଟି କଳସରେ ପାଣି ଧରି ମହିଳାମାନେ ମନ୍ଦିର ପ୍ରବେଶ କରିଥିଲେ। ପୂଜକ ଗୋବିନ୍ଦ ପଣ୍ଡା ମହାଦେବଙ୍କୁ ଗଣଷଣ କରିଥିଲେ।

**ଶୀତଳଷଷ୍ଠୀ ଯାତ୍ରାର ମୁଖ୍ୟ ଆକର୍ଷଣ**


ଶନିବାର ସମ୍ବଲପୁର ମୁଦିପଡା ଜାଗେଶ୍ୱର ବାବାଙ୍କ ହଳଦୀ କାର୍ଯ୍ୟକ୍ରମରେ ସାମିଲ ବାଳିକାମାନେ।

ଜାଗେଶ୍ୱର ବାବାଙ୍କ ଜୟ ଓ ହୁଳହୁଳିରେ ମନ୍ଦିର ଅଞ୍ଚଳ ପ୍ରକମ୍ପିତ ହୋଇ ଉଠିଥିଲା। ପୂଜକଙ୍କ ପରେ ମହିଳାମାନେ ମଧ୍ୟ ଜାଗେଶ୍ୱର ବାବାଙ୍କୁ ଗଣଷଣ କରିଥିଲେ। ଦେବ ଗଣଷଣ ପରେ ମହିଳାମାନଙ୍କର ହଳଦୀମଖା କାର୍ଯ୍ୟକ୍ରମ ହୋଇଥିଲା। ସେମାନେ ପରସ୍ପରକୁ ହଳଦୀ ଲଗାଇ ଉତ୍ସବ ପାଳନ କରିଥିଲେ। କାର୍ଯ୍ୟକ୍ରମରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ସାମିଲ ହୋଇ ଜାଗେଶ୍ୱର ବାବାଙ୍କ ଆଶୀର୍ବାଦ ନେଇଥିଲେ। ବିଧାୟକ ମିଶ୍ର ଓ ଯାତ୍ରା କମିଟି କର୍ମକର୍ତ୍ତାମାନଙ୍କୁ ମଧ୍ୟ ମହିଳାମାନେ ହଳଦୀ ଲେପନ କରିଥିଲେ। ଏହାପରେ ଦୁଲଦୁଲି ବାଜାର ତାଳରେ ବିଧାୟକଙ୍କ ସମେତ ଉପସ୍ଥିତ ସମସ୍ତେ ନୃତ୍ୟ କରିଥିଲେ। ହଳଦୀ ଆମ ସଂସ୍କୃତିର ଅନବଦ୍ୟ ପରମ୍ପରା। ବିବାହ ପୂର୍ବରୁ ହଳଦୀ ଲଗାଇବା ଦ୍ୱାରା ମୁହଁର ଆକର୍ଷଣ ବଢ଼ିଥାଏ। ତେଣୁ ଜାଗେଶ୍ୱର ବାବା ବରବେଶରେ ସଜ୍ଜିତ ହେବା ପୂର୍ବରୁ ମୁହଁରେ ହଳଦୀ ଲଗାଇବା ଦ୍ୱାରା ଆହୁରି ଆକର୍ଷିତ ହୋଇଥାନ୍ତି।

**–ରିପୋର୍ଟ: ବି.ଶଙ୍କର, ସମ୍ବଲପୁର**






# ଲୋକ କଳାକାରଙ୍କ ମହାସଙ୍ଗମର ତୀର୍ଥଭୂଇଁ


ଐତିହାସିକ ସମ୍ବଲପୁର ମାଟିର ସଂସ୍କୃତି ଅପୂର୍ବ। ଏଭଳି ବିଭିନ୍ନ ଆକର୍ଷଣ ଓ ବୈଚିତ୍ର୍ୟ ବହନ କରି ସମ୍ବଲପୁର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ଜନମାନସକୁ ଶକ୍ତ ଏବଂ ଆତ୍ମୀୟତାର ରଜ୍ଜୁରେ ବାନ୍ଧି ରଖିଆସିଛି। ଏଠାରେ ଦିଅଁ ଦିଅଁ ନୁହନ୍ତି, କିମ୍ବା ଭକ୍ତ ଭକ୍ତ ନୁହେଁ। ଦିଅଁ ଓ ଭକ୍ତ ଏକ ଓ ଅଭିନ୍ନ ଅଟନ୍ତି। ସ୍ନେହ ମମତାର ଭାବରେ ବାନ୍ଧି ହୋଇଥାଏ ସମ୍ପର୍କର ଡୋରି। ଅଲିଅଲି ଝିଅ ହୋଇ ଭକ୍ତଙ୍କ ଘରକୁ ଚାଲିଆସନ୍ତି ଜଗଜ୍ଜନନୀ ମାତା ପାର୍ବତୀ। ପୁଣି ମାତାପିତାଙ୍କ ଆଖିରୁ ଆନନ୍ଦାଶ୍ରୁ ଝରାଇ ମେଲାଣି ନିଅନ୍ତି। ସାଂସାରିକ ନିୟମରେ ବନ୍ଧା ମାତାପିତା ଉପହାର ସହ ଭାବର ଅର୍ଘ୍ୟ ବାଢ଼ି ଦେଇ ଦେବଦେବ ମହାଦେବଙ୍କ ହାତରେ କନ୍ୟା ପାର୍ବତୀଙ୍କୁ ଦାନ କରନ୍ତି। କାହିଁ ଯେ କେତେ ଆକୁଳତା, ବ୍ୟାକୁଳତା ଓ ଅଶ୍ରୁଳ ଅନୁଭବ ଅଜାଡି ପଡେ, ସେହି କନ୍ୟା ବିଦାୟବେଳାରେ। ତେଣୁ ଭାରତୀୟ ସଂସ୍କୃତିରେ ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଏଭଳି ସମ୍ପର୍କ କେବଳ ନିଆରା ନୁହେଁ, ବରଂ ଅନନ୍ୟ, ଯେଉଁଥିପାଇଁ ସମ୍ବଲପୁର ଶୀତଳଷଷ୍ଠୀ ଯାତ୍ରା ବର୍ତ୍ତମାନ ସାରା ବିଶ୍ୱରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ନିଜସ୍ୱ କଳା ଓ ସଂସ୍କୃତିର ପରିଚୟ ପ୍ରଦାନ ସାଙ୍ଗକୁ ଏହି ଯାତ୍ରା ତଥା ପର୍ବ ଦେଶ ବିଦେଶର କଳା ଓ କଳାକାରଙ୍କୁ ଆପଣାର କରିଛି। ଏଥିସହ ମାଟିକୁ ଲୋକକଳାକାରଙ୍କ ମହାସଙ୍ଗମର ତୀର୍ଥଭୂଇଁରେ ପରିଣତ କରିଛି ଲୋକାଚାରର ପର୍ବ ଶୀତଳଷଷ୍ଠୀ।

ବୈଶାଖ ଅକ୍ଷୟ ତୃତୀୟାରୁ ସମ୍ବଲପୁର ଶୀତଳଷଷ୍ଠୀ ଯାତ୍ରା ଅନୁକୂଳ ହୋଇଥାଏ। ମହାଦେବଙ୍କ ପୂଜାର୍ଚ୍ଚନା ସହ ଅକ୍ଷୀଥାଳ (ଥାଳଉଠା) ଉଠେ। ପଡ଼ାର ମୁରବିମାନେ ଥାଳ ବୁଲାଇ ଶିବ ବିବାହ ପାଇଁ ପ୍ରତୀକଭାବେ ଅର୍ଥ ସଂଗ୍ରହ କରିଥାନ୍ତି। କନ୍ୟା ମାତାପିତା ଚୟନ ହୁଏ। କନ୍ୟା ବୋଝ ନୁହେଁ ରତ୍ନ। ମା'ବାପା ପୁଅ ପାଇଁ ଉତ୍ତମ କନ୍ୟା ଖୋଜନ୍ତି। ଠିକ୍ ସେମିତି ମହାଦେବଙ୍କ ପାଇଁ କନ୍ୟା ଖୋଜା ହୋଇଥାଏ। ଶୀତଳଷଷ୍ଠୀ ଯାତ୍ରାର ବରପିତା, ପଡ଼ା ମୁରବିମାନେ ଶଙ୍ଖ, ଘଣ୍ଟ, ଦୁଲଦୁଲି ବାଜା ଓ କିନ୍ନରମାନଙ୍କ ନୃତ୍ୟ ତଳେ ମନୋନୀତ କନ୍ୟା ମାତାପିତାଙ୍କ ବାସଭବନକୁ ଯାଇଥାନ୍ତି। ପାର୍ବତୀଙ୍କ ମା'ବାପାଙ୍କୁ ସର୍ଗିପତ୍ର ପେଣ୍ଡାଏ ଦେଇ ବିବାହ ସକାଶେ ସଂକଳ୍ପ କରାଯାଏ।

ନିଉତା ଓ ଗୁଆଗୁଁଡା ଜ୍ୟେଷ୍ଠ ଶୁକ୍ଳ ଦ୍ୱିତୀୟା ତିଥିରେ ନନ୍ଦପଡ଼ା ନୃସିଂହ ମହାପ୍ରଭୁ ଓ ଜ୍ୟେଷ୍ଠ ଚତୁର୍ଥୀ ତିଥିରେ ଝାଡୁଆପଡ଼ା, ମୁଦିପଡ଼ା, ବଡ଼ବଜାର, ଠାକୁରପଡ଼ା, ବୁଢ଼ାରଜା ଶିବ ମନ୍ଦିରରୁ ବାର ହନୁମାନ ଶଙ୍ଖ, ଘଣ୍ଟ ଓ ଦୁଲଦୁଲି ବାଜା ସହ ଅଞ୍ଚଳ ପରିକ୍ରମା କରନ୍ତି। ଜ୍ୟେଷ୍ଠ ଶୁକ୍ଳପକ୍ଷ ପଞ୍ଚମୀଗତେ ଷଷ୍ଠୀତିଥିରେ ଶିବ ପାର୍ବତୀଙ୍କ ବିବାହ ହୋଇଥାଏ। ଉକ୍ତ ଦିନ ସକାଳେ ପୂର୍ବବର୍ଷର କନ୍ୟା ମାତାପିତା ମନ୍ଦିରକୁ ଆସି ଝିଅଜ୍ୱାଇଁ ମାତା ପାର୍ବତୀ ଓ ଶିବଙ୍କୁ ନିଜ ବାସଭବନକୁ ନେଇଥାନ୍ତି। ଝିଅଜ୍ୱାଇଁଙ୍କୁ ପାଟବସ୍ତ୍ର, ସ୍ୱର୍ଣ୍ଣ ରୌପ୍ୟ ଅଳଙ୍କାର ଉପହାର ଦେଇ ପୂର୍ବ ବର୍ଷର ଗଣ୍ଠାଳ ଫିଟାଇ ଦିଅନ୍ତି। ଏହାପରେ ନୂତନ ଚୟନ କନ୍ୟା ମାତା ଆତ୍ମୀୟ ପରିଜନ ଓ ବନ୍ଧୁବାନ୍ଧବଙ୍କ ସହ ମନ୍ଦିରରୁ ମାତା ପାର୍ବତୀଙ୍କୁ କନ୍ୟା ରୂପରେ ନିଜ ଘରକୁ ନେଇଥାନ୍ତି। କନ୍ୟା ମାତାଙ୍କ ଭାଇ ମଉଳାଭାର ଆଣିଥାନ୍ତି। ଅଳଙ୍କାର ଧାରଣ, ଲୁଗାପଟା, ମିଷ୍ଟାନ୍ନ ଇତ୍ୟାଦି ପନ୍ଧାଣି ଭାର ନେଇ ବରପକ୍ଷ କନ୍ୟା ମାତାପିତାଙ୍କ ବାସଭବନକୁ ଯାଆନ୍ତି। ପଣ୍ଡିତଙ୍କ ପୂଜାର୍ଚ୍ଚନା ପରେ ପିନ୍ଧାଣି ସମ୍ପନ୍ନ ହୋଇଥାଏ। ଏହାପରେ କନ୍ୟାପକ୍ଷ ବରାତିରେ ଆସିବାକୁ ମନ୍ଦିରକୁ ଯାଇ ନିମନ୍ତ୍ରଣ ଦିଅନ୍ତି। ଜ୍ୟେଷ୍ଠଶୁକ୍ଳପକ୍ଷ ପଞ୍ଚମୀ ତିଥି ବିବାହ ସକାଳେ ମନ୍ଦିରରେ ରୁଦ୍ରାଭିଷେକ ହୋଇଥାଏ। ସନ୍ଧ୍ୟାରେ କନ୍ୟାପକ୍ଷ ବରାତି ଆସିବାକୁ ନିମନ୍ତ୍ରଣ କରିଥାନ୍ତି। ଏହାପରେ ଶିବଙ୍କୁ ରୁପା ଓ ସୁନା ଅଳଙ୍କାର ପିନ୍ଧାଇ ବରବେଶରେ ସଜ୍ଜିତ କରାଇ ମଧ୍ୟରାତ୍ରିରେ ବରାତିରେ ବାହାରିଥାନ୍ତି। ବ୍ରାହ୍ମ ମୁହୂର୍ତ୍ତରେ ସମ୍ପୂର୍ଣ୍ଣ ଲୌକିକ ରୀତିନୀତିରେ ଶିବ ଓ ପାର୍ବତୀଙ୍କ ବିବାହ ହୋଇଥାଏ।



# ଭାରତୀୟ ସଂସ୍କୃତିରେ ଅନନ୍ୟ ପରମ୍ପରା

ଶୀତଳଷଷ୍ଠୀ ଭାରତୀୟ ସଂସ୍କୃତିରେ ଏକ ଅନନ୍ୟ ପରମ୍ପରା ବହନ କରି ଆସିଛି। ବୈଶାଖ ମାସ ଅକ୍ଷୟତୃତୀୟା ଗୋଧୂଳି ଲଗ୍ନରେ ଯାତ୍ରା ସକାଶେ ଶୁଭ ଅନୁକୂଳ ହୁଏ। ଗ୍ରୀଷ୍ମଋତୁରେ ଜଗଜ୍ଜନନୀ ମାତା ପାର୍ବତୀ ଓ ଦେବଦେବ ମହାଦେବଙ୍କ ଲୌକିକ ବିବାହ ସମ୍ପୂର୍ଣ୍ଣ ଲୋକାଚାର ଅନୁଯାୟୀ ହୋଇଥାଏ। ଜ୍ୟେଷ୍ଠ ମାସର ପ୍ରଚଣ୍ଡ ରୌଦ୍ରତାପରେ ଜୀବଜଗତ ଅସ୍ତବ୍ୟସ୍ତ ହୋଇ ପଡ଼ିଥାନ୍ତି। ଗଛଲତା ସବୁଜିମା ହରାଇ ମ୍ଲାନ ଏବଂ ଧୂସର ହୋଇ ପଡ଼ିଥାନ୍ତି। ଯେତେବେଳେ ପୁଷ୍କରିଣୀ, ନାଳ, ନଦୀ ଶୁଷ୍କ ହୋଇ ଉଠେ, ସମଗ୍ର ଜୀବଜଗତ ଚାତକ ପକ୍ଷୀ ପରି ବର୍ଷାକୁ ଚାହିଁ ରହିଥାନ୍ତି। ସେହି ପୃଷ୍ଠଭୂମିରେ ପାଳିତ ହୁଏ ଶୀତଳଷଷ୍ଠୀ ଯାତ୍ରା। ଏହି ପର୍ବରେ ଆକାଶ ରୂପୀ ମହାଦେବ ଓ ଧରାରୂପୀ ମାତା ପାର୍ବତୀଙ୍କ ମିଳନ ବର୍ଷାର ଆଗମନକୁ ସଙ୍କେତ ଦେଇଥାଏ, ଯାହାକି ଜନଜୀବନରେ ଶୀତଳତା ଭରିଦେବା ସହ ଧରାପୃଷ୍ଠକୁ ଶୀତଳ କରିଥାଏ।



ଶନିବାର ନନ୍ଦପଡାର ପାର୍ବତୀଙ୍କୁ କନ୍ୟା ମାତାପିତା ନିଜ ବାସଭବନକୁ ନେଉଛନ୍ତି।


ଐତିହାସିକ ତଥ୍ୟ ଅନୁସାରେ ଉତ୍କଳୀୟ ବ୍ରାହ୍ମଣମାନେ ସମ୍ବଲପୁର ବାଲିବନ୍ଧା ସାମିଆଗୁଡି(ସୋମନାଥ ମନ୍ଦିର)ରେ ପ୍ରଥମେ ଶିବପାର୍ବତୀ ବିବାହ ଶୁଭାରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ସମ୍ବଲପୁର ସହରରେ ଦେବ ବିବାହ ପରମ୍ପରାକୁ ସମସ୍ତ ବର୍ଗ ଗ୍ରହଣ କରିନେଇଥିଲେ। ମହାଦେବଙ୍କୁ କନ୍ୟାଦାନ କରିବାର ସୌଭାଗ୍ୟ ମାନବୀୟ ଦମ୍ପତିଙ୍କୁ ଏହି ଯାତ୍ରା ପ୍ରଦାନ କରିଛି। ସାଧାରଣ ପରିବାର ଦେବୀ ପାର୍ବତୀଙ୍କୁ ଝିଅ, ଭଉଣୀ, ନାତୁଣୀ, ଭାଣିଜୀ, ଝିଆରୀ ରୂପେ ପାଇ ଜୀବନକୁ ସାର୍ଥକ ମଣିଥାନ୍ତି। ସ୍ୱୟଂ ପ୍ରଭୁ ଶିବ ହେଲେ ସ୍ୱୟମ୍ଭୁ। ତାଙ୍କର ଜାତିଗୋତ୍ର ନାହିଁ। ତେଣୁ ସମ୍ବଲପୁର ଶୀତଳଷଷ୍ଠୀ ଯାତ୍ରାରେ ଜାତି, ଗୋତ୍ର ନିର୍ବିଶେଷରେ କନ୍ୟା ମାତାପିତା ଚୟନ କରାଯାଏ। ଶୀତଳଷଷ୍ଠୀର ଏହି ବୈଚିତ୍ର୍ୟ ବିଶେଷ ଆକର୍ଷଣ ବର୍ତ୍ତମାନ ମଧ୍ୟ ଅତୁଟ ରହିଛି। ପ୍ରସିଦ୍ଧ ସମ୍ବଲପୁର ଶୀତଳଷଷ୍ଠୀ ଯାତ୍ରା ଜ୍ୟେଷ୍ଠ କୃଷ୍ଣପକ୍ଷ ଚତୁର୍ଦ୍ଦଶୀରୁ ଆରମ୍ଭ ହୋଇ ଜ୍ୟେଷ୍ଠ ଶୁକ୍ଳପକ୍ଷ ସପ୍ତମୀ ଅପରାହ୍ନରେ ଦେବ ଦମ୍ପତିଙ୍କ ମନ୍ଦିର ପ୍ରବେଶ ସହିତ ଯାତ୍ରା ସମାପନ ହୋଇଥାଏ। ୭ ଦିନ ବ୍ୟାପୀ ଏହି ଯାତ୍ରା ବିଭିନ୍ନ ରୀତିନୀତି ଲୋକାଚାରରେ ପାଳିତ ହୋଇଥାଏ। ସାରା ସହର ସାଂସ୍କୃତିକ କାର୍ଯ୍ୟକ୍ରମରେ ଝଙ୍କୃତ ହୋଇଥାଏ। ବନ୍ଧୁ ପରିଜନ, ଆତ୍ମୀୟଙ୍କ ଆଗମନରେ ପୂରି ଉଠେ ଘର। ରଙ୍ଗବେରଙ୍ଗର ଆଲୋକମାଳାରେ ଝଟକୁଥାଏ ଶୈବପୀଠ। ଅତ୍ୟାଧୁନିକ ସାଜସଜ୍ଜାରେ ଚମକୁଥାଏ ବିବାହ ମଣ୍ଡପ ଓ ପାର୍ବତୀଙ୍କ ମାତାପିତା ବାସଭବନ। ସାଧାରଣ ବିବାହରେ ଯେପରି ରୀତିନୀତି ଅନୁସରଣ କରାଯାଇଥାଏ, ଠିକ୍ ସେହିପରି ଦେବ ବିବାହରେ ମଧ୍ୟ ସମସ୍ତ ରୀତିନୀତି ପରମ୍ପରାକୁ ଗ୍ରହଣ କରାଯାଇଥାଏ। ତେଣୁ ମାତା ପାର୍ବତୀ ଓ ଦେବଦେବ ମହାଦେବଙ୍କ ଲୌକିକ ବିବାହ ସମ୍ପୂର୍ଣ୍ଣ ଲୋକାଚାର ଅନୁଯାୟୀ ହୋଇଥାଏ।


**ସମ୍ପୂର୍ଣ୍ଣ ଲୋକାଚାରରେ ହୁଏ ଦେବ ବିବାହ**

ବିବାହ ସମ୍ପନ୍ନ ହେବା ପରେ ଦେବଦମ୍ପତି ଗଣ୍ଡାଳ ହୋଇ ଭକ୍ତଙ୍କୁ ଆଶୀର୍ବାଦ ଦେଇଥାନ୍ତି। ସେହି ସମୟରେ ଆକାଶ ମାର୍ଗରୁ ଦେବତାଗଣ ବର୍ଷା ରୂପରେ ପୁଷ୍ପ ବୃଷ୍ଟି କରିଥାନ୍ତି। ଏଭଳି ଅନବଦ୍ୟ ଦୃଶ୍ୟ ବାସ୍ତବିକ ଅବର୍ଣ୍ଣନୀୟ। ଯଥାର୍ଥରେ ଗ୍ରୀଷ୍ମ ଅନ୍ତେ ବର୍ଷା ଆଗମନର ସଙ୍କେତ ଦେଇଥାଏ। ଏହି ଯାତ୍ରା କଳା, ସଂସ୍କୃତି ଓ ପରମ୍ପରାର ଅପୂର୍ବ ମିଳନ କ୍ଷେତ୍ର ହୋଇଥାଏ। ସମବେତ ଲକ୍ଷାଧିକ ଭକ୍ତ ଓ ଦର୍ଶକଙ୍କୁ ଏହା ଆମୋଦିତ କରିଥାଏ।

**–ରିପୋର୍ଟ: ବି.ଶଙ୍କର, ସମ୍ବଲପୁର**








# ପୁରୀ ସହ ସମ୍ପର୍କ ଯୋଡ଼େ ସମ୍ବଲପୁର ଶୀତଳଷଷ୍ଠୀ

ସମ୍ବଲପୁର ହୀରାଖଣ୍ଡ ସାମ୍ରାଜ୍ୟର ପ୍ରତାପଶାଳୀ ରାଜା ଭାବେ ପରିଗଣିତ ବଳିଆର ସିଂଦେବ ୧୬୧୭ ମସିହାରୁ ୧୬୫୭ ପ୍ରାୟ ଚାଳିଶ ବର୍ଷ ଧରି ଶାସନ କରିଥିଲେ। ବଳରାମ ଦେବଙ୍କ ଦ୍ୱାରା ୧୫୪୪ ମସିହାରେ ସମ୍ବଲପୁରରେ ରାଜଧାନୀ ସ୍ଥାପନ ହେବା ପରଠାରୁ ହୀରାଖଣ୍ଡ ସାମ୍ରାଜ୍ୟର ସୀମା ବୃଦ୍ଧି ପାଇବାରେ ଲାଗିଥିଲା। ତେବେ ବଳିଆର ସିଂଦେବଙ୍କ ପରାକ୍ରମ ଯୋଗୁ ସେ ଅଠରଟି ଗଡର ମଉଣମଣି ହୋଇ ପାରିଥିଲେ। ତାଙ୍କ ସମୟରେ ଦେବଗଡଠାରୁ ଆରମ୍ଭ କରି ପଶ୍ଚିମରେ ଛତିଶଗଡ ଅଧୀନ ମହାସମୁନ୍ଦ, ଚମ୍ପା, ରାୟପୁର ପର୍ଯ୍ୟନ୍ତ ହୀରାଖଣ୍ଡ ସାମ୍ରାଜ୍ୟର ସୀମା ରହିଥିଲା। ସେ ଅଠରଗଡ ଜିତିବା ପରେ ଜଗନ୍ନାଥ ଦର୍ଶନ ପାଇଁ ଶ୍ରୀକ୍ଷେତ୍ର ପୁରୀକୁ ଯାଇଥିଲେ। ଗଜପତି ମହାରାଜାଙ୍କ ଅନୁରୋଧ ରଖି ସେ ମନ୍ଦିର ଦର୍ଶନ ପରେ ରାଜବାଟୀ ଯାଇଥିଲେ। ବଳିଆର ସିଂଦେବଙ୍କ ପରାକ୍ରମ ସେତେବେଳ ପର୍ଯ୍ୟନ୍ତ ଚାରିଆଡେ ପ୍ରଚାରିତ ହେଇ ସାରିଥିଲା। ପୁରୀ ଗଜପତି ମହାରାଜା ତାଙ୍କ ଶକ୍ତି ପରୀକ୍ଷା କରିବା ପାଇଁ ରାଜବାଟୀ ଭିତରେ ଆଠଜଣ ମଲ୍ଲଙ୍କ ସହିତ ଯୁଦ୍ଧ କରିବାକୁ ବ୍ୟବସ୍ଥା କରିଥିଲେ। ବଳିଆର ସିଂଦେବଙ୍କୁ ରାଜବାଟୀ ପରିସରରେ ହଠାତ୍ ମଲ୍ଲମାନେ ଆକ୍ରମଣ କରିବା ମାତ୍ରେ ଅଣ୍ଟାରେ ରଖିଥିବା କମରପଟିରେ ପାଲଟା ଆକ୍ରମଣ କରି ସମସ୍ତ ମଲ୍ଲଙ୍କୁ ପରାସ୍ତ କରିଥିଲେ। ଗଜପତି ମହାରାଜା ବଳିଆର ସିଂଦେବଙ୍କ ପରାକ୍ରମ ଦେଖି ଆଶ୍ଚର୍ଯ୍ୟ ହେବା ସହ ତାଙ୍କୁ ହୀରାଖଣ୍ଡ ଛତ୍ରପତି ଅଠରଗଡ ମଉଡମଣୀ ଉପାଧି ପ୍ରଦାନ କରିଥିଲେ। ଏହାସହ ଗଜପତି ତାଙ୍କର ରାଜଜେମା ପଦ୍ମାବତୀଙ୍କୁ ବଳିୟାର ସିଂଦେବଙ୍କ ପୁଅ ରତନ ସିଂଦେବଙ୍କ ସହ ବିବାହ କରାଇଥିଲେ। ଏହାସହିତ ବଳିଆର ସିଂଦେବଙ୍କ ସହ ଗଜପତି ମହାରାଜ ଅଠରଟି ବ୍ରାହ୍ମଣ ପରିବାର ସମ୍ବଲପୁରକୁ ପଠାଇଥିଲେ। ସେମାନେ ପୁରୁଷୋତ୍ତମପୁର, ବୀରରାମଚନ୍ଦ୍ରପୁର, ଉଷନା ବଡପଦରୁ ଆସି ସମ୍ବଲପୁରର ହୋତାପଡାରେ ରହିଥିଲେ। ସେମାନେ ବାଲିବନ୍ଧା ସୋମନାଥ ମନ୍ଦିରର ପୂଜା ଦାୟିତ୍ୱ ତୁଲାଉଥିଲେ। ପୁରୀରୁ ଆସିଥିବା ସେହି ବ୍ରାହ୍ମଣମାନଙ୍କ ଦ୍ୱାରା ସମ୍ବଲପୁରର ପ୍ରଥମ ଶୀତଳଷଷ୍ଠୀ ୧୬୭୯ ମସିହାରେ ସୋମନାଥ ମନ୍ଦିରରୁ ଆରମ୍ଭ ହୋଇଥିବା ଜଣାଯାଏ। ଶୀତଳଷଷ୍ଠୀ ପରମ୍ପରା ପୁରୀରେ ମଧ୍ୟ ରହିଛି। ତେଣୁ ସମ୍ବଲପୁରର ଶୀତଳଷଷ୍ଠୀ ପରମ୍ପରା ସହ ପୁରୀର ଘନିଷ୍ଠ ସମ୍ପର୍କ ରହିଛି। ତେବେ ସମ୍ବଲପୁରରେ ଶୀତଳଷଷ୍ଠୀ ପରମ୍ପରାରେ ସ୍ଥାନୀୟ ଚାଲିଚଳନ ଏବଂ ରୀତିନୀତି ମଧ୍ୟ ଯୋଡି ହୋଇ ଏହାକୁ ଆହୁରି ଆକର୍ଷଣୀୟ କରିପାରିଛି। ସମ୍ବଲପୁରର ମହାରାଜା ଅଜିତ ସିଂହଙ୍କ ସମୟରେ ନନ୍ଦପଡାରେ ବମବରାଡ ବାଲୁଙ୍କେଶ୍ୱର ମନ୍ଦିର ନିର୍ମାଣ ପରେ ସେଠାରେ ଶିବ ବିବାହ ଅଧିକ ଉତ୍ସାହ ଉଦ୍ଦୀପନାର ସହ ଆୟୋଜନ ହୋଇ ପରମ୍ପରାରେ ପରିଣତ ହୋଇଥିଲା।

**–ରିପୋର୍ଟ: ଭବାନୀ ଶଙ୍କର ଭୋଇ,ସମ୍ବଲପୁର**



# ବିନା ନିମନ୍ତ୍ରଣରେ ସାମିଲ ହୁଅନ୍ତି କିନ୍ନର


ଶୀତଳଷଷ୍ଠୀ ହେଉଛି ମାନବୀୟ ରୀତିନୀତିରେ ଶିବ ପାର୍ବତୀଙ୍କ ବାହାଘର ପରମ୍ପରା। ସମ୍ବଲପୁରରେ ଏହି ପରମ୍ପରା ଦୀର୍ଘ ଚାରିଶହ ବର୍ଷ ହେବ ପାଳନ କରାଯାଇ ଆସୁଛି। ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରାରେ ମହାଦେବ ଶିବ ବରବେଶରେ ସଜ୍ଜିତ ହୋଇ ବରଯାତ୍ରୀଙ୍କୁ ଧରି ଶୋଭାଯାତ୍ରାରେ ବାହାରନ୍ତି ବାହାଘର ପାଇଁ। ଦେବ ଦମ୍ପତିଙ୍କ ବିବାହ ଶୋଭାଯାତ୍ରାରେ ଦେବତା, ମାନବ, ରାକ୍ଷସ, ପିଶାଚ ଏବଂ ବାରଙ୍ଗନା ସମସ୍ତେ ସାମିଲ ହୁଅନ୍ତି। ତେବେ ଏହି ବିବାହ ଶୋଭାଯାତ୍ରାରେ ପ୍ରତିବର୍ଷ କିନ୍ନରମାନଙ୍କ ଯୋଗଦାନ ରହିଥାଏ। କେବଳ ଓଡ଼ିଶା ନୁହେଁ, ଆନ୍ଧ୍ରପ୍ରଦେଶ ଏବଂ ଛତିଶଗଡ଼ ସମେତ ଅନ୍ୟାନ୍ୟ ରାଜ୍ୟରୁ କିନ୍ନରମାନେ ଶୀତଳଷଷ୍ଠୀରେ ସାମିଲ ହେବାକୁ ସମ୍ବଲପୁରରେ ପହଞ୍ଚିଥାଆନ୍ତି। କୁହାଯାଏ ମହାଦେବ ବି ଅର୍ଦ୍ଧନାରୀଶ୍ୱର ବେଶ ଧାରଣ କରିଥିଲେ। ସେଥିପାଇଁ ଶୀତଳଷଷ୍ଠୀରେ ସାମିଲ ହେଲେ କିନ୍ନର ଜନ୍ମରୁ ମୁକ୍ତି ମିଳେ ବୋଲି କିନ୍ନର ସମାଜର ବିଶ୍ୱାସ ରହିଛି। ସମ୍ବଲପୁର କିନ୍ନର ସମାଜ ସଭାପତି ବିନ୍ଦିଆ ମାଝୀ କୁହନ୍ତି, ପ୍ରତିବର୍ଷ ଆମେ ଶୀତଳଷଷ୍ଠୀକୁ ଅପେକ୍ଷା କରିଥାଉ। ବିଭିନ୍ନ ରାଜ୍ୟରୁ ସାମିଲ ହେବା ପାଇଁ କିନ୍ନରମାନେ ମଧ୍ୟ ସମ୍ବଲପୁର ଆସିଥାନ୍ତି। ଏମାନଙ୍କୁ ସୂଚନା କିମ୍ବା ନିମନ୍ତ୍ରଣ ଦିଆଯାଏନା। ଏଠାକୁ ଆସିବା ପରେ ସେମାନେ ସଙ୍ଗଠିତ ହୋଇ ସ୍ୱତନ୍ତ୍ର ଭାବେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରିଥାନ୍ତି। ଏହି ସାଂସ୍କୃତିକ ମହାକୁମ୍ଭରେ ସାମିଲ ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକ କଳାକାରଙ୍କ ସହ ସେମାନେ ସାମିଲ ହୁଅନ୍ତି। ଏଥିପାଇଁ ସେମାନେ କୌଣସି ପାରିଶ୍ରମିକ ଦାବି କରନ୍ତି ନାହିଁ। ଶୀତଳଷଷ୍ଠୀ ସାରି ସମ୍ବଲପୁରରୁ ଗଲାବେଳକୁ ବାପଘରୁ ଶାଶୁଘରକୁ ଯିବା ଭଳି ବହୁତ ଦୁଃଖ ଲାଗେ ବୋଲି ମାଝୀ କହିଛନ୍ତି।


—ଭବାନୀ ଶଙ୍କର ଭୋଇ,ସମ୍ବଲପୁର










# ସହରକୁ ଭାରୀଯାନ ପ୍ରବେଶ ନିଷେଧ

ସମ୍ବଲପୁର,୩୧।୫(ପ୍ରମୋଦ ବହିଦାର)

ପବିତ୍ର ଶୀତଳଷଷ୍ଠୀ ଯାତ୍ରା ପାଇଁ ସମ୍ବଲପୁର ସହର ଚଳଚଞ୍ଚଳ ହୋଇ ଉଠିଛି। ସହର ମଧ୍ୟକୁ ଜିଲ୍ଲା ଓ ରାଜ୍ୟ ବାହାରୁ ଅନେକ ଲୋକଙ୍କ ସମାଗମ ହୋଇ ସାରିଛି। ରାସ୍ତାଘାଟରେ ଲୋକଙ୍କ ଅସମ୍ଭାଳ ଭିଡ଼ ଦେଖିବାକୁ ମିଳିଛି। ଏହାବ୍ୟତୀତ ଚଳିତବର୍ଷ ଶୀତଳଷଷ୍ଠୀ ଯାତ୍ରାରେ ସାମିଲ ହେବାକୁ ରାଜ୍ୟ ଓ କେନ୍ଦ୍ରମନ୍ତ୍ରୀ ଓ ବିଧାୟକ ସମ୍ବଲପୁରରେ ଆସି ପହଞ୍ଚି ସାରିଛନ୍ତି। ଏଭଳି ପରିସ୍ଥିତିରେ ସହରରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଏନେଇ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶଶାଙ୍କ ଶେଖର ବେହୁରା କହିଛନ୍ତି, ଶୀତଳଷଷ୍ଠୀ ଯାତ୍ରା ସମୟରେ ସ୍ୱତନ୍ତ୍ର ଭାବେ ଟ୍ରାଫିକ ପରିଚାଳନା ବ୍ୟବସ୍ଥା କରାଯାଇଛି। ସେ ଦେଇଥିବା ସୂଚନା ଅନୁସାରେ ସହରରେ ଟ୍ରାଫିକ ନିୟନ୍ତ୍ରଣ ପାଇଁ ହୋଇଥିବା ବ୍ୟବସ୍ଥା ଅନୁସାରେ ଶୀତଳଷଷ୍ଠୀ ଯାତ୍ରାର ତିନିଦିନ ଧରି ଅର୍ଥାତ ଶନିବାର ସନ୍ଧ୍ୟାରୁ ଆସନ୍ତା ୨ତାରିଖ ସନ୍ଧ୍ୟା ପର୍ଯ୍ୟନ୍ତ ସହର ମଧ୍ୟକୁ ଭାରୀଯାନ ପ୍ରବେଶ ଉପରେ କଟକଣା ଜାରି କରାଯାଇଥିବା ବେଳେ କେତେକ ସ୍ଥାନକୁ ଚାରିଚକିଆ ଯାନର ପ୍ରବେଶକୁ ମଧ୍ୟ ବାରଣ କରାଯାଇଛି।


### ଟ୍ରାଫିକ ବ୍ୟବସ୍ଥା କଡ଼ାକଡ଼ି


ଅଇଁଠାପାଲି ଆଦର୍ଶମାର୍ଗ ଛକରୁ ଲକ୍ଷ୍ମୀଟକିଜ ଛକ ମଧ୍ୟରେ, ଚର୍ଚ୍ଚ ଛକରୁ ବୁଢାରାଜା ମଧ୍ୟରେ, ସରଲାକାନୀ ଛକରୁ ସାକ୍ଷୀପଡ଼ା ଦେଇ ଶକ୍ତି ମିଷ୍ଟାନ୍ନ ଭଣ୍ଡାର ଅଶୋକା ଟକିଜ୍ ଛକ ଏବଂ ଧନୁପାଲି ଛକରୁ ଜେଲଖାନା ଛକ ମଧ୍ୟରେ ଚାରିଚକିଆ ଯାନ ଚଳାଚଳ ଉପରେ ସମ୍ପୂର୍ଣ୍ଣ ନିଷେଧାଦେଶ ଜାରି କରାଯାଇଛି। ତେବେ ସହର ମଧ୍ୟକୁ ଆସିବାକୁ ଚାହୁଁଥିବା ଚାରିଚକିଆ ଯାନ ଆରୋହୀମାନେ ବିକଳ୍ପ ରାସ୍ତା ଭାବେ ଜାତୀୟ ରାଜପଥ-୫୩ରୁ ଧନକଉଡ଼ା ନିକଟସ୍ଥ ଜୟଗୁରୁ ଛକ, କାବେରି ହୋଟେଲ ଛକ, ପଞ୍ଚଗଛିଆ ଛକ, ରେମେଡ୍ ଛକ ଏବଂ କଟକ ବାବ ଦେବଗଡ଼ ଅଞ୍ଚଳରୁ ଆସୁଥିବା ଚାରିଚକିଆ ଯାନଗୁଡ଼ିକ ଧନକଉଡା ଛକ ଦେଇ ସମ୍ବଲପୁର ସହରକୁ ପ୍ରବେଶ କରିବେ। ସେହିପରି ଧନୁପାଲି, ମାନେଶ୍ୱର ବା ଚୌଧୁରୀଛକକୁ ଆସୁଥିବା ଗାଡ଼ିଗୁଡ଼ିକ ଜୟନ୍ତପୁର ଛକଦେଇ ଯିବା ଆସିବା କରି ପାରିବ। କେତେକ ଚାରିଚକିଆ ଯାନ ସହରରୁ ବିଶେଷ କରି ବୁଢ଼ାରଜା ଅଞ୍ଚଳରୁ ସହର ବାବାରକୁ ଯିବାକୁ ହେଲେ ସେମାନେ ଜଗନ୍ନାଥ କଲୋନୀସ୍ଥିତ ରେଳ ଅଣ୍ଡର ପାସ ଓ ନୂତନ ରେଳ ଓଭର ବ୍ରିଜ୍‌କୁ ଯାତାୟତ ପାଇଁ ବ୍ୟବହାର କରିବାକୁ ଅନୁମତି ପ୍ରଦାନ କରାଯାଇଛି। ତେବେ ଉକ୍ତ ରାସ୍ତା ଗୁଡ଼ିକରେ ଏହି ସମୟରେ ଆମ୍ବୁଲାନ୍ସ ଓ ଦମକଳ ଆଦି ଜରୁରୀକାଳୀନ ଯାନଗୁଡ଼ିକର ପ୍ରବେଶ ପାଇଁ ଅନୁମତି ରହିଛି। ସହର ମଧ୍ୟରେ ପୁରୁଣା ପୌରପରିଷଦ ଛକରୁ ଲକ୍ଷ୍ମୀଟକିଜ ଛକ ମଧ୍ୟରେ ଦୁଇଚକିଆ ଯାନକୁ ମିଶାଇ କୌଣସି ଯାନବାହନ ଚଳାଚଳକୁ ଆଦୌ ଅନୁମତି ଦିଆଯିବ ନାହିଁ। ବାଇକ ଅରୋହୀ ବା ଅଟୋ ରିଙ୍ଗରୋଡ଼ରେ ଯାଇ ବାଲିବନ୍ଧା ଛକରୁ ପ୍ରବେଶ କରି ପାରିବେ। ସେହିପରି ସହରରେ ଅତିରିକ୍ତ ଟ୍ରାଫିକ କଟକଣା ସଦୃଶ ବଡ଼ବଜାର ଷ୍ଟେଟବ୍ୟାଙ୍କ ଛକରୁ ମାଳିବାରୀ ଛକ ଓ ମୁଦିପଡ଼ା ଛକରୁ ପାଣିଟାଙ୍କି ଛକ ଦେଇ ଚର୍ଚ୍ଚ ଛକ ମଧ୍ୟରେ ରାସ୍ତାକୁ ଶନିବାର ସନ୍ଧ୍ୟାରୁ ଆସନ୍ତା ଜୁନ ୨ତାରିଖ ସନ୍ଧ୍ୟା ପର୍ଯ୍ୟନ୍ତ ଅବରୋଧ କରାଯିବ। ଏହି ସମୟରେ କେବଳ ଦୁଇଚକିଆ ଯାନକୁ ସବିଧା ଦେଖି ଛଡ଼ାଯିବ। ସେହିପରି ଜୁନ ୧ ଓ ୨ ତାରିଖ ସନ୍ଧ୍ୟାରେ ବାଲିବନ୍ଧା ଛକରୁ ସମଲେଶ୍ୱରୀ ମନ୍ଦିର ପର୍ଯ୍ୟନ୍ତ ଚାରିଚକିଆ ଯାନ ଚଳାଚଳ ବନ୍ଦ ରହିବ। ସେମାନେ ଏଲ୍‌ଆଇସି ଛକ ଦେଇ ଯାତାୟତ କରି ପାରିବେ। ଏଭଳି କଟକଣାକୁ ନେଇ ପୋଲିସ ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କ ସହଯୋଗ କାମନା କରାଯାଇଛି।












# ଖବରଦାତା ସମ୍ମିଳନୀରେ ବର୍ଷିଲେ ପ୍ରଦୀପ ମାଝୀ

**କାଳିମେଳା ବିଡିଓଙ୍କ ବଦଳି ଦାବି ଘଟଣା**

## ବ୍ଲକ୍‌ରେ ଛିଞ୍ଚିଲେ ଗଙ୍ଗା ଜଳ, ଗୋବର ପାଣି

କାଳିମେଳା,୩୧।୫(ଜୀବନ କୃଷ୍ଣ ଦାସ )



ଖବରଦାତା ସମ୍ମିଳନୀରେ ପ୍ରଦୀପ ମାଝୀ ଓ ଅନ୍ୟମାନେ।

କାଳିମେଳା ବିଡିଓ ପ୍ରଦୀପ କୁମାର କରଙ୍କ ବଦଳୀ ଦାବିରେ ସରକାରଙ୍କ ଉପରେ ବର୍ଷିଲେ ବିଜେଡି ନେତା ପ୍ରଦୀପ ମାଝୀଙ୍କ ସହ ନିର୍ବାଚିତ ପ୍ରତିନିଧି। କାଳିମେଳା ପଞ୍ଚାୟତ ଅଫିସରେ ଶନିବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସରକାରଙ୍କ ଉପରେ ବର୍ଷିଛନ୍ତି ପ୍ରଦୀପ । ତାଙ୍କ ସହ ବିଜେଡି ଜିଲା ସଭାପତି ମାନସ ମାଡକାମି, ବ୍ଲକ ଅଧ୍ୟକ୍ଷା ସୁଭାଷିନୀ ସୋଡ଼ି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ମାଲା ମାଡ଼ି , ଜିଲା ପରିଷଦ ସଭ୍ୟା ମମତା ପଡ଼ିଆମିଙ୍କ ସମେତ ବ୍ଲକ୍‌ର ବହୁ ନିର୍ବାଚିତ ପ୍ରତିନିଧିମାନେ ଏଥିରେ ସାମିଲ ହୋଇଥିଲେ। ସୂଚନାଯୋଗ୍ୟ, ଗତ ୯ ତାରିଖ ଦିନ କାଳିମେଳା ବିଡିଓଙ୍କ ମନମୁଖୀ କାର୍ଯ୍ୟକୁ ବିରୋଧ କରି ଜନ ପ୍ରତିନିଧିମାନେ ବ୍ଲକ୍ କାର୍ଯ୍ୟାଳୟରେ ତାଲା ପକାଇବା ସହ ଅଣ୍ଡାମାଡ କରିଥିଲେ। ଏହାସହ ବଡିଗେଟାର ମହିଳା ସରପଞ୍ଚଙ୍କୁ ବିଡିଓ ଦୁର୍ବ୍ୟବହାର ଅଭିଯୋଗରେ ସେ ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଥିଲେ। ଏଯାଏ ଏହାର ସୁଫଳ ମିଳି ନ ଥିବାରୁ ଖବରଦାତା ସମ୍ମିଳନୀ କରି ରାଜ୍ୟ ସରକାରଙ୍କ ଉପରେ ବର୍ଷିଲେ ବିଜେଡି ନେତା ଓ ଅନ୍ୟମାନେ । ବିଡିଓଙ୍କ ମନମୁଖୀ କାର୍ଯ୍ୟ ବିଷୟରେ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଥିଲେ ମଧ୍ୟ ଆଜି ଯାଏ ଏହାର ସୁଫଳ ମିଳି ନ ଥିବା ଏବଂ ମହିଳା ସରପଞ୍ଚଙ୍କୁ ଦୁର୍ବ୍ୟବହାର ଅଭିଯୋଗର ପୋଲିସ ଏ ପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ସରକାରଙ୍କ ସହ ଜିଲା ପ୍ରଶାସନିକ ଅଧିକାରୀଙ୍କ ମାନସିକତା ସ୍ପଷ୍ଟ ବାରି ହେଉଥିବେ ସେ କହିଛନ୍ତି। ତେବେ ବିଡିଓ କିଛି ଦିନ ପାଇଁ ଛୁଟିରେ ଥିବା ବେଳେ ପୁର୍ନବାର ସେ କାର୍ଯ୍ୟଭାର ଗ୍ରହଣ କରୁଥିବା ଖବରପାଇ ବିଜେଡି ନେତା ମାଝୀ ଏବଂ ଜନପ୍ରତିନିଧିମାନେ ବ୍ଲକ୍‌ରେ ପଶି ବ୍ରାହ୍ମଣ ଡାକି ମନ୍ତ୍ର ପଢିବା ସହ ଗଙ୍ଗା ପାଣି ଓ ଗୋବର ପାଣି ଛିଞ୍ଚିଥିଲେ।

# ପଞ୍ଚାୟତ ଉନ୍ନତି ସୂଚନାଙ୍କ ଦିନିକିଆ କର୍ମଶାଳା


ବୈଠକରେ ଯୋଗଦେଇଥିବା ଅଧିକାରୀ ଓ ଅନ୍ୟମାନେ।

ନବରଙ୍ଗପୁର,୩୧।୫(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲାପରିଷଦ ସମ୍ମିଳନୀ ଗୃହରେ ଶନିବାର ପଞ୍ଚାୟତ ଉନ୍ନତି ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଛି। ରାଜ୍ୟ ଗ୍ରାମ୍ୟ ଉନ୍ନୟନ ତଥା ପଞ୍ଚାୟତିରାଜ ନିର୍ଦ୍ଦେଶକ ସୁରେନ୍ଦ୍ର କୁମାର ମୀନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ଜିଲାପାଳ ଡ ଶୁଭଙ୍କର ମହାପାତ୍ର, ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଜିଲା ପରିଷଦ ଅତିରିକ୍ତ ନିର୍ବାହୀ ଅଧିକାରୀ ଯଦୁମଣି ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି କର୍ମଶାଳାରେ ସମସ୍ତ ବିଡ଼ିଓ, ଜିପିଡିଓ, ପିଇଓ, ଆରଜିଏସ୍ ଡିପିଏମ, ପିଏମ(ଆଇଟି) ଭାଗ ନେଇଥିଲେ। ପଞ୍ଚାୟତସ୍ତରରେ ସ୍ୱଚ୍ଛତାର ସହ ସୂଚନା ଦ୍ୱାରା ବିକାଶକୁ କିଭଳି ତ୍ୱରାନ୍ୱିତ କରାଯିବ ଓ ପ୍ରଣୟନ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମର ପରିମାପକ ଉନ୍ନତିକୁ ଦୃଷ୍ଟିରେ ରଖି ଏହି କର୍ମଶାଳା ଅନୁଷ୍ଠିତ ହୋଇଥିଲା। ପରିମାପକ ଦ୍ୱାରା ପଞ୍ଚାୟତଗୁଡିକ ଜାତୀୟ ପଞ୍ଚାୟତ ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ହୋଇଥାନ୍ତି। ଏଥିରେ ପ୍ରଶିକ୍ଷଣ ଅଧିକାରୀଭାବେ ତପନ କୁମାର ମିଶ୍ର, ରାକେଶ କୁମାର ପାଲ, ପ୍ରବୀଣ କୁମାର ପଟ୍ଟନାୟକ, ସିଡିଓ ଦରୱାନ, ଅତିରିକ୍ତ ନିର୍ବାହୀ ଅଧିକାରୀ ନାୟକ ପ୍ରମୁଖ ରହିଥିଲେ। ଏହି କର୍ମଶାଳାରେ ଜିଲା ଯୋଗାଣ ଅଧିକାରୀ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ, ଜିଲା ସମାଜ କଲ୍ୟାଣ ଅଧିକାରୀ, ଜିଲା ପ୍ରାଣୀ ସମ୍ପଦ ଅଧିକାରୀ, ଜିଲା ଶିକ୍ଷା ଅଧିକାରୀଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ସ୍ଥାନ ଅଭାବରୁ ଚାଷୀ ରାସ୍ତାରେ ଶୁଖାଉଛନ୍ତି ମକା

ଝରିଗାଁ,୩୧।୫(କିଶୋର ଚନ୍ଦ୍ର ମଣ୍ଡଳ):ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଚାଷୀଙ୍କ ଶସ୍ୟ ସୁରକ୍ଷିତ ରଖିବା ପାଇଁ ସ୍ଥାନ ଅଭାବ ଥିବା ବେଳେ ପ୍ରଶାସନ ପକ୍ଷରୁ ପିଣ୍ଡିର ବ୍ୟବସ୍ଥା ନାହିଁ। ଚାଷୀମାନେ ଝରିଗାଁ-ଡ଼ାବୁଗାଁ, ଝରିଗାଁ – ଧାମନାଗୁଡ଼ା ମୁଖ୍ୟ ରାସ୍ତାର ପାର୍ଶ୍ୱରେ ମକା ଶୁଖାଉଛନ୍ତି। ଏହା ଫଳରେ ଯାତାୟାତରେ ଅସୁବିଧା ହେଉଥିବାବେଳେ ଶନିବାର ଦୁର୍ଘଟଣା ଘଟିଛି। ଜଣେ ଯୁବକ ଝରିଗାଁ-ଡାବୁଗାଁ ମୁଖ୍ୟ ରାସ୍ତାରେ ଶୁଖା ଯାଇଥିବା ମକା ଉପରେ ଗାଡ଼ି ଚଢାଇ ଗୁରୁତର ଥିବା ଜଣାପଡ଼ିଛି।

## ଦୁର୍ଘଟଣାରେ ଯୁବକ ଗୁରୁତର

ଡାବୁଗାଁ ବ୍ଲକ ଅଞ୍ଚଳା ପଞ୍ଚାୟତ ଧାରାଣିଯୋଡ଼ି ଗ୍ରାମର ଶସ୍କା ପ୍ରକାଶ ସାନ୍ତା(୨୮) ତାଙ୍କ ପୁତୁରା ପ୍ରଦୀପ ସାନ୍ତା (୧୮)ଙ୍କ ସହ ବାଇକ ଯୋଗେ ଝରିଗାଁ ବ୍ଲକ ଫୁପୁଗାଁ ପଞ୍ଚାୟତ ତାରାଯୋଡ଼ି ଗ୍ରାମସ୍ଥିତ ସମ୍ପର୍କୀୟଙ୍କ ଘରକୁ ଯାଇଥିଲେ। ସେଠାରୁ ଫେରିବାବେଳେ ସନ୍ଧ୍ୟା ପ୍ରାୟ ୭ଟାରେ ଝରିଗାଁ-ଡାବୁଗାଁ ରାସ୍ତାରେ ଥିବା ଗୋପାଳଗୁଡ଼ା ଗ୍ରାମ ନିକଟରେ ବିପରୀତ ଦିଗରୁ ଆସୁଥିବା ଗାଡିର ଲାଇଟ ଯୋଗୁ ଭାରସାମ୍ୟ ହରାଇ ମୁଖ୍ୟ ରାସ୍ତା ଉପରେ ଶୁଖେଇ ଥିବା ମକା ଉପରେ ଗାଡି ଚଢ଼ି ଯାଇଥିଲା। ଉଭୟ ରାସ୍ତା କଡ଼କୁ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଶସ୍କାଙ୍କ ବାମ ଆଖିରେ ଗଭୀର ଆଘାତ ଲାଗିଛି। ଝରିଗାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଉଛି। ରାସ୍ତା ପାର୍ଶ୍ୱରେ ଶୁଖୁଥିବା ମକା ହଟାଇବା ସହ ଚାଷୀଙ୍କ ପାଇଁ ପିଣ୍ଡି ବ୍ୟବସ୍ଥା କରିବାକୁ ଦାବି ହୋଇଛି।

# ଦୈନିକ ମଜୁରି ଧାର୍ଯ୍ୟ ଦାବି

## ଦରମାକୁ ନେଇ ଦ୍ୱନ୍ଦ୍ୱରେ ଆଶାମଣି

ସୁନାବେଡ଼ା,୩୧।୫(କୃତ୍ତିବାସ ପ୍ରଧାନ)


ଆଶାମଣି ପାଣି

ସୁନାବେଡ଼ା ଇଡ୍‌କୋ କାର୍ଯ୍ୟାଳୟରେ ଆଶାମଣି ପାଣି ଦୀର୍ଘ ୨୦ରୁ ଊର୍ଦ୍ଧ୍ୱ ବର୍ଷ ହେବ ଜଣେ ଅସ୍ଥାୟୀ କର୍ମଚାରୀ ଭାବେ କାମ କରିଆସୁଛନ୍ତି। କିନ୍ତୁ ତାଙ୍କର ପ୍ରକୃତ ଦରମା କେତେ ସେ ଜାଣିପାରୁ ନ ଥିବା ଗଣମାଧ୍ୟମରେ ଅଭିଯୋଗ କରିଛନ୍ତି। ସେ ପ୍ରଥମେ ୫୦୦ ଟଙ୍କା ଦରମାରେ କାମରେ ଯୋଗଦେଇଥିଲେ। ପରେ ୨ହଜାର ଟଙ୍କାରେ ୧୯ବର୍ଷ ହେବ କାମ କରିଆସୁଥିଲେ। ୨୦୨୪ ଅଗଷ୍ଟରେ ଅଫିସ କର୍ତ୍ତୃପକ୍ଷ ତାଙ୍କୁ ସମସ୍ତ ଦସ୍ତାବିଜ ମାଗିଥିବା ସେ କହିଛନ୍ତି। ଚଳିତବର୍ଷ ଜାନୁଆରୀ ୨୧ରେ ୩ ମାସର ଦରମା ବାବଦକୁ ତାଙ୍କ ବ୍ୟାଙ୍କ ଖାତାକୁ ୨୭ ହଜାର ଟଙ୍କା ଆସିଥିଲା। କିନ୍ତୁ ଚଳିତ ମାସ ୬ରେ ତାଙ୍କ ଖାତାକୁ ୫ ମାସ ଦରମା ବାବଦକୁ ୨୨ ହଜାର ୫୦୦ ଟଙ୍କା ଜମା ହୋଇଥିଲା, ଯାହା ତାଙ୍କ ଦରମାକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି କରିଛି। ସରକାର ସର୍ବନିମ୍ନ ଦୈନିକ ମଜୁରି ୩୦୦ ଟଙ୍କା ଧାର୍ଯ୍ୟ କରିଥିବା ବେଳେ ଆଶାମଣି କିପରି କମ୍ ମଜୁରି ପାଉଛନ୍ତି ବୋଲି ପ୍ରଶ୍ନ କରିଛନ୍ତି। ତାଙ୍କ ଦୈନିକ ମଜୁରିକୁ ଧାର୍ଯ୍ୟ କରିବାକୁ ସେ ସରକାରଙ୍କୁ ନିବେଦନ କରିଛନ୍ତି। ଏ ନେଇ ଇଡ୍‌କୋ ଡେପୁଟି ମ୍ୟାନେଜର ଓମ୍ ପ୍ରକାଶ ସୁବୁଦ୍ଧିଙ୍କୁ ପଚାରିବାରୁ କାର୍ଯ୍ୟାଳୟକୁ କର୍ମଚାରୀମାନେ ବିଭିନ୍ନ ସୋର୍ସରୁ ଆସନ୍ତି। ଇଡ୍‌କୋ କୌଣସି କର୍ମଚାରୀଙ୍କୁ ସିଧାସଳଖ ଟଙ୍କା ଦିଏନାହିଁ। ସମ୍ପୃକ୍ତ ଏଜେନ୍ସିକୁ ଟଙ୍କା ଦିଏ। ଏଥିରେ ଆମର କୋଣସି ସମ୍ପୃକ୍ତି ନାହିଁ। ତଥାପି ଅଭିଯୋଗ ସମ୍ପର୍କରେ ବୁଝିବା ପରେ କହିପାରିବି ବୋଲି ସେ କହିଛନ୍ତି।

# ଡାକଘର ଥିବା ସତ୍ତ୍ୱେ ଖୋଲାଯାଉ ନ ଥିବା ଅଭିଯୋଗ



ପଟ୍ଟାଙ୍ଗି,୩୧।୫(ଶରତ କୁମାର ଧଳ)– କୋରାପୁଟ ଜିଲାର ପଟ୍ଟାଙ୍ଗି ବ୍ଲକ୍ କୋଟିଆ ପଞ୍ଚାୟତ ସର୍ବଦା ସୀମା ବିବାଦକୁ ନେଇ ଚର୍ଚ୍ଚାର ପରିସରକୁ ଆସୁଛି। ଉକ୍ତ ପଞ୍ଚାୟତ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସରକାରୀ ଯୋଜନା କାର୍ଯ୍ୟକ୍ରମ ପାଇଁ ବିଭିନ୍ନ କାର୍ଯ୍ୟାଳୟ ଖୋଲାଯାଇଛି। ପଞ୍ଚାୟତରେ ଡାକଘର ଥିବା ସତ୍ତ୍ୱେ ଏହାକୁ ଖୋଲାଯାଉ ନ ଥିବା ଅଭିଯୋଗ ହୋଇଛି। ପୋଷ୍ଟ ମାଷ୍ଟର କିଏ ଏ ନେଇ ପଞ୍ଚାୟତବାସୀଙ୍କ ନିକଟରେ କୌଣସି ସୂଚନା ନାହିଁ। ପଞ୍ଚାୟତରେ ଥିବା ଡାକଘର ସପ୍ତାହରେ ଥରେ ଖୋଲା ଯାଉଥିବା ବେଳେ ଆସୁଥିବା ଚିଠି ବା ଡାକ ଗୋଟିଏ ସପ୍ତାହେ ପରେ ଦିଆଯାଉଥିବା ଲୋକେ ଅଭିଯୋଗ କରିଛନ୍ତି। ଆସୁଥିବା ଡାକ ବା ଚିଠି ପାଇଁ ୨୦ ଟଙ୍କା ଲେଖାଏ ହାତ ଖର୍ଚ୍ଚ ମଗାଯାଉଥିବା ଅଭିଯୋଗ କରିଛନ୍ତି। ସୀମାନ୍ତବାସୀଙ୍କ ଏହି ଅଭିଯୋଗକୁ ନେଇ ବ୍ଲକ୍ ସଦର ମହକୁମାରେ ଥିବା ମୁଖ୍ୟ ଡାକଘର ପୋଷ୍ଟ ମାଷ୍ଟର ପୀତାମ୍ବର ଖିଲଙ୍କୁ ପଚାରିବାରୁ ଆସୁଥିବା ଡାକ ବା ଚିଠି ବାବଦକୁ ନିଆଯାଉଥିବା ହାତ ଖର୍ଚ୍ଚ ସମ୍ପର୍କରେ ଲିଖିତ ଅଭିଯୋଗ ଆସିଲେ ଏହା ଉପରେ ତଦନ୍ତ କରାଯିବ। କିନ୍ତୁ ପଞ୍ଚାୟତଗୁଡ଼ିକରେ ନିଯୁକ୍ତି ପାଇଥିବା ଜିଡିଏସ୍ ଓ ବିପିଏମ୍ ଆମ ଅଧୀନରେ ପରିଚାଳିତ ହେଉନାହାନ୍ତି। ସେମାନଙ୍କ ଅବହେଳା ସମ୍ପର୍କରେ ଡାକ ବିଭାଗରେ ରହିଥିବା ଇନ୍ସପେକ୍ଟର ପୋଷ୍ଟାଲ ହିଁ କହିପାରିବେ ବୋଲି ପ୍ରକାଶ କରିଥିଲେ। ଏନେଇ ଜୟପୁର ମୁଖ୍ୟ ଡାକ ଘର ଇନ୍ସପେକ୍ଟର ପୋଷ୍ଟାଲ ଅବିନାଶ କୁମାରଙ୍କୁ ଯୋଗାଯୋଗ କରିବାରୁ ଉକ୍ତ ସମସ୍ୟା ସମ୍ପର୍କରେ ଅବଗତ ଅଛି। ପଞ୍ଚାୟତ ପାଇଁ ନିଯୁକ୍ତି ପାଇଥିବା ପୋଷ୍ଟ ମାଷ୍ଟରଙ୍କୁ ଡାକଘର ନିୟମିତ ଖୋଲି ନିଜର ଦାୟିତ୍ୱ ତୁଲାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିରେ ଅବହେଳା ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।


**OFFICE OF THE PRINCIPAL, ROURKELA COLLEGE, ROURKELA**

No. 762/RCR/ Date. 31.05.2025

**WALK-IN-INTERVIEW**

**(FOR ENGAGEMENT OF GUEST FACULTY 2025-2026)**

A walk-in-Interview for engagement of Guest Faculty for the session 2025 - 2026 will be held in the office of the undersigned from **10:00 A.M.** to **1:00 P.M.** on **18.06.2025** in the subjects **Education, Library Science, English, Political Science, History, Economics, Odia** and from **10:00 A.M.** to **1:00 P.M.** on **19.06.2025** in **Psychology, Geography, Sociology, Hindi, Commerce and Logic & Philosophy** in strict adherence to DHE, Govt. of Odisha letter No. 26445/H.E. dated 23.05.2025. The interested candidates must have a Master's Degree in the subject concerned from a recognised University with at least 55% marks or its equivalent grade with a Second Class in the Bachelor's Degree.

Sd./- Principal
Rourkela College, Rourkela

**कार्यालय, कार्यपालन अभियंता**
**खारंग जल संसाधन संभाग, बिलासपुर (छ.ग.)**
**निविदा निरस्तीकरण आदेश**

आदेश क्रमांक /व.ले.लि/ बिलासपुर, दिनांक ................

निविदा सूचना क्र. 26/व.ले.लि/2024-25 दिनांक 28.02.2025 निविदा सिस्टम क्र. 164758 (प्रथम आमंत्रण) बिलासपुर जिले के विकासखण्ड मस्तुरी अंन्तर्गत ग्राम सीपत स्थित पनभरिया जलाशय का उन्नयन कार्य राशि रूपये 267.01 लाख को एकल निविदा होने के कारण निविदा निरस्त किया जाता है।

स्वा:/- कार्यपालन अभियंता
खारंग जल संसाधन संभाग,
बिलासपुर (छ.ग.)

विज्ञापन क्र. जी-242505677/ दिनांक 04.03.2025
G-252601272/3

**GOVERNMENT OF ODISHA** No.O-226
**OFFICE OF THE SUPERINTENDING ENGINEER**
**RURAL WORKS DIVISION, SUNDARGARH**

E.Mail - rw_sundargarh@yahoo.co.in

**E-PROCUREMENT NOTICE**

**BID IDENTIFICATION NO. ONLINE-SESNG-03 of 2025-26**

1. Name of the Work : Building Work, 2. Total No. of works : 01 no. Building, 3. Estimated cost : Rs. 56.03 Lakhs, 4. Class of contractor : Only 'B', 5. Period of completion : 09 calendar months, 6. Type of Tender : Double Cover, 7. Other details

| Procurement Officer | Bid Identification No. | Availability of Tender On-line for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| **Superintending Engineer, Rural Works Division, Sundargarh** | **Online-SESNG-03 of 2025-26** | **04.06.2025 11.00 A.M.** | **18.06.2025 06.00 P.M.** |

Further details can be seen from the website www.tendersorissa.gov.in.

Sd./-Superintending Engineer
Rural Works Division,
Sundargarh

OIPR-25046/11/0056/2526

**e-Procurement Cell**
**OFFICE OF THE EXECUTIVE ENGINEER BUILDING CONSTRUCTION DEPARTMENT BUILDING DIVISION NO. – 1, RANCHI**
**(Behind State Guest House Morhabadi) Dindayal Nagar Booty Road Ranchi-834008**
**Short Term e-Procurement Notice**

Date – 30-05-2025

| Sl. No. | Tender Reference No. | Work Name | Amount (Rs.) | Completion Time |
|---|---|---|---|---|
| 1 | BCD/Div.No.-1, Ranchi/12/2025-26 | Construction of New Veterinary Hospital Building (G+1) at Singhmore, Ranchi | 29359000 | Nine Month |
| 2 | Start Date of Submission of Bids | | 09-06-2025 at 11.00 AM | |
| 3 | Last Date/Time of Submission of Bids | | 19-06-2025 at 11.00 AM | |
| 4 | Date/Time of Opening of Bid | | 20-06-2025 at 11.00 AM | |
| 5 | Helpline Number of e-procurement Cell | | 8527519262 | |
| 6 | e-mail ID | | eebcddiv1ranchi@gmail.com | |
| | Note : - Cost of bidding document (Non Refundable) & Bid Security Shall be payable on online through http://Jharkhandtenders.gov.in Any Change can be on Website http://Jharkhandtenders.gov.in Any Other information can be on Website http://Jharkhandtenders.gov.in | | | |

Executive Engineer
Building Construction Department
Building Division No. 1, Ranchi

PR 354004 Building(25-26)D

**कार्यालय जिला परिषद, हजारीबाग**

पुनः अल्पकालीन ई–निविदा आमंत्रण सूचना संख्या :– 08/2025–26

दिनांक 30/05/2025

मद का नाम :– जिला खनिज फाउण्डेशन ट्रस्ट।

| क्र0 | प्रखण्ड | योजना का नाम | प्राक्कलित राशि | परिमाण विपत्र का मूल्य | अग्रधन की राशि | योजना पूर्ण करने की तिथि |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | बड़कागांव | पंचायत गरसुल्ला के उत्क्रमित मध्य विद्यालय से ग्राम बिहड़ के ऑंगनबाड़ी केन्द्र तक पथ निर्माण। | 10622400.00 | 10000.00 | 213000.00 | एक वर्ष |

1. वेबसाईट में निविदा प्रकाशन की तिथि 04.06.2025
2. ई–निविदा प्राप्ति की तिथि एवं समय 05.06.25 से 19.06.2025 अपराहन् 5:00 बजे तक।
3. निविदा खोलने का स्थान– जिला परिषद, हजारीबाग।
4. निविदा खोलने की तिथि एवं समय 21.06.2025 पूर्वाहन् 10:00 बजे।
5. निविदा आमंत्रित करने वाले पदाधिकारी का नाम एवं पता – जिला अभियंता, जिला परिषद, हजारीबाग।
6. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
7. ई–निविदा प्रकोष्ठ का दूरभाष सं0–06546 261406 ई–मेल – districtboardhazaribag@gmail.com
8. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता बंद कर दिया जाता है तो उसकी सारी जवाबदेही आपकी होगी।
9. निविदा की शर्तें कार्यालय के सूचना पट्ट या www.jharkhandtenders.gov.in पर देखा जा सकता है।

जिला अभियंता,
जिला परिषद, हजारीबाग

PR 353948 District(25-26).D

ॲक्टस acts

अଗଷ୍ଟ ୨୦୨୫ ବ୍ୟାଚ୍ ପାଇଁ ଆଇସିଟି ଡୋମେନ୍‌ରେ
**ସ୍ନାତକୋତ୍ତର ଡିପ୍ଲୋମା ପାଠ୍ୟକ୍ରମ**
ପାଇଁ ନାମଲେଖା ଘୋଷଣା

ସି-ଡ୍ୟାକ୍ ଇଞ୍ଜିନିୟରିଂରେ ସ୍ନାତକ (ଚୟନିତ ଶୃଙ୍ଖଳା) କିମ୍ବା ବିଜ୍ଞାନରେ ସ୍ନାତକୋତ୍ତର (ଚୟନିତ ଶୃଙ୍ଖଳା) ଅଥବା ଏମ୍.ସି.ଏ. ନିମନ୍ତେ ନିମ୍ନଲିଖିତ ୧୩ଟି କ୍ୟାରିୟର ଅଭିମୁଖୀ ପୂର୍ଣ୍ଣକାଳୀନ ୨୪ ସପ୍ତାହବ୍ୟାପୀ ପାଠ୍ୟକ୍ରମରେ ନାମଲେଖା ପାଇଁ ଘୋଷଣା କରୁଛି । **ସାଧାରଣ ଏବଂ ପାଠ୍ୟକ୍ରମ ପାଇଁ ବିଶେଷ ଭାବେ ପ୍ରଯୁଜ୍ୟ ଯୋଗ୍ୟତା ମାନଦଣ୍ଡ ପାଇଁ ଦୟାକରି acts.cdac.in ପରିଦର୍ଶନ କରନ୍ତୁ ଏବଂ ନାମଲେଖା ପୁସ୍ତିକା ଦେଖନ୍ତୁ ।**

**ଆଇସିଟିରେ ସ୍ନାତକୋତ୍ତର (ପୋଷ୍ଟ ଗ୍ରାଜୁଏଟ୍) ଡିପ୍ଲୋମା**
- ଆଡଭାନ୍ସଡ୍ କମ୍ପ୍ୟୁଟିଂ (ପିଜି-ଡିଏସି)
- ବିଗ୍ ଡାଟା ଆନାଲିଟିକ୍ସ (ପିଜି-ଡିବିଡିଏ)
- ଏମ୍ବେଡେଡ୍ ସିଷ୍ଟମ୍ସ ଡିଜାଇନ୍ (ପିଜି-ଡିଇଏସ୍‌ଡି)
- ଆଇଟି ଇନ୍‌ଫ୍ରାଷ୍ଟ୍ରକ୍ଚର, ସିଷ୍ଟମ୍ସ ଆଣ୍ଡ ସିକ୍ୟୁରିଟି (ପିଜି-ଡିଆଇଟିଆଇଏସ୍‌ଏସ୍)
- ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ପିଜି-ଡିଏଆଇ)
- ଭିଏଲ୍‌ଏସ୍‌ଆଇ ଡିଜାଇନ୍ (ପିଜି-ଡିଭିଏଲ୍‌ଏସ୍‌ଆଇ)
- ମୋବାଇଲ କମ୍ପ୍ୟୁଟିଂ (ପିଜି-ଡିଏମ୍‌ସି)
- ଆଡ୍‌ଭାନ୍ସଡ୍ ସିକ୍ୟୋର୍ ସଫ୍ଟୱେର୍ ଡେଭଲପମେଣ୍ଟ (ପିଜି-ଡିଏଏସ୍‌ଏସ୍‌ଡି)
- ଏଚ୍‌ପିସି ସିଷ୍ଟମ୍ ଆଡ୍‌ମିନିଷ୍ଟ୍ରେସନ୍ (ପିଜି-ଡିଏଚ୍‌ପିସିଏସ୍‌ଏ)
- ରୋବୋଟିକ୍ସ ଆଣ୍ଡ ଆଲାଏଡ୍ ଟେକ୍ନୋଲୋଜିସ୍ (ପିଜି-ଡିଆର୍‌ଏଟି)
- ଫିନ୍‌ଟେକ୍ ଆଣ୍ଡ ବ୍ଲକ୍‌ଚେନ୍ ଡେଭଲପମେଣ୍ଟ (ପିଜି-ଡିଏଫ୍‌ବିଡି)
- ସିକ୍ୟୁରିଟି ଆଣ୍ଡ ଫରେନ୍ସିକ୍ସ (ପିଜି-ଡିସିଏସ୍‌ଏଫ୍)
- ଅନ୍‌ମ୍ୟାନଡ୍ ଏୟାରକ୍ରାଫ୍ଟ ସିଷ୍ଟମ୍ ପ୍ରୋଗ୍ରାମିଂ (ପିଜି-ଡିୟୁଏଏସ୍‌ପି)

ନ୍ୟାସନାଲ କମନ୍ କ୍ୟାମ୍ପସ୍ ପ୍ଲେସମେଣ୍ଟ ପ୍ରୋଗ୍ରାମ୍ (ଏନ୍‌ସିସିପିପି)ର ଆୟୋଜନ ବେଙ୍ଗାଲୁରୁ, ହାଇଦ୍ରାବାଦ, ମୁମ୍ବାଇ, ନଏଡା ଓ ପୁଣେରେ ଅନୁଷ୍ଠିତ ହୋଇଛି

ସୀଡୈକ CDAC

**ପାଠ୍ୟକ୍ରମର ବିଶେଷତା**
- ଉତ୍କୃଷ୍ଟ ପ୍ଲେସମେଣ୍ଟ ରେକର୍ଡ ସହ ସୁପ୍ରତିଷ୍ଠିତ ପାଠ୍ୟକ୍ରମ ।
- ୯୦୦ ଘଣ୍ଟାର ଥିଓରି + ଲ୍ୟାବ୍ + ପ୍ରୋଜେକ୍ଟ ସହ ୨୪ ସପ୍ତାହବ୍ୟାପୀ ପୂର୍ଣ୍ଣକାଳୀନ ପାଠ୍ୟକ୍ରମ ।
- ଅଧିକାଂଶ ସେଣ୍ଟରରେ ଦିନ ପିଛା ୬-୮ ଘଣ୍ଟାର ଥିଓରୀ + ସପ୍ତାହରେ ୬ ଦିନର ଲ୍ୟାବ୍ ଅଧିବେଶନ ।
- ପାଠ୍ୟକ୍ରମ ଅବଧିରେ ନିରବଚ୍ଛିନ୍ନ ଲ୍ୟାବ୍ ଓ ଆଭ୍ୟନ୍ତରୀଣ ମୂଲ୍ୟାୟନ ।
- ସମସ୍ତ ସେଣ୍ଟରରେ କେନ୍ଦ୍ରୀକୃତ ପାଠ୍ୟକ୍ରମ-ଅଭିମୁଖୀ ଥିଓରୀ ପରୀକ୍ଷା ।
- ସି-ଡ୍ୟାକ୍, ଆକାଡେମିଆ ଓ ଆଇସିଟି ଶିଳ୍ପର ଡୋମେନ୍ ବିଶେଷଜ୍ଞଙ୍କ ପରାମର୍ଶ ସହ ପାଠ୍ୟକ୍ରମଗୁଡ଼ିକୁ ଡିଜାଇନ୍ ଓ ବିକଶିତ କରାଯାଇଛି ।
- ସି-ଡ୍ୟାକ୍ ଓ ଆଇସିଟି ଶିଳ୍ପରେ ବ୍ୟାପକ ଡୋମେନ୍ ଜ୍ଞାନ ରଖୁଥିବା ଏକ୍ସପର୍ଟ ଫାକଲ୍ଟି।
- ଆଇସିଟି ଶିଳ୍ପର ମାନକ ସହ ପ୍ରାସଙ୍ଗିକ ହୋଇଥିବା ଟ୍ୟୁଟୋରିଆଲ୍, ପ୍ରାୟୋଗିକ ଅଭିଜ୍ଞତା ଓ ପ୍ରକଳ୍ପ ।
- ଆପ୍ଟିଚ୍ୟୁଡ୍, ଫଳପ୍ରଦ ଯୋଗାଯୋଗ ଏବଂ ସାକ୍ଷାତ୍‌କାର ଦକ୍ଷତା ପରେ ବିଶେଷ ପ୍ରଶିକ୍ଷଣ ।
- ବ୍ୟାପକ ପ୍ଲେସ୍‌ମେଣ୍ଟ ଓରିଏଣ୍ଟେସନ୍ ଏବଂ ଅଞ୍ଚଳୱାରୀ ସାଧାରଣ କ୍ୟାମ୍ପସ୍ ପ୍ଲେସ୍‌ମେଣ୍ଟ ।

**ମହତ୍ତ୍ୱପୂର୍ଣ୍ଣ ତାରିଖ**
ଅନ୍‌ଲାଇନ୍ ଆବେଦନର ଶେଷ ତାରିଖ: ଜୁନ୍ ୨୫, ୨୦୨୫
ସି-ଡ୍ୟାକ୍ କମନ୍ ଆଡମିଶନ୍ ଟେଷ୍ଟ (ସି-କ୍ୟାଟ୍): ସି-କ୍ୟାଟ୍ I: ଜୁଲାଇ ୦୫, ୨୦୨୫; ସି-କ୍ୟାଟ୍ II: ଜୁଲାଇ ୦୬, ୨୦୨୫
ପାଠ୍ୟକ୍ରମ ଆରମ୍ଭ ତାରିଖ: ଅଗଷ୍ଟ ୨୧, ୨୦୨୫

CBC-06132/12/0007/2526

**ପାଠ୍ୟକ୍ରମ ଏଠାରେ ଉପଲବ୍ଧ:** • ବେଙ୍ଗାଲୁରୁ • ଭୁବନେଶ୍ୱର • ଚେନ୍ନାଇ • ଗୁଆହାଟୀ • ହାଇଦ୍ରାବାଦ • ଇନ୍ଦୋର • ଜୟପୁର • କୋଚି • କୋଲକାତା • କରାଡ଼ • ମୁମ୍ବାଇ • ନାଗପୁର • ନାସିକ • ନୂଆଦିଲ୍ଲୀ • ନଏଡା • ପାଟନା • ପୁଣେ • ସିଲଚର୍ • ଥିରୁଭାନନ୍ତପୁରମ୍
ଡିୟୁଏଏସ୍‌ପି ପାଠକ୍ରମଗୁଡ଼ିକ ନିମ୍ନଲିଖିତ ଏନ୍‌ଆଇଇଏଲ୍‌ଇଟି ସେଣ୍ଟରରେ ମଧ ଉପଲବ୍ଧ: ଔରାଙ୍ଗାବାଦ, ଭୁବନେଶ୍ୱର, କାଲିକଟ୍, ଇମ୍ଫାଲ, ଶ୍ରୀନଗର
ପାଠ୍ୟକ୍ରମ, ପାଠ୍ୟଖସଡ଼ା, ସି-କ୍ୟାଟ୍, ଯୋଗ୍ୟତା, ପଞ୍ଜୀକରଣ ଓ ଆବେଦନ, ନାମଲେଖା ଓ ଶିକ୍ଷାଦାନ ମାଧ୍ୟମ ସମ୍ବନ୍ଧୀୟ ଅଧିକ ବିବରଣୀ ପାଇଁ ପରିଦର୍ଶନ କରନ୍ତୁ ୱେବ୍‌ସାଇଟ୍ www.cdac.in / acts.cdac.in
+91 20 25503134 9373731598 Available between 10am-1pm & 2pm-5pm on working days
www.facebook.com/OfficiallyACTS
www.cdac.in ; acts.cdac.in

**ୟୁକୋ ବ୍ୟାଙ୍କ**
ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଙ୍ଗ, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯, ଫୋନ୍: ୦୬୭୪-୨୬୨୦୪୨୩
**ଡିମାଣ୍ଡ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)**

କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ **ୟୁକୋ ବ୍ୟାଙ୍କ, ବକ୍ସିବଜାର ରୋଡ୍ ଶାଖାର** ନିମ୍ନଲିଖିତ ଋଣଗ୍ରହୀତାଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ଡିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା। ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ:

| ବକ୍ସିବଜାର ରୋଡ୍ ଶାଖା / ଋଣଗ୍ରହୀତାଙ୍କ ନାମ ଓ ଠିକଣା | ଡିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ଦେୟ | ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡିକର ବିବରଣୀ | ଏନ୍‌ପିଏ ତାରିଖ / ଡିମାଣ୍ଡ ନୋଟିସ୍ ତାରିଖ |
|---|---|---|---|
| ଋଣଗ୍ରହୀତା: ମେସର୍ସ ଶ୍ରୀ ଆଣ୍ଡ କୋଃ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଶ୍ରୀରାଜ ଦାଶ, ପିତା: ଶ୍ରୀ ଦୁର୍ଗା ପ୍ରସାଦ ଦାଶ, ଠିକଣା - ୧: ଚନ୍ଦ୍ରାଲୋକ ଆପାର୍ଟମେଣ୍ଟ ନିକଟ, ପ୍ରଫେସରପଡା, ପୋ: କଲେଜ ସ୍କୋୟାର, ଥାନା: ମଙ୍ଗଳାବାଗ, କଟକ-୭୫୩୦୦୩, ଠିକଣା - ୨: ଇଡ୍‌କୋ ପ୍ଲଟ୍ ନଂ.: ୫/ଡି, ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ନୂଆଶାସନ, ଧୁରୁସିଆ, ଥାନା: ଖୁଣ୍ଟୁଣୀ, କଟକ - ୭୫୪୦୨୭ | ୧୯.୦୫.୨୦୨୫ ସୁଦ୍ଧା ଟ.୪୨,୫୩,୫୪୦.୪୮ + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | ୧) ମେସର୍ସ ଶ୍ରୀ ଆଣ୍ଡ କୋଃ ନାମରେ ଥିବା ସମସ୍ତ କଳକବ୍ଜା ଓ ଯନ୍ତ୍ରପାତି ସହିତ କଞ୍ଚାମାଲ ଓ ସମ୍ପୂର୍ଣ୍ଣ ହୋଇଥିବା ଦ୍ରବ୍ୟର ଷ୍ଟକ୍, ୨) ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ରେଭିନ୍ୟୁ ପ୍ଲଟ୍ ନଂ.: ୮୩୨/୧୧୯୮(ଅଂଶ), ଖାତା ନଂ.: ୧୬୨, ଅନୁରୂପ ଇଡ୍‌କୋ ପ୍ଲଟ୍ ନଂ.: ୫/ଡି, ରେଭିନ୍ୟୁ ଗ୍ରାମ: ନୂଆଶାସନ, କ୍ଷେତ୍ର: ଏକର ୦.୪୫୯ ଡିସିମିଲି, ନୂଆଶାସନ ଗ୍ରାମର ସୀମା ଅଧିନ, ତହସିଲ: ଆଠଗଡ, ଥାନା: ଗୁରୁଡିଝାଟିଆ, ଜିଲ୍ଲା: କଟକ, ଏହାର ଚାରିପାର୍ଶ୍ୱରେ ଉତ୍ତର: ଇଡ୍‌କୋ ରୋଡ, ପଶ୍ଚିମ: ଇଡ୍‌କୋ ପ୍ଲଟ୍ ନଂ.: ୫/ସି, ଦକ୍ଷିଣ: ଇଡ୍‌କୋ ପ୍ଲଟ୍ ନଂ.: ୫, ପୂର୍ବ: ଇଡ୍‌କୋ ପ୍ଲଟ୍ ନଂ.: ୫/ଇ | ୦୩.୦୭.୨୦୨୩ / ୧୯.୦୫.୨୦୨୫ |

ଆପଣ ଆମର **ବକ୍ସିବଜାର ରୋଡ୍ ଶାଖା** ସହିତ ଚୁକ୍ତିନାମା ଅନୁଯାୟୀ ଉପରୋକ୍ତ ସାରଣୀରେ ଦର୍ଶାଯାଇଥିବା ଋଣ ଏବଂ ପରବର୍ତ୍ତୀ ସୁଧ ପଇଠ କରିବାରେ ଅସମର୍ଥ ହୋଇଛନ୍ତି । ଉପରଦର୍ଶିତ ସାରଣୀରେ ଉଲ୍ଲେଖିତ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆକ୍ଟ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରି କରାଯାଇଥିଲା । ରେଜିଷ୍ଟ୍ରେଡ୍ ଡ଼ାକ ସହିତ ଏ.ଡି. ଯୋଗେ ପଠାଯାଇଥିବା ଉକ୍ତ ଡିମାଣ୍ଡ ନୋଟିସ୍ ଉପରଦର୍ଶିତ ପକ୍ଷମାନଙ୍କୁ ପ୍ରଦାନ କରାଯାଇପାରିନଥିଲା। ଋଣ ପରିଶୋଧରେ ଅନିୟମିତତା ଯୋଗୁ ଆପଣଙ୍କ ଆକାଉଣ୍ଟ ଅଣକାର୍ଯ୍ୟକାରୀ ସମ୍ପତ୍ତି (NPA)ରେ ପରିଣତ ହୋଇଛି । ଏଣୁ ଏହି ନୋଟିସ୍‌ର **୬୦ ଦିନ** ମଧ୍ୟରେ ସୁଧ ସହିତ ସମସ୍ତ ଦେୟ ଆପଣଙ୍କୁ ପଇଠ କରିବାକୁ ପଡିବ। ଅନ୍ୟଥା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କ ବନ୍ଧକ ଥିବା ସୁରକ୍ଷିତ ସମ୍ପତ୍ତି ଉପରେ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ଅନୁଯାୟୀ ଅଧିକାର ସାବ୍ୟସ୍ତ କରିବାକୁ ବାଧ୍ୟ ହେବ । କଥିତ ଆକ୍ଟର ଧାରା ୧୩ର ଉପଧାରା ୧୩ ଅନୁଯାୟୀ ଆପଣ ଉପରୋକ୍ତ କଥିତ ସମ୍ପତ୍ତିକୁ ବିକ୍ରି, ଲିଜ୍ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ବ୍ୟାଙ୍କର ଲିଖିତ ସହମତି ବିନା ହସ୍ତାନ୍ତରିତ କରିପାରିବେ ନାହିଁ । ଏହି ନୋଟିସ୍ ବ୍ୟାଙ୍କକୁ ଉପଲବ୍ଧ ଥିବା କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବାର ଅଧିକାରକୁ ପ୍ରତିହତ କରିବ ନାହିଁ । ଏତଦ୍‌ଦ୍ୱାରା ଆପଣମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରିପାରିବେ।

ସ୍ଥାନ : ଭୁବନେଶ୍ୱର
ତାରିଖ : ୩୧.୦୫.୨୦୨୫

କ୍ଷମତାପ୍ରାପ୍ତ ଅଧିକାରୀ
ୟୁକୋ ବ୍ୟାଙ୍କ

# ୧୬ ସ୍ୱତନ୍ତ୍ର କ୍ୟାବିନରୁ ୭ଟିରେ କାମ କରୁନି ଏସି

## ଜିଲା ମୁଖ୍ୟ ଚିକିତ୍ସାଳୟ

ରାୟଗଡ଼ା,୩୧।୫(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ବାହାରୁ ଖୁବ୍ ସୁନ୍ଦର ଦେଖାଯାଏ । ଦେଖିଲେ ଯେ କେହି ଏଠାରେ ଚିକିତ୍ସା ସୁବିଧା ବେଶ୍ ଉନ୍ନତମାନର ଥିବା ନେଇ ଚିନ୍ତା କରିବେ। ହେଲେ ଭିତରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବା । ଜିଲା ମୁଖ୍ୟ ଚିକିତ୍ସାଳୟରେ ଥିବା ସ୍ୱତନ୍ତ୍ର କେବିନ୍‌ରେ ଲାଗିଥିବା ଏୟାରକଣ୍ଡିସନ(ଏସି) କାମ କରୁନାହିଁ । ଦୈନିକ ଭଡ଼ା ୬୦୦ ଟଙ୍କା ନେଉଥିଲେ ମଧ୍ୟ ଏସି ଗୁଡ଼ିକ ମରାମତି କରୁନାହାଁନ୍ତି ମେଡ଼ିକାଲ କର୍ତ୍ତୃପକ୍ଷ । ଦାୟିତ୍ୱରେ ଥିବା ହସ୍‌ପିଟାଲ ମ୍ୟାନେଜରଙ୍କୁ ପଚାରିଲେ ଚିକିତ୍ସା ପ୍ରଥମ ଦାୟିତ୍ୱ, ଏସି ପଛ କଥା ବୋଲି କହୁଛନ୍ତି । ଏହିଭଳି ଅଭିଯୋଗ ଆଣିଛନ୍ତି ଜଣେ ରୋଗୀଙ୍କ ସମ୍ପର୍କୀୟ । ରାୟଗଡ଼ା ସହରର ମାରୁତି କଲୋନୀ ବାସିନ୍ଦା ତଥା ବରିଷ୍ଠ ଖବରଦାତା ଅଜୟ ରଥ ଅଭିଯୋଗ କରି କହିଛନ୍ତି, ସେ ଦୀର୍ଘ ୪ମାସ ହେଲାଣି ପ୍ରାୟ ସମୟରେ ତାଙ୍କ ବୟସ୍କ ମାଆଙ୍କୁ ରକ୍ତ ଦେବା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥାନ୍ତି। ଏସି ଲାଗିଥିବା ସ୍ୱତନ୍ତ୍ର କେବିନ ମଧ୍ୟ ବୁକିଂ କରୁଛନ୍ତି । ହେଲେ ଏସି କାମ କରୁନାହିଁ । ଏନେଇ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ଧ କେହି କର୍ଣ୍ଣପାତ କରୁନାହାନ୍ତି । ଏସମ୍ପର୍କରେ ହସ୍‌ପିଟାଲ ପରିଚାଳନା ଦାୟିତ୍ୱରେ ଥିବା ମ୍ୟାନେଜର ଲକ୍ଷ୍ମୀପ୍ରିୟା ସ୍ୱାଇଁଙ୍କୁ ସେ ଫୋନ୍‌ରେ ଅଭିଯୋଗ କରିବାରୁ ଏସିକ କମ୍ପ୍ରେସରଗୁଡ଼ିକ ଖରାପ ଅଛି । ମରାମତି କରାଯିବ ଏବଂ କିଛି ନୂଆ ଏସିଲାଗିବ ବୋଲିକହିଥିଲେ । ମ୍ୟାନେଜର ସ୍ୱାଇଁ ଆହୁରି କହିଥିଲେ, ଚିକିତ୍ସାକୁ ଗୁରୁତ୍ୱ ଦିଆଯାଉଛି ବୋଲି କହିଥିଲେ ।

ତେବେ ରାୟଗଡ଼ା ଜିଲା ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବା ବେଳେ ଜିଲା ମୁଖ୍ୟ ଚିକିତ୍ସାଳୟଠାରୁ ଆରମ୍ଭ କରି ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ବିଶେଷଜ୍ଞ ନାହାନ୍ତି । ଫଳରେ ଏଠାକୁ ଚିକିତ୍ସା ପାଇଁ ଆସିଲେ ପଡ଼ୋଶୀ ଆନ୍ଧ୍ରପ୍ରଦେଶ ରାଜ୍ୟ ଅଥବା ବ୍ରହ୍ମପୁର ଓ ଭୁବନେଶ୍ୱର ଉପରେ ନିର୍ଭର କରିବାକୁ ବାଧ୍ୟ ହେଉଛନ୍ତି । ଶିଶୁ, ଗର୍ଭବତୀ ଓ ଜରୁରୀକାଳିନ ଚିକିତ୍ସିତ ବ୍ୟକ୍ତିଙ୍କ ପାଇଁ ଏସି କ୍ୟାବିନ୍ ରହିଥିଲେ ମଧ୍ଧ ଏସି ଖରାପ ଥିବାରୁ ଲୋକେ ଏହାର ସୁବିଧା ପାଇପାରୁନାହାନ୍ତି । ସୂଚନା ମୁତାବକ, ଜିଲା ମୁଖ୍ୟ ଚିକିତ୍ସାଳୟରେ ୧୬ ଏସି କେବିନ୍ ରହିଛି । ଯେଉଁଥିରୁ ମେଡ଼ିସିନ ୱାର୍ଡରେ ୫, ଡେଲିଭେରି ୱାର୍ଡରେ ୮, ଶିଶୁ ଚିକିତ୍ସା ୱାର୍ଡରେ ୩ ସ୍ୱତନ୍ତ୍ର କ୍ୟାବିନ ବ୍ୟବସ୍ଥା ରହିଛି। ସେଥିରୁ ୭ଟି କେବିନ୍‌ରେ ଏସି କାମ କରୁନାହିଁ ବୋଲି ଅଭିଯୋଗ କରିଛନ୍ତି ଅଜୟ । ତେଣୁ ଜିଲା ସ୍ୱାସ୍ଥ୍ୟ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ସମସ୍ତ ଏସି କାର୍ଯ୍ୟକ୍ଷମ କରିବା ପାଇଁ ଜିଲା ଯୁବ କଂଗ୍ରେସ ଉପସଭାପତି ଅସଲାମ୍ ଖାନ୍ ଦାବି କରିଛନ୍ତି ।


ଅଚଳ ହୋଇପଡିଥିବା ଏସି।

# ଖବରଦାତା ସୁରକ୍ଷା ଆଇନ ଲାଗୁ ନେଇ ଦାବିପତ୍ର


ଅତିରିକ୍ତ ତହସିଲଦାର ଡମ୍ବରୁ ଗୟାଧର ବେହେରା ଦାବିପତ୍ର ଗ୍ରହଣ କରୁଛନ୍ତି।

ରାମନାଗୁଡ଼ା, ୩୧।୫(ସଞ୍ଜୟ ପ୍ରଧାନ)

ରାୟଗଡା ଜିଲା ରାମନାଗୁଡା ବ୍ଲକ ଖବରଦାତାମାନେ ଶନିବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ତହସିଲଦାର ଡମ୍ବରୁ ଗୟାଧର ବେହେରାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଖବରଦାତା ସୁରକ୍ଷା ଆଇନ ଲାଗୁ କରିବାକୁ ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି।

ଖବରଦାତାଙ୍କୁ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବେ ଆଖ୍ୟା ମିଳିଛି। କିନ୍ତୁ ବିଭିନ୍ନ ସମୟରେ ସେମାନେ ଅସୁରକ୍ଷିତ, ଅବହେଳିତ। ବଲାଙ୍ଗୀର ଅଞ୍ଚଳରେ ଜନୈକ ଠିକାଦାର ଜଣେ ବରିଷ୍ଠ ଖବରଦାତାଙ୍କୁ କଙ୍ଗାରୁ କୋର୍ଟ କରି ମାଡ଼ ମାରିବା ଘଟଣା ଏହାର ଉଦାହରଣ। ଏହାର କାରଣ ଖବରଦାତାଙ୍କ ସୁରକ୍ଷା ପାଇଁ କୌଣସି ଆଇନ ନାହିଁ। ରାଜ୍ୟ ସରକାର ଖବରଦାତାଙ୍କ ସୁରକ୍ଷା ପ୍ରତି କୌଣସି ଚରମ ପଦକ୍ଷେପ ନ ନେବା ଅତି ଦୁଃଖର କଥା ବୋଲି ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି। ରାୟଗଡା ଜିଲା ରାମନାଗୁଡ଼ା ବ୍ଲକ ବରିଷ୍ଠ ଖବରଦାତା ନବୀନ ଚନ୍ଦ୍ର ନାୟକ ବେହେରାଙ୍କ ନେତୃତ୍ୱରେ ସ୍ଥାନୀୟ ଅଞ୍ଚଳର ଖବରଦାତା ଶୁଭଜିତ ପଟ୍ଟନାୟକ, ଆନନ୍ଦ ପରିଚ୍ଛା, ସଞ୍ଜୟ କୁମାର ପ୍ରଧାନ, ଶିବ ପ୍ରସାଦ ବ୍ରହ୍ମା, ରାମଶଙ୍କର ପଟ୍ଟନାୟକ, ହୃଷିକେଶ ପାତ୍ର, ନିର୍ମଳ ଖାମ୍ପା, ରଞ୍ଜନ ନାୟକ ବେହେରା, ଶିବଶଙ୍କର ପଣ୍ଡା, ଧବଳେଶ୍ୱର ପାତ୍ର ପ୍ରମୁଖ ଦାବିତ୍ର ପ୍ରଦାନ କରିଥିଲେ।

# ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଙ୍ଗଠନ ସଂଯୋଜକ, ସହ ସଂଯୋଜକଙ୍କ ନାମ ଘୋଷଣା

ରାୟଗଡ଼ା,୩୧।୫(ଆଶିଷ ରଞ୍ଜନ ପଣ୍ଡା)

ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନ ରାଜ୍ୟ କମିଟି ନିଷ୍ପତି କ୍ରମେ ଜିଲାର ବିଭିନ୍ନ ବ୍ଲକ ଓ ପୌର ପରିଷଦ ପାଇଁ ସଂଯୋଜକ ଓ ସହ ସଂଯୋଜକ ଚୟନ କରାଯାଇ ନାମ ଘୋଷଣା ହୋଇଛି । ଏଥିରେ ରାୟଗଡ଼ା ପୌର ପରିଷଦ ପାଇଁ ଏନ.ଜଗଦୀଶ୍ୱରଙ୍କୁ ସଂଯୋଜକ। ଗୁଣପୁର ପୌର ପରିଷଦ ପାଇଁ ତାରିଣୀସେନ୍ ଶତପଥୀ, ଗୁଡ଼ାରି ଏନ୍‌ଏସି ପାଇଁ ପ୍ରମୋଦ କୁମାର ପତିଙ୍କ ନାମ ଘୋଷଣା କରାଯାଇଛି । ଅନ୍ୟମାନଙ୍କ ମଧ୍ୟରେ ଗୁଣପୁର ବ୍ଲକ ପାଇଁ ଇଗାନ୍ ଗମାଙ୍ଗ, ରାମନାଗୁଡ଼ା ପ୍ରକାଶ କଣ୍ଡାଗରି, ପଦ୍ମପୁର ସୁରେଶ କୁମାର ମାଝି, ଗୁଡ଼ାରି ବ୍ଲକ ଜଗନ୍ନାଥ ଶବର, ଚନ୍ଦ୍ରପୁର ରତନ ମାଳା ବିଶୋଇ, କଲ୍ୟାଣସିଂହପୁର ବ୍ଲକ ସଂଯୋଜକ ଭାବେ ଲାକି ନାଚିକା ଓ ସହ ସଂଯୋଜକ ଭାବେ ସାଲ୍ଲା ଭାରତୀଙ୍କ ନାମ ଘୋଷଣା ହୋଇଛି । ସେହିଭଳି କୋଲନରା ବ୍ଲକ ସଂଯୋଜକ ଭାବେ ଲକ୍ଷ୍ମଣ ପିଡ଼ିସିକା ଏବଂ ସହ ସଂଯୋଜକ ବାସନ୍ତି ଅଟାକା, ମୁନିଗୁଡ଼ା ବ୍ଲକ ପାଇଁ ରାମ ପ୍ରକାଶ କରକରିଆ ସଂଯୋଜକ ଏବଂ ମମତା ପ୍ରାସ୍କା ସହ ସଂଯୋଜକ ହୋଇଛନ୍ତି । ବିଷମକଟକ ବ୍ଲକ ପାଇଁ ଅରକ୍ଷିତ ହିକକା ସଂଯୋଜକ, ରାୟଗଡ଼ା ବ୍ଲକ ପାଇଁ ରଞ୍ଜନ କୁମାର ଜିଲାକାରା ସଂଯୋଜକ ଓ ଗୀତା ସାରକା ସହ ସଂଯୋଜକ ଭାବେ ଚୟନ ହୋଇଛନ୍ତି।

# ୨୦୨୪-୨୫ରେ ୩,୮୩,୨୭୭ ଶ୍ରମ ଦିବସ



ଜନଶୁଣାଣିରେ ଉପସ୍ଥିତ ଅଧିକାରୀ।

## ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜନଶୁଣାଣି

ଗୁଡାରି, ୩୧।୫ (ପ୍ରମୋଦ କୁମାର ପତି)

ରାୟଗଡ଼ା ଜିଲା ଗୁଡ଼ାରି ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଓ ପଞ୍ଚଦଶ ଅର୍ଥ କମିଶନ ଯୋଜନାର ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ଆର୍ଥିକ ବର୍ଷ ୨୦୨୪-୨୫ରେ ବ୍ଲକ୍‌ରେ ଉଭୟ ଯୋଜନାରେ ହୋଇଥିବା ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ଶୁଣାଣି ହୋଇଥିଲା। ଗୁଣପୁର ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଅଜୟ କୁମାର ପ୍ରଧାନ ଏହି ଶିବିରରେ ଯୋଗଦେଇ ଜନଶୁଣାଣି କରିଥିଲେ। ୨୦୨୪-୨୫ ଆର୍ଥିକ ବର୍ଷରେ ୧୦୬୭.୭୩ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ଅଣକୁଶଳୀ ଶ୍ରମ ବାବଦରେ ୮୧୭. ୩୦ କୋଟି ଟଙ୍କା ଖର୍ଚ୍ଚ ହୋଇଥିବାବେଳେ ମୋଟ ୩,୮୩,୨୭୭ ଶ୍ରମ ଦିବସ ସୃଷ୍ଟି ହୋଇଥିବା ସୂଚନା ମିଳିଛି। ଏହାଛଡ଼ା ବ୍ଲକ୍‌ର ୧୦୦୦ ପରିବାର ମୋଟ ୧୦୦ ଦିନର କାର୍ଯ୍ୟ ସମ୍ପୂର୍ଣ୍ଣ କରିଛନ୍ତି। ଗତ ୫ ବର୍ଷରେ ପଞ୍ଚଦଶ ଅର୍ଥ କମିଶନ ଯୋଜନାରେ ୧୫. ୬୩ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ଜନଶୁଣାଣି ଶିବିରରେ ସୂଚନା ମିଳିଛି। କାର୍ଯ୍ୟକ୍ରମରେ ବିଡିଓ ସୁଚିସ୍ମିତା ବେହେରା, ବ୍ଲକ୍ ଅଧ୍ୟକ୍ଷା ଲକ୍ଷ୍ମୀ ଶବର, ସହକାରୀ ଯନ୍ତ୍ରୀ ସସ୍ମିତା ଶବର ଓ ଏପିଓ କୃପାକାର ବନପାଲି ପ୍ରମୁଖ ଶୁଣାଣି ପରିଚାଳନାରେ ସହଯୋଗ କରିଥିଲେ। ଏହି ଶୁଣାଣିରେ ସରପଞ୍ଚ, ସମିତି ସଭ୍ୟ, ବିଭାଗୀୟ ଅଧିକାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ କର୍ମକର୍ତ୍ତା ଓ ସାଧାରଣ ଜନତା ଉପସ୍ଥିତ ଥିଲେ। ବିଡିଓଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ କାର୍ଯ୍ୟାଳୟର କର୍ମଚାରୀ ସହଯୋଗ କରିଥିଲେ।

# ମେଧାବୀଙ୍କୁ ବଣିକ ସଂଘର ସମ୍ବର୍ଦ୍ଧନା

ଟିକିରି, ୩୧।୫(ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରିରେ ଶନିବାର ସ୍ଥାନୀୟ ବଣିକ ସଂଘ ପକ୍ଷରୁ ୨ ମେଧାବୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଟିକିରି ବଣିକ ସଂଘ ପକ୍ଷରୁ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ କଂସାରିଗୁଡ଼ାସ୍ଥିତ ଆଦିତ୍ୟ ଆଲୁମିନା ରିଫାଇନାରୀ ପ୍ରକଳ୍ପ ୟୁନିଟ ହେଡ୍ ମଝହରୁଲ୍ଲା ବେଗ ମୁଖ୍ୟ ଅତିଥି ଏବଂ ବରିଷ୍ଠ ଅଧିକାରୀ କୌଶିକ ମିଶ୍ର, ତନ୍ମୟମହାନ୍ତି, ଦୀପକ ମହାନ୍ତି, ଉପଦେଷ୍ଟା ନରସିଂହ ଷଡଙ୍ଗୀ, ସୀମାଞ୍ଚଳ ଷଡ଼ଙ୍ଗୀ, ମନୋଜ ପାତ୍ର ପ୍ରମୁଖ ସମ୍ମାନୀତ ଅତିଥିଭାବେ ମଞ୍ଚାସୀନ ଥିଲେ। ଆଦିତ୍ୟ ବିର୍ଲା ପବ୍ଲିକ ସ୍କୁଲର ଦ୍ୱାଦଶ ଶ୍ରେଣୀ ବିଜ୍ଞାନ(ସିବିଏସ୍‌ଇ ବୋର୍ଡ)ପରୀକ୍ଷାରେ ଟପ୍ପର ହୋଇଥିବା ଛାତ୍ରୀ ହିବା ବେଗ୍ ଏବଂ ଉକ୍ତ ବିଦ୍ୟାଳୟ ପୂର୍ବତନ ଛାତ୍ରୀ ତଥା ବ୍ରହ୍ମପୁର ନୀଳକଣ୍ଠ ନଗରସ୍ଥିତ ସରସ୍ୱତୀ ବିଦ୍ୟା ମନ୍ଦିର ଦ୍ୱାଦଶ ଶ୍ରେଣୀ ବାଣିଜ୍ୟ ଟପ୍ପର ଶ୍ରେୟାସୀ ଗୀତ ରଞ୍ଜନୀପାତ୍ରଙ୍କୁ ସମ୍ମାନୀତ କରାଯାଇ ଥିଲା। ଅସୁସ୍ଥତା କାରଣରୁ ଦ୍ୱାଦଶ ଶ୍ରେଣୀ କଳା ବିଭାଗର କାଶୀପୁର ବ୍ଲକ ଟପର ସୁଶୀଳା ମାଝୀ ଅନୁପସ୍ଥିତ ଥିଲେ। ଆଲୁମିନା କମ୍ପାନୀ ବରିଷ୍ଠ ଅଧିକାରୀ ମଝହରୁଲ୍ଲା ବେଗ ହିନା ବେଗଙ୍କ ଝିଅ ହିବା ବେଗ ଏବେ ବିଦେଶରେ ପଢିବା ପାଇଁ ନାମ ଲେଖାଇ ସାରିଛନ୍ତି। ସେହିପରି ଟିକିରି ବାସିନ୍ଦା ମନୋଜ କୁମାର ପାତ୍ର ଏବଂ ସଞ୍ଜିଦା ଶି ରଞ୍ଜନଙ୍କ ଝିଅ ଶ୍ରେୟାସୀ ଗୀତ ରଞ୍ଜନୀ ଯୁକ୍ତ ଦୁଇ ବାଣିଜ୍ୟ ପରୀକ୍ଷାରେ ରାଜ୍ୟରେ ତୃତୀୟ ସ୍ଥାନ ଅଧିକାର କରିଥିବା ଜଣାପଡ଼ିଛି। ସଂଘ ସଭାପତି ମୁନା ବେହେରାଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ କରାଯାଇଛି। କାର୍ଯ୍ୟକର୍ତ୍ତା ପବିତ୍ର ସାହୁ, ଇନ୍ଦ୍ରଜିତ ସାହୁ, ପ୍ରଫୁଲ୍ଲ ସାହୁ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ।


ଅତିଥି, ବଣିକ ସଂଘ କର୍ମକର୍ତ୍ତାଙ୍କ ସହ ସମ୍ମାନିତ ହୋଇଥିବା ଛାତ୍ରୀମାନେ।

# ମୀନାଖୋଲାରେ ଶିବ ପାର୍ବତୀ ବିବାହ


ଶ୍ରଦ୍ଧାଳୁମାନେ ଦର୍ଶନ କରୁଛନ୍ତି।

ଚନ୍ଦ୍ରପୁର, ୩୧।୫(ବିଜୟ ପ୍ରସାଦ ଉଲ୍ଲାକା)

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ହନୁମନ୍ତପୁର ପଞ୍ଚାୟତ ଶ୍ରୀ ମିନଖୋଲା ଜନ କଲ୍ୟାଣ ଆଶ୍ରମ ପରିସରରେ ଶନିବାର ଶିବ ପାର୍ବତୀଙ୍କ ବିବାହ ଉତ୍ସବ ହିନ୍ଦୁ ରୀତିନୀତି ଅନୁଯାୟୀ ଶେଷ ହୋଇଛି। ଏଥିରେ ମୁନିଗୁଡ଼ା ନିବାସୀ କେ. ଦୁଃଖୀଶ୍ୟାମ ସୁବୁଦ୍ଧି ତାଙ୍କ ସ୍ତ୍ରୀ କେ. ଲିଲି ବର ପିତାମାତା, ଧର୍ମେନ୍ଦ୍ର ପାତ୍ର, ସ୍ତ୍ରୀ ବେସିଲା ମଣି ପାତ୍ର, ମନ୍ୟା ପିତା ମାତା ଦାୟିତ୍ୱ ତୁଲାଇଥିଲେ। ମୁଖ୍ୟ ପୁରୋଧା ଭାବେ ଜନ କଲ୍ୟାଣ ଆଶ୍ରମ ମୁଖ୍ୟ ପରିଚାଳକ ବାବା ଜନକାନନ୍ଦ ଗିରି, ସମ୍ମାନୀତ ଅତିଥିଭାବେ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଏସ୍. ଈଶ୍ୱର ରାଓ, ସାମାଜିକ କର୍ମୀ ପ୍ରମୋଦ ସାହୁକାର, ହାଡ଼ିପା ଗୌଡ଼, ବିଜୟ ଉଲକା, ବାପି ସାହୁକାରଙ୍କ ସମେତ ୫୦୦ରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।

## ଯୁବତୀଙ୍କ ଗଳାକାଟି ହତ୍ୟା ମାମଲା

# ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ, ୫୦ହଜାର ଜରିମାନା

ରାୟଗଡ଼ା,୩୧।୫(ଆଶିଷ ରଞ୍ଜନ ପଣ୍ଡା)

ଏକତରଫା ପ୍ରେମକୁ ନେଇ ୨୦୨୨ରେ ଜଣେ ଯୁବତୀଙ୍କ ଗଳାକାଟି ହତ୍ୟା ମାମଲାର ଶୁଣାଣିକରି ଶନିବାର ହତ୍ୟାକାରୀ ଯୁବକଙ୍କୁ ଆଜୀବନ କାରାଦଣ୍ଡ ସହିତ ୫୦ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ରାୟଗଡା ଅତିରିକ୍ତ ଜିଲା ଦୌରାଜଜ୍ ଅଜ୍ଞନା ସ୍ୱାଇଁ ଶୁଣାଇଛନ୍ତି। ଜରିମାନା ଅନାଦାୟ ୧ବର୍ଷ ସଶ୍ରମ କାରାଦଣ୍ଡ ରାୟ ଦେଇଛନ୍ତି । ସେ ହେଲେ ଟିକିରି ଥାନା ଅର୍ନ୍ତଗତ ମୁଣ୍ଡାଗାଁର ରସିକ ଓରଫ୍ ପ୍ରକାଶ ପ୍ରଧାନୀ ।

ପ୍ରକାଶ ଯେ, ୨୦୨୨ ସେପ୍ଟେମ୍ବର ୩ ରେ ଟିକିରି ଥାନା ଅର୍ନ୍ତଗତ ସାନମାଟିକଣା ଗ୍ରାମର ଦୁର୍ଯ୍ୟ ମାଝି ଟିକିରି ଥାନାରେ କରିଥିବା ଅଭିଯୋଗ ଅନୁସାରେ ତାଙ୍କ ଝିଅ ରିମା ମାଝିଙ୍କୁ ରସିକ ଏକ ତରଫା ପ୍ରେମ ନିବେଦନ କରିବା ସହିତ ବିଭିନ୍ନ ସମୟରେ ହଇରାଣ କରୁଥିଲେ। ଏନେଇ ପରିବାରବର୍ଗଙ୍କ ଅଭିଯୋଗପରେ ଗାଁରେ ଏକ ବୈଠକ ବସି ଯୁବତୀଙ୍କୁ ହଇରାଣ ନ କରିବା ପାଇଁ ରସିକଙ୍କୁ ତାଗିଦା କରାଯାଇଥିଲା। କିନ୍ତୁ ରସିକ କୌଣସି କଥା ନ ମାନି ଯୁବତୀଙ୍କୁ ହଇରାଣ କରି ଆସୁଥିଲେ । ୦୩.୦୯.୨୦୨୨ରେ ରିମା ଜଣେ ଠିକାଦାରଙ୍କ ପାଖରେ କାମ କରୁଥିବା ବେଳେ ରସିକ ସେଠାରେ ପହଞ୍ଚି ଏକ ଧାରୁଆ ଛୁରିରେ ତାଙ୍କ ଗଳା କାଟି ଦେଇଥିଲେ, ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ସେଠାରେ ରିମାଙ୍କ ସାଙ୍ଗ ରସିକଙ୍କୁ ଅଟକାଇବା ପାଇଁ ଚେଷ୍ଟା କଲା ବେଳେ ତାଙ୍କ ହାତରେ ମଧ ଆଘାତ ଲାଗିଥିଲା । ଏହାପରେ ରସିକ ସେଠାରୁ ଫେରାର ହୋଇଯିବା ସହିତ ନିଜ ଗଳାକାଟି ଗୁରୁତର ଅବସ୍ଥାରେ ମେଡ଼ିକାଲରେ ଭର୍ତ୍ତି ହୋଇଥିଲେ। ଏନେଇ ଟିକିର ଥାନା ଅତିରିକ୍ତ ଦାୟିତ୍ୱରେ ଥିବା ଏସ୍‌ଆଇ ମନୋଜ କୁମାର ଜେନା ନଂ. ୧୨୦/୨୨ରେ ମାମଲା ରୁଜୁକରି ଘଟଣାର ତଦନ୍ତ କରିଥିଲେ । ତଦନ୍ତକୁ ଆଧାରକରି ମେଡ଼ିକାଲରୁ ସୁସ୍ଥ ହେବା ପରେ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ଏହି ମାମଲାରେ ସମସ୍ତ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତିକରି ଜଜ୍ ଅଜ୍ଞନା ସ୍ୱାଇଁ ଶନିବାର ରାୟ ପ୍ରକାଶ କରିଛନ୍ତି । ମାମଲାକୁ ସରକାରୀ ଓକିଲ ରାମପ୍ରସାଦ ପାତ୍ର ପରିଚାଳନା କରୁଥିଲେ।

# ବାଲ୍ୟବିବାହ ନିଷେଧ କର୍ମଶାଳା

କଲ୍ୟାଣସିଂହପୁର,୩୧।୫
(ଦୀପକ କୁମାର ପରିଡ଼ା)

ରାୟଗଡା ଜିଲା କଲ୍ୟାଣସିଂହପୁର ସମିତି କାର୍ଯ୍ୟାଳୟରେ ସମନ୍ୱିତ ଶିଶୁ ବିକାଶ ଯୋଜନା ପକ୍ଷରୁ ବାଲ୍ୟବିବାହ ନିଷେଧ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ଶିଶୁ ବିକାଶ ଯୋଜନା ସୁପରଭାଇଜର ବିଜୟଲକ୍ଷ୍ମୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ସମିତି ଅଧ୍ୟକ୍ଷା ଅମ୍ରିତା କାଡ୍ରାକା ଯୋଗଦେଇଥିଲେ। ଉପଜିଲାପାଳ ରମେଶ କୁମାର ଜେନା, ଜିଲା ପ୍ରୋଗ୍ରାମ ଅଧିକାରୀ ଶୈଳଜା ଦାସ, ବିଡିଓ ମନିଷା ଦାସ, ଡାକ୍ତର ଅନୁଭବ ସାହୁ, କଲ୍ୟାଣସିଂହପୁର ଥାନାଧିକାରୀ ନୀଳକଣ୍ଠ ବେହେରା ଉପସ୍ଥିତ ରହିଥିଲେ। ୧୮ବର୍ଷରୁ କମ୍ ବୟସର ଝିଅ ଓ ୨୧ବର୍ଷ ବୟସରୁ କମ୍ ପୁଅଙ୍କୁ ବିବାହ କରିବା ଆଇନ ଅନୁଯାୟୀ ଅପରାଧ। ଯଦି କୌଣସି ଅଞ୍ଚଳରେ ବାଲ୍ୟ ବିବାହ ହେଉଥିବା ନଜରକୁ ଆସେ ତାହା ହେଲେ ଆଇସିଡିଏସ୍, ଜିଲା ଶିଶୁ ସୁରକ୍ଷା ଅଧିକାରୀ ,ନିକଟସ୍ଥ ଅଙ୍ଗନୱାଡି କର୍ମୀ, ସୁପରଭାଇଜରମାନଙ୍କୁ ଜଣାଇବାକୁ କୁହାଯାଇଛି। ବିଭିନ୍ନ ଶିକ୍ଷାନୁଷ୍ଠାନ ଶିକ୍ଷକ, ଅଙ୍ଗନୱାଡି କର୍ମୀ, ଆଶା କର୍ମୀ, ଏସ୍‌ଏଚ୍‌ଜି ସଦସ୍ୟା, ପୁରୋହିତ ସାନ୍ତୁନ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଆଇସିଡିଏସ୍‌ର ସମସ୍ତ ଷ୍ଟାଫ୍ ସହଯୋଗ କରିଥିଲେ।



କର୍ମଶାଳାରେ ଅତିଥି, ଅଧିକାରୀ ଓ ଅନ୍ୟମାନେ।

# ଜରିପାଙ୍ଗାରେ ବ୍ୟାପିଛି ମ୍ୟାଲେରିଆ

## ଗାଁରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କଲା ମେଡିକାଲ ଟିମ୍

ପଦ୍ମପୁର, ୩୧।୫ (ପ୍ରଶାନ୍ତ କର)

ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ ତମ୍ପାଗୁଡ଼ା ପଞ୍ଚାୟତ ଜରିପାଙ୍ଗା ଗ୍ରାମରେ ବହୁଲୋକ ମ୍ୟାଲେରିଆରେ ଆକ୍ରାନ୍ତ ହୋଇଛନ୍ତି। ଶନିବାର ସ୍ୱାସ୍ଥ୍ୟ ବିଭାଗ ଟିମ୍ ଗାଁରେ ପହଞ୍ଚି ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରିବା ସହ ଚିକିତ୍ସା ସୁବିଧା ଯୋଗାଇ ଦେଇଛି।

ଦୀର୍ଘ ଏକମାସ ହେଲା ଗ୍ରାମରେ ବହୁଲୋକ ମ୍ୟାଲେରିଆରେ ଆକ୍ରାନ୍ତ ହୋଇଥିବା ୱାର୍ଡ ମେମ୍ବର ଟୁନି ମାଝୀ କହିଛନ୍ତି। ଆକ୍ରାନ୍ତମାନେ ହେଲେ ଶାନ୍ତି ନାଗ (୫୫), ସୁବାଷ ମାଝୀ (୫୪), ସସ୍ମିତା ମାଝୀ (୨୮), ସୂରିଆ ମାଝୀ (୬୦), ପୁଷ୍ପା ମାଝୀ (୧୦), ନିଲୁ ମାଝୀ (୨୦), ପ୍ରେମୀ ମାଝୀ (୪୧), ଦୀନବନ୍ଧୁ ମାଝୀ (୪୮), ଶାନ୍ତି ମାଝୀ (୪୦), ସୂର୍ଯ୍ୟ ରାଓ ମାଝୀ (୧୫), ସୀବାନୀ ମାଝୀ (୨୫), ରମ୍ଭୁ ମାଝୀ (୩୦), ରାମୀ ମାଝୀ (୫୦), ରଶ୍ମି ମାଝୀ (୨୩), ଦିଲସନ୍ ମାଝୀ (୭), ସୁନୀଲ୍ ମାଝୀ (୧୯), ମଦନ୍ତି ମାଝୀ (୫୫),ଜଗିଲି ମାଝୀ (୬୦), ରୋହିବ୍ ମାଝୀ (୧୧), ଶକୁନ୍ତଳା ମାଝୀ (୩୫), ସନ୍ତୋଷ ମାଝି (୨୮)। ଗାଁରେ ମ୍ୟାଲେରିଆ ବ୍ୟାପିବା ଖବରପାଇ ଶନିବାର ପଦ୍ମପୁର ମେଡିକାଲ ଇନ୍‌ଚାର୍ଜ ଋତୁପର୍ଣ୍ଣା ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍ୱାସ୍ଥ୍ୟ ଟିମ୍ ଗାଁକୁ ଯାଇ ଲୋକଙ୍କ ରକ୍ତ ପରୀକ୍ଷା କରାଇଥିଲା। ଔଷଧ ସେବନ କରିବାକୁ ପରାମର୍ଶ ଦିଆଯାଇଛି। ଆଶା ଓ ଅଗନୱାଡି କର୍ମୀ ଗ୍ରାମବାସୀଙ୍କୁ ମଶାରୀ ଟାଣି ଶୋଇବା ଓ ଗରମ ଖାଦ୍ୟ ଖାଇବାକୁ ପରାମର୍ଶ ଦେଉଛନ୍ତି।


ସ୍ୱାସ୍ଥ୍ୟ ଟିମ୍ ଲୋକଙ୍କ ରକ୍ତ ପରୀକ୍ଷା ସହ ଔଷଧ ଦେଉଛନ୍ତି।

## ସଂକ୍ଷେପରେ

### ନାବାଳିକା ବଳାତ୍କାର ମାମଲା: ଅଭିଯୁକ୍ତଙ୍କ ଘରୁ କାର୍, ବୁଲେଟ୍ ଜବତ

ଜୟପୁର,୩୧।୫(ପବନ ପାଣିଗ୍ରାହୀ)- ଏକ ନାବାଳିକା ବଳାତ୍କାର ମାମଲାରେ ଜୟପୁର ମହିଳା ପୋଲିସ ପକ୍ଷରୁ ସାଉନିଗୁଡ଼ାରେ ଚଢ଼ାଉ କରାଯାଇ ଅଭିଯୁକ୍ତଙ୍କ ଘରୁ କାର୍ ଓ ବାଇକ୍ (ବୁଲେଟ୍) ଶୁକ୍ରବାର ଜବତ କରାଯାଇଛି। ଅଭିଯୁକ୍ତ ହେଲେ ସାନପାରିଆ ପଞ୍ଚାୟତ ଅଧୀନ ସାଉନିଗୁଡ଼ାର ରାଜେନ୍ଦ୍ର ଭତ୍ରା। ସୂଚନା ଅନୁଯାୟୀ, ରାଜେନ୍ଦ୍ର ସମ୍ପୃକ୍ତା ନାବାଳିକାଙ୍କୁ ବିବାହ ପ୍ରଲୋଭନ ଦେଖାଇ ବଳାତ୍କାର କରିଥିଲେ। ଏନେଇ ପୀଡ଼ିତାଙ୍କ ମା' ଜୟପୁର ମହିଳା ଥାନାରେ ଅଭିଯୋଗ କରିଥିଲେ। ତଦନ୍ତ ଦାୟିତ୍ୱରେ ଥିବା ସଦର ଥାନା ଅଧିକାରୀ ଓ ଟିମ୍ ଚଢ଼ାଉ କରିଥିବା ବେଳେ ଅଭିଯୁକ୍ତ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଅଭିଯୁକ୍ତଙ୍କୁ ଶୀଘ୍ର ଧରାଯିବ ବୋଲି ଥାନା ଅଧିକାରୀ କହିଛନ୍ତି। ପ୍ରକାଶ ଯେ, ଅଭିଯୁକ୍ତ ବୋରିଗୁମ୍ମା ବ୍ଲକ୍ ବିଧାୟକ ପ୍ରତିନିଧିଙ୍କ ପୁଅ। ବିଜେଡି ମହିଳା ପ୍ରତିନିଧି ଟିମ୍ ପୀଡ଼ିତାଙ୍କୁ ନ୍ୟାୟ ଦାବି କରିବା ପରେ ପୋଲିସ କାର୍ଯ୍ୟାନୁଷ୍ଠାନ ଜୋରଦାର କରିଛି।

### ନଦୀରୁ ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

କୋରାପୁଟ/ କୋଟପାଡ଼,୩୧।୫(ଅମିତାଭ ବେହେରା/ କେ.ରାଜଶେଖର ରାଓ)- କୋରାପୁଟ ଜିଲା କୋଟପାଡ଼ ଜଅଁରା ନଦୀରୁ ଓଡ୍ରାଫ ଟିମ୍ ଦ୍ୱାରା ଜଣେ ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଶନିବାର ଉଦ୍ଧାର କରାଯାଇଛି। ମୃତକ ହେଲେ କୋଟପାଡ଼ ବ୍ଲକ୍ ବେଲେଗାଁର ଦାମୁ ରାଉତ(୫୦)। ଦାମୁ ଜଅଁରା ନଦୀ ପଟକୁ ୨ ଦିନ ପୂର୍ବରୁ ଯାଇଥିବା ବେଳେ ସେ ନିଖୋଜ ରହିଥିଲେ। ଏ ନେଇ ପରିବାର ପକ୍ଷରୁ ଅଭିଯୋଗ ହେବା ପରେ କୋରାପୁଟ ଓଏସଏପି ତୃତୀୟ ବାଟାଲିୟନ ଓଡ୍ରାଫ ହାବିଲଦାର ମୋଶେଷ ଖରାଙ୍କ ନେତୃତ୍ୱରେ ୧୧ଜଣିଆ ଟିମ୍ ମୃତଦେହକୁ ଉଦ୍ଧାର କରିଥିଲେ।

### ଗଞ୍ଜେଇ ଚାଲାଣ, ୨ ଗିରଫ

ଜୟପୁର,୩୧।୫(ପବନ ପାଣିଗ୍ରାହୀ)- ଜୟପୁର ଟାଉନ ପୋଲିସ ୧୩୧୮କେଜି ଗଞ୍ଜେଇ ଜବତ କରିବା ସହ ୨ ଜଣଙ୍କୁ ଗିରଫକରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ବ୍ରାହ୍ମଣୀଗାଁର ଦୁର୍ଗା ବାହାଦୁର ଓ କୁସୁମଗୁଡା ଅଞ୍ଚଳର ମୀନା ବାଗ୍ନି। ସୂଚନା ଅନୁଯାୟୀ, ଟାଉନ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ଏକ ଗାଡ଼ିକୁ ସନ୍ଦେହକରିଅଟକାଇଥିଲା। ଗାଡ଼ିଦ୍ରୁତଗତିରେ ଯାଇ ଏକ ହ୍ୟୁଣ୍ଡାଇ ଶୋ'ରୁମ୍ ପଛ ପଟେ ଥିବା ଏକ କବାଡ଼ିଆ ଦୋକାନ ନିକଟରେ ଅନ୍ୟ ଏକ ଗାଡ଼ିକୁ ଓହ୍ଲାଉଥିବା ବେଳେ ପୋଲିସ ପହଞ୍ଚି ୨ ଗାଡ଼ିକୁ ଜବତ କରିଥିଲା।

### ଅତିରିକ୍ତ ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ

ଜୟପୁର,୩୧।୫(ପବନ ପାଣିଗ୍ରାହୀ)- ଜୟପୁର ପୌରପାଳିକାରେ ଅତିରିକ୍ତ ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାବେ ପୂଜା ରାଉତ ଶନିବାର ଦାୟିତ୍ୱ ନେଇଛନ୍ତି। ଏହା ପୂର୍ବରୁ ସେ କୋଟପାଡ଼ ଏନଏସିରେ କାର୍ଯ୍ୟରତ ଥିଲେ। ଏଠାରେ ପୂର୍ବରୁ ଥିବା କୃତ୍ତିବାସ ସାହୁଙ୍କୁ ନୁଆପାଡା ପୌରପାଳିକାକୁ ପଦୋନ୍ନତି ପରେ ବଦଳି କରାଯାଇଛି। ଦାୟିତ୍ୱ ନେବା ପରେ ଜୟପୁର ଉପଜିଲାପାଳ ତଥା ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ଆକାବରମ ଶସ୍ୟା ରେଡ୍ଡୀ ଓ ପୌର ଅଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତିଙ୍କ ସହ ସେ ସାକ୍ଷାତ କରିଛନ୍ତି।

# ପାଲା, ଦାସକାଠିଆରେ ପ୍ରଚାରହେବ ସଚେତନତା ବାର୍ତ୍ତା


କାର୍ଯ୍ୟକ୍ରମରେ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ।

**ଆମ ସଂକଳ୍ପ ନିଶା ନୁହେଁ, ଜୀବନର ସିଧା ପ୍ରସାରଣ**

ନବରଙ୍ଗପୁର, ୩୧।୫ (ସଦାଶିବ ପ୍ରହରାଜ)

ବିଶ୍ୱ ତମାଖୁ ବର୍ଜନ ଦିବସ ଅବସରରେ ଶନିବାର ନବରଙ୍ଗପୁର ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଓସ୍ୱାନ ଗୃହରେ ଏକ କାର୍ଯ୍ୟକ୍ରମ କରାଯାଇଥିଲା। ଭୁବନେଶ୍ୱର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ସଚେତନତା ଅଭିଯାନ ଆମ ସଂକଳ୍ପ ନିଶା ନୁହେଁ, ଜୀବନ (ଲୋଗ) ଏବଂ ସଚେତନତା ବାର୍ତ୍ତା ସଙ୍ଗୀତ ଓ ସୂଚନା ପୁସ୍ତିକା ଉନ୍ମୋଚନର ସିଧା ପ୍ରସାରଣ କରାଯାଇଥିଲା। ଜିଲାପାଳ ଡ. ଶୁଭଙ୍କର ମହାପାତ୍ରଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ତମାଖୁ, ବିଷାକ୍ତ ମାଦକଦ୍ରବ୍ୟ ଓ ନିଶାଦ୍ରବ୍ୟ ବ୍ୟବହାର ଯୋଗୁ ପ୍ରତିବର୍ଷ ବହୁ ମୂଲ୍ୟବାନ୍ ଜୀବନ ନଷ୍ଟ ହୋଇଥାଏ। ମାଦକଦ୍ରବ୍ୟ ସେବନ ଯୋଗୁ କର୍କଟ, ହୃଦ୍‌ରୋଗ, ଯକୃତ, ଫୁସ୍‌ଫୁସ୍ ଓ ଶ୍ୱାସଜନିତ ରୋଗରେ ଆକ୍ରାନ୍ତ ହୋଇ ଲୋକେ ଜୀବନ ହାରୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ୪ ପର୍ଯ୍ୟାୟରେ ସଚେତନତା କରାଯାଉଛି।

ପ୍ରଥମ ପର୍ଯ୍ୟାୟ ମେ ୩୧ରୁ ଜୁନ୍ ୨୬, ଜୁନ୍ ୨୬ରୁ ଅଗଷ୍ଟ ୩୧ ଦ୍ୱିତୀୟ ପର୍ଯ୍ୟାୟ, ତୃତୀୟ ପର୍ଯ୍ୟାୟ ଅକ୍ଟୋବର ୨ରୁ, ଚତୁର୍ଥ ପର୍ଯ୍ୟାୟ ଡିସେମ୍ବର ୨୫ରୁ ଜାନୁଆରୀ ୧୫ ପର୍ଯ୍ୟନ୍ତ ହେବ। ଜିଲାସ୍ତରରେ ଗ୍ରାମାଞ୍ଚଳରୁ ସହର ଓ ଜିଲା ସଦର ମହକୁମାରେ ପାଲା, ଦାସକାଠିଆ ମାଧ୍ୟମରେ ସଚେତନତା ବାର୍ତ୍ତା ପ୍ରଚାର କରାଯିବ। ଲିଫ୍‌ଲେଟ ପାମ୍ପ୍ଲେଟ ବଣ୍ଟନ ସହ ବ୍ୟାନର ଲାଗିବ। ରଥରେ ସଚେତନତା ବାର୍ତ୍ତାଭିତ୍ତିକ ସଙ୍ଗୀତ ବାଜିବ। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରରେ ପ୍ରତିଯୋଗିତା ଓ ଗଣଦୌଡ଼, ଯୋଗ ଶିବିର ଅନୁଷ୍ଠିତ ହେବ। ତମାଖୁମୁକ୍ତ ଓ ସ୍ୱଚ୍ଛ ପରିବେଶ ଗଠନରେ ସମସ୍ତେ ସାମିଲହୋଇ ୨୦୩୬ ବିକଶିତ ଓଡ଼ିଶାର ସ୍ୱପ୍ନକୁ ସାକାର କରିବା ବାର୍ତ୍ତା ଦିଆଯାଇଥିଲା। ଏହି ଆଭାସି କାର୍ଯ୍ୟକ୍ରମରେ ଏସ୍‌ପି ମିହିର କୁମାର ପଣ୍ଡା, ଅତିରିକ୍ତ ଜିଲାପାଳ(ରାଜସ୍ୱ) ବିଶ୍ୱଜିତ ବର୍ମନ, ଅତିରିକ୍ତ ଜିଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆ, ଉପଜିଲାପାଳ ପ୍ରକାଶ କୁମାର ମିଶ୍ର, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସନ୍ତୋଷ କୁମାର ପଣ୍ଡା, ଜିଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ, ଅବକାରୀ ଅଧୀକ୍ଷକ ପ୍ରତାପ କୁମାର ଦାସ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା, ଜିଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ, ଜିଲା କ୍ରୀଡ଼ା ଅଧିକାରୀ ସମୀର କୁମାର ପାତ୍ର, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର, ଆଞ୍ଚଳିକ ପରିବହନ ଅଧିକାରୀ ଜିତେନ୍ଦ୍ର କୁମାର ଭୋଇ, ଜିଲା ସମାଜ କଲ୍ୟାଣ ଅଧିକାରୀ ଦ୍ରୌପଦୀ କହଁର ଓ ଅବକାରୀ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ।

# ଅଣସ୍ୱୀକୃତିପ୍ରାପ୍ତ ବିହନ ବିକ୍ରିକଲେ ଲାଇସେନ୍ସ ରଦ୍ଦ


ଜଣେ ବିହନ ବିକ୍ରେତାଙ୍କୁ ନୋଟିସ ଦିଆଯାଉଛି।

**ବିହନ କେନ୍ଦ୍ର ଯାଞ୍ଚକଲେ ଅଧିକାରୀ**

ନବରଙ୍ଗପୁର,୩୧।୫(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା କୃଷି ବିଭାଗ ପକ୍ଷରୁ ଚନ୍ଦାହାଣ୍ଡି ବ୍ଲକ୍‌ର ବିଭିନ୍ନ ବିହନ ବିକ୍ରେତାଙ୍କ ଦୋକାନଗୁଡ଼ିକରେ ଶନିବାର ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ପକ୍ଷରୁ ଯାଞ୍ଚ କରାଯାଇଛି। ନବରଙ୍ଗପୁର ଓ ଉମରକୋଟ କୃଷି ଜିଲା ଅଧିକାରୀ ଅନୀଲ କୁମାର ପ୍ରହରାଜ, କୃଷି ଜିଲା ଅଧିକାରୀ ପ୍ରଣୟ କୁମାର ମନ୍ତ୍ରୀ, ବିହନ ନିରୀକ୍ଷଣ ଅଧିକାର ପ୍ରଶାନ୍ତ କୁମାର ବାଗ, ଚନ୍ଦାହାଣ୍ଡି ତହସିଲଦାର ସହଦେବ କୁର୍ତ୍ତୁଙ୍କା ପ୍ରମୁଖ ବ୍ଲକ୍‌ର ୭ଟି ବିହନ ବିକ୍ରୟ କେନ୍ଦ୍ର ଉପରେ ଚଢାଉ କରିଥିଲେ। ଚନ୍ଦାହାଣ୍ଡି ପଞ୍ଚାୟତର ତରୁଣ ମଣ୍ଡା, ହାନିଫ ଟ୍ରେଡର ଏବଂ ଏମ୍‌ଡି ଏଜାଜ, ଧୋଡ଼ିପାଣି ପଞ୍ଚାୟତର ନରେନ୍ଦ୍ର ନାୟକ ଓ ହୃଦା ବିଶି, ମୋହରା ପଞ୍ଚାୟତର ରାଜା ଟ୍ରେଡର୍ସ, ବାଲାଜୀ ପାଣ୍ଡିଙ୍କର ବିହନ ଦୋକାନରେ ଯାଞ୍ଚ କରାଯାଇଥିଲା। ସେଠାରେ ପରିଲକ୍ଷିତ ହେଇଥିବା ଅନିୟମିତତା ଉପରେ ଉପରୋକ୍ତ ଅଧିକୃତ ବିକ୍ରେତାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ୭ ଦିନ ମଧ୍ୟରେ ସନ୍ତୋଷଜନକ ଉତ୍ତର ନ ମିଳିଲେ କୃଷି ଜିଲା ଅଧିକାରୀଙ୍କୁ ଜଣାଯିବ। ଲାଇସେନ୍ସକୁ ସାମୟିକ ରଦ୍ଦ କରାଯିବ। ପରବର୍ତ୍ତୀ ପର୍ଯ୍ୟାୟରେ ଚଢ଼ାଉ ସମୟରେ ଯଦି କୌଣସି ଅଣସ୍ୱୀକୃତିପ୍ରାପ୍ତ କମ୍ପାନୀର ବିହନ ବିକ୍ରି ନଜରକୁ ଆସେ ତେବେ ସେମାନଙ୍କର ଲାଇସେନ୍ସ ସମ୍ପୂର୍ଣ୍ଣ ରଦ୍ଦ ନେଇ ସୁପାରିସ କରାଯିବ ବୋଲି ଜିଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

# ଭାରତୀୟ ପ୍ରେସ୍ ପରିଷଦ ନାମ ବ୍ୟବହାରକୁ ବାରଣ

ନବରଙ୍ଗପୁର,୩୧।୫(ସଦାଶିବ ପ୍ରହରାଜ)

ଭାରତୀୟ ପ୍ରେସ୍ ପରିଷଦ ବା ପ୍ରେସ କାଉନ୍‌ସିଲ ଅଫ୍ ଇଣ୍ଡିଆ ନାମ ବ୍ୟବହାରକୁ ଅନ୍ୟ ସଂସ୍ଥା ବା ବ୍ୟକ୍ତିବିଶେଷ ଦ୍ୱାରା ସାଧାରଣରେ ବାରଣ କରାଯାଇଛି। ପ୍ରେସ୍ କାଉନ୍‌ସିଲ ଅଫ୍ ଇଣ୍ଡିଆ ହେଉଛି ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ଏକ ବୈଧାନିକ ଅଙ୍ଗ, ଯାହାକି ପ୍ରେସ୍ କାଉନସିଲ ଆକ୍ଟ ୧୯୭୮ ଅନୁଯାୟୀ ଗଠିତ ହୋଇଛି। ଏହାର ଦୁଇଟି ମୁଖ୍ୟ ଉଦ୍ଦେଶ୍ୟ ପ୍ରେସ୍ ସ୍ୱାଧୀନତାକୁ ସୁରକ୍ଷିତ କରିବା ଓ ଭାରତରେ ଖବରକାଗଜଗୁଡିକର ମାନଦଣ୍ଡ ରକ୍ଷାକରିବା। ନୂଆଦିଲ୍ଲୀ ବ୍ୟତୀତ ଏହାର କୌଣସି ରାଜ୍ୟ ଶାଖା ନାହିଁ। ଏହି ନାମରେ ନାମିତ ପ୍ରାଧିକୃତ ଅଙ୍ଗ କୌଣସି ସ୍ଥାନରେ କାର୍ଯ୍ୟକରେ ନାହିଁ। ଏହି ପ୍ରେସ୍ କାଉନସିଲ ଶବ୍ଦଟି ଅନ୍ୟ ପ୍ରେସ୍ ସଙ୍ଗଠନ ବା ସଂସ୍ଥା ଦ୍ୱାରା ବ୍ୟବହାର ହେଉଥିବା ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ଦୃଷ୍ଟିଗୋଚର ହୋଇଛି; ଯାହାକି ପ୍ରେସ୍ କାଉନ୍‌ସିଲ ଅଫ୍ ଇଣ୍ଡିଆର ଅସ୍ତିତ୍ୱ ଓ ମର୍ଯ୍ୟାଦାର କ୍ଷତି କରୁଛି। ଏଣୁ କେନ୍ଦ୍ର ସରକାରଙ୍କ ବିନା ଅନୁମତିରେ ଏହି ଶବ୍ଦକୁ ବ୍ୟବହାର କରିବା ଆଇନ ବିରୋଧ। ଯାହାକି ଚିହ୍ନ ଏବଂ ନାମରେ ଅନୁଚିତ ବ୍ୟବହାର ନିବାରଣ ନିୟମ ୧୯୫୦ ଅନୁସାରେ ଅବୈଧ। ଏହି ପରିପ୍ରେକ୍ଷୀରେ କୌଣସି ସ୍ଥାନୀୟ ସଂସ୍ଥା ବା ଅନୁଷ୍ଠାନ ପ୍ରେସ୍ କାଉନ୍‌ସିଲ ଓ ଭାରତୀୟ ପ୍ରେସ୍ ପରିଷଦ ନାମରେ ପଞ୍ଜୀକରଣ ବା ବ୍ୟବହାରକୁ ସର୍ବଦା ବାରଣ କରାଯାଇଛି। ଏହାକୁ ଉଲ୍ଲଂଘନ କରିଥିବା ବ୍ୟକ୍ତିବିଶେଷ ବା ଅନୁଷ୍ଠାନ, ସଂସ୍ଥା ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ପ୍ରାବଧାନ ରହିଛି। ଏ ଦିଗରେ ସମସ୍ତେ ସଚେତନ ହେବା ନେଇ ଡିଆଇପିଆର୍‌ଓ ମନୋଜ କୁମାର ବେହେରା ଜଣାଇଛନ୍ତି।

## ଟ୍ରେନ୍‌ରେ କଟି ଯୁବକ ମୃତ

କୋରାପୁଟ,୩୧।୫(ଅମିତାଭ ବେହେରା)-କୋରାପୁଟ ମାନବାର ନିକଟ ରେଳ ଧାରଣାରେ ଟ୍ରେନ୍‌ରେ କଟି ଜଣେ ଯୁବକଙ୍କ ଶନିବାର ମୃତ୍ୟୁ ହୋଇଛି। ମୃତକ ହେଲେ କୋରାପୁଟ ଖାଲସାହିର ଚୈତନ୍ୟ ମୁଦୁଲି(୨୮)। ସୂଚନା ଅନୁଯାୟୀ, ଶନିବାର ସକାଳୁ ଚୈତନ୍ୟ ଗାଧୋଇବାକୁ ମାନବାର ନିକଟ ଟ୍ରେନ୍ ଲାଇନ୍ କଡ଼ରେ ଥିବା ନାଳକୁ ଯାଉଥିଲେ। ଟ୍ରେନ୍ ଲାଇନ ପାର ହେଉଥିବା ବେଳେ ଏକ ଟ୍ରେନ ତାଙ୍କୁ ଧକ୍କା ଦେଇଥିଲା। ରେଲୱେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିଥିଲା। ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଯାଇଥିବା ବେଳେ ପୋଲିସ ୬/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଜିଆରପି ଥାନା ଏଏସଆଇ ଏସ୍.କେ ପାତ୍ର ଘଟଣାର ତଦନ୍ତ କରୁଥିବା ଥାନା ଅଧିକାରୀ ସନ୍ତୋଷୀ ମହନ୍ତ ସୂଚନା ଦେଇଛନ୍ତି।

## ନନ୍ଦପୁର-ଲମତାପୁଟ ସଂଯୋଗୀ ରାସ୍ତାରେ ଡ୍ରେନ୍ ନିର୍ମାଣ

ନନ୍ଦପୁର,୩୧।୫(ତୁଷାର କାନ୍ତ ମହାନ୍ତି)- ବର୍ଷା ପାଣିରେ ଧସେଇ ହୋଇଥିବା ନନ୍ଦପୁର-ଲମତାପୁଟ ସଂଯୋଗୀ ପୂର୍ତ୍ତବିଭାଗ ଅଧୀନ ନୂତନ ରାସ୍ତାର ମରାମତି ସହ ଡ୍ରେନ୍ ନିର୍ମାଣ କରାଯାଇଛି। ରାସ୍ତାର ଦୂରବସ୍ଥା ନେଇ ଖବର ପ୍ରକାଶିତ ହୋଇଥିଲା। ଏହା ପରେ ପଟ୍ଟାଙ୍ଗି ପୂର୍ତ୍ତ ବିଭାଗ ଡିଭିଜନ ସହକାରୀ ଯନ୍ତ୍ରୀ ଶରତ ପାତ୍ରଙ୍କ ପ୍ରତିଶ୍ରୁତି ମୁତାବକ ଠିକାଦାର ରାସ୍ତାର ମରାମତି ସହ ଏହାର ଅପର ପାର୍ଶ୍ୱରେ ବର୍ଷା ଜଳ ନିଷ୍କାସନ ପାଇଁ ଡ୍ରେନ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛନ୍ତି। ରାସ୍ତା ପାର୍ଶ୍ୱରେ ଜମି ସମତୁଲ କରି ପ୍ଲଟିଂ ବେଳେ ଜମି ମାଲିକମାନେ ରାସ୍ତା ଓ ନାଳ ନଷ୍ଟ ନ କରିବାକୁ ଯନ୍ତ୍ରୀ ପାତ୍ର ପରାମର୍ଶ ଦେଇଛନ୍ତି।

# ଚୋରା କାଠ ଜବତ, ଜଣେ ଗିରଫ


ଜବତ କାଠ ସହ ଗିରଫ ଅଭିଯୁକ୍ତ।

ଡାବୁଗାଁ, ୩୧।୫ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବନାଞ୍ଚଳ ଅଧୀନ ଜୁନାପାଣି ଗ୍ରାମ ନିକଟରେ ଏକ ନମ୍ବର ବିହୀନ ଟ୍ରାକ୍ଟରରେ କାଠ ଚାଲାଣବେଳେ ଶୁକ୍ରବାର ରାତିରେ ଡାବୁଗାଁ ବନ ବିଭାଗ ତାହାକୁ ଜବତ କରିଛି। ଏହି ଘଟଣାରେ ସମ୍ପୃକ୍ତ ଗିର୍ଲା ଗ୍ରାମର ଜଗନ୍ନାଥ ଭତ୍ରାଙ୍କୁ ଗିରଫ କରାଯାଇଛି। ଶନିବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

ସୂଚନାଯୋଗ୍ୟ, ଡାବୁଗାଁ ବନାଞ୍ଚଳ ଅଧୀନ ଦରଗୁଲା ଏକଟାଗୁଡ଼ା ଗ୍ରାମର ଏକ ବେସରକାରୀ ଜମିରୁ ଗିର୍ଲା ଗ୍ରାମର ଜଗନ୍ନାଥ ଭତ୍ରା କରଞ୍ଜ, ଗମ୍ଭାରୀ ଓ ଡିମିରି ଗଛ କାଟି ଏକ ନମ୍ବର ବିହୀନ ଟ୍ରାକ୍ଟରରେ ଗାଁକୁ ନେଉଥିଲେ। ଏହି ସମୟରେ ବନ ବିଭାଗ କର୍ମଚାରୀ ଚଢାଉ କରି କାଠ ଜବତ କରିଥିଲେ। ସେମାନେ ଟ୍ରାକ୍ଟରକୁ ଡାବୁଗାଁ ବନାଞ୍ଚଳ କାର୍ଯ୍ୟାଳୟକୁ ଆଣିଥିଲେ। ଜଗନ୍ନାଥ ଭତ୍ରାଙ୍କୁ ଗିରଫ କରାଯାଇଥିଲା। ଟ୍ରାକ୍ଟରରେ ଥିବା ୧୨ ସହ କି.ଗ୍ରା. କାଠ ଜବତ କରାଯାଇଛି, ଯାହାର ଆନୁମାନିକ ସରକାରୀ ମୂଲ୍ୟ ୧୮ ହଜାରରୁ ଉର୍ଦ୍ଧ୍ୱ ହେବ ବୋଲି ଭାରପ୍ରାପ୍ତ ବନାଞ୍ଚଳ ଅଧିକାରୀ ଉମାକାନ୍ତ ପଟ୍ଟନାୟକ କହିଛନ୍ତି। ଏହି ଚଢାଉରେ ବନରକ୍ଷୀ ଗୀତାରାଣୀ ବିଶ୍ୱାସରାୟ, କାର୍ତ୍ତିକ ମାଝି, ପାରା ଷ୍ଟାଫ କନି ନାୟକ ଓ ତ୍ରିନାଥ ବିଷୋୟୀ ପ୍ରମୁଖ ସାମିଲ ଥିଲେ। ଏନେଇ ବନାଞ୍ଚଳ କାର୍ଯ୍ୟାଳୟ କେସ୍ ନଂ. ୫୬/୨୦୨୫-୨୬ରେ ଏକ ମାମଲା ରୁଜୁ କରାଯାଇଛି।

# ଅଷ୍ଟଶମ୍ଭୁ କ୍ଷେତ୍ରରେ ଶିବ ବିବାହ, ଶୀତଳ ଷଷ୍ଠୀ ଉତ୍ସବ

**ଗୋଧୂଳି ଲଗ୍ନରେ ସମ୍ପନ୍ନ ହେଲା ବିବାହ**

ଜୟପୁର,୩୧।୫(ପବନ ପାଣିଗ୍ରାହୀ)


ମନ୍ଦିରରେ ଶିବବିବାହ ସହ ଶୀତଳ ଷଷ୍ଠୀ ପୂଜା କରାଯାଉଛି।

କୋରାପୁଟ ଜିଲା ଜୟପୁର ରାଜୁ ସାହି ପଞ୍ଚାନନ ଶୈବପୀଠ, ଅଷ୍ଟଶମ୍ଭୁ କ୍ଷେତ୍ରରେ ଶିବ ବିବାହ ଓ ଶୀତଳ ଷଷ୍ଠୀ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ମନ୍ଦିରର ପରମ୍ପରା ଅନୁସାରେ ପ୍ରଥମେ ମଙ୍ଗଳନ ଓ ପଞ୍ଚ ଦେବତା ପୂଜା କରାଯାଇଛି। ଗୋଧୂଳି ଲଗ୍ନରେ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଏଥିରେ ବରପିତା ଭାବେ ଅରୁଣ କୁମାର ମିଶ୍ର ଓ ମାତା ଇତିଶ୍ରୀ ମିଶ୍ର, କନ୍ୟା ପିତା ଭାବେ ପ୍ରଦୀପ ସାମନ୍ତରାୟ ଓ ମାତା ଭାବେ ସଂଯୁକ୍ତା ପାଢୀ ବିବାହ କରାଇଥିଲେ। ପ୍ରଥମେ ଶିବଙ୍କୁ ବାବା ବୈଦ୍ୟନାଥ ମନ୍ଦିରରୁ ପଟୁଆରରେ କୁଞ୍ଜବିହାରି ମନ୍ଦିରକୁ ନିଆଯାଇଥିଲା। ସେଠାରୁ ମନ୍ଦିରକୁ ନିଆଯାଇ ସେଠାରେ ଶିବଙ୍କ ବାଟବରଣ କରାଯାଇଥିଲା। ଏହା ପରେ ବିବାହ ବେଦିକୁ ନିଆଯାଇଥିଲା। ବାଜା, ଶଙ୍ଖ, ହୁଳହୁଳିରେ ମନ୍ଦିର ପରିସର ଚଳଚଞ୍ଚଳ ହୋଇଥିଲା। ପଞ୍ଚାନନ ଶୈବ ପୀଠରେ ଶୁକ୍ରବାର ମଙ୍ଗଳକୃତ୍ୟ ହୋଇଥିଲା। ଶନିବାର ଶିବ ବିବାହ ଓ ବିଶ୍ୱ କଲ୍ୟାଣ ଉଦ୍ଦେଶ୍ୟରେ ରୁଦ୍ରାଭିଷେକ କରାଯାଇଥିଲା। ରବିବାର ଶୀତଳଷଷ୍ଠୀ ଓ ଘୃତଯଜ୍ଞ କରାଯାଇ ସନ୍ଧ୍ୟା ୭ଟାରେ ପଞ୍ଚାନନ ମନ୍ଦିରରୁ ହଟକେଶ୍ୱର ମନ୍ଦିର ପର୍ଯ୍ୟନ୍ତ ଉମା ମହେଶ୍ୱରଙ୍କର ନଗର ପରିକ୍ରମା କରାଯିବା ନେଇ କମିଟି ସୂଚନା ଦେଇଛି। ଏଥିରେ ପୂଜା କମିଟି ସଦସ୍ୟ,ମନ୍ଦିର ମୁଖ୍ୟ ପୂଜକ ହରି ତ୍ରିପାଠୀ ଓ ସାହିବାସିନ୍ଦା ସହଯୋଗ କରିଥିଲେ। ବିବାହରେ ମନୋରଞ୍ଜନ ଦାଶ ଓ ସୁରେନ୍ଦ୍ର ମହାପାତ୍ର ପୁରୋହିତ କାର୍ଯ୍ୟ ତୁଲାଇଥିଲେ। କମିଟିର ନବ କୃଷ୍ଣ ରଥ, ଭାରତ ପଟ୍ଟନାୟକ, ଜଗନ୍ନାଥ ମିଶ୍ର, ଶ୍ୟାମଳ ପଟ୍ଟନାୟକ, ଅଲେଖ ପାତ୍ର, ଖଗପତି ଗୌଡ, ଦୁର୍ଗା ପ୍ରସାଦ ମିଶ୍ର,ବୈଦ୍ୟନାଥ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ପୁରୁଣାଗଡସ୍ଥିତ ନିଳକଣ୍ଠେଶ୍ୱର ମନ୍ଦିର, ମହାତ୍ମାଗାନ୍ଧି ରୋଡସ୍ଥିତ ହଟକେଶ୍ୱର ମନ୍ଦିରରେ ଶିବ ବିବାହ ହୋଇଛି।

# କେକେ ରେଳପଥରେ ଟ୍ରେନ୍ ଚଳାଚଳ ସ୍ୱାଭାବିକ

**୩୭ ବଗି ଲାଇନଚ୍ୟୁତ ଘଟଣା**

ନନ୍ଦପୁର,୩୧।୫(ତୁଷାର କାନ୍ତ ମହାନ୍ତି)

କୋତାବାଲସା-କିରାଣ୍ଡୁଳ(କେକେ) ରେଳପଥରେ ମାଲବାହୀ ଟ୍ରେନର ୩୭ ବଗି ଲାଇନଚ୍ୟୁତ ଘଟଣାରେ ଶନିବାର ଟ୍ରେନ୍ ଚଳାଚଳ ସ୍ୱାଭାବିକ ହୋଇଛି। ଶୁକ୍ରବାର ରାତି ସୁଦ୍ଧା ରେଳବଗି ଉଦ୍ଧାର ଓ ରେଳ ଧାରଣା ମରାମତି କାର୍ଯ୍ୟ ଶେଷ ହୋଇଛି। ଏହା ପରେ ପରୀକ୍ଷାମୂଳକ ମାଲବାହୀ ଚଳାଚଳ କରାଯାଇଥିଲା। ରେଳପଥରେ ଯାତାୟାତ କରିବାକୁ ଥିବା ସମସ୍ତ ମାଲବାହୀ ଟ୍ରେନ୍ ସ୍ୱାଭାବିକ ଯାତାୟାତ କରିଥିବା ବିଶାଖାପାଟଣା ଡିଆରଏମ୍‌ଙ୍କ କାର୍ଯ୍ୟାଳୟରୁ ସୂଚନା ମିଳିଛି। ରବିବାରଠାରୁ ଯାତ୍ରୀବାହୀ ଟ୍ରେନ୍ ଯାତାୟାତ କରିବ ବୋଲି ରେଳ ବିଭାଗ ଗୁଇନ୍ଦା ଅଧିକାରୀ ଡି. ବାଗ କହିଛନ୍ତି।

# ବିଭିନ୍ନ ଯୋଜନାରେ ଦୁର୍ନୀତି ଅଭିଯୋଗ

**ବ୍ଲକ୍ ଉପାଧ୍ୟକ୍ଷଙ୍କ ଖବରଦାତା ସମ୍ମିଳନୀ**

କୁନ୍ଦୁରା,୩୧।୫(ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ୍ ଉପାଧ୍ୟକ୍ଷ ରାଧାବିନୋଦ ସାମନ୍ତରାୟ, ଜିଲା ପରିଷଦ ସଭ୍ୟ କନକଲତା ପେଣ୍ଟିଆ ଏବଂ କୃଷକ କଲ୍ୟାଣ ମଞ୍ଚ ସମ୍ପାଦକ ନରେନ୍ଦ୍ର ପ୍ରଧାନ ଶନିବାର ବ୍ଲକରେ ହୋଇଥିବା ବିଭିନ୍ନ ଯୋଜନାରେ ଦୁର୍ନୀତିକୁ ନେଇ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଖେଳଉପକରଣ ବଣ୍ଟନ,ପଞ୍ଚାୟତଗୁଡିକରେ ଲାଗିଥିବା ଷ୍ଟ୍ରିଟ୍ ଲାଇଟ୍, କଂକ୍ରିଟ ଚେୟାର, ନୂତନ ପଞ୍ଚାୟତଗୁଡ଼ିକରେ ଯୋଗାଣ ସହାୟକ ନିଯୁକ୍ତି, ଆଇସିଡିଏସ୍ ଗୃହ ଭାଙ୍ଗିବା ଓ ନିର୍ମାଣରେ ଦୁର୍ନୀତିହେବା ସହ ଡାକ ବଙ୍ଗଳା ମରାମତି ଅଟକଳ ଅର୍ଥ ଅନୁସାରେ କାର୍ଯ୍ୟ ହୋଇ ନ ଥିବା ଅଭିଯୋଗ ହୋଇଥିଲା। ଘର ଡିହ ପଟ୍ଟା ନ ଥିଲେ ହିତାଧିକାରୀ ଆବାସ ଯୋଜନା ସୁବିଧା ପାଇବେ ନାହିଁ ବୋଲି ଲୋକଙ୍କୁ ବିଭ୍ରାନ୍ତ କରାଯାଉଥିବା ଅଭିଯୋଗ କରାଯାଇଛି। ପୂର୍ବରୁ ୮୦୦ରୁ ଊର୍ଦ୍ଧ୍ୱ ଆବାସ ଅଧାପନ୍ତରିଆ ଥିବା, ଖାଉଟି ସାମଗ୍ରୀ ଓ ଭତ୍ତା ବଣ୍ଟନରେ ଦୁର୍ନୀତି ହୋଇଥିବା ଜିଲା ପରିଷଦ ଉପାଧ୍ୟକ୍ଷ ଅଭିଯୋଗ କରିଛନ୍ତି। ବିଡିଓ କପିଳେଶ୍ୱର ତାଣ୍ଡିଙ୍କ ଦ୍ୱାରା ବିଭିନ୍ନ ଉନ୍ନୟନମୂଳକ ଯୋଜନା ବାଟମାରଣା ହୋଇଥିବା ଅଭିଯୋଗ ଆଣିଛନ୍ତି। ୨୦୨୩-୨୪ ଆର୍ଥିକ ବର୍ଷରେ ପଞ୍ଚାୟତସ୍ତରକୁ ଯୁବବର୍ଗଙ୍କ ପାଇଁ ଖେଳ ଉପକରଣ ବାବଦକୁ ୨ଲକ୍ଷ ୫୦ ହଜାର ଟଙ୍କା ଅନୁଦାନ ଆସିଥିବା ସତ୍ତ୍ୱେ ୨ ବର୍ଷ ବିତିଥିଲେ ସୁଦ୍ଧା ଅଧିକାଂଶ ପଞ୍ଚାୟତରେ ବଣ୍ଟନ ହୋଇ ନ ଥିବା ଏବଂ କେତେକ ସ୍ଥାନରେ ନିମ୍ନମାନର ଉପକରଣ ଦେଇ ବଳକା ଅର୍ଥ ଆତ୍ମସାତ୍ କରାଯାଇଥିବା ଅଭିଯୋଗ କରିଛନ୍ତି।

ବ୍ଲକରେ ୧୬ରୁ ଡ଼ଙ୍ଗରପାଉଁସି, ଫୁପୁଗାଁ, ଭୁଷାଙ୍ଗଗୁଡା, କେରିମିଟି, ମାସିଗାଁ ଏବଂ ଫୁଲଭଟ୍ଟା ଆଦି ୬ ପଞ୍ଚାୟତରେ ଖେଳ ଉପକରଣ ଦେଇଥିବା ଦର୍ଶାଇ ପିଇଓ ଏବଂ ସରପଞ୍ଚଙ୍କୁ ଖେଳ ସାମଗ୍ରୀ ନ ଦେଇ କାଗଜପତ୍ରରେ ଦେଇଥିବା ଦର୍ଶାଇଯାଇଥିବା ଅଭିଯୋଗ ହୋଇଛି। ତତ୍କାଳୀନ ସରକାରଙ୍କ ସମୟରେ ମଞ୍ଜୁର ହୋଇଥିବା ଉନ୍ନୟନମୂଳକ ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଏବଂ ବିଡିଓ ମିଶି ସରକାରୀ ପ୍ରକଳ୍ପ କାର୍ଯ୍ୟକୁ ଫେରାଇ ଦେଇଥିବା କୁହାଯାଇଛି। ଅନେକ ଉନ୍ନୟନମୂଳକ ଯୋଜନା ନେଇ ପଞ୍ଚାୟତ ସମିତି ବୈଠକରେ ଆଲୋଚନା କରାଯାଉ ନାହିଁ, କି ଜନପ୍ରତିନିଧିଙ୍କୁ ସୂଚନା ଦିଆଯାଉନାହିଁ। ଲକ୍ଷ୍ମୀ ବସ୍ତ୍ରାଣ୍ଡ କରିବାରେ ମଧ୍ୟ କେତେକ ଯନ୍ତ୍ରୀ ଦୁର୍ନୀତି କରିଥିବା ସୂଚନା ରହିଛି। ଏ ନେଇ ଦୁର୍ନୀତି ନିବାରଣ କାର୍ଯ୍ୟାଳୟକୁ ସୋମବାର ଜଣାଯିବ ବୋଲି ଉପାଧ୍ୟକ୍ଷ ଗଣମାଧ୍ୟମକୁ କହିଛନ୍ତି। କ୍ୱାର୍ଟର୍ସ ତିଆରି ପାଇଁ ଆସିଥିବା ୭୬ଲକ୍ଷ ଟଙ୍କା ମରାମତି ଆଳରେ ହରିଲୁଟ୍ କରାଯାଇଥିବା ବରିଷ୍ଠ ନେତା ନରେନ୍ଦ୍ର ପ୍ରଧାନ କହିଛନ୍ତି। କୋରାପୁଟ ଜିଲା ପରିଷଦ ପକ୍ଷରୁ ଅତିଥି ଭବନ ନିର୍ମାଣ ପାଇଁ ୧୦ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ବେଳେ ଏହାକୁ ତରବରିଆ ଭାବେ କରି ବିଲ କରାଯାଇଥିବା କୁହାଯାଇଛି। ଏହି ସମସ୍ତ ଘଟଣାର ତଦନ୍ତ ପାଇଁ ଜୟପୁର ଭିଜିଲାନ୍ସ ଏସ୍‌ପିଙ୍କୁ ଭେଟି ତଥ୍ୟ ସହ ଅଭିଯୋଗ କରାଯିବ ବୋଲି ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ବ୍ଲକର ପ୍ରତି ବୈଠକରେ ଆମେ ଉପସ୍ଥିତ ରହୁଥିବା ବେଳେ କୌଣସି ଯୋଜନା ତଥା ପ୍ରକଳ୍ପ ଉପସ୍ଥାପନା କରାଯାଉ ନ ଥିବା ସେମାନେ କହିଛନ୍ତି। ଏ ନେଇ ଜିଲା ପରିଷଦ ବୈଠକରେ ମଧ୍ୟ ଅଭିଯୋଗ କରାଯାଇଛି।

# ୩ ଜଣଙ୍କୁ ତମାଖୁ ବର୍ଜନ ନେଇ ପ୍ରବର୍ତ୍ତାଇବାକୁ ଆହ୍ୱାନ

**ବିଶ୍ୱ ତମାଖୁ ବର୍ଜନ ଦିବସ**

**ବର୍ଷକରେ ୨୮ ସ୍ଥାନରେ ଚଢ଼ାଉ, ୨୬୨୧୦ଟଙ୍କା ଆଦାୟ**

କୋରାପୁଟ,୩୧।୫(ଅମିତାଭ ବେହେରା)



ବୈଠକରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

କୋରାପୁଟସ୍ଥିତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟର ସମ୍ମିଳନୀ ଗୃହରେ ବିଶ୍ୱ ତମାଖୁ ବର୍ଜନ ଦିବସ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏପିଡୋମିଲୋଜିଷ୍ଟ ବସନ୍ତ କୁମାର ସ୍ୱାଇଁଙ୍କ ପରିଚାଳନାରେ କୋରାପୁଟ ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ ଡ.ନୀଳମାଧବ ଶତପଥୀ ଯୋଗଦେଇଥିଲେ। ସମସ୍ତେ ଅତି କମ୍‌ରେ ତମାଖୁ ଖାଉଥିବା ୩ଜଣଙ୍କୁ ତମାଖୁ ବର୍ଜନ କରିବାକୁ ପ୍ରବର୍ତ୍ତାଇବା ପାଇଁ ଶପଥ ନେବାକୁ ଆହ୍ୱାନ ଦିଆଯାଇଥିଲା। ଜିଲା ସ୍ୱାସ୍ଥ୍ୟ ବିଭାଗର ମୁଖପାତ୍ର ତଥା ଏଡିପିଏଚ୍‌ଓ ଡ.ମୁକ୍ତିକାନ୍ତ ଖଟୁଆ ତମାଖୁର ବିକ୍ରି ଓ ସେଗୁଡ଼ିକର ବିଜ୍ଞାପନ ପାଇଁ ପ୍ରଣୀତ ନୂତନ କୌଶଳର ପର୍ଦ୍ଦାଫାଶ କରିବା ସହ ତମାଖୁ ବର୍ଜନ ପାଇଁ ସଚେତନତା ସୃଷ୍ଟି କରିବା ନେଇ ଗୁରୁତ୍ୱ ଦିଆଯାଇଥିଲା। ଗୁଟ୍‌ଖା ଓ ଧୂମପାନ ସେବନରୁ ନିଜ ସହ ଅନ୍ୟକୁ ବିରତ ରହିବାକୁ ପରାମର୍ଶ ଦେବାକୁ ଆହ୍ୱାନ ଦେଇଥିଲେ। ୨୦୨୪-୨୫ରେ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜିଲାରେ ବେଆଇନ ଭାବେ ବିକ୍ରି କରାଯାଉଥିବା ୨୮ଟି ସ୍ଥାନରେ ଚଢ଼ାଉକରି ୨୨୭ଟି ବ୍ୟବସାୟ ପ୍ରତିଷ୍ଠାନ ନାଁରେ ଇ-ଚାଲାଣ ଓ ଜରିମାନା ବାବଦରେ ୨୬ହଜାର ୨୧୦ଟଙ୍କା ଆଦାୟ ହୋଇଥିଲା। ଜିଲାର ୧୦୯ ଶିକ୍ଷା ଅନୁଷ୍ଠାନରେ ତମାଖୁ ମୁକ୍ତ କରାଯିବା ନେଇ ଅଧ୍ୟାପକ ଓ ଶିକ୍ଷକମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିବା ଖଟୁଆ ସୂଚନା ଦେଇଥିଲେ। ବୈଠକରେ ସ୍ୱାସ୍ଥ୍ୟ ବିଭାଗର ଏନ୍‌ସିଡି ସହକାରୀ ମ୍ୟାନେଜର ଚନ୍ଦ୍ର ପ୍ରତାପ ଲୋଧ୍, ଏଡିପିଏଚ୍ ସହକାରୀ ଇନ୍‌ଚାର୍ଜ ହରିଶ ଚନ୍ଦ୍ର ପ୍ରଧାନ, ବିଭାଗୀୟ ଅଧିକାରୀ, ଆଶାକର୍ମୀ, ଅଙ୍ଗନୱାଡ଼ି କର୍ମୀ ଓ ନର୍ସମାନେ ଉପସ୍ଥିତ ଥିଲେ। ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ୬ଜଣ ନର୍ସ ଓ ଛାତ୍ରୀମାନଙ୍କୁ ମୁଖ୍ୟ ଅତିଥି ଟ୍ରଫି ଓ ପ୍ରମାଣପତ୍ର ସହ ସମ୍ମାନିତ କରିଥିଲେ।

# ରିଲାଏନ୍ସ ଡିଜିଟାଲର 'ବୁଟ୍ ଅପ୍ ଇଣ୍ଡିଆ' ସେଲ୍

ଭୁବନେଶ୍ୱର,୩୧।୫ (ଅଭୟ ଦାଶ)

ରିଲାଏନ୍ସ ଡିଜିଟାଲର ବହୁ ପ୍ରତୀକ୍ଷିତ ଅଫର ତଥା ସବୁଠାରୁ ବଡ଼ ଲାପଟପ୍ ସେଲ୍ 'ବୁଟ୍ ଅପ୍ ଇଣ୍ଡିଆ' ର ଶୁଭାରମ୍ଭ ଶନିବାରଠାରୁ ସର୍ବଭାରତୀୟସ୍ତରରେ ଆରମ୍ଭ ହୋଇଯାଇଛି। ଏହା କେବଳ ଏକ ସେଲ୍ ନୁହେଁ, ବୁଟ୍ ଅପ୍ ଇଣ୍ଡିଆ ହେଉଛି ଏକ ଶକ୍ତିଶାଳୀ ମିଶନ ବା ଏକ ଅଭିଯାନ। ଅପରପକ୍ଷରେ ଆଜିର ଛାତ୍ରଛାତ୍ରୀମାନଙ୍କୁ ଆସନ୍ତାକାଲିର ଅବସର ପାଇଁ ପ୍ରସ୍ତୁତ କରିବା ଏବଂ ସେମାନଙ୍କୁ ସଶକ୍ତ କରିବା ହେଉଛି ଏହି ପଦକ୍ଷେପର ମୂଳ ଉଦ୍ଦେଶ୍ୟ। ଏହି ଅଫର (ସେଲ) ୨୦୨୫ ଅଗଷ୍ଟ ୩୧ ପର୍ଯ୍ୟନ୍ତ ଉପଲବ୍ଧ। ସେହିଭଳି ଶନିବାରଠାରୁ ଆରମ୍ଭ ହୋଇଥିବା ବୁଟ୍ ଅପ୍ ଇଣ୍ଡିଆ ସେଲକୁ କେବଳ ଏକ ଶପିଙ୍ଗ୍ ଇଭେଣ୍ଟ ଭାବେ ନୁହେଁ ବରଂ ଭାରତର ପରବର୍ତ୍ତୀ ପିଢ଼ିର ନେତା, ସୃଷ୍ଟିକର୍ତ୍ତା ଏବଂ ନବସୃଜନକାରୀଙ୍କ ପାଇଁ ଏକ ପ୍ରକୃତ ଲଞ୍ଚପ୍ୟାଡ୍ ଭାବେ ପ୍ରସ୍ତୁତ କରାଯାଇଛି। ଅପରପକ୍ଷରେ ବୁଟ୍ଅପ୍ ଇଣ୍ଡିଆ ସେଲ୍ ରିଲାଏନ୍ସ ଡିଜିଟାଲ ଏବଂ ମାଇ ଜିଓ ଷ୍ଟୋର ଏବଂ reliancedigital.in ରେ ଆକର୍ଷଣୀୟ ଅଫର ସହ ଉପଲବ୍ଧ ରହିଛି। ଉଲ୍ଲେଖଯୋଗ୍ୟ, ଲାପଟପ୍, ଆକ୍ସେସରିଜ୍ ଏବଂ ଅନ୍ୟାନ୍ୟ ଆଇଟି ଆବଶ୍ୟକ ସାମଗ୍ରୀର ଆକର୍ଷଣୀୟ ମୂଲ୍ୟ ସହ ବୁଟ୍ ଅପ୍ ସେଲ୍ ଅବିଶ୍ୱସନୀୟ ପୁରସ୍କାରରେ ପରିପୂର୍ଣ୍ଣ ରହିଛି। ସେହିପରି ଭାରତୀୟ ଛାତ୍ରମାନଙ୍କ ପାଇଁ ପ୍ରାୟ ୧ କୋଟିର ଛାତ୍ର ବୃତ୍ତି ଏବଂ ୨୫ଟି କାର, ୪୦ ଟି ବାଇକ୍ ଏବଂ ୪୫୦ ରୁ ଅଧିକ ଇଲେକ୍ଟ୍ରୋନିକ୍ ଉତ୍ପାଦ ଜିତିବାର ସୁଯୋଗ ରହିଛି। ଏପରିକି ପ୍ରତି ଗ୍ରାହକଙ୍କ ପାଇଁ ନିଶ୍ଚିତ ଉପହାର ଓ ପ୍ରତ୍ୟେକ କ୍ରୟକୁ ପୁରସ୍କାର ଯୋଗ୍ୟ କରିଥାଏ। ଏହି ସେଲ୍‌ରେ ବ୍ୟାଙ୍କ ଅଫର ଏବଂ କ୍ୟାଶ୍‌ବ୍ୟାକ୍ ଅନ୍ତର୍ଭୁକ୍ତ ରହିଛି।ବୁଟ୍ ଅପ୍ ଇଣ୍ଡିଆ ହେଉଛି ଏକ ସମନ୍ୱିତ ଅଭିଯାନ, ଯାହା ଇନ୍-ଷ୍ଟୋର ସକ୍ରିୟକରଣ, ସୋସିଆଲ ମିଡ଼ିଆ ଯୋଗାଯୋଗ ଏବଂ ବିଭିନ୍ନ କ୍ଷେତ୍ରରେ ନିୟୋଜିତ କାର୍ଯ୍ୟକଳାପ ସହ କାର୍ଯ୍ୟ କରିଥାଏ। ଏହି ଅଭିଯାନ ରିଲାଏନ୍ସ ଡିଜିଟାଲର ସମ୍ଭାବନାକୁ ପୋଷଣ କରିବା ଏବଂ ପ୍ରଯୁକ୍ତି ବିଦ୍ୟାକୁ ଅଧିକ ସୁଗମ କରିବା ପ୍ରତି ପ୍ରତିବଦ୍ଧତାକୁ ଦର୍ଶାଇଥାଏ। ଆପଣ କଲେଜ ପାଇଁ ପ୍ରସ୍ତୁତ ହେଉଥିବା ଛାତ୍ର, ଆପଣଙ୍କ ପିଲାର ଭବିଷ୍ୟତରେ ନିବେଶ କରୁଥିବା ପିତାମାତା, ଉତ୍ପାଦକତା ପାଇଁ ଡିଭାଇସ ଅପ୍‌ଗ୍ରେଡ୍, ଉଚ୍ଚ କାର୍ଯ୍ୟଦକ୍ଷତା ପକ୍ଷରେ ପଡୁଥିବା ଗେମର, ସୃଜନଶୀଳ ସୀମାକୁ ଆଗକୁ ନେଉଥିବା ଜଣେ ସୃଷ୍ଟିକର୍ତ୍ତା ହୁଅନ୍ତୁ କିମ୍ବା ଡିଜିଟାଲ ଦୁନିଆକୁ ଅନୁସନ୍ଧାନ କରୁଥିବା ଜଣେ ବରିଷ୍ଠ ବ୍ୟକ୍ତି, ଆପଣଙ୍କ ପାଇଁ ଏକ ଲାପଟପ୍ ଅଛି, ଆସନ୍ତୁ ଏବଂ ବୁଟ୍ ଅପ୍ ଇଣ୍ଡିଆ ସେଲ୍‌ର ଲାଭ ଉଠାନ୍ତୁ ଏବଂ ଆପଣଙ୍କର ସ୍ୱପ୍ନକୁ ସାକାର କରନ୍ତୁ ଏହା କେବଳ ଏକ ବିକ୍ରୟ ନୁହେଁ, ଏହା ଭବିଷ୍ୟତ ପାଇଁ ଆପଣଙ୍କର ଲଞ୍ଚ ପ୍ୟାଡ୍ ବୋଲି ଭାବି ନିଅନ୍ତୁ।




# ଏନ୍ଏସ୍ଇ ଏମର୍ଜ ପ୍ଲାଟ୍‌ଫର୍ମରେ ବିଡବ୍ଲ୍ୟୁଏଲ୍

ଭୁବନେଶ୍ୱର,୩୧।୫: ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଅଗ୍ରଣୀ ପରିବହନ ଷ୍ଟାର୍ଟଅପ୍ କମ୍ପାନୀ ବ୍ଲୁ ୱାଟର ଲଜିଷ୍ଟିକ୍ସ (ବିଡବ୍ଲ୍ୟୁଏଲ୍)କୁ ନିକଟରେ ଆଉ ଏକ ସଫଳତା ମିଳିଛି। ଏପରିକି କମ୍ପାନୀର ଉଲ୍ଲେଖନୀୟ ଅଭିବୃଦ୍ଧି ସହ ୨୦୨୫ ଜୁନ୍ ୩ ରେ ଏନ୍ଏସ୍ଇ ଏମର୍ଜ ପ୍ଲାଟ୍‌ଫର୍ମରେ ତାଲିକାଭୁକ୍ତ ହେବାକୁ ଯାଉଛି। କମ୍ପାନୀର ଇନିସିଆଲ ପବ୍ଲିକ ଅଫର୍ (ଆଇପିଓ)ର ବିଡ଼ ତୃତୀୟ ଦିବସ ପର୍ଯ୍ୟନ୍ତ ୯.୭୬ ଗୁଣ ସବସ୍କ୍ରାଇବ କରାଯାଇଛି, ଯାହା ୨୫୩.୯୧ କୋଟି ଟଙ୍କାର ବିଡ୍ ହାସଲ କରିଛି। ଅପରପକ୍ଷରେ କମ୍ପାନୀ ଆଇପିଓରୁ ୪୦.୫ କୋଟି ଟଙ୍କା ଉଠାଇବାକୁ ଲକ୍ଷ୍ୟ ରଖିଥିଲା।

## OFFICE OF THE PRINCIPAL, BHADRAK HIGHER SECONDARY SCHOOL, BHADRAK

**Letter No. 1557/Date 29.05.2025**

**ADVERTISEMENT FOR ENGAGEMENT OF GUEST FACULTIES IN DIFFERENT SUBJECTS FOR THE SESSION 2025-26**

**No.CAD-590** : Eligible candidates are invited to report for engagement of Guest faculties in different subjects in Bhadrak Higher Secondary School, Bhadrak for the session 2025-26 as per the following schedule, Selection of candidates, period of engagement and payment of remuneration shall be as per the Government guidelines, issued vide letter No. 6819, dt. 28.05.2025. Candidates are required to report with all Original Testimonials / Documents along with one set of self-attested photocopies in support of their qualification, Computer Knowledge and experiences. Candidates are instructed to visit college website at, www.bhadrakcollege.ac.in for detail information/Guidelines.

**Interview Schedule**

| Sl. No. | Date of Interview | Reporting time | Venue | Subjects |
|---|---|---|---|---|
| 01 | 17.06.2025 | 10.00 A.M. to 2.00 P.M. | Concerned Department | English, Odia, Sanskrit, Hindi, Urdu, Economics, Pol. Sc, Logic, History, Sociology, Statistic, Education, Psychology, Commerce, Physics, Chemistry, Botany, Zoology |

OIPR-11028/11/0012/2526 Sd./ Principal, Bhadrak H.S. School, Bhadrak

# ଆଦାନୀ ପୋର୍ଟ୍ସକୁ ବଡ଼ ସଫଳତା

ଭୁବନେଶ୍ୱର,୩୧।୫

ଆଦାନୀ ପୋର୍ଟ ଆଣ୍ଡ ସ୍ପେଶାଲ ଇକୋନୋମିକ୍ ଜୋନ୍ ଲିମିଟେଡ୍ (ଏପିଏସ୍ଇଜେଡ୍)କୁ ନିକଟରେ ଏକ ବଡ଼ ସଫଳତା ମିଳିଛି। ଏପରିକି କମ୍ପାନୀ ୧୫ ବର୍ଷର ଏକ ନନ୍-କନ୍‌ଭର୍ଟିବଲ୍ ଡିବେଞ୍ଚର (ଏନ୍‌ସିଡି) ମାଧ୍ୟମରେ ସଫଳତାର ସହ ୫,୦୦୦ କୋଟି ଟଙ୍କା ସଂଗ୍ରହ କରିଛି। ଏପିଏସ୍ଇଜେଡ୍‌ର ଦୃଢ଼ ଆର୍ଥିକ ଏବଂ ପ୍ରତିଯୋଗିତାମୂଳକ କ୍ରେଡିଟ୍ ରେଟିଂରେ ଏଏଏ-ଷ୍ଟାବୁଲ ହାର ୭.୭୫% ପ୍ରତି ବର୍ଷ ଦ୍ୱାରା ସମର୍ଥିତ ଏବଂ ଏଲ୍ଆଇସି ଦ୍ୱାରା ସମ୍ପୂର୍ଣ୍ଣ ଭାବେ ସବ୍‌ସ୍କ୍ରାଇବଡ୍ ହୋଇଛି। ଡିବେଞ୍ଚରଗୁଡ଼ିକ ବିଏସ୍ଇରେ ତାଲିକାଭୁକ୍ତ ହେବ। ଏହି ଇସ୍ୟୁ ଆକର୍ଷଣୀୟ ମୂଲ୍ୟରେ ବିବିଧ ଉଚ୍ଚ ଦୀର୍ଘକାଳୀନ ପୁଞ୍ଜି ପ୍ରତି ଏପିଏସ୍ଇଜେଡ୍‌ର ଗଭୀର ପ୍ରବେଶକୁ ଦର୍ଶାଉଛି ଏବଂ ଏପିଏସ୍ଇଜେଡ୍‌ର ଋଣ ପରିପକ୍ୱତା ପ୍ରୋଫାଇଲକୁ ଉଲ୍ଲେଖନୀୟ ଭାବେ ବୃଦ୍ଧି କରିଛି। ଏହି କାରବାର ଆଜି ପର୍ଯ୍ୟନ୍ତ ଏହାର ଦୀର୍ଘତମ ଅବଧି ଜାରି ପାଇଁ ଘରୋଇ ବଜାରରେ ଏପିଏସ୍ଇଜେଡ୍‌ର ପ୍ରବେଶକୁ ହାଇଲାଇଟ୍ କରିଛି ଏବଂ ଭାରତୀୟ ପୁଞ୍ଜିବଜାର ଇତିହାସରେ ସବୁଠାରୁ ଦୀର୍ଘତମ ମଧ୍ୟରୁ ଗୋଟିଏ ବୋଲି କୁହାଯାଉଛି। ଏହି ଆୟ ଏପିଏସ୍ଇଜେଡ୍‌ର ୟୁଏସ୍ ଡଲାର ବଣ୍ଡର ପ୍ରସ୍ତାବିତ କ୍ରୟ ବ୍ୟାକ୍ ପାଇଁ ପାଣ୍ଠି ଯୋଗାଇବ, ଯାହା ୨୦୨୫ ମେ ୩୧ରେ ବୋର୍ଡ ଅନୁମୋଦନ ପାଇଁ ପଡ଼ିରହିଛି।

## GOVERNMENT OF ODISHA
## OFFICE OF THE DIVISIONAL FOREST OFFICER : REDHAKHOL DIVISION

Email ID : dfo.redhakhol@odisha.gov.in

**Notice No.04 of 2025-26, Date. 28.05.2025**

**WALK IN INTERVIEW ON DATE 10.06.2025**

**No.MM-** : Redhakhol Forest Division requires qualified candidates with Graduation in any stream from a recognized university with additional desirable qualification such as soft skills like job-specific problem-solving ability for temporary engagement as one **(1) Data Entry Operator. The Walk- in interview** is scheduled on **Date.10.06.2025, 10:00 A.M.** at Conference Hall of Redhakhol Forest Division. The application form along with detail terms and conditions shall be available on the website https://sambalpur.odisha.gov.in / www.odishaforest.in from date 28.05.2025.

I would request you to kindly make necessary arrangement for publication of the same at least in two leading Odia Daily News Paper and one English Newspaper of National Presence as detailed in the Advertisement Notice fixed to dated **29.05.2025**.

The concerned Advertisement Manager may kindly be requested to send complimentary copy of the newspapers containing the Advertisement to the undersigned immediately after its publication.

An early action in this regard is requested.

Encl: As above.

Sd./- Divisional Forest Officer, Redhakhol Forest Division

OIPR-08146/11/0020/2526

See Career Appointment on every Wednesday & Saturday

## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, PURI

**(WALK-IN-INTERVIEW) FOR IN-HOUSE TRANSFER**

No. E-128

**Advt. No : 2039 /DPMU** **Dt: 29.05.2025**

Interested candidates may attend the **In-House transfer Walk-in-interview** of the following positions under In-House transfer of NHM contractual employees.

| Sl No | Name of the Post | Vacancy | Walk-In-Interview |
|---|---|---|---|
| 01 | AYUSH MO SEBC-3 : (Ayurvedic-2 & Homeopathic-1) | 03 | 09.06.2025 (10.00 AM) |
| 02 | AYUSH MO MHT-RBSK, (Ayurvedic- UR- Male-1) | 01 | |
| 03 | Pharmacist-cum-Logistic Assistant | 01 | |
| 04 | Physiotherapist-IPU | 03 | |
| 05 | NRC Counsellor | 01 | |
| 06 | Data Asst. Cum-Accountant | 01 | |
| 07 | Staff Nurse/ANM MHT-RBSK (ST-1, UR-1 & SEBC-1) | 03 | |

The application format and details are available in the website **https://puri.odisha.gov.in** .

-Sd-

Chief District Medical & Public Health Officer, Puri

OIPR-10021/11/0018/2526

## THE ODISHA STATE POLICE HOUSING & WELFARE CORPORATION LTD.

(A Government of Odisha Undertaking)

JANAPATH, BHOINAGAR, BHUBANESWAR-22

**No.CAD-591** Ph:0674-2541545, 2542921

E-mail: ophwc.od@nic.in, Website:www.ophwc.com/www.ophwc.nic.in

e-Procurement Notice No.04/OPHWC/2025-26

## INVITATION FOR BIDS (IFB)

**The Chief Engineer (OSPH&WC), Odisha, Bhubaneswar invites Percentage rate bid in Double Cover System in ONLINE MODE only, for the works as detailed below:**

| | | |
|---|---|---|
| 1 | Nature of Work | Building Works |
| 2 | No. of Works | 24 Nos. |
| 3 | Value of Tender | Rs.58.04 Lakh to Rs.780.22 Lakh |
| 4 | Class of Contractor | 'B' Class to 'Spcl' Class |
| 5 | Cost of Bid document (To be paid online) | Rs.11,800.00 |
| 6 | Availability of Bid documents in the website | Dt.03.06.2025 to Dt.19.06.2025 upto 5.00 P.M. |
| 7 | Last date/time of Receipt of Bids in the Portal | Dt.19.06.2025 upto 5.00 P.M. |
| 8 | Date of Opening Bid | Dt.20.06.2025 at 10.30 A.M. |
| 9 | Date of Technical Presentation (among qualified bidders only) | Date & Time will be notified after opening of the Technical Bid |
| 10 | * The Bidders have to participate in ONLINE bidding only. Further details can also be seen from the website: https://tendersodisha.gov.in. Any addendum/ corrigendum/cancellation of tender shall not be published in Newspaper and can only be seen in the said website.* The Authority reserves the right to reject any or all bids and terminate the tender process without assigning any reason thereof. | |

**Sd./- Chief Engineer (OSPH&WC)**

**N.B.: The quoted rate should be all inclusive but excluding G.S.T. as applicable Under works contract.**

OIPR-12025/11/0034/2526

## GOVERNMENT OF ODISHA
## OFFICE OF THE DIVISIONAL FOREST OFFICER : REDHAKHOL DIVISION

Near Block Office, Redhakhol Post, Sambalpur District, Odisha, Pin-768106, Email ID : dfo.redhakhol@odisha.gov.in

**Notice No. 03 Dated. 29.05.2025**

**Walk-in Interview for GIS Expert**

**(Temporary Position)**

**No.MM-65** : The Divisional Forest Office, Redhakhol Forest Division intends to engage **One GIS Expert** for the Site-Specific Wildlife Conservation Plan Project.

Interested candidates are requested to bring three copies of their Biodata, a duly signed application in the prescribed format, and supporting documents to Divisional Forest Office, Redhakhol Forest Division on **13th June 2025 at 10.00 AM for the interview**.

Detail ToR / Application form for the post can be seen/ downloaded from the Official website at https://sambalpur.odisha.gov.in / www.odishaforest.in.

Sd./- Divisional Forest Officer, Redhakhol Forest Division

OIPR-08146/11/0018/2526

## OFFICE OF THE DIVISIONAL FOREST OFFICER, BRAHMAPUR DIVISION

At-Courtpeta, Brahmapur-760004, Tel. /FAX-0680-2281354, Mob-7653908594, E.mail-dfobhmpr@yahoo.co.in

**No.03/01F-/2025,**

**Dated, Brahmapur the 28th, May 2025**

**Tender Call Notice for Supply of Tree Guard (Bamboo Gabion)**

**No.MM-33** : Sealed Tenders are invited from reputed Registered Dealer / Manufacturer / Individuals for supply of good quality Tree Guard (Bamboo Gabion) of Size 6 feet X 4 feet for use in Avenue Plantations to be taken up in Brahmapur Forest Division, under various schemes during the current financial year 2025-26. The tender application form can be obtained from the O/o the D.F.O, Brahmapur Division on any working day from **10.00 A.M. to 05.00 P.M.** during **30.05.2025 to 13.06.2025** on payment of **Rs.10,000/-** (Rupees Ten Thousand) only or in shape of Non-refundable Demand Draft drawn in favour of the Divisional Forest Officer, Brahmapur Division. The tender documents may be downloaded from the website www.odishaforest.in./ganjam.nic.in. Sample of the Tree Guard (Bamboo Gabion) should be submitted along with the Tender document. The last date of submission of sealed tender is **13.06.2025 up to 05.00 P.M.** The Technical bids shall be opened **at 02.00 P.M. of 16.06.2025** in presence of the bidder (s) or their authorized representative in the office of the undersigned. The undersigned reserves the right to reject any or all tender without assigning any reasons thereof.

Sd./- Divisional Forest Officer, Berhampur Division

OIPR-08038/11/0039/2526

## OFFICE OF THE DIVISIONAL FOREST OFFICER, ANGUL DIVISION

At/Po- ANGUL, Dist- ANGUL, Odisha-759122, E-mail ID- dfoangul@gmail.com, dfo.angul@odisha.gov.in, Phone No-9938022883

Office Order No. 215 /1F-Accounts/2025-26

Dated Angul the 28th May, 2025

**TENDER CALL NOTICE FOR HIRING VEHICLE**

**No.MM-61** : Sealed tenders are invited from interested Reputed Travel Agencies/ Tour Operators or private individuals to provide approximately 27 (Twenty Seven) Nos. of Vehicle (BS VI compliant Diesel driven AC/ Non-AC) vehicles, which shall conform to the Terms and Conditions (Annexure-III) for official use at different Ranges(Details of the vehicles to be engaged is in - Annexure-V) under Angul Forest Division on monthly rent basis to reach in the O/o the Divisional Forest Officer, Angul Forest Division, on or before **12.06.2025** up to **5.00 P.M.** through Registered/ Speed Post/Courier Service and can also be dropped in the Tender Box placed in the Office of the Divisional Forest Officer, Angul Forest Division. The tenders will be opened in the same office on **13.06.2025** at **11.30 A.M.** The Standard Bidding Document and Terms and Conditions can be downloaded from https://angul.odisha.gov.in, https://odishaforest.in and also can be obtained from the Office of the Divisional Forest Officer, Angul Forest Division, Angul from **29.05.2025** to **12.06.2025** during office hours.

Sd./- Divisional Forest Officer, Angul Forest Division

OIPR-08027/11/0024/2526

## KASTURBA GANDHI BALIKA VIDYALAYA (KGBV Type-IV)
## ODISHA ADARSHA VIDYALAYA SAHARPADA, KEONJHAR

AT/PO/-SAHARPADA, PS- PATNA, BLOCK- SAHARPADA, DIST- KEONJHAR, PIN- 758016

**Advertisement No : OAVS/2025/03** **Date: 30.05.2025**

**TENDER CALL NOTICE**

**No.n-57** : Sealed tenders are invited from registered supplier/ firms having own sale counter, valid GST, PAN & IT certificates for supply of recurring/non-recurring items/ articles for KGBV Type-IV Girls Hostel of OAV Saharpada, Keonjhar. The tender paper containing detailed scope of work along with terms and conditions hoisted at www.kendujhar.odisha.gov.in and notice board of OAV Saharpada, BEO Saharpada, BDO Saharpada, DPC, SSA Keonjhar. **Last date of receipt of tender paper is 09-06-2025 at 4 p.m.**

The authority reserves the right to cancel all or any part of the tender without assigning any reason thereof.

By the Order of Chairman, VMDC

OIPR-27096/11/0005/2526 Sd./- Principal. OAV Saharpada

## ZILLA SWASTHYA SAMITI, MAYURBHANJ

Office of the CDM&PHO-cum- District Mission Director, NHM, Mayurbhanj, Odisha, 757001

**Advt. No. 1976 /NHM/2025-26** **Dt: 29.05.2025**

**TENDER DOCUMENT FOR SUPPLY OF WORKING LUNCH FOR TRAINING/WORKSHOP/MEETING UNDER ZSS, MAYURBHANJ**

**No.E-124** : Sealed proposals as per prescribed document are invited from interested eligible bidders for **SUPPLY OF WORKING LUNCH FOR TRAINING / WORKSHOP / MEETING UNDER ZSS, MAYURBHANJ**. The eligible criteria, the details requirement of the said services and the formats for submission of proposals are set forth in the tender documents which can be downloaded from the website https://mayurbhanj.odisha.gov.in Interested bidders fulfilling the eligibility criteria may submit their proposals (with document as per tender call notice) to the O/o: CDM & PHO, DHH, Baripada, Mayurbhanj. The Proposal (s) complete in all respect should reach the undersigned on or before dt : 01.00 P.M. of dt : 16/06/2025 through Regd. Post / Speed post/ Courier and the same will be opened on dt : 17/06/2025 at 11.30 A.M. in the office chamber of the undersigned. The undersigned reserves the right to reject any or all the tender(s) without assigning any reason thereof.

Sd./- Chief District Medical & Public Health Officer, Mayurbhanj

OIPR-10020/11/0035/2526

## OFFICE OF THE SR.GENERAL MANAGER (ELECTRICAL) UPPER INDRAVATI HYDRO ELECTRIC PROJECT, MUKHIGUDA

OHPC ISO 9001-14001 18001 Certified

DIST: KALAHANDI- 766026, E-mail:sgmel_uihep@ohpcltd.com

ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)

Regd. Office OSPH & W.C. Building, Vanivihar Chhak, Janpath, Bhoinagar, Bhubaneswar-751022

Tel:91-0674-2542983, 2542802, 2545526, 2542826, Fax:2542102, E-Mail:ohpc.co@gmail.com/md@ohpcltd.com

WEB: www.ohpcltd.com, CIN: U40101OR1995SGC003963

**'e'- Procurement Notice**

**NOTICE INVITING TENDER No.UIHEP/09/2025-26, DATED 29.05.2025**

**No.CAD-582:** The Unit Head, UIHEP, Mukhiguda, Dist.- Kalahandi invites percentage rate bids in double cover system i.e. Cover-I (Technical Bid) & Cover II (Price Bid) in **Online mode** from eligible contractors for the work as detailed in the table below.

| Sl. No. | Name of Work | Approx. Estimated Cost (in Rs.) | EMD (in Rs.) (Online) | Class of Contractor | Cost of Bid Document (in Rs.) (Online) | Period of Contract |
|---|---|---|---|---|---|---|
| 1 | Renovation of 08 no. 'EQ' type quarters of UIHEP, Mukhiguda | 47,30,479/- (Excluding GST) | 47,305/- | 'B' Class Contractor registered with State Govt./Central Govt./ MES/ Railways | 6,000/-+ GST @18% = 7,080/- | Six (06) Calendar Months |

Availability of tender document in the portal: From 01.06.2025 (10.00 Hrs) to 11.06.2025 (upto 13.00 Hrs.). Last date & time of submission of tenders in the portal: 11.06.2025 upto 13.00 Hrs. The date & time of opening of the bid: 12.06.2025 at 11.00 Hrs. (Only Technical Bid). The Bidders have to participate in **ONLINE** bidding only. Further details can be seen and tender document can be downloaded from the e-Procurement portal "https://tendersodisha.gov.in".

OIPR-04008/11/0026/2526 Sd./- Unit Head, UIHEP, Mukhiguda

## GOVT. OF ODISHA
## OFFICE OF THE SUPERINTENDING ENGINEER RURAL WORKS DIVISION NO.-II, KEONJHAR

E-mail : eerw_kjr2@yahoo.com

**"e" Procurement Notice for Building Works**

**No.O-211** **Identification No. Online NCB - 04/2025-26**

1. Name of the work : Building Works, 2. Total Number of Work : 02 Nos., 3. Estimated Cost : Rs. 74.95 Lakhs to Rs. 78.52 Lakhs, 4. Class of Contractor : Only 'B' Class, 5. Period of Completion : As per annexture of e-Procurement Notice No.04/2025-26, 6. Other Details :

| Procurement Officer | Bid Identification No. | Availability of tender Online for bidding: From | Availability of tender Online for bidding: To | Last Date & Time of seeking Tender Clarification | Date & Time of Opening of Tender in O/o S.E., R.W. Division-II, Keonjhar (Double Cover): Technical Bid | Financial Bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division-II, Keonjhar | Building Online NCB No.04 | Dt.03.06.25 at 11.00 A.M. | Dt.17.06.25 up to 5.00 P.M. | Dt.16.06.25 up to 5.00 P.M. | Dt.18.06.25 at 11.00 A.M. | Will be intimated later |

Further details can be seen from the Website www.tenderorissa.gov.in

Sd./- Executive Engineer, R.W.Divn. No.-II, Keonjhar

OIPR-25093/11/0017/2526

## ODISHA PUBLIC SERVICE COMMISSION CUTTACK

## NOTICE

**No. 3669 / P.S.C., Dt. 30.05.2025**

**PF-1E-07-2025/26 (DR-III)**

**Recruitment to the Posts of Assistant Fisheries Officer (Advertisement No. 36 of 2023-24)**

**No.D-88** : In Continuation to this Office Notice No. 3468/PSC, dtd. 22.05.2025, it is for information of all qualified candidates that the **Document Verification and Viva Voce Test** for recruitment to the posts of **Assistant Fisheries Officer, Group-B** under Fisheries and Animal Resources Development Department, pursuant to Advertisement No. 36 of 2023-24 will be held from **24.06.2025 to 26.06.2025** at the office of OPSC, 19, Dr. P.K. Parija Road, Cuttack-753001 as per programme detailed below.

**PROGRAMME OF DOCUMENT VERIFICATION & VIVA VOCE TEST**

| Date | Time of verification | Time of Viva Voce Test | ROLL NO. of candidates |
|---|---|---|---|
| 24.06.2025 | 08.30 A.M. | 10.30 A.M. | 100008, 100019, 100020, 100024, 100029, 100031, 100046, 100051, 100058, 100061, & 100067 = 11 Candidates |
| | 12.30 P.M. | 02.30 P.M. | 100073, 100074, 100078, 100080, 100081, 100092 & 100093 = 07 Candidates |
| 25.06.2025 | 08.30 A.M. | 10.30 A.M. | 100095, 100100, 100105, 100118, 100121, 100126, 100127, 100144, 100146, 100150 & 100152 = 11 Candidates |
| | 12.30 P.M. | 02.30 P.M. | 100156, 100161, 100163, 100172, 100184, 100187 & 100189 = 07 Candidates |
| 26.06.2025 | 08.30 A.M. | 10.30 A.M. | 100202, 100205, 100217, 100219, 100223, 100227, 100228, 100232, 100233, 100240 & 100241 = 11 Candidates |

**N.B. -** The candidates are advised to report at the office of the Commission **30 minutes** before the commencement of Document Verification in each time slot allotted in the scheduled programme.

It is also made clear that the candidature of these candidates for the above recruitment is **purely provisional**. The candidature is liable to rejection in the event of inadequacy/ deficiency found at any stage before or after the verification of original certificates/ documents and is subject to fulfillment of terms & conditions laid down in the Advertisement.

**The Candidates are required to submit the following original certificates along with a set of self-attested photocopy of the following documents at the time of verification (All the Certificates/Documents should be issued within the last date of submission of Online Application i.e. 03.05.2024).**

1. Hard Copy of Online Application form mentioning **Roll No** at the **Top Right-hand Corner**. *(Online Applications are available in the website of the Commission. The candidates are required to download the same using their respective e-mail ID/Phone Number and Password / OTP etc through OPSC e-Chayan Portal via www.opscechayan.in)*
2. Four (04) passport size photographs (Unsigned & Unattested) which has been uploaded with application form.
3. Matriculation Certificate in support of declaration of age.
4. Intermediate/+2 Examination Certificate.
5. B.F.Sc. Degree Certificate issued from recognized University.
6. Mark Sheets in support of all the Examinations (H.S.C, +2 & B.F.Sc.) including fail marks, if any, issued by the concerned Board/Council/University.
7. Fishery Registration Certificate.
8. Required Odia Test Pass Certificate from the competent authority.
9. Caste Certificate by birth in support of claim as SEBC/ST/SC whichever applicable. (which has been uploaded with online Application Form)
10. Permanent Disability Certificate (indicating percentage of permanent disability i.e. 40% and more);
11. Ex-Servicemen claiming reservation are required to submit/upload Release Certificate issued as per Orissa Ex-Servicemen (recruitment to State Civil Services and Posts) Rules, 1985 vide G.A. Deptt. Notification No. 22586-Gen., dt.16.10.1985. Further, Ex-Servicemen candidates must submit an affidavit undertaking that he/she has not been appointed against any civil post after retirement from military service.
12. Any proof of identity.
13. Any other documents as per Para-10 of the Advertisement.
14. Attestation form duly filled in by the candidate and signed by the Gazetted Officer (downloaded from the website of the OPSC)
15. Candidate Information Form (CIF)/ Bio-data form duly filled in affixed with passport size photograph (downloaded from the website of the OPSC)

The candidates are required to mention **"Submitted by me and Certified as genuine and has not been cancelled"** and put their **full signature and date** on the same.

OIPR-12002/11/0233/2526 Sd./- Secretary

## OFFICE OF THE REGULATED MARKET COMMITTEE, BOUDH

No.H-09

| Sl. No. | Item | |
|---|---|---|
| **A. General Information** | | |
| 1 | Name of the Work | (a) Construction of Infrastructure Developmental work at Khuntabandh MY, Biranarasinghpur MY and Kasalpur MY under RMC Boudh. (b) Construction of Infrastructure Developmental work at Biju Model Agri Market Boudh and repair Renovation of office building under RMC Boudh. (c) Construction of Infrastructure Developmental work at Palasagora MY under RMC Boudh. |
| 2 | (i) Inviting Authority | Sub-Collector, Boudh cum Chairman, R.M.C. Boudh |
| 3 | Estimated Cost | Rs.81.00 lakhs to Rs.3.23 Crores |
| **B. Bid Information** | | |
| 1 | Intended completion period | **9 months** |
| 2 | Last date & time for submission of bid | 17.00 hours of 17.06.2025 |
| 3 | Dates of opening (Technical bid) | 11.00 hours on 18.06.2025 |
| 4 | Dates of opening (Financial Bid) | **Will be intimated after evaluation of Technical Bid. (For Double Cover)** |
| 5 | **Cost of Bid Document** | |
| | **On-line transfer:** As indicated in col. No. 5 at table above | |
| 6 | **Bid Security** | |
| | **On-line transfer:** As indicated in col. No. 4 at table above | |
| 7 | Bid validity period | 90 days |
| 8 | Currency of Contract | INR |
| 9 | Language of Contract | English |

OIPR-01569/11/0001/2526 Sd./- Secretary, RMC, Boudh

## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, BALASORE

**Advt. No.8279** **DISTRICT PROGRAMME MANAGEMENT UNIT (DPMU)** **Date:29.05.2025**

**NATIONAL HEALTH MISSION (NHM)**

**WALK-IN-INTERVIEW**

**No.E-130:**Walk-in-Interview will be conducted as scheduled below for filling up the following posts under National Health Mission of Balasore District.

| Sl. No. | Name of the Programme/ Activities as per NHM PIP | Name of the Post | Vacancy | Monthly Remuneration (in Rupees) +PI | Date of Registration/ Interview |
|---|---|---|---|---|---|
| 1 | Special Newborn Care Unit (SNCU) | Medical Officer | 1 | Rs.68,892/-+PI | 03.06.2025 |
| 2 | Day Care Centre (Hemoglobinopathy) | Medical Officer | 1 | Rs.68,892/-+PI | 03.06.2025 |
| 3 | DEIC | Medical Officer | 1 | Rs.68,892/-+PI | 03.06.2025 |
| 4 | Mobile Blood Collection Van | Medical Officer | 1 | Rs.68,892/-+PI | 03.06.2025 |
| 5 | Urban PHC, Sovarmpur, Soro | Medical Officer | 2 | Rs.68,892/-+PI | 03.06.2025 |
| 6 | Urban Ayushman Arogya Mandir (UAAM), Aradbazar, Puruna Balasore, Mirigini, Kurunia, Chakabishnu, Tundapada | Medical Officer | 6 | Rs.57,409/-+PI | 03.06.2025 |

Venue:- Office of the CDM & PHO-Cum-DMD, Balasore

The above positions are purely temporary and also co-terminus with the scheme. The actual numbers of vacancy may differ (increase or decrease) at the time of engagement. Canvassing in any form will render the candidate disqualified for the position and no undertaking will be entertained. Details of Qualification, Experience of post alongwith application form can be downloaded from the district website: www.balasore.odisha.gov.in. The registration time for the Walk-In-Interview will be from 9.30 AM to 10.30 AM. The candidates are requested to visit the district website on regular interval till completion of recruitment / empanelment process. The undersigned reserves the right to cancel any or all the application without assigning any reason or communication thereof.

OIPR-10032/11/0020/2526 Sd./- CDM & PHO-cum-DMD, Balasore

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଟିଟିଲାଗଡ଼ ବିଧାୟକଙ୍କ ସହ କଥା ହେଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୩୧।୫(ରବିନାରାୟଣ ଜେନା):** ଟିଟିଲାଗଡ଼ ବିଧାୟକ ନବୀନ କୁମାର ଜୈନଙ୍କ ସହିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ଟେଲିଫୋନ ଯୋଗେ କଥା ହୋଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାୟକ ନବୀନ ଜୈନଙ୍କ ସହ କଥା ହୋଇ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ପଚାରି ବୁଝିବା ସହିତ ତାଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ। ସୂଚନାଯୋଗ୍ୟ, ବିଧାୟକ ନବୀନ କୁମାର ଅସୁସ୍ଥ ଥିବାରୁ ସେ ଏବେ ରାୟପୁରର ରାମକୃଷ୍ଣ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି।

# ସୂଚନା ଅଧିକାର ଆଇନରେ 'ଅଭିଯୋଗ ବ୍ୟବସ୍ଥା'

ବିଗତ କିଛି ଦିନ ଧରି ଓଡ଼ିଶା ସୂଚନା କମିଶନ କୌଣସି ଶୁଣାଣି ନ କରି ନାଗରିକମାନଙ୍କ ଦ୍ୱାରା ଦାଖଲ ହୋଇଥିବା ଅଭିଯୋଗ କେସ୍‌ଗୁଡ଼ିକୁ ଖାରଜ କରି ଦେଇ ପ୍ରଥମ ଅପିଲ କର୍ତ୍ତୃପକ୍ଷଙ୍କ ନିକଟରେ ଅପିଲ ପାଇଁ ନିର୍ଦ୍ଦେଶ ଦେଉଛନ୍ତି ଏବଂ ଏହି ନିର୍ଦ୍ଦେଶନାମାରେ ସୁପ୍ରିମ କୋର୍ଟଙ୍କ ଏକ ସିଭିଲ ଅପିଲ କେସ୍ ନଂ. ୧୦୭୮୭ – ୧୦୭୮୮/୨୦୧୧କୁ ଉଲ୍ଲେଖ କରୁଛନ୍ତି। ଏହି କେସ୍ ନଂ. କାହିଁକି ଉଲ୍ଲେଖ କରୁଛନ୍ତି, ଏହାର କୌଣସି ବିଶ୍ଳେଷଣ ନାହିଁ। ନୂତନ ଭାବେ କାର୍ଯ୍ୟଭାର ଗ୍ରହଣ କରିଥିବା ମୁଖ୍ୟ ସୂଚନା କମିଶନର ମନୋଜ ପରିଡ଼ାଙ୍କ ନିର୍ଦ୍ଦେଶରେ ଏହି କେସ୍ ଖାରଜ ପ୍ରକ୍ରିୟା ଆରମ୍ଭ ହୋଇଛି। କମିଶନଙ୍କ ଏତାଦୃଶ ମନମୁଖି କାର୍ଯ୍ୟକୁ ବିରୋଧ କରି ଅନେକେ ରାଜ୍ୟପାଳଙ୍କ ଦ୍ୱାରସ୍ଥ ହେବା ସହ ସୂଚନା ଆଇନର ଧାରା ୧୭ ଆଧାରରେ କମିଶନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିବେଦନ କରିଛନ୍ତି। ଅନ୍ୟ କିଛି ବିକ୍ଷୁବ୍ଧ ନାଗରିକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ସୂଚନା ଅଧିକାର ଆଇନର ଧାରା ୧୮ରେ ଥିବା ବିଧି ବ୍ୟବସ୍ଥା ଅନୁଯାୟୀ, ଯଦି କୌଣସି ନାଗରିକ ସୂଚନା ପାଇବାରେ ଅସମର୍ଥ ହୁଏ ବା ବିନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସୂଚନା ପାଇବାରୁ ବଞ୍ଚିତ ହୁଏ ବା ତାଙ୍କୁ ମିଥ୍ୟା, ବିଭ୍ରାନ୍ତିକର ତଥ୍ୟ ଦିଆଯାଏ ବା ତଥ୍ୟ ଦେବାକୁ ମନା କରାଯାଏ ତେବେ ସେ ସମ୍ପୃକ୍ତ ଅଧିକାରୀ ଅଥବା ପି.ଆଇ.ଓ.ଙ୍କ ବିରୋଧରେ ସୂଚନା କମିଶନରେ ଅଭିଯୋଗ କରିପାରିବେ। ସୂଚନା କମିଶନ ଏହି ଅଭିଯୋଗଗୁଡ଼ିକର ତଦନ୍ତ କରାଇବେ, ବିଚାରକରି ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ବା ଦଣ୍ଡବିଧାନ ଗ୍ରହଣ କରିବେ ଓ ଅଭିଯୋଗକାରୀ – ନାଗରିକଙ୍କୁ ନ୍ୟାୟ ପ୍ରଦାନ କରିବେ।

୨୦୦୫ ମସିହାରୁ କାର୍ଯ୍ୟକାରୀ ହୋଇଆସୁଥିବା ସୂଚନା ଅଧିକାର ଆଇନକୁ ଆଧାର କରି ସାଧାରଣ ଲୋକେ ସୂଚନା ପାଇଁ ଆବେଦନ କରିବା ଓ ସୂଚନା ପାଇବାରୁ ବଞ୍ଚିତ ହେଲେ ସୂଚନା ଆଇନର ଧାରା ୧୮ ଅନୁଯାୟୀ ସୂଚନା କମିଶନଙ୍କ ନିକଟରେ ଅଭିଯୋଗ କରୁଥିଲେ। କମିଶନ ଏହିସବୁ ଅଭିଯୋଗକୁ ପଞ୍ଜୀକୃତ କରି ଉଭୟ ପକ୍ଷକୁ ନୋଟିସ୍ କରିବା ସହ କେସ୍ ଶୁଣାଣି କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିଲେ। ଏହି ପ୍ରକ୍ରିୟା ୨୦୧୧ ମସିହା ପର୍ଯ୍ୟନ୍ତ ଚାଲିଆସୁଥିଲା।

୨୦୧୧ ମସିହାରେ ମଣିପୁର ସୂଚନା କମିଶନଙ୍କ ଦ୍ୱାରା ଆଗତ ଏକ କେସ୍ ସିଭିଲ ଅପିଲ ସଂଖ୍ୟା ନଂ.-୧୦୭୮୭-୧୦୭୮୮/୨୦୧୧ର ବିଚାର କରି ସୁପ୍ରିମ କୋର୍ଟ ସୂଚନା ଅଧିକାର ଆଇନର ଧାରା ୧୮କୁ ବ୍ୟାଖ୍ୟା କରି ସୂଚନା କମିଶନମାନେ ଅଭିଯୋଗ କେସ୍‌ଗୁଡ଼ିକର ବିଚାର କଲାବେଳେ ସୂଚନା ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇପାରିବେ ନାହିଁ। କିନ୍ତୁ ଆଇନର ଉଲ୍ଲଂଘନ କରିଥିବା ଅଧିକାରୀ ଅଥବା ଜନ ସୂଚନା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ। ଏଠାରେ ସୂଚନାଯୋଗ୍ୟ ଯେ, ୨୦୦୭ ମସିହାରେ ଜଣେ ବ୍ୟକ୍ତି ମଣିପୁର ସରକାରଙ୍କୁ ୧୯୮୦–୨୦୦୬ ମଧ୍ୟରେ ମାଜିଷ୍ଟ୍ରେଟ୍ ଇନ୍‌କ୍ୱାରୀ ସମ୍ପର୍କିତ ତଥ୍ୟ ମାଗିଥିଲେ। ତଥ୍ୟ ନ ମିଳିବାରୁ ସେ ସୂଚନା ଆଇନର ଧାରା–୧୮ ଅନୁଯାୟୀ ମଣିପୁର ସୂଚନା କମିଶନଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ବିଚାର କରି ମଣିପୁର କମିଶନ ସୂଚନା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମଣିପୁର କମିଶନଙ୍କ ଏହି ନିଷ୍ପତ୍ତିକୁ ମଣିପୁର ସରକାର ହାଇକୋର୍ଟରେ ଚାଲେଞ୍ଜ କରିଥିଲେ। ମଣିପୁର ହାଇକୋର୍ଟ ଡିଭିଜନ ବେଞ୍ଚ ଉକ୍ତ ମାମଲାର ଶୁଣାଣି କରି ସୂଚନା ଆଇନର ଧାରା–୧୮ରେ ସୂଚନା କମିଶନ ତଥ୍ୟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇପାରିବେ ନାହିଁ ବୋଲି ଦର୍ଶାଇ ମଣିପୁର ସୂଚନା କମିଶନଙ୍କ ଅର୍ଡ଼ରକୁ ଖାରଜ କରିଦେଲେ। ଏହାପରେ ମଣିପୁର ସୂଚନା କମିଶନ ମଣିପୁର ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ସୁପ୍ରିମକୋର୍ଟରେ ଚାଲେଞ୍ଜ କରିଥିଲେ। ଏହି କେସ୍‌ର ବିଚାର ସମୟରେ ସୁପ୍ରିମ୍ କୋର୍ଟ ଦର୍ଶାଇଥିଲେ ଯେ, ସୂଚନା କମିଶନ ଅଭିଯୋଗ କେସ୍‌ଗୁଡ଼ିକର ବିଚାର କଲାବେଳେ ତଥ୍ୟ ଦେବା ପାଇଁ ନିର୍ଦ୍ଦେଶ ଦେଇପାରିବେ ନାହିଁ , କିନ୍ତୁ ଆଇନ ଉଲ୍ଲଂଘନକାରୀ ଅଧିକାରୀ ଅଥବା ପି.ଆଇ.ଓ, ଙ୍କ ବିରୋଧରେ ଦଣ୍ଡ ବିଧାନ କରିପାରିବେ।

ତେଣୁ ସୁପ୍ରିମକୋର୍ଟଙ୍କ ରାୟରୁ ଏହା ସ୍ପଷ୍ଟ ଯେ, ସୂଚନା ଅଧିକାର ଆଇନର ଧାରା–୧୮ ଆଧାରରେ ହେଉଥିବା ଅଭିଯୋଗଗୁଡ଼ିକର ଫଇସଲା କଲାବେଳେ କମିଶନ ତଥ୍ୟ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇପାରିବେ ନାହିଁ କିନ୍ତୁ ନିଜର ସିଭିଲ କୋର୍ଟ କ୍ଷମତା ବ୍ୟବହାର କରି ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ। ସୁପ୍ରିମ୍ କୋର୍ଟଙ୍କ ଏହି ନିର୍ଦ୍ଦେଶକୁ ସମ୍ମାନ ଜଣାଇ କେନ୍ଦ୍ରୀୟ ସୂଚନା କମିଶନ ଓ ସମସ୍ତ ରାଜ୍ୟର ସୂଚନା କମିଶନମାନେ ଅଭିଯୋଗଗୁଡ଼ିକର ଶୁଣାଣି କରି ପି.ଆଇ.ଓ.ଙ୍କ ବିରୋଧରେ ଦଣ୍ଡବିଧାନ କରିଆସୁଛନ୍ତି। ଆମ ରାଜ୍ୟରେ ମଧ୍ୟ ସୂଚନା କମିଶନମାନେ ଅନୁରୂପ ନିର୍ଦ୍ଦେଶ ଦେଇ ଆସୁଥିଲେ। କିନ୍ତୁ ନୂତନ ମୁଖ୍ୟ ସୂଚନା କମିଶନର ଆଇନକୁ କିଛି ନବୁଝି ମନଇଚ୍ଛା ଅଭିଯୋଗ କେସ୍‌ଗୁଡ଼ିକୁ ଶୁଣାଣି ନ କରି ଖାରଜ କରିବାରେ ଲାଗିଛନ୍ତି ବୋଲି ଅଭିଯୋଗ ହେଉଛି।

ଅପରପକ୍ଷରେ ଓଡ଼ିଶା ସୂଚନା କମିଶନ (ଅପିଲ ଶୁଣାଣି ପଦ୍ଧତି) ରୁଲ୍, ୨୦୦୬ର ରୁଲ୍ ୬(୪)ରେ ଉଲ୍ଲେଖ ଅଛି ଯେ, ସୂଚନା କମିଶନ ଅଭିଯୋଗକାରୀଙ୍କୁ ନିଜର ବକ୍ତବ୍ୟ ପେସ୍ କରିବା ପାଇଁ ସୁଯୋଗ ନଦେଇ, କୌଣସି ଅଭିଯୋଗକୁ ପ୍ରତ୍ୟାଖ୍ୟାନ ବା ଖାରଜ କରିପାରିବେ ନାହିଁ। ଅର୍ଥାତ୍ ସୂଚନା କମିଶନ କୌଣସି ଏକ କେସ୍ ଖାରଜ କରିବା ପୂର୍ବରୁ ଅଭିଯୋଗକାରୀଙ୍କଠାରୁ ଶୁଣିବେ ଓ ତା'ପରେ ନିଷ୍ପତ୍ତି ନେବେ। ସୁପ୍ରିମ କୋର୍ଟ, ହାଇକୋର୍ଟ, କେନ୍ଦ୍ରୀୟ ସୂଚନା କମିଶନ, ମାନବ ଅଧିକାର କମିଶନ ସମସ୍ତେ ଅଭିଯୋଗଗୁଡ଼ିକର ଶୁଣାଣି କରନ୍ତି ଏବଂ ଏହାପରେ ନିଷ୍ପତ୍ତି ଶୁଣାନ୍ତି। ବର୍ତ୍ତମାନ ଓଡ଼ିଶାରେ ସୂଚନା ଆଇନକୁ ଠିକ୍ ଭାବରେ ବ୍ୟାଖ୍ୟା କରା ନ ଯାଇ ତିନି ଧାଡ଼ିର ଏକ ଅର୍ଡର ଲେଖି ଅନେକ ଶହ ସଂଖ୍ୟାର ଅଭିଯୋଗକୁ ଖାରଜ କରାଯାଉଛି। ୨୦୨୧ ମସିହାରୁ ଅଭିଯୋଗ କରି ନ୍ୟାୟ ପାଇବା ପାଇଁ ଅପେକ୍ଷା କରିଥିବା ନାଗରିକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି।

**– ପ୍ରଦୀପ ପ୍ରଧାନ, ମୋ:୯୯୩୭୮୪୩୪୮୨**

# ସିବିଏଫ୍‌ସି ନିର୍ଦ୍ଦେଶକ ଗିରିଶ ଚନ୍ଦ୍ରଙ୍କ ଅବସର ଗ୍ରହଣ

**ଭୁବନେଶ୍ୱର,୩୧।୫(ସୌମ୍ୟରଞ୍ଜନ ରାଉତ)**

କଟକସ୍ଥିତ କେନ୍ଦ୍ରୀୟ ଚଳଚ୍ଚିତ୍ର ପ୍ରମାଣନ ବୋର୍ଡ (ସିବିଏଫ୍‌ସି)ର ନିର୍ଦ୍ଦେଶକ ଡ. ଗିରିଶ ଚନ୍ଦ୍ର ଦାଶ ଶୁକ୍ରବାର ସରକାରୀ ସେବାରୁ ଅବସର ଗ୍ରହଣ କରିଛନ୍ତି। ଭାରତୀୟ ସୂଚନା ସେବାର ବରିଷ୍ଠ ଅଧିକାରୀ ଡ. ଦାଶ ଭୁବନେଶ୍ୱରସ୍ଥିତ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ(ସିବିସି)ର ନିର୍ଦ୍ଦେଶକ ତଥା ଢେଙ୍କାନାଳ ସ୍ଥିତ ଭାରତୀୟ ଜନ ସଞ୍ଚାର ସଂସ୍ଥା (ଆଇଆଇଏମ୍‌ସି)ର ଓଏସ୍‌ଡି ଦାୟିତ୍ୱରୁ ମଧ୍ୟ ଅବସର ନେଇଛନ୍ତି। କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ଏହି ତିନୋଟି ଯାକ ସଂସ୍ଥା ସମେତ ଏହା ପୂର୍ବରୁ ଆକାଶବାଣୀ, ପତ୍ରସୂଚନା କାର୍ଯ୍ୟାଳୟ ଓ ପ୍ରକାଶନ ବିଭାଗ ଭଳି ଅନୁଷ୍ଠାନଗୁଡ଼ିକରେ ଦୀର୍ଘ ବର୍ଷ କାର୍ଯ୍ୟକରି ବିଭିନ୍ନ ସମୟରେ



ଡ. ଗିରିଶ ଚନ୍ଦ୍ର ଦାଶ

ସମ୍ପୃକ୍ତ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ସେ ଉଚ୍ଚ ପ୍ରଶଂସିତ ଓ ପୁରସ୍କୃତ ହୋଇଛନ୍ତି।

ଶୁକ୍ରବାର କଟକସ୍ଥିତ ସିବିଏଫ୍‌ସି କାର୍ଯ୍ୟାଳୟଠାରେ ଡ. ଦାଶଙ୍କ ପାଇଁ ଏକ ବିଦାୟୀ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସିବିଏଫ୍‌ସି ପରାମର୍ଶଦାତାମଣ୍ଡଳୀର ସଦସ୍ୟା ଓ ସଦସ୍ୟମାନଙ୍କ ସମେତ ଓଡ଼ିଆ ଚଳଚ୍ଚିତ୍ର ଜଗତର ବରିଷ୍ଠ ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର, ଅଭିନେତା ସବ୍ୟସାଚୀ ମିଶ୍ର, ଅଭିନେତା ବାବୁସାନ ଓ ପ୍ରଯୋଜକ ଶ୍ରୀଧର ମାର୍ଥାଙ୍କ ଭଳି ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ପୂର୍ବରୁ ଆଇଆଇଏମ୍‌ସି ଢେଙ୍କାନାଳଠାରେ ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ଆନନ୍ଦ ପ୍ରଧାନଙ୍କ ପୌରୋହିତ୍ୟରେ ଏବଂ ଆକାଶବାଣୀ କଟକଠାରେ ସମାଚାର ବିଭାଗର ମୁଖ୍ୟ ତଥା ଉପନିର୍ଦ୍ଦେଶକ ଡ. ସତ୍ୟନାରାୟଣ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ପୃଥକ୍ ପୃଥକ୍ ବିଦାୟକାଳୀନ ସଭାରେ ଦୀର୍ଘ ୩୬ବର୍ଷ ଧରି ସରକାରୀ ସେବା ପ୍ରଦାନ କରିଥିବା ଡ. ଦାଶଙ୍କ ବିଭିନ୍ନ ଅବଦାନ ଉପରେ ଆଲୋକପାତ କରାଯାଇ ତାଙ୍କର ଦୀର୍ଘ ଓ ନିରାମୟ ଜୀବନ କାମନା କରାଯାଇଥିଲା।

## ଅପରାଧ

**ସୁବର୍ଣ୍ଣପୁର ଏଡିଏମ୍‌ଓ ହତ୍ୟାକାଣ୍ଡ**

# ୨ ଜଣଙ୍କୁ ଆଜୀବନ କାରାଦଣ୍ଡ

**ସୋନପୁର,୩୧।୫(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟର ଏଡିଏମ୍‌ଓ ତଥା ଶିଶୁରୋଗ ବିଶେଷଜ୍ଞ ଡାକ୍ତର ଦୁର୍ବାଦଳ ମିଶ୍ରଙ୍କୁ ୨୦୧୪ ସେପ୍ଟେମ୍ବର ୨୧ ରାତି ସାଢେ ୯ଟାରେ ଗଳାକାଟି ହତ୍ୟା କରାଯାଇଥିଲା। ଡାକ୍ତର ମିଶ୍ର ଡାକ୍ତରଖାନାରୁ ଫେରି ବାଇକ୍‌ରେ ସହରର ପ୍ୟାଲେସ ଗାର୍ଡେନ ସ୍ଥିତ ଘରକୁ ଯାଉଥିଲେ। ଘର ସମ୍ମୁଖରେ ବାଇକ୍ ପାର୍କିଂ କରିବା ସମୟରେ ସେଠାରେ ଉପସ୍ଥିତ ଥିବା ଅଭିଯୁକ୍ତ ନାବାଳକ ଡାକ୍ତରଙ୍କୁ ନିକଟରେ ଥିବା ବିଉଟିପାର୍ଲର ସମ୍ମୁଖକୁ କଥା ହେବା ପାଇଁ ଡାକି ନେଇଥିଲେ। ପରେ ତିନି ଅଭିଯୁକ୍ତ ମିଳିତଭାବେ ଭୁଜାଲିରେ ଡାକ୍ତରଙ୍କୁ ଗଳାକାଟି ହତ୍ୟା କରିଥିଲେ। ଘଟଣା ପରେ ଅଭିଯୁକ୍ତମାନେ ଫେରାର



ଡାକ୍ତର ଦୁର୍ବାଦଳ ମିଶ୍ର

ହୋଇଯାଇଥିଲେ। ମୃତକଙ୍କ ବାପା ଅମ୍ବରୀଷ ସୋନପୁର ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାରେ ପୋଲିସ ବାବୁପାଲି ଗ୍ରାମର ଅଶୋକ କୁମାର ସାହୁ, ସୁବର୍ଣ୍ଣପୁର ସହର ବଡ଼ବଜାର ଅଞ୍ଚଳର ପ୍ରତ୍ୟୁଷ କୁମାର ପଣ୍ଡା ଓରଫ ବାବୁଲ ଓ ଜଣେ ନାବାଳକଙ୍କୁ ଧରିଥିଲା। ଏଥିସହ ଗୁଳି, ମାରଣାସ୍ତ୍ର ଓ ରକ୍ତଛିଟା ପୋଷାକ ପୋଲିସ ଜବତ କରିଥିଲା। ସୁବର୍ଣ୍ଣପୁର ଅତିରିକ୍ତ ଜିଲା ଓ ଦୌରାଜଜଙ୍କ କୋର୍ଟରେ ମାମଲାର ଶୁଣାଣି ଓ ନ୍ୟାୟିକ ପ୍ରକ୍ରିୟା ଚାଲିବା ପରେ ଘଟଣାର ୧୦ ବର୍ଷ ୮ ମାସ ପରେ ରାୟ ପ୍ରକାଶ ପାଇଛି। ତତ୍କାଳୀନ ଆଇପିସି ଦଫା ୩୦୨(ହତ୍ୟା)ରେ ଆଜୀବନ କାରାଦଣ୍ଡ ଓ ୨୦ ହଜାର ଟଙ୍କା ଜରିମାନା, ଅନାଦାୟ କ୍ଷେତ୍ରରେ ଅଧିକ ୧ବର୍ଷ ଜେଲ ଦଣ୍ଡ ଶୁଣାଇଛନ୍ତି। ଦଫା ୨୦୧(ପ୍ରମାଣ ନଷ୍ଟ)ରେ ଅଢେଇ ବର୍ଷ ଜେଲ ଓ ୫ହଜାର ଟଙ୍କା ଜରିମାନା, ଅନାଦେୟ ଅଧିକ ୬ମାସ ଜେଲ ଦଣ୍ଡ ପାଇଁ ଆଦେଶ ଦେଇଛନ୍ତି। ଆର୍ମସ ଆକ୍ଟ ୨୭(୧)ରେ ୩ବର୍ଷ ଜେଲ, ୫ହଜାର ଜରିମାନା ଏବଂ ଅନାଦେୟ ଅଧିକ ୬ ମାସ ଜେଲ ଦଣ୍ଡ ପାଇଁ ବିଚାରପତି ନିର୍ଦ୍ଦେଶ ଦେଇଛନ୍ତି।

# ଦମ୍ପତିଙ୍କ ଝୁଲନ୍ତା ମୃତଦେହ ଜବତ

## ୫ ମାସର ଶିଶୁକନ୍ୟାକୁ ଥଇଥାନ କରିବାକୁ ନିବେଦନ

**କେନ୍ଦୁଝର,୩୧।୫ (ନରେଶ ଚନ୍ଦ୍ର ପଟ୍ଟନାୟକ)**

**ପାରିବାରିକ କଳହରୁ ଆତ୍ମହତ୍ୟା ସନ୍ଦେହ**

କେନ୍ଦୁଝର ଜିଲା ସଦର ଥାନା ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତ ଯୋଗୀମଠ ମୁଣ୍ଡାସାହି ନିକଟ ୟୁକାଲିପଟାସ ଜଙ୍ଗଲରେ ଶନିବାର ଦମ୍ପତିଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ମୃତକ ଦ୍ୱୟ ହେଲେ ଗ୍ରାମର ରଇବୁ ମୁଣ୍ଡା(୨୨) ଓ ତାଙ୍କ ସ୍ତ୍ରୀ ଗୌରୀ ମୁଣ୍ଡା (୨୦)। ମୃତ୍ୟୁର ଠିକ୍ କାରଣ ଜଣାପଡ଼ି ନ ଥିବାବେଳେ ପାରିବାରିକ କଳହ ଯୋଗୁ ଦୁହେଁ ଆତ୍ମହତ୍ୟା କରିଥିବା କୁହାଯାଉଛି। ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି।

ଦେଢ଼ ବର୍ଷ ପୂର୍ବେ ଯୋଗୀମଠ ମୁଣ୍ଡାସାହିର ରଇବୁ ପଣ୍ଡାପଡ଼ା ଅଞ୍ଚଳର ଗୌରୀଙ୍କୁ ବିବାହ କରିଥିଲା। ପାଞ୍ଚ ମାସ ତଳେ ଉଭୟଙ୍କ ଏକ କନ୍ୟା ସନ୍ତାନ ଜନ୍ମ ହୋଇଥିଲା। ତେବେ ଅନେକ ସମୟରେ ଉଭୟ ଫୋନ୍‌ରେ କଥାବାର୍ତ୍ତା ନେଇ କଳହ ଆରମ୍ଭ ହୋଇଥିଲା। ଏହାକୁ ନେଇ ପରସ୍ପରକୁ ପରକିୟା ପ୍ରୀତି ସମ୍ପର୍କ ନେଇ ସନ୍ଦେହ କରି ଆସୁଥିଲେ। ଏନେଇ ସ୍ତ୍ରୀ କିଛି ଦିନ ହେବ କନ୍ୟା ସନ୍ତାନ ସହିତ ଯୋଗୀମଠ ମୁଣ୍ଡାସାହିରେ ଭାଇଙ୍କ ପାଖରେ ରହୁଥିଲେ। ଶୁକ୍ରବାର ଦମ୍ପତିଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରେ ଉଭୟେ ନିଜ ନିଜର ମୋବାଇଲକୁ କଚାଡ଼ି ଭାଙ୍ଗି ଦେଇ ଶୁକ୍ରବାର ରାତିରେ ଦୁହେଁ କେଉଁଆଡ଼େ ଚାଲିଯାଇଥିଲେ। ଶନିବାର ସକାଳେ ଲୋକେ ଗାଁ ପାଖ ଜଙ୍ଗଲରେ ଦମ୍ପତିଙ୍କ ଝୁଲନ୍ତା ମୃତଦେହ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳକୁ ଯାଇ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି। କେନ୍ଦୁଝର ଜିଲା ମୁଖ୍ୟ ମେଡିକାଲରେ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରିଛି। ପାରିବାରିକ କଳହରୁ ଉଭୟ ଆତ୍ମହତ୍ୟା କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ସନ୍ଦେହ କରୁଛି। ଅନ୍ୟପକ୍ଷରେ ଯଦି ସେମାନଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ତେବେ ଗୋଟିଏ ଗଛରେ ଏକାଠି ଆତ୍ମହତ୍ୟା କରିବାକୁ ନେଇ ସନ୍ଦେହ ହେଉଛି। ସଦର ଥାନା ଅଧିକାରୀ ଅମିତ୍ କୁମାର ଭୂୟାଁ କହିଛନ୍ତି, ରଇବୁଙ୍କ ସାନ ଭାଇ ରାଜୁକା ମୁଣ୍ଡାଙ୍କ ସୂଚନା ଆଧାରରେ ଏକ ମାମଲା (ନଂ. ୩୮/୨୦୨୫)ରୁଜୁ ହୋଇଛି। ଘରୋଇ ଗଣ୍ଡଗୋଳ ପାଇଁ ଆତ୍ମହତ୍ୟା ଅଭିଯୋଗ ହୋଇଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସତ୍ୟାସତ୍ୟ ଜଣାପଡ଼ିବ। ମୃତା ମହିଳାଙ୍କ ପରିବାର ପକ୍ଷରୁ ଅଦ୍ୟାବଧି କୌଣସି ଅଭିଯୋଗ ହୋଇନାହିଁ। ନବଜାତ ଶିଶୁଟି ଦୁନିଆକୁ ଜାଣିବା ଆଗରୁ ଅନାଥ ହୋଇଯାଇଛି। ଥଇଥାନ କରିବାକୁ ସ୍ଥାନୀୟ ଲୋକେ ପ୍ରଶାସନକୁ ନିବେଦନ କରିଛନ୍ତି।

# ସୀମାନ୍ତରେ ବାଂଲାଦେଶୀ ରୂପଜୀବୀ, ଚଢ଼ାଉ

**ଭୋଗରାଇ, ୩୧।୫(ପ୍ରଦୀପ ଦାସ)**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ସୀମାନ୍ତ ସାହାବାଜିପୁର ସହିତ ଆଖପାଖ ଗାଁରେ ବାଂଲାଦେଶୀ, କୋଲକାତା ଓ ରୋହିଙ୍ଗା ସୁନ୍ଦରୀ ଯୁବତୀ ଆଡ୍ଡା ଜମାଇଥିବା ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି ତାଳସାରୀ ମେରାଇନ ଥାନାର ଅଧିକାରିଣୀ ଚମ୍ପାବତୀ ସୋରେନଙ୍କ ନେତୃତ୍ୱରେ ଶନିବାର ପୂର୍ବାହ୍ନ ୧୦ଟାରେ ୨ଟି ପୋଲିସ ଟିମ୍ ସାହାବାଜିପୁର ଓ ସଂଲଗ୍ନ ଗ୍ରାମରେ ଚଢ଼ାଉ କରି ଛାନଭିନ କରିଥିଲେ। ପୋଲିସ ସନ୍ଦିଗ୍ଧ କେତେଜଣ ବ୍ୟକ୍ତିଙ୍କ କାଗଜପତ୍ର, ଆଧାରକାର୍ଡ ଯାଞ୍ଚ କରିଥିଲା। ସୂଚନାନୁଯାୟୀ, ଭୋଗରାଇ ବ୍ଲକକୁ ପଶ୍ଚିମବଙ୍ଗର ୨ ମେଦିନୀପୁରକୁ ଲାଗିଥିବା ବେଳେ ପୂର୍ବମେଦିନୀପୁର ଦୀଘା ସୈକତ ସହରକୁ ସାହାବାଜିପୁର ଲାଗିଛି। ଦୀଘା ପର୍ଯ୍ୟଟନସ୍ଥଳୀରେ ୧୫ଶହରୁ ଊର୍ଦ୍ଧ୍ୱ ହୋଟେଲ ଓ ଲଜ୍ ରହିଛି। ସେଠାକୁ କୋଲକାତା ସୋନାଗାଛି, ବାଂଲାଦେଶ ଓ ରୋହିଙ୍ଗା ରୂପଜୀବୀମାନେ ଆସି ଅନୈତିକ କାର୍ଯ୍ୟରେ ଲିପ୍ତ ରହୁଥିବା ବେଳେ ଦଲାଲଙ୍କ ସହିତ ମୁଲଚାଲ କରି ଓଡ଼ିଶା ସୀମାନ୍ତ ସାହାବାଜିପୁର ଏବଂ ଆଖପାଖ ଗ୍ରାମକୁ ଆସୁଥିବା ଲୋକେ ଅଭିଯୋଗ କରିଛନ୍ତି। ବିଭିନ୍ନ ଭଡ଼ାଘରେ, ଘରୋଇ ଗେଷ୍ଟହାଉସ୍ ଏବଂ ହୋଟେଲରେ ରୂପଜୀବୀଙ୍କୁ ମାଲିକମାନେ ଆଶ୍ରୟ ଦେଇଥିବା ଅଭିଯୋଗ ହୋଇଛି। ଗ୍ରାମବାସୀ ମିଳିତ ହୋଇ ଏହାର ପ୍ରତିବାଦ କରିଛନ୍ତି। ପୋଲିସ ଚଢ଼ାଉ ସୂଚନା ପାଇ ବହୁ ରୂପଜୀବୀ ଦୀଘା ପଳାଇଯାଇଥିବା ଗ୍ରାମବାସୀ କହିଛନ୍ତି।

# ପୋଲତଳୁ ଯୁବକଙ୍କ ଗଳିତ ମୃତଦେହ ଜବତ

**ଛେଣ୍ଡିପଦା,୩୧।୫(ଅଜିତ ଧଳ)**

## ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ବାଲିପଟା ଗାଁନିକଟସ୍ଥ ତେଲିପୋଲ ତଳୁ ଶନିବାର ଜଣେ ଯୁବକଙ୍କ ଗଳିତ ମୃତଦେହ ପୋଲିସ ଜବତ କରିଛି। ମୃତ ଯୁବକ ହେଲେ କିଶୋରନଗର ବ୍ଲକ ହଣ୍ଡପା ଥାନା କଣ୍ଟେଇକୁଳିଆ ପଞ୍ଚାୟତ ଇଚ୍ଛାପୁର ଗାଁର ଦୀପକ ବାଘ। ତେବେ ସମ୍ପୃକ୍ତ ଯୁବକଙ୍କୁ ହତ୍ୟା କରି ଫୋପାଡ଼ି ଦିଆଯାଇଥିବା ତାଙ୍କ ପରିବାର ଲୋକେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ଛେଣ୍ଡିପଦା–ଜରପଡ଼ା ପୂର୍ତ୍ତ ବିଭାଗ ରାସ୍ତାର ବାଲିପଟା ଗାଁ ପାଖ ତେଲିପୋଲ ନିକଟରେ ଦୁର୍ଗନ୍ଧ ହେଉଥିବାରୁ ସ୍ଥାନୀୟ ଲୋକେ ସନ୍ଦେହ କରିଥିଲେ। ପରେ ପୋଲ ତଳେ ଜଣେ ଯୁବକଙ୍କ ଗଳିତ ମୃତଦେହ ଓ କିଛି ଦୂରରେ ମୋଟର ସାଇକେଲ ପଡ଼ିଥିବା ଦେଖି ଛଣ୍ଡିପଦା ଥାନାକୁ ଖବର ଦେଇଥିଲେ। ଛେଣ୍ଡିପଦା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ କରିଥିଲା। ତଦନ୍ତ ବେଳେ ମୃତକ ଜଣଙ୍କ ହଣ୍ଡପା ଥାନା କଣ୍ଟେଇକୁଳିଆ ପଞ୍ଚାୟତ ଇଚ୍ଛାପୁର ଗାଁର ଦୀପକ ବୋଲି ଜଣାପଡ଼ିଥିଲା। ଖବରପାଇ ମୃତକଙ୍କ ପରିବାର ଲୋକେ ପହଞ୍ଚି ଦୀପକଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରିଥିଲେ। ଦୀପକ ଗତ ସାବିତ୍ରୀ ଅମାବାସ୍ୟା ଦିନ ଛେଣ୍ଡିପଦା ଆସିଥିବା ବେଳେ ଆଉ ଘରକୁ ଫେରି ନ ଥିଲେ। ବହୁ ଖୋଜାଖୋଜି କରିବା ପରେ ହଣ୍ଡପା ଥାନାରେ ସେମାନେ ନିଖୋଜ ଅଭିଯୋଗ କରିଥିଲେ ବୋଲି କହିଥିଲେ। ମୃତ ଦୀପକଙ୍କ ପରିବାର ଲୋକଙ୍କ ଅଭିଯୋଗକୁ ଆଧାର କରି ଛେଣ୍ଡିପଦା ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏହା ହତ୍ୟା ନା ଦୁର୍ଘଟଣା, ତାହା ଜଣାପଡ଼ିବ ବୋଲି ଥାନା ଅଧିକାରୀ ବିଭୁଦତ୍ତ ରାଉତରାୟ ପ୍ରକାଶ କରିଛନ୍ତି।


# Classified Everyday

0674-2580101, 9692975378



MATRIMONIAL

**BRIDE WANTED**

Khastriya Boy 1993, B.Tech, 5'9", Dhanu, Bangalore IT Software, Dhenkanal. 9668599723. D-71085

**GROOM WANTED**

Wanted Govt. Officers groom for beautiful Khandayat Girl 1992, 5'4", MSc, ME.d. serving Asst. Professor, Govt BE.d. College. "SUNASANSAR". 9937512659. D-76273



**REAL ESTATE SALE**

**Sale of personal plot 60x80= 4800sft. Nearer to Phulanakhara, 11 K.M. from BBSR @ 1500per sft. with big compound wall, beautiful road, touching to a building. 7809525452.** D- 76463

**Sthitiban plot sale near IIT Argul, Khurdha, Bhubaneswar. Immediate registration/ possesion sqft.- 350/-. 8328868883.** D-76270

ନଖରାଛକରୁ **6K.M.** ବ୍ରାହ୍ମଣଝରିଲୋରେ ଘରବାରି **boundary plot sale, 1500sqft. 30,00,000/-. 7978947520.** D-76272

**Ready to move 1/2 BHK flat for sale @ 13/24 lakh at Sundarpada and Gudiapokhari, Bhubaneswar. Call- 9861642492.** D-738

ଭୁବନେଶ୍ୱର, **Puri bypass** ପିପିଲି, ଉତ୍ତରାଛକ, ଝାରପଡ଼ା ଏବଂ ନଖରାଛକ ଠାରେ **Residential Plot, 2/3BHK Flat** ବିକ୍ରିହେବ। **8327785834.** D-76266




Wellness relax body massage & joint pain treatment by trend therapist. 7327020180. D-76917

Newly open health benefits SPA by expert therapist. Contact- 8280961126. D-76915

Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-730

**AFFIDAVIT**

By virtue of an affidavit sworn before the Executive Magistrate TALCHER on dated 10th March 2025, I, Mrs. Mamita Bisai, Address QR No-M/100, AT/PO-DERA COLLIERY, P.S.-Colliery, VTC- Talcher, PIN- 759103, Odisha have changed my name from "MAMATA BISOYI" to "MAMITA BISAI". Henceforth, I shall be known as "MAMITA BISAI" for all purposes.
MAMITA BISAI
D-770

I, SMITA GIRI, W/o HIMANSU PATNAIK, resident of B/5, SIDDHI VIHAR, BARABARI, P.O./P.S.- KHANDAGIRI, DIST.- KHURDA, ODISHA, PIN- 751030 declare by this affidavit No.- 8344 dtd- 19.05.2025 that now onwards, I shall be known as SMITA PATNAIK for all future purposes. D-772

I, Sri Nalla Damurudhara Choudhury declared that as per affidavit No.- 43, dtd- 29.-5.2025 before the Executive Magistrate, Nandapur, my old name N Damburudhara Choudhury has been changed to Nalla Damurudhara Choudhury. Henceforth I will be known as Nalla Damurudhara Choudhury son of Nalla Dharma Rao, At/P.O.- Nandapur, Dist.- Koraput for all purposes. D-768

**ମନେ ପଡ଼ନ୍ତି**

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଶ୍ରୀମତୀ ସରୋଜିନୀ ପଣ୍ଡା

ଆବିର୍ଭାବ: ୨୮।୦୮।୧୯୫୯
ତିରୋଧାନ: ୨୨।୦୫।୨୦୨୫

ଆଜି ବି ତୁମେ ଓ ତୁମ ସହିତ ବିତେଇଥିବା ମୁହୂର୍ତ୍ତ ସବୁ ଆମ ମାନସପଟ୍ଟରେ ସଜଳ ଓ ଜୀବନ୍ତ। ତୁମେ ଯେଉଁଠି ଥାଅ ଭଲରେ ଥାଅ, ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ପାଦ ପଦ୍ମରେ ଆମର ବିନମ୍ର ବିନତି।

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ:– ହତଭାଗ୍ୟ ପୁତ୍ର: (ପୁପୁନ୍), କନ୍ୟାମାନେ (ମାମା, ଉମୁନି, ସୀମା) ଓ ଶୋକସନ୍ତପ୍ତ ପରିବାରବର୍ଗ
ଧ-୭୬୯

**ପଞ୍ଚମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ରବିନାରାୟଣ ଜେନା

It broke our hearts to lose you, but you did not go alone, a part of us went with you. The day God took you home. If tears could build a stairway & heartaches build a lane We'd walk our way to heaven & bring you back again. In life, we loved you dearly, in death, we love you still, in our hearts you hold a place none could ever fill.

**Yours beloved family**
ଧ-୭୭୧

ପାଠକଙ୍କ ପାଇଁ ସୂଚନା କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଉତ୍ତର-ପୂର୍ବାଞ୍ଚଳରେ ବର୍ଷା ବିପ୍ୟାତ, ୨୪ ମୃତ

## ବନ୍ୟା, ଭୂସ୍ଖଳନରେ ୧୨ ହଜାର ଲୋକ ପ୍ରଭାବିତ

ଗୁଆହାଟୀ/ଇଟାନଗର, ୩୧।୫

ଲଗାଣ ବର୍ଷା ଯୋଗୁ ଭାରତର ଉତ୍ତର-ପୂର୍ବାଞ୍ଚଳ ରାଜ୍ୟ ଆସାମ, ଅରୁଣାଞ୍ଚଳ ପ୍ରଦେଶ, ନାଗାଲାଣ୍ଡ, ତ୍ରିପୁରା, ମିଜୋରାମ ଏବଂ ମେଘାଳୟରେ ବନ୍ୟା ଏବଂ ଭୂସ୍ଖଳନ ଘଟି ଅନେକ ହଜାର ଲୋକ ପ୍ରଭାବିତ ହେବା ସହ ୨୪ ଜଣଙ୍କର ମୃତ୍ୟୁ ଘଟିଛି। ବନ୍ୟାରେ ରାସ୍ତାଘାଟ ଧୋଇ ହୋଇଯିବା ସହ ଭୂସ୍ଖଳନରେ ଘର ଭାଙ୍ଗି ଅନେକ ଲୋକ ବାସହୀନ ହୋଇଛନ୍ତି। ଆଗାମୀ କିଛିଦିନ ଉତ୍ତର-ପୂର୍ବାଞ୍ଚଳର ଅନେକ ରାଜ୍ୟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ରେଡ୍ ଓ୍ୱାର୍ନିଂ ଜାରି କରିଛି।

ଗତ ୩ ଦିନ ମଧ୍ୟରେ ଆସାମର କାମରୂପ ମେଟ୍ରୋ ଜିଲାରେ ଭୂସ୍ଖଳନରେ ୫ ଜଣଙ୍କର ମୃତ୍ୟୁ ଘଟିଛି। ବନ୍ୟା ଏବଂ ଭୂସ୍ଖଳନରେ ରାଜ୍ୟର ୧୨ ହଜାର ଲୋକ ପ୍ରଭାବିତ ହୋଇଥିବା ନେଇ ଆସାମ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଏଏସ୍‌ଡିଏମ୍‌ଏ) ସୂଚନା ଦେଇଛନ୍ତି।


ଆସାମରେ ଏକ ଜଳାର୍ଣ୍ଣବ ଅଞ୍ଚଳରେ ଏନ୍‌ଡିଆର୍‌ଏଫ୍ ଟିମ୍ ଲୋକଙ୍କୁ ଉଦ୍ଧାର କରୁଛି।

ଗୁଆହାଟୀ ଏବଂ ସିଲ୍‌ଚର ସହରରେ ବନ୍ୟା ସ୍ଥିତି ସୃଷ୍ଟି ହୋଇ ୧୦ ହଜାର ଲୋକ ପ୍ରଭାବିତ ହୋଇଛନ୍ତି। ପ୍ରବଳ ବର୍ଷା ଏବଂ ପବନ ପାଇଁ ୧୮ ଜିଲାକୁ ରେଡ୍ ଆଲର୍ଟ ଜାରି କରାଯାଇଛି। ସେହିପରି ଅରୁଣାଚଳ ପ୍ରଦେଶର ବିଭିନ୍ନ ସ୍ଥାନରେ ବନ୍ୟା ସ୍ଥିତି ସଙ୍ଗିନ ରୂପ ନେଇଛି। ଶନିବାର ରାଜ୍ୟର ବିଭିନ୍ନ ସ୍ଥାନରେ ଭୂସ୍ଖଳନରେ ୯ ଜଣଙ୍କର ମୃତ୍ୟୁ ଘଟିଛି। ଇଷ୍ଟ କାମେଙ୍ଗ ଜିଲାର ଜାତୀୟ ରାଜପଥ-୧୩ ନିକଟବର୍ତ୍ତୀ ବାନା-ସେପ୍ପା ଅଞ୍ଚଳରେ ଭୂସ୍ଖଳନରେ ୨ ପରିବାର ୭ ଜଣଙ୍କର ମୃତ୍ୟୁ ଘଟିଛି ଓ ଇଷ୍ଟ କାମେଙ୍ଗ ଜିଲାର ୧୧୭ ଘର ସହ ଅନେକ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ନଷ୍ଟ ହୋଇଛି। ବର୍ଷାଋତୁ ସମୟରେ ଭୂସ୍ଖଳନ ପ୍ରବଣ ଅଞ୍ଚଳକୁ ନ ଯିବାକୁ ରାଜ୍ୟ ଗୃହ ମନ୍ତ୍ରୀ ମାମା ନାଟୁଙ୍ଗ ଲୋକଙ୍କୁ ଅପିଲ କରିଛନ୍ତି। ସେହିପରି ମ୍ୟାନ୍‌ମାର ସୀମା ନିକଟବର୍ତ୍ତୀ ପୂର୍ବ ମିଜୋରାମର ଚମ୍ପାଇ ଜିଲାସ୍ଥିତ ଭାଫାଇ ଗ୍ରାମରେ ଭୂସ୍ଖଳନ ଘଟି ୪ ଜଣଙ୍କର ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ୩ ଜଣ ମ୍ୟାନ୍‌ମାର ଶରଣାର୍ଥୀ ରହିଛନ୍ତି। ରାଜଧାନୀ ଆଇଜଲଠାରୁ ୧୧୪ କି.ମି. ଦୂର ଶେର୍‌ଚିପ ଜିଲାରେ ଏକ ଘର ଭୁଶୁଡ଼ି ପଡ଼ିବାରୁ ଜଣଙ୍କର ମୃତ୍ୟୁ ଘଟିଛି। ଗତ ୨ ଦିନ ଧରି ତ୍ରିପୁରାର ଜିରାନିଆ ସହରରେ ଲଗାଣ ବର୍ଷା ଯୋଗୁ ବନ୍ୟା ସ୍ଥିତି ସୃଷ୍ଟି ହୋଇଥିବା ବେଳେ ଏଥିରେ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ୨୦୦ରୁ ଅଧିକ ଲୋକ ବାସହୀନ ହୋଇଛନ୍ତି। ରାଜ୍ୟର ୧୦୬ ଘର କ୍ଷତିଗ୍ରସ୍ତ ହୋଇଛି। ୫୭ ପରିବାରର ୨୦୭ ଜଣଙ୍କୁ ସୁରକ୍ଷିତ ଆଶ୍ରୟସ୍ଥଳକୁ ନିଆଯାଇଛି। ମେଘାଳୟର ଇଷ୍ଟ ଖାସି ହିଲ୍ସ ଜିଲାରେ ବର୍ଷାଜନିତ ବିଭିନ୍ନ କାରଣରୁ ୩ ଜଣଙ୍କ ମୃତ୍ୟୁ ଘଟିଛି। ୨୫ ଗ୍ରାମର ପ୍ରାୟ ହଜାରେ ବାସିନ୍ଦା ବନ୍ୟା, ଭୂସ୍ଖଳନ ଏବଂ ବିଜୁଳି ବିଭ୍ରାଟରେ ପ୍ରଭାବିତ ହୋଇଥିବା ନେଇ ମୁଖ୍ୟମନ୍ତ୍ରୀ କନ୍‌ରାଡ ସାଙ୍ଗମା ସୂଚନା ଦେଇଛନ୍ତି। ନାଗାଲାଣ୍ଡରେ ମଧ୍ୟ ବର୍ଷାଜନିତ ଜଣଙ୍କର ମୃତ୍ୟୁ ଘଟିଛି।

ଲଗାଣ ବର୍ଷା ଏବଂ ଭୂସ୍ଖଳନରୁ ଦକ୍ଷିଣ ଭାରତ ମଧ୍ୟ ତ୍ରାହି ପାଇନାହିଁ। କର୍ନାଟକର ଦକ୍ଷିଣ କନ୍ନଡ଼ ଜିଲାର ମୋଣ୍ଟେପାଡାଭୁ କୋଡି ଅଞ୍ଚଳରେ ଭୂସ୍ଖଳନ ଘଟି ଏକ ଘର ଭାଙ୍ଗିଯିବାରୁ ୫ ଜଣଙ୍କର ମୃତ୍ୟୁ ଘଟିଛି। ସେହିପରି କେରଳର ବିଭିନ୍ନ ଜିଲାରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ରାଜ୍ୟର କୋଟ୍ଟାୟମ ଜିଲାର ୧,୧୦୦ ଏବଂ ଆଲାପୁଝା ଜିଲାର ୮୫୧ ଜଣଙ୍କୁ ସୁରକ୍ଷିତ ଆଶ୍ରୟସ୍ଥଳକୁ ନିଆଯାଇଛି।

## ୨୪୦ ଭାରତୀୟ ଯୁବକଙ୍କୁ ଚରମପନ୍ଥୀ କରିବାରେ ପାକ୍ ମହିଳା ସମ୍ପୃକ୍ତ

### ଆଇଏସ୍‌ଆଇ ନେଟ୍‌ଓ୍ୱାର୍କର ତଦନ୍ତ କରୁଛି ଏଟିଏସ୍

ଲକ୍ଷ୍ନୌ,୩୧।୫

ପାକିସ୍ତାନ ପାଇଁ ଗୁପ୍ତଚର ବୃତ୍ତିରେ ସମ୍ପୃକ୍ତି ଅଭିଯୋଗରେ ଗତ ୨୧ ତାରିଖରେ ବାରାଣସୀରୁ ଗିରଫ ହୋଇଥିବା ତୁଫେଲ୍ ମକ୍‌ସୁଦ(୩୪)ଙ୍କର ୮୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ସହ ଯୋଗାଯୋଗ ରହିଥିବା ଉତ୍ତରପ୍ରଦେଶ ଆତଙ୍କବାଦ ନିରୋଧୀ ସ୍କ୍ୱାଡ୍ (ଏଟିଏସ୍) ଜାଣିବାକୁ ପାଇଛି। ସେମାନେ ତୁଫେଲ୍‌ଙ୍କ ଦ୍ୱାରା ପରିଚାଳିତ ୧୯ଟି ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ସାମିଲ ଥିଲେ। ଗୁପ୍ତଚରଗିରି ଅଭିଯୋଗରେ ଏଟିଏସ୍ ତୁଫେଲ୍ ସମେତ ନୋଏଡ଼ାରୁ ମହମ୍ମଦ ହରୁନ୍ ଏବଂ ମୋରାଦାବାଦରୁ ଶାହଜାଦ ଓ୍ୱାହବଙ୍କୁ ଗିରଫ କରିଥିଲା। ଜେରାରୁ ଜଣାପଡ଼ିଛି, ତୁଫେଲ୍ ହ୍ୱାଟ୍ସଆପ୍‌ରେ ଅଧିକାଂଶ ବାର୍ତ୍ତା ପାକିସ୍ତାନୀ ମହିଳା ନଫିସାଙ୍କ ପାଖକୁ ପଠାଉଥିଲେ। ନଫିସା ୨୪୦ ଜଣ ଭାରତୀୟ ଯୁବକଙ୍କ ସହ ଯୋଗାଯୋଗରେ ରହି ସେମାନଙ୍କୁ କଠୋରପନ୍ଥୀ କରିବା ସହ ଗୁପ୍ତଚର ବୃତ୍ତିରେ ସାମିଲ କରାଉଥିଲେ। ପାକିସ୍ତାନୀ ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇ ଏଥିପାଇଁ ନଫିସାଙ୍କୁ ବ୍ୟବହାର କରୁଥିବା ସନ୍ଦେହ କରାଯାଉଛି।

## ସଂକ୍ଷେପରେ

### ପାକିସ୍ତାନକୁ ସାନ୍ତ୍ୱନା ବାର୍ତ୍ତା ପ୍ରତ୍ୟାହାର କଲା କଲମ୍ବିଆ

ବୋଗୋଟା,୩୧।୫(ପି.ଟି.)

ପହଲଗାମ୍ ଆତଙ୍କବାଦୀ ଆକ୍ରମଣର ଜବାବରେ ଭାରତୀୟ ସାମରିକ କାର୍ଯ୍ୟାନୁଷ୍ଠାନ ଯୋଗୁ ପାକିସ୍ତାନରେ ଲୋକଙ୍କ ମୃତ୍ୟୁ ପାଇଁ କଲମ୍ବିଆ ଇସ୍‌ଲାମାବାଦକୁ ହୃଦୟଭରା ସାନ୍ତ୍ୱନା ଜଣାଇଥିଲା। କଂଗ୍ରେସ ଏମ୍‌ପି ଶଶୀ ଥରୁରଙ୍କ ନେତୃତ୍ୱରେ ବହୁଦଳୀୟ ସଂସଦୀୟ ପ୍ରତିନିଧି ମଣ୍ଡଳୀ ପାକିସ୍ତାନର ସୀମାପାର ଆତଙ୍କବାଦୀ କାର୍ଯ୍ୟ ସମ୍ପର୍କରେ କଲମ୍ବିଆ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇବା ପରେ ସେମାନେ ଉକ୍ତ ସାନ୍ତ୍ୱନା ବାର୍ତ୍ତା ପ୍ରତ୍ୟାହାର କରିନେଇଛନ୍ତି। ଏହି ପ୍ରସଙ୍ଗରେ ଭାରତକୁ ସମର୍ଥନ ଦେବା ଲାଗି ସେମାନେ ପ୍ରତିଶ୍ରୁତି ଦେଇଛନ୍ତି। ପୂର୍ବରୁ କଲମ୍ବିଆର ମନ୍ତବ୍ୟକୁ ନେଇ ଥରୁର ଅସନ୍ତୋଷ ବ୍ୟକ୍ତ କରିଥିଲେ। ସେ କଲମ୍ବିଆର ବହିର୍ବ୍ୟାପାର ଉପମନ୍ତ୍ରୀ ରୋସା ୟୋଲାଣ୍ଡା ଭିଲାଭିସେନ୍‌ସିଓ ଓ ତାଙ୍କ ସହକର୍ମୀମାନଙ୍କ ସହ ଏସିଆ-ପାସିଫିକ୍ ପ୍ରସଙ୍ଗକୁ ନେଇ ଆଲୋଚନା କରିଥିଲେ। ଏହି ଅବସରରେ ପାକିସ୍ତାନକୁ ଦେଇଥିବା ସାନ୍ତ୍ୱନା ବାର୍ତ୍ତା ଫେରାଇ ନିଆଯାଇଥିବା ଉପମନ୍ତ୍ରୀ କହିବା ସହ ଭାରତକୁ ଦୃଢ଼ ସମର୍ଥନ ଜଣାଇଥିବାର ପ୍ରତିଶ୍ରୁତି ଦେଇଛନ୍ତି।

### ମହାକାଶକୁ ଗଲେ ୬ ପର୍ଯ୍ୟଟକ

#### ବ୍ଲୁ ଅରିଜିନ୍‌ର ଏନ୍‌ଏସ୍-୩୨ ମିଶନ ସଫଳ

ନୂଆଦିଲ୍ଲୀ,୩୧।୫

ଜେଫ୍ ବେଜୋସ୍‌ଙ୍କ ଘରୋଇ ସ୍ପେସ୍ କମ୍ପାନୀ ବ୍ଲୁ ଅରିଜିନ୍‌ର ଏନ୍‌ଏସ୍-୩୨ ମିଶନ ଶନିବାର ସଫଳତାର ସହ ମହାକାଶ ଅଭିମୁଖେ ଯାତ୍ରା କରିଛି। ଏହି ମିଶନରେ ୬ ଜଣ ପର୍ଯ୍ୟଟକ ସାମିଲ ହୋଇଛନ୍ତି। ସ୍ଥାନୀୟ ସମୟ ସକାଳ ୯ଟା ୩୦ ମିନିଟ୍ ସମୟରେ ଓ୍ୱେଷ୍ଟ ଟେକ୍ସାସ୍‌ର ଲଞ୍ଚସାଇଟ୍ ଓ୍ୱାନ୍‌ରୁ ମିଶନ୍ ଉତ୍କ୍ଷେପଣ କରାଯାଇଥିଲା। ଏହା କମ୍ପାନୀର ୩୨ତମ ମହାକାଶ ଯାତ୍ରା ହୋଇଥିବାବେଳେ ଦ୍ୱାଦଶ ମାନବ ସ୍ପେସ୍‌ଫ୍ଲାଇଟ୍। କିଛି ସପ୍ତାହ ପୂର୍ବରୁ ବ୍ଲୁ ଅରିଜିନ୍ କେବଳ ମହିଳା ସେଲିବ୍ରିଟିମାନଙ୍କୁ ମହାକାଶ ପଠାଇଥିଲା।

### ତାଜମହଲ ସୁରକ୍ଷା ପାଇଁ ଆଣ୍ଟିଡ୍ରୋନ୍ ସିଷ୍ଟମ୍ ଲଗାଯାଇଥିଲା

ଲକ୍ଷ୍ନୌ,୩୧।୫

ଭାରତ-ପାକିସ୍ତାନ ସଂଘର୍ଷ ବେଳେ ଆଗ୍ରାର ବିଶ୍ୱପ୍ରସିଦ୍ଧ କୀର୍ତ୍ତିରାଜି ତାଜମହଲକୁ ସୁରକ୍ଷିତ ରଖିବା ପାଇଁ ଆଣ୍ଟିଡ୍ରୋନ୍ ପ୍ରଯୁକ୍ତି ବ୍ୟବହାର କରାଯାଇଥିଲା। ତାଜମହଲ ପରିସରରେ ସ୍ଥାପିତ ଆଣ୍ଟିଡ୍ରୋନ୍ ସିଷ୍ଟମ୍ ୮ କିଲୋମିଟର ଦୂରରୁ ଶତ୍ରୁପକ୍ଷର ଡ୍ରୋନ୍‌କୁ ଚିହ୍ନଟ କରିବା ସହ ୫୦୦ ମିଟର ଦୂରରୁ ଆକାଶ ମାର୍ଗରେ ଯେକୌଣସି ବିପଦକୁ ପ୍ରତିହତ କରିବା କ୍ଷମତା ଏହାର ରହିଥିବା ଏସିପି ସୟେଦ ଅରିବ ଅହମଦ କହିଛନ୍ତି। ସୁରକ୍ଷା ମୁଖ୍ୟାଳୟ ଯୋଗାଇ ଦେଇଥିବା ଏହି ସିଷ୍ଟମକୁ ସଫଳତାର ସହ ପରୀକ୍ଷା କରାଯାଇଥିଲା।

## ନୀତେଶଙ୍କୁ ବେଲ୍, ଜେଲରୁ ବାହାରିଲେ ନୀତୀଶ

ଫରିଦାବାଦ, ୩୧।୫

ହରିୟାଣାର ଫରିଦାବାଦସ୍ଥିତ ନିମ୍‌କା ଜେଲ ପ୍ରଶାସନର ଅବହେଳା ଯୋଗୁ ଭୁଲରେ ଜଣେ ବଳାତ୍କାର ଅଭିଯୁକ୍ତ ମୁକୁଳିବାକୁ ସକ୍ଷମ ହୋଇଛନ୍ତି। ଜେଲରେ ଥିବା ୨ କଏଦୀଙ୍କ ନାମରେ ଦ୍ୱନ୍ଦ୍ୱ ହେତୁ ଏପରି ଘଟିଥିବା ନେଇ ଶନିବାର ଫରିଦାବାଦ ପୋଲିସ ସୂଚନା ଦେଇଛି। ଉଭୟ କଏଦୀଙ୍କ ନାମ ଏକାପରି ହେବା ସହ ସେମାନଙ୍କ ବାପାଙ୍କ ନାମ ରବିନ୍ଦର ହୋଇଥିବାରୁ ଏହି ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିଲା।

ନୀତେଶ (୨୪) ନାମକ ଜଣେ ବ୍ୟକ୍ତି ଚଳିତ ମାସ ତୃତୀୟ ସପ୍ତାହରେ ଏକ ଘରେ ପଶି ମାର୍‌ପିଟ ମାମଲାରେ ଗିରଫ ହୋଇଥିଲେ। ତାଙ୍କୁ ଗତ ୨୬ରେ ଫରିଦାବାଦ କୋର୍ଟର ଚିଫ୍ ଜୁଡିସିଆଲ ମାଜିଷ୍ଟ୍ରେଟ୍ ଜାମିନ ପ୍ରଦାନ କରିଥିଲେ। ତେବେ ନାମରେ ଦ୍ୱନ୍ଦ୍ୱ ହେତୁ ଗତ ୨୭ରେ ଏକ ପୋକ୍‌ସୋ ମାମଲାରେ ବଳାତ୍କାର ଅଭିଯୁକ୍ତ ନୀତୀଶ କୁମାର ପାଣ୍ଡେ (୨୭)ଙ୍କୁ ଜେଲ ପ୍ରଶାସନ ମୁକୁଳାଇଥିଲା। ନୀତୀଶ ଜଣେ ୯ ବର୍ଷୀୟ ନାବାଳକଙ୍କୁ ବଳାତ୍କାର କରିବା ଅଭିଯୋଗରେ ଗତ ୨୦୨୧ ଅକ୍ଟୋବରରେ ଗିରଫ ହୋଇଥିଲେ। ସେବେଠାରୁ ସେ ଜେଲରେ ଥିଲେ। ନାମକୁ ନେଇ ଜେଲ ପ୍ରଶାସନର ଦ୍ୱନ୍ଦ୍ୱ ଭିତରେ ନୀତୀଶ ନିଜ ପରିଚୟ ଲୁଚାଇ ମୁକୁଳିବାରେ ସଫଳ ହୋଇଥିଲା। ଏବେ ସେ ଫେରାର ଥିବା ପୋଲିସ କହିଛି। ପରିଚୟ ଲୁଚାଇ ଜେଲରୁ ମୁକୁଳିଥିବା ଅଭିଯୋଗରେ ଫରିଦାବାଦ ସଦର ଥାନା ପୋଲିସ ପକ୍ଷରୁ ନୀତୀଶଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ପୋଲିସ ନୀତୀଶଙ୍କୁ ଖୋଜିବା ଜାରି ରଖିଛି ଏବଂ ଖୁବ୍‌ଶୀଘ୍ର ତାଙ୍କୁ ଗିରଫ କରାଯିବ ବୋଲି ନିମ୍‌କା ଜେଲର ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ବିକ୍ରମ ସିଂ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଘଟଣାକୁ ନେଇ ନିମ୍‌କା ଜେଲ ଅଧୀକ୍ଷକ ହରେନ୍ଦ୍ର ସିଂଙ୍କ ଦ୍ୱାରା ଏକ ଆଭ୍ୟନ୍ତରୀଣ ତଦନ୍ତ କରାଯାଇଥିଲା। ଉକ୍ତ ତଦନ୍ତ ଅନୁଯାୟୀ, କାର୍ଯ୍ୟରେ ଅବହେଳା କରିଥିବାରୁ ୫ ଜଣ ଜେଲ କର୍ମଚାରୀଙ୍କୁ ନିଲମ୍ବନ କରାଯାଇଥିବା ବିକ୍ରମ ସୂଚନା ଦେଇଛନ୍ତି।

## ୪ ରାଜ୍ୟ, ୨ କେନ୍ଦ୍ରଶାସିତ ଅଞ୍ଚଳରେ ନାଗରିକ ପ୍ରତିରକ୍ଷା ମକ୍‌ଡ୍ରିଲ୍

ନୂଆଦିଲ୍ଲୀ,୩୧।୫

ଜରୁରୀ ପ୍ରସ୍ତୁତି ଏବଂ ମୁକାବିଲା କ୍ଷମତା ବଢ଼ାଇବା ପାଇଁ ସୀମାନ୍ତ ରାଜ୍ୟ ପଞ୍ଜାବ, ଗୁଜରାଟ, ରାଜସ୍ଥାନ ଓ ଜମ୍ମୁ-କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳ ସମେତ ହରିୟାଣା ଓ ଚଣ୍ଡିଗଡ଼ରେ ଶନିବାର ସନ୍ଧ୍ୟାରେ 'ଅପରେଶନ ଶିଲ୍ଡ' ନାମରେ ନାଗରିକ ପ୍ରତିରକ୍ଷା ମକ୍ ଡ୍ରିଲ୍ ଅନୁଷ୍ଠିତ ହୋଇଯାଇଛି। ଅଭ୍ୟାସ ବେଳେ ଆହତ ଭଳି ଅଭିନୟ କରୁଥିବା ସ୍ୱେଚ୍ଛାସେବୀଙ୍କୁ ଷ୍ଟ୍ରେଚରରେ ଆମ୍ବୁଲାନ୍ସ ପାଖକୁ ନିଆଯାଇଥିଲା। ନିର୍ବାପନ ଅଭ୍ୟାସ ପ୍ରଦର୍ଶିତ ହୋଇଥିଲା। ମକ୍ ଡ୍ରିଲ୍‌ରେ ଅଗ୍ନିଶମ ଓ ଜରୁରୀ ସେବା, ପୋଲିସ, ସ୍ୱାସ୍ଥ୍ୟ ବିଭାଗ ଓ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ, ସିଭିଲ୍ ଡିଫେନ୍ସ, ଏନ୍‌ଏସ୍‌ଏସ ଏବଂ ଏନ୍‌ସିସିର ପ୍ରଶିକ୍ଷଣପ୍ରାପ୍ତ ସ୍ୱେଚ୍ଛାସେବୀ ସାମିଲ ହୋଇଥିଲେ। ୨୯ ତାରିଖରେ ଏହି ଡ୍ରିଲ ହେବାକୁ ଥିବାବେଳେ ଏହାକୁ ୨ ଦିନ ଘୁଞ୍ଚାଇ ଦିଆଯାଇଥିଲା।


ଅମୃତସରରେ ମକ୍‌ଡ୍ରିଲବେଳେ ଜଣେ ଆହତଙ୍କୁ ଆମ୍ବୁଲାନ୍ସ ନିକଟକୁ ନିଆଯାଉଛି।

## 'ଟାଇଗର ମ୍ୟାନ୍'ଙ୍କ ପରଲୋକ

ନୂଆଦିଲ୍ଲୀ, ୩୧।୫ (ପି.ଟି.)

ଟାଇଗର ମ୍ୟାନ୍ ଭାବେ ପରିଚିତ ଭାରତର ପ୍ରସିଦ୍ଧ ବନ୍ୟପ୍ରାଣୀ ସଂରକ୍ଷକ ବାଲ୍ମୀକ୍ ଥାପରଙ୍କ ଶନିବାର ୭୩ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ହେଲା କର୍କଟ ରୋଗରେ ପୀଡ଼ିତ ଥିଲେ। ୫ ଦଶନ୍ଧି ଧରି ସେ ବନ୍ୟପ୍ରାଣୀ ସଂରକ୍ଷଣ କ୍ଷେତ୍ରରେ କାର୍ଯ୍ୟ କରିଥିଲେ। ତେବେ ତାଙ୍କର ବିଶେଷ ଫୋକସ୍ ବ୍ୟାଘ୍ର ସଂରକ୍ଷଣ ଉପରେ ରହିଥିଲା। ୧୯୮୮ରେ ଥାପର ରଣଥମ୍ଭୋର ଫାଉଣ୍ଡେଶନର ପ୍ରତିଷ୍ଠା କରିଥିଲେ। ଏକ ବେସରକାରୀ ସଙ୍ଗଠନ ଭାବେ ରଣଥମ୍ଭୋର ଜାତୀୟ ଉଦ୍ୟାନ ଅଞ୍ଚଳରେ ବ୍ୟାଘ୍ର ସଂରକ୍ଷଣ ଏବଂ ପରିବେଶ ଶିକ୍ଷା ଦିଗରେ କାର୍ଯ୍ୟ କରି ପ୍ରସିଦ୍ଧି ଲାଭ କରିଥିଲା। ଥାପର ୧୫୦ରୁ ଅଧିକ ସରକାରୀ କମିଟି ଏବଂ ଟାସ୍କଫୋର୍ସରେ କାର୍ଯ୍ୟ କରିଥିଲେ। ୨୦୦୫ରେ ବ୍ୟାଘ୍ର ସଂରକ୍ଷଣ ପରିଚାଳନାର ସମୀକ୍ଷା ପାଇଁ ଟାଇଗର ଟାସ୍କଫୋର୍ସର ସଦସ୍ୟ ଭାବେ ଥାପରଙ୍କୁ ନିଯୁକ୍ତ କରାଯାଇଥିଲା। ବ୍ୟାଘ୍ର ବାସସ୍ଥାନର ସୁରକ୍ଷା ପାଇଁ ସେ ଲଢ଼େଇ କରିବା ସହ ପୂରା ଜୀବନ ବନ୍ୟପ୍ରାଣୀ ତଥା ବ୍ୟାଘ୍ର ସଂରକ୍ଷଣରେ ଉତ୍ସର୍ଗ କରିଥିଲେ। ୧୯୫୨ରେ ନୂଆଦିଲ୍ଲୀରେ ଜନ୍ମିତ ଥାପରଙ୍କ ବାପା ରମେଶ ଥାପର ଜଣେ ଖ୍ୟାତନାମା ସାମ୍ବାଦିକ ଥିଲେ। ଥାପର ଅଭିନେତା ଶଶୀ କପୁରଙ୍କ ଝିଅ ତଥା ଥିଏଟର ଆର୍ଟିଷ୍ଟ ସଞ୍ଜନା କପୁରଙ୍କୁ ବିବାହ କରିଥିଲେ।


ବାଲ୍ମୀକ୍ ଥାପର

## ୨୬ ଜୀବନ ନେଲାଣି କୋଭିଡ୍


### ଭାରତରେ ୩,୩୯୫ ସକ୍ରିୟ ମାମଲା

ନୂଆଦିଲ୍ଲୀ,୩୧।୫

ଭାରତରେ କୋଭିଡ୍-୧୯ ସକ୍ରିୟ ମାମଲା ସଂଖ୍ୟା ଶନିବାର ୩,୩୯୫ରେ ପହଞ୍ଚିଛି। ସପ୍ତାହେ ପୂର୍ବରୁ ସକ୍ରିୟ ମାମଲା ସଂଖ୍ୟା ୧,୦୦୦ରୁ ସାମାନ୍ୟ ଅଧିକ ଥିଲା। ଇତିମଧ୍ୟରେ କୋଭିଡ୍‌ଜନିତ ମୃତ୍ୟୁସଂଖ୍ୟା ୨୬ ହେଲାଣି। କେରଳରେ ସର୍ବାଧିକ ୧,୩୩୬ ସକ୍ରିୟ ମାମଲା ରହିଥିବାବେଳେ ଏହା ପଛକୁ ମହାରାଷ୍ଟ୍ରରେ ୪୬୭, ଦିଲ୍ଲୀରେ ୩୭୫, ଗୁଜରାଟରେ ୨୬୫, କର୍ନାଟକରେ ୨୩୪, ପଶ୍ଚିମବଙ୍ଗରେ ୨୦୫, ତାମିଲନାଡୁରେ ୧୮୫ ଏବଂ ଉତ୍ତରପ୍ରଦେଶରେ ୧୧୭ ମାମଲା ଚିହ୍ନଟ ହୋଇଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡ଼ିଛି। ଗତ ୨୪ ଘଣ୍ଟା ମଧ୍ୟରେ ଦିଲ୍ଲୀ, କେରଳ, କର୍ନାଟକ ଏବଂ ଉତ୍ତରପ୍ରଦେଶରେ ଜଣେ ଲେଖାଏ କୋଭିଡ୍‌ରେ ପ୍ରାଣ ହରାଇଛନ୍ତି। ଦିଲ୍ଲୀର ଜଣେ ୬୦ ବର୍ଷୀୟା ମହିଳା ପ୍ରାଣ ହରାଇଥିବାବେଳେ ତାଙ୍କର ବହୁବିଧ ରୋଗ ଥିବା ଜଣାପଡ଼ିଛି। ଦିଲ୍ଲୀରେ ଏହା ପ୍ରଥମ କୋଭିଡ୍ ମୃତ୍ୟୁ। ସଂକ୍ରମଣର ଗମ୍ଭୀରତା କମ୍ ଥିବାରୁ ଅଧିକାଂଶ ରୋଗୀ ଘରେ ରହି ଚିକିତ୍ସିତ ହେଉଛନ୍ତି। ତେଣୁ ବ୍ୟତିବ୍ୟସ୍ତ ହେବାର କୌଣସି କାରଣ ନାହିଁ ବୋଲି ମନ୍ତ୍ରଣାଳୟ କହିଛି।

ବର୍ତ୍ତମାନ ସୁଦ୍ଧା ଦେଶରେ ଓମିକ୍ରନ୍‌ର ୪ଟି ଉପପ୍ରଜାତି ଏଲ୍‌ଏଫ୍.୭, ଏକ୍ସଏଫ୍‌ଜି, ଜେଏନ୍.୧ ଏବଂ ଏନ୍‌ବି.୧.୮.୧ ଚିହ୍ନଟ ହୋଇଛି। ସେଥିରୁ ପ୍ରଥମ ୩ଟି ଅଧିକ ସଂଖ୍ୟାରେ ଦେଖାଯାଉଥିବା ଭାରତୀୟ ଭେଷଜ ଗବେଷଣା ପରିଷଦର ମହାନିର୍ଦ୍ଦେଶକ ଡ. ରାଜୀବ ବେହଲ କହିଛନ୍ତି। କୋଭିଡ୍ ସ୍ଥିତି ଉପରେ ସରକାର ତୀକ୍ଷ୍ଣ ନଜର ରଖିଛନ୍ତି। ବର୍ତ୍ତମାନ ସ୍ଥିତିରେ ଆମକୁ ସତର୍କ ରହିବାକୁ ହେବ, କିନ୍ତୁ ବିବ୍ରତ ହେବାର କୌଣସି କାରଣ ନାହିଁ ବୋଲି ସେ କହିଛନ୍ତି।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ)ର ତଥ୍ୟ ଅନୁଯାୟୀ, ଗତ ଫେବୃଆରୀ ମଧ୍ୟଭାଗରୁ ବିଶ୍ୱର ବିଭିନ୍ନ ଦେଶରେ କୋଭିଡ୍ ସଂକ୍ରମଣ ବଢ଼ିବାରେ ଲାଗିଛି। ବିଶେଷକରି ପୂର୍ବ ଭୂମଧ୍ୟସାଗରୀୟ ଅଞ୍ଚଳ, ଦକ୍ଷିଣପୂର୍ବ ଏସିଆ ଏବଂ ପଶ୍ଚିମ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ସଂକ୍ରମଣ ବଢ଼ିଛି। ଏଲ୍‌ପି.୮.୧. ଭାରିଆଣ୍ଟ କମିଥିବାବେଳେ ଏନ୍‌ବି.୧.୮.୧ ବୃଦ୍ଧି ପାଇଛି। ଚାଇନା, ସିଙ୍ଗାପୁର, ତାଇଓ୍ୱାନ, ହଂକଂ ଏବଂ ଆମେରିକାର କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ସଂକ୍ରମଣ ଯଥେଷ୍ଟ ଅଧିକ ରହିଥିବାରୁ ସେଠାକୁ ନ ଯିବା ପାଇଁ ସରକାର ପରାମର୍ଶ ଦେଇଛନ୍ତି।



## ଫୁରସତ୍

### ସବୁଠୁ ଧନୀ ରାଜା

## ରହିଛି ୩୦୦ କାର୍, ୩୮ ଜେଟ୍

ବ୍ୟାଙ୍କକ୍

ଥାଇଲାଣ୍ଡର ରାଜା ମହା ବଜିରାଲଙ୍ଗ୍‌କର୍ନ ହେଉଛନ୍ତି ବିଶ୍ୱର ସବୁଠୁ ଧନୀ ରାଜା। ବିଶ୍ୱର ପ୍ରମୁଖ ବିଲିୟନେୟାରମାନଙ୍କ ମଧ୍ୟରୁ ସେ ଅନ୍ୟତମ ହୋଇଥିବା ନେଇ ଅଲ୍ ଜଜିରାର ଏକ ରିପୋର୍ଟରେ କୁହାଯାଇଛି। ଏହି ରିପୋର୍ଟ ଅନୁଯାୟୀ, ରାଜା ମହା ବଜିରାଲଙ୍ଗ୍‌କର୍ନଙ୍କ ଆନୁମାନିକ ସମ୍ପତ୍ତି ହେଉଛି ୪୩ ବିଲିୟନ ଆମେରିକୀୟ ଡଲାର (ପ୍ରାୟ ୩.୭ ଲକ୍ଷ କୋଟି ଟଙ୍କା)। ଶତାବ୍ଦୀ ପୁରୁଣା ରାଜ ପରିବାରର ସମ୍ପତ୍ତି, ରିୟଲ୍ ଇଷ୍ଟେଟ୍ ଏବଂ ଥାଇଲାଣ୍ଡ ବ୍ୟବସାୟରେ ନିବେଶରୁ ତାଙ୍କର ଏହି ସମ୍ପତ୍ତି ଥିବା ରିପୋର୍ଟରେ କୁହାଯାଇଛି। ୨୦୧୬ରେ ନିଜ ପିତା ତଥା ଥାଇଲାଣ୍ଡର ତତ୍କାଳୀନ ରାଜା ଭୂମିବଲ୍ ଅଦୁଲ୍ୟାଦେଜଙ୍କ ମୃତ୍ୟୁ ପରେ ମହା ବଜିରାଲଙ୍ଗ୍‌କର୍ନ କ୍ରାଉନ୍ ପ୍ରପର୍ଟି ବ୍ୟୁରୋ (ସିପିବି) ଦ୍ୱାରା ନିୟନ୍ତ୍ରିତ ରାଜ ପରିବାରର ବିପୁଳ ସମ୍ପତ୍ତିକୁ ପରିଚାଳନା କରିଥିଲେ। କେବଳ ବ୍ୟାଙ୍କକ୍‌ରେ ତାଙ୍କର ୧୭,୦୦୦ରୁ ଅଧିକ ବିଭିନ୍ନ ସମ୍ପତ୍ତି ରହିଛି। ଏଠାରେ ସେ ସବୁଠାରୁ ବଡ଼ ଜମି ମାଲିକ ଭାବେ ଜଣାଶୁଣା। ଏହି ସହରରେ ତାଙ୍କର ବିଭିନ୍ନ ଉଚ୍ଚମାନର ହୋଟେଲ ଏବଂ ପ୍ରାଚୀନ ପ୍ରାସାଦ ରହିଛି।

ଥାଇଲାଣ୍ଡ ରାଜା ମହା ବଜିରାଲଙ୍ଗ୍‌କର୍ନଙ୍କ ନିକଟରେ ୩୦୦ରୁ ଅଧିକ ବିଳାସପୂର୍ଣ୍ଣ କାର୍ ରହିଛି। ସେହିପରି ତାଙ୍କର ୩୮ଟି ନିଜସ୍ୱ ଜେଟ୍ ଏବଂ ୨୨ଟି ଗୋଲ୍ଡେନ୍ ବୋଟ୍ ରହିଛି, ଯାହା ପାରମ୍ପରିକ ରାଜକୀୟ ସମାରୋହ ପାଇଁ ବ୍ୟବହୃତ ହୁଏ। ୧୯୫୨ରେ ଜନ୍ମ ହୋଇଥିବା ମହା ବଜିରାଲଙ୍ଗ୍‌କର୍ନ ଥାଇଲାଣ୍ଡର ପୂର୍ବତନ ରାଜା ଭୂମିବଲ୍ ଏବଂ ରାଣୀ ସିରିକିଟଙ୍କ ଏକ ମାତ୍ର ପୁତ୍ର ସନ୍ତାନ ଥିଲେ। ପିଲାଦିନରୁ ସିଂହାସନ ସମ୍ଭାଳିବା ପାଇଁ ତାଙ୍କୁ ପ୍ରସ୍ତୁତ କରାଯାଇଥିଲା। ତାଙ୍କୁ ବିଦେଶରେ ଉଚ୍ଚସ୍ତରୀୟ ସାମରିକ ତାଲିମ ଦିଆଯାଇଥିଲା। ଅଷ୍ଟ୍ରେଲିଆର ନ୍ୟୁ ସାଉଥ୍ ୱେଲ୍ସ ବିଶ୍ୱବିଦ୍ୟାଳୟରୁ ସାମରିକ ଅଧ୍ୟୟନରେ ସେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ସେ କିଛିଦିନ ପାଇଁ ୟୁନାଇଟେଡ୍ କିଙ୍ଗଡମ୍‌ରେ ମଧ୍ୟ ଅଧ୍ୟୟନ କରିଥିଲେ। ଏହାପରେ କିଛିଦିନ ପାଇଁ ସେ ପାଇଲଟ୍ ହେବାର ତାଲିମ ମଧ୍ୟ ପାଇ ରୟାଲ୍ ଥାଇ ସେନାରେ ସେବା କରିଥିଲେ।


ମହା ବଜିରାଲଙ୍ଗ୍‌କର୍ନ

## 'ଭୁଲ୍ ଚୁକ୍ ମାଫ୍': ୨୦୨୫ର ୭ମ ହିଟ୍ ଫିଲ୍ମ




ମୁମ୍ବାଇ

ଅଭିନେତା ରାଜକୁମାର ରାଓ ଏବଂ ଅଭିନେତ୍ରୀ ୱାମିକା ଗବ୍ବିଙ୍କ 'ଭୁଲ୍ ଚୁକ୍ ମାଫ୍' ଫିଲ୍ମ ବକ୍ସ ଅଫିସରେ ଭଲ ପ୍ରଦର୍ଶନ କରିବା ଜାରି ରଖିଛି। ଗତ ୨୩ ତାରିଖରେ ଏହି ଫିଲ୍ମ ସିନେମା ହଲ୍‌ରେ ରିଲିଜ୍ ହୋଇଥିଲା। ରିଲିଜ୍ ହେବାର ପ୍ରଥମ ୮ ଦିନ ମଧ୍ୟରେ 'ଭୁଲ୍ ଚୁକ ମାଫ୍' ଫିଲ୍ମ କେବଳ ଭାରତୀୟ ଫିଲ୍ମ ହଲ୍‌ଗୁଡିକରୁ ୪୭.୩୪ କୋଟି ଟଙ୍କାର ବ୍ୟବସାୟ କରିଛି। ଏହାସହ କରନ ଶର୍ମାଙ୍କ ନିର୍ଦ୍ଦେଶିତ ଏହି କମେଡି ଡ୍ରାମା ଫିଲ୍ମ ୨୦୨୫ରେ ବର୍ତ୍ତମାନ ସୁଦ୍ଧା ଘରୋଇ ବକ୍ସ ଅଫିସରୁ ସର୍ବାଧିକ ରୋଜଗାର କରିଥିବା ସପ୍ତମ ଫିଲ୍ମ ହୋଇପାରିଛି। ପୂର୍ବରୁ ଚଳିତ ବର୍ଷ ଅଭିନେତା ଭିକି କୌଶଲଙ୍କ ଫିଲ୍ମ 'ଛାବା' ୫୮୫.୭ କୋଟି, ଅଜୟ ଦେବଗନଙ୍କ ଫିଲ୍ମ 'ରେଡ୍ ୨' ୧୬୫.୬୧ କୋଟି, ଅକ୍ଷୟ କୁମାରଙ୍କ ଫିଲ୍ମ 'ସ୍କାଏ ଫୋର୍ସ' ୧୧୩. ୬୩ କୋଟି, ସଲ୍‌ମାନ ଖାନ୍‌ଙ୍କ ଫିଲ୍ମ 'ସିକନ୍ଦର' ୧୧୦.୩୬ କୋଟି, ଅକ୍ଷୟଙ୍କ ଫିଲ୍ମ 'କେଶରୀ ୨' ୯୨.୧ କୋଟି ଏବଂ ସନି ଦେଓଲଙ୍କ ଫିଲ୍ମ 'ଜାଟ' ୮୮.୬୪ କୋଟି ଟଙ୍କା ଘରୋଇ ବକ୍ସ ଅଫିସରୁ ରୋଜଗାର କରିଥିଲା। ସେହିପରି ରିଲିଜ୍ ହେବାର ୮ ଦିନ ମଧ୍ୟରେ 'ଭୁଲ୍ ଚୁକ୍ ମାଫ୍' ଫିଲ୍ମ ସାରା ବିଶ୍ୱରୁ ୫୮ କୋଟି ଟଙ୍କା ରୋଜଗାର କରିଛି। ବିଭିନ୍ନ ରିପୋର୍ଟ ଅନୁଯାୟୀ, ପ୍ରାୟ ୫୦ କୋଟି ଟଙ୍କାରେ ନିର୍ମିତ ହୋଇଥିବା ଏହି ଫିଲ୍ମ ଏବେ ଏହାର ବଜେଟ ମୂଲ୍ୟକୁ ଅତିକ୍ରମ କରିଛି। ଏହାସହ 'ଭୁଲ୍ ଚୁକ୍ ମାଫ୍' ଫିଲ୍ମ ରାଜକୁମାରଙ୍କ କ୍ୟାରିୟରର ତୃତୀୟ ସବୁଠାରୁ ଅଧିକ ରୋଜଗାର କରିଥିବା ଫିଲ୍ମ ହୋଇପାରିଛି।


ରାଜକୁମାର ରାଓ

ଧରିତ୍ରୀ 51 Years

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ରବିବାର, ୧ ଜୁନ୍, ୨୦୨୫ Bhubaneswar, Sunday, 1 June, 2025


**ଫ୍ରେଞ୍ଚ୍ ଓପନ ଟେନିସ୍**

## ଚତୁର୍ଥ ରାଉଣ୍ଡରେ ଅଲ୍‌କାରାଜ, ଆନ୍ଦ୍ରିଭା

**ପ୍ୟାରିସ, ୩୧ା୫ (ଏପି)**

ଗତଥରର ଚାମ୍ପିୟନ କାର୍ଲୋସ ଅଲ୍‌କାରାଜ ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତାର ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଶୁକ୍ରବାର ରାତିରେ ଏକ ପୁରୁଷ ସିଙ୍ଗଲ୍ସ ତୃତୀୟ ରାଉଣ୍ଡ ମ୍ୟାଚରେ ସେ ଦାମିର ଦିଜୁମହୁର୍‌ଙ୍କୁ ୬-୧, ୬-୩, ୪-୬, ୬-୪ରେ ହରାଇ ଦେଇଛନ୍ତି। ଏଠାରେ ଦ୍ୱିତୀୟ ସିଡ୍ ମାନ୍ୟତାପ୍ରାପ୍ତ ସ୍ପେନର ଏହି ଖେଳାଳି ଏହା ପୂର୍ବରୁ କେବେ ୩୩ବର୍ଷୀୟ ଦିଜୁମହୁର୍‌ଙ୍କୁ ଭେଟି ନ ଥିଲେ। ସେ ଆହୁରି ମଧ୍ୟ କେବେ କୌଣସି ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟର ୩ୟ ରାଉଣ୍ଡ ଅତିକ୍ରମ କରିବାରେ ସଫଳ ହୋଇପାରି ନ ଥିଲେ। ଅଲ୍‌କାରାଜ ଚତୁର୍ଥ ରାଉଣ୍ଡରେ ବିଶ୍ୱର ୧୩ ନମ୍ବର ଖେଳାଳି ବେନ୍ ଶେଲଟନଙ୍କୁ ଭେଟିବେ। ଅନ୍ୟପକ୍ଷରେ ଶନିବାର ଖେଳାଯାଇଥିବା ମହିଳା ସିଙ୍ଗଲ୍ସର ଏକ ତୃତୀୟ ରାଉଣ୍ଡ ମ୍ୟାଚରେ ବିଶ୍ୱର ୬ ନମ୍ବର ରୁଷିଆର ମୀରା ଆନ୍ଦ୍ରିଭା ୬-୩, ୬-୧ ସେଟ୍‌ରେ ୩୨ତମ ସିଡ୍ ତଥା କାଜାଖସ୍ତାନର ୟୁଲିଆ ପୁଟିନସେଭାଙ୍କୁ ପରାସ୍ତ କରିଛନ୍ତି। ରୁଷିଆରୁ ଯାଇ ଅଷ୍ଟ୍ରେଲିଆରେ ବସବାସ କରିବା ପରେ ପ୍ରଥମ ଗ୍ରାଣ୍ଡସ୍ଲାମ ଖେଳୁଥିବା କାସାଟ୍‌କିନା ୧୦ମ ସିଡ୍ ପାଉଲା ବଦୋସାଙ୍କୁ ୬-୧, ୭-୫ରେ ହରାଇ ଦେଇଛନ୍ତି। ତୃତୀୟ ସିଡ୍ ଜେସିକା ପେଗୁଲା ଏକ ତୃତୀୟ ରାଉଣ୍ଡ ମୁକାବିଲାରେ ପୂର୍ବତନ ୱିମ୍ବେଲଡନ ଚାମ୍ପିୟନ ମାର୍କେଟା ଭୋନ୍ଦ୍ରୋସୋଭାଙ୍କୁ ୩-୬, ୬-୪, ୬-୨ରେ ପରାସ୍ତ କରିଛନ୍ତି। ଆମେରିକାର ଏହି କ୍ଲେ-କୋର୍ଟ ଖେଳାଳି ଗତବର୍ଷ କ୍ଲେ-କୋର୍ଟ ଗ୍ରାଣ୍ଡସ୍ଲାମ ଖେଳି ନ ଥିଲେ। ପ୍ୟାରିସରେ ସେ ଦ୍ୱିତୀୟ ଥର କ୍ୱାର୍ଟରଫାଇନାଲ ପ୍ରବେଶ ଲକ୍ଷ୍ୟରେ ରହିଛନ୍ତି।

# ଆଜିଠୁ ରଗ୍‌ବୀ ପ୍ରିମିୟର ଲିଗ୍ ଆର୍‌ପିଏଲ୍ ଉପଯୁକ୍ତ ପ୍ଲାଟଫର୍ମ

**ଭୁବନେଶ୍ୱର, ୩୧ା୫ (ତପନ ସ୍ୱାଇଁ)**

ରଗ୍‌ବୀ ଇଣ୍ଡିଆ ଓ ଜିଏମ୍‌ଆର୍‌ର ମିଳିତ ଆନୁକୂଲ୍ୟରେ ରଗ୍‌ବୀ ପ୍ରିମିୟର ଲିଗ୍ (ଆର୍‌ପିଏଲ୍) ଅନ୍ଧେରି ସ୍ପୋର୍ଟ୍ସ କମ୍ପ୍ଲେକ୍ସ (ମୁମ୍ବାଇ ଫୁଟବଲ ଆରେନା)ରେ ରବିବାରଠାରୁ ଆରମ୍ଭ ହେବାକୁ ଯାଉଛି। ଏହା ୧୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ବିଶ୍ୱର ଏହି ସର୍ବପ୍ରଥମ ଫ୍ରାଞ୍ଚାଇଜ୍ ଭିତ୍ତିକ ୭ଏସ୍ ଲିଗ୍‌ରେ ମୋଟ ୬ଟି ଦଳ ଅଂଶଗ୍ରହଣ କରୁଛନ୍ତି। ସେଗୁଡ଼ିକ ହେଲେ ଓଡ଼ିଶା ଭିତ୍ତିକ ଦଳ କଳିଙ୍ଗ ବ୍ଲାକ୍ ଟାଇଗର୍ସ, ମୁମ୍ବାଇ ଡ୍ରିମସ, ବେଙ୍ଗାଲୁରୁ ବ୍ରେଭହାର୍ଟ୍ସ, ଚେନ୍ନାଇ ବୁଲ୍ସ, ଦିଲ୍ଲୀ ରେଜ୍ ଓ ହାଇଦ୍ରାବାଦ ହିରୋଜ। ରଗ୍‌ବୀ ପ୍ରିମିୟର ଲିଗ୍ ପାଇଁ ଗତ ଏପ୍ରିଲରେ ଅନୁଷ୍ଠିତ ଖେଳାଳି ନିଲାମରେ ଓଡ଼ିଶାର ୪ ରଗ୍‌ବୀ ପ୍ରତିଭା ସାମିଲ ହୋଇଥିଲେ। ସେମାନେ ହେଲେ ଆଶିଷ ଶବର, ଗଣେଶ ଧାଙ୍ଗଡ଼ା ମାଝି, ସମ୍ବିତ ପ୍ରଧାନ ଓ ଶାନାୱାଜ ଅହମଦ। କଳାହାଣ୍ଡିର ଆଶିଷଙ୍କୁ କଳିଙ୍ଗ ବ୍ଲାକ୍ ଟାଇଗର୍ସ ୧.୫୦ ଲକ୍ଷ ଟଙ୍କାରେ କିଣିଥିଲା। ସେହିପରି ମାଲକାନଗିରିର ଗଣେଶ ୫୦ ଲକ୍ଷ ଟଙ୍କାରେ ମୁମ୍ବାଇ ଡ୍ରିମର୍ସ ଦଳକୁ ଯାଇଛନ୍ତି। ଆଶିଷ ଓ ଗଣେଶଙ୍କ ବ୍ୟତୀତ ଭୁବନେଶ୍ୱରର ଦୁଇ ଖେଳାଳି ସମ୍ବିତ ପ୍ରଧାନ ୫୦ ଲକ୍ଷରେ ହାଇଦ୍ରାବାଦ ହିରୋଜ ଓ ଶାନାୱାଜ ଅହମଦ ୮୦ ଲକ୍ଷରେ ଚେନ୍ନାଇ ବୁଲ୍ସ ଦଳରେ ସାମିଲ ହୋଇଛନ୍ତି।

ଲିଗ୍ ପାଇଁ ଓଡ଼ିଶାଭିତ୍ତିକ ଦଳ କଳିଙ୍ଗ ବ୍ଲାକ୍ ଟାଇଗର୍ସର ପ୍ରସ୍ତୁତି ଶେଷ ହୋଇଛି। ବିଶ୍ୱସ୍ତରୀୟ ପୁଞ୍ଜିନିବେଶ ସଂସ୍ଥା 'ହଞ୍ଚ୍ ଭେଞ୍ଚର୍ସ'ର ପ୍ରତିଷ୍ଠାତା କରନ ପାଲ ସିଂଙ୍କ ସହଯୋଗରେ ଏହି ଫ୍ରାଞ୍ଚାଇଜ୍ ଆଗାମୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବ। ଓଡ଼ିଶାର ଆଶିଷ ଶବର ଏହି ଦଳରେ ଓଡ଼ିଶାର ପ୍ରତିନିଧିତ୍ୱ କରିବେ। ସେହିପରି ରାଜୀବ ନାଥ ସହକାରୀ ପ୍ରଶିକ୍ଷକ ଭାବେ ନିଯୁକ୍ତ ହୋଇଛନ୍ତି। ଦଳର ଅଭ୍ୟାସ ମେ' ୧୮ରୁ ଆରମ୍ଭ ହୋଇଥିଲା ଓ ଏହା ରବିବାର ଶେଷ ହେବ। ରଗ୍‌ବୀପ୍ରେମୀମାନେ ଷ୍ଟାର ସ୍ପୋର୍ଟ୍ସ ଓ ଜିଓହଟଷ୍ଟାରରେ ସମସ୍ତ ଆକ୍ସନକୁ ସିଧାସଳଖ ଦେଖିପାରିବେ।

**ଓଡ଼ିଶାର କଳିଙ୍ଗ ବ୍ଲାକ୍ ଟାଇଗର୍ସ ଦଳ ପ୍ରସ୍ତୁତ**


ବିରଳ କଳା ବାଘଙ୍କଠାରୁ ପ୍ରେରଣା ନେଇ କଳିଙ୍ଗ ବ୍ଲାକ ଟାଇଗର୍ସ ଓଡ଼ିଶାର ଶକ୍ତି, ଚପଳତା ଏବଂ ଲଢୁଆ ଭାବନାର ପ୍ରତୀକକୁ ସୂଚିତ କରୁଛି। ଦଳ ଗଠନ ପରେ ରାଜ୍ୟରେ ଉତ୍ସାହ ପ୍ରକାଶ ପାଇଥିବାବେଳେ ଓଡ଼ିଶାର କ୍ରୀଡ଼ା ଇକୋସିଷ୍ଟମରେ ନୂଆ ଫର୍ଦ୍ଦ ଯୋଡ଼ି ହୋଇଛି। ନିଲାମରେ କଳିଙ୍ଗ ବ୍ଲାକ ଟାଇଗର୍ସ ଅନ୍ତର୍ଜାତୀୟ ଓ ଶୀର୍ଷ ଭାରତୀୟ ପ୍ରତିଭାଙ୍କ ମିଶ୍ରଣରେ ଏକ ପ୍ରଭାବଶାଳୀ ଦଳ ଗଠନ କରିଛି। ଏଥିରେ ପେରି ବେକର, ରୋସ୍କୋ ସ୍ପେସମ୍ୟାନ, ହ୍ୟାରି ମ୍ୟାକନଲ୍ଟି, ମୋରିସ ଲଙ୍ଗବଟମ, ଲୁକାସ ଲାକ୍ୟାମ୍ପ, କାଏଲ ଟ୍ରେମ୍ବଲେ, ଇଥାନ ଟର୍ନର, ଜେମ୍ସ ଥିଏଲଙ୍କ ଭଳି ବିଶ୍ୱସ୍ତରୀୟ ରଗ୍‌ବୀ ତାରକା ରହିଛନ୍ତି। ଦଳରେ ଭାରତୀୟ ଖେଳାଳିଙ୍କର ମଧ୍ୟ ଏକ ଦୃଢ଼ ଲାଇନ୍‌ଅପ୍ ରହିଛି। ସେମାନଙ୍କ ମଧ୍ୟରେ ଓଡ଼ିଶାର ଆଶିଷ ଶବରଙ୍କ ସମେତ ଅଜୟ ଦେଶୱାଲ, ପପୁ ତୋଡକର, ପ୍ରଦୀପ ସିଂ ଏବଂ ଅର୍ଜୁନ ମାହାତୋ ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ ବୋଲି ଆଶା କରାଯାଉଛି। କଳିଙ୍ଗ ବ୍ଲାକ ଟାଇଗର୍ସର ମୁଖ୍ୟ କୋଚ୍ ହେଉଛନ୍ତି ମାଇକ ଫ୍ରାଇଡେ, ଯିଏ କି ନିଜର ରଣନୀତି ଏବଂ ପରିବର୍ତ୍ତନକାରୀ ଲିଡରଶିପ୍ ପାଇଁ ବେଶ୍ ଜଣାଶୁଣା। ୟୁଏସ୍‌ଏ ରଗ୍‌ବୀ ଦ୍ୱାରା ନିଯୁକ୍ତ ଆମେରିକୀୟ ଜାତୀୟ ସେଭେନ୍ସ ଟିମ୍‌ର ମୁଖ୍ୟ ପ୍ରଶିକ୍ଷକ ଭାବେ ଦୀର୍ଘ ୧୦ ବର୍ଷ କାର୍ଯ୍ୟ କରିବା ପରେ ଫ୍ରାଇଡେ ଏବେ ନିଜର ବିଜୟ ମାନସିକତାକୁ ଟାଇଗର୍ସ ଦଳରେ ପ୍ରତିଫଳିତ କରିବାକୁ ପ୍ରସ୍ତୁତ। ଓଡ଼ିଶା ପୁରୁଷ ରଗ୍‌ବୀ ଦଳର ପୂର୍ବତନ ଅଧିନାୟକ ରାଜୀବ ନାଥ ସହକାରୀ ପ୍ରଶିକ୍ଷକ ଭାବେ ଯୋଗ ଦେଇଛନ୍ତି।

**ଭୁବନେଶ୍ୱର, ୩୧ା୫ (ଅନାଦି କର)**

ରବିବାରଠାରୁ ରଗ୍‌ବୀ ପ୍ରିମିୟର ଲିଗ୍ (ଆର୍‌ପିଏଲ) ଆରମ୍ଭ ହେବାକୁ ଯାଉଛି। ଏହି ଲିଗ୍‌ରେ ଓଡ଼ିଶାର ପ୍ରତିନିଧିତ୍ୱ କରିବ କଳିଙ୍ଗ ବ୍ଲାକ ଟାଇଗର୍ସ (କେବିଟି)। ଏହି ଦଳରେ ସ୍ଥାନ ପାଇଛନ୍ତି ଓଡ଼ିଆ ଖେଳାଳି ଆଶିଷ ଶବର। ୨୦୧୬ରେ ରଗ୍‌ବୀ ଅଭିଯାନ ଆରମ୍ଭ କରିଥିବା ୨୨ବର୍ଷୀୟ ଆଶିଷ ନେପାଳରେ ଭାରତୀୟ ସିନିୟର ଦଳ ସହିତ ଏସିଆ ରଗ୍‌ବୀ ସେଭେନ୍ସ ଟ୍ରଫି, ଶ୍ରୀଲଙ୍କା ଏସିଆ ରଗ୍‌ବୀ ଫିଫଟିନ୍ସ ଚାମ୍ପିୟନଶିପ ଭଳି ଅନେକ ସମ୍ମାନଜନକ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟରେ ଭାରତ ପାଇଁ ପ୍ରତିନିଧିତ୍ୱ କରିଛନ୍ତି। ସିନିୟର ସ୍ତରରେ ଖେଳିବା ପୂର୍ବରୁ ଜୁନିୟର ସ୍ତରରେ ୨୦୨୩ରେ ନେପାଳରେ ଅନୁଷ୍ଠିତ ଏସିଆ ରଗ୍‌ବୀ ୨୦ ବର୍ଷରୁ କମ୍ ଚାମ୍ପିୟନଶିପ ଓ ଗତବର୍ଷ ଫ୍ରାନ୍ସରେ ୱାର୍ଲ୍ଡ ୟୁନିଭରସିଟି ଗେମ୍ସରେ ମଧ୍ୟ ପ୍ରତିନିଧିତ୍ୱ କରିଥିଲେ। ତାଙ୍କ ଉପଲବ୍ଧି ତାଲିକାରେ ୩୭ତମ ଓ ୩୮ତମ ଜାତୀୟ ଗେମ୍ସରେ ବ୍ରୋଞ୍ଜ, ୨୦୨୪ ଖେଲୋ ଇଣ୍ଡିଆ ୟୁନିଭରସିଟି ଗେମ୍ସ ଓ ଅଲ ଇଣ୍ଡିଆ ୟୁନିଭରସିଟି ଚାମ୍ପିୟନଶିପରେ ରୌପ୍ୟ ପଦକ ରହିଛି। ତାଙ୍କ ସହିତ ଧରିତ୍ରୀର ଏକ ସ୍ୱତନ୍ତ୍ର ସାକ୍ଷାତ୍କାର...

**ରଗ୍‌ବୀ ସହିତ କେମିତି ଯୋଡ଼ି ହେଲେ?**

ମୁଁ ଗାଁରେ ଫୁଟ୍‌ବଲ ଖେଳୁଥିଲି। ୨୦୧୫ରେ ପଞ୍ଚମ ଶ୍ରେଣୀରେ କିସ୍‌ରେ ପଢ଼ିଲା ବେଳେ ମୁଁ ରଗ୍‌ବୀ ସହ ପରିଚିତ ହୋଇଥିଲି। ମୋତେ ଅଚ୍ୟୁତ ସାମନ୍ତ ସାର୍ ସୁଯୋଗ ଦେବା ସହ ଖୁବ୍ ଉତ୍ସାହିତ କରିଥିଲେ। ସାର୍‌ଙ୍କ ବିନା ମୁଁ କ୍ୟାରିୟର କରିପାରି ନ ଥା'ନ୍ତି। ମୁଁ ୧୧ ବର୍ଷ ବୟସରେ ଷଷ୍ଠ ଶ୍ରେଣୀରେ ପଢ଼ିବା ବେଳେ ୨୦୧୬ରେ ରଗ୍‌ବୀ ଖେଳିବା ଆରମ୍ଭ କରିଥିଲି। ମୋତେ କୋଚ୍ ରାଜ କିଶୋର ମୁର୍ମୁ ସାର୍‌ଙ୍କଠାରୁ ଉପଯୁକ୍ତ ଟ୍ରେନିଂ ମିଳିଥିଲା। ୫ରୁ ୬ ବର୍ଷ ଧରି ମୁଁ ଟ୍ରେନିଂ ନେବା ପରେ ୨୦୨୧-୨୨ ୧୮ବର୍ଷରୁ କମ୍ ନ୍ୟାଶନାଲ ପ୍ରତିଯୋଗିତାରେ ଓଡ଼ିଶା ପାଇଁ ପ୍ରତିନିଧିତ୍ୱ କରିଥିଲି। ମୁଁ ସେଣ୍ଟର ଓ ୱିଙ୍ଗ ପୋଜିଶନରେ ଖେଳେ। ଏହି ପୋଜିଶନରେ ଭଲ ପ୍ରଦର୍ଶନ କରିବା ପାଇଁ ମୋତେ କ'ଣ କ'ଣ କରିବାକୁ ପଡ଼ିବ, ତାହା ଜାଣିବାକୁ ପାଇଥିଲି।



ଆଶିଷ ଶବର

**ଭାରତ ପାଇଁ ଅଲିମ୍ପିକ୍ସ ପଦକ ଜିତିବା ସ୍ୱପ୍ନ**

ମୁଁ ଏତେ କମ୍ ବୟସରେ ଭାରତୀୟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିଥିବାରୁ ବହୁତ ଖୁସି ଏବଂ ଗର୍ବିତ। ମୁଁ ଭାରତୀୟ ସିନିୟର ଦଳ ପାଇଁ ଯଥାସମ୍ଭବ ଅଧିକରୁ ଅଧିକ ମ୍ୟାଚ୍ ଖେଳିବାକୁ ଏବଂ ଭଲ ପ୍ରଦର୍ଶନ କରିବାକୁ ଚାହେଁ। ଭାରତ ପାଇଁ ବିଶ୍ୱକପ୍‌ରେ ପ୍ରତିନିଧିତ୍ୱ କରିବା ସହିତ ଅଲିମ୍ପିକ୍ସରେ ପଦକ ଜିତିବା ମୋ ପାଇଁ ସ୍ୱପ୍ନ।

**ଆର୍‌ପିଏଲ୍ ଏକ ଉପଯୁକ୍ତ ପ୍ଲାଟଫର୍ମ ଯୋଗାଇବ**

ରବିବାରଠାରୁ ଆରମ୍ଭ ହେବାକୁ ଯାଉଥିବା ଆର୍‌ପିଏଲ୍ ମୋ ଭଳି ଯୁବ ଖେଳାଳିଙ୍କୁ ଉପଯୁକ୍ତ ପ୍ଲାଟଫର୍ମ ଯୋଗାଇବ। ସେଠାରେ ଆମକୁ ବିଦେଶୀ ଖେଳାଳିଙ୍କ ସହିତ ଓ ଦକ୍ଷ କୋଚ୍‌ଙ୍କ ମାର୍ଗଦର୍ଶନରେ ଖେଳିବାକୁ ସୁଯୋଗ ମିଳିବ। ସେମାନଙ୍କଠାରୁ ଆମେ ଅନେକ କିଛି ଶିଖିବାକୁ ପାଇବୁ। ଏହାଦ୍ୱାରା ଆମ ଦକ୍ଷତାରେ ବୃଦ୍ଧି ଓ ପ୍ରଦର୍ଶନରେ ଉନ୍ନତି ଆସିବ। ଏହି ଲିଗ୍ ଯୋଗୁ ଦେଶ ତଥା ରାଜ୍ୟରେ ରଗ୍‌ବୀ ପ୍ରତି ଲୋକପ୍ରିୟତା ବୃଦ୍ଧି ପାଇବ। ଅନେକ ଖେଳାଳି ଏଥିଲାଗି ଆକୃଷ୍ଟ ହେବେ। ଏହି ଲିଗ୍‌ରୁ ଭାରତୀୟ ଦଳକୁ ଅନେକ ନୂଆ ନୂଆ ଖେଳାଳି ମିଳିବେ। ଏହାର ଫଳ ସ୍ୱରୂପ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟରେ ଭାରତୀୟ ଦଳର ପ୍ରଦର୍ଶନରେ ଉନ୍ନତି ଆସିବ। ଏହାଦ୍ୱାରା ଖେଳାଳିଙ୍କ ଆର୍ଥିକ ସ୍ଥିତି ମଧ୍ୟ ସୁଧୁରିବ।

**ଭାରତୀୟ ରଗ୍‌ବୀ ଦଳ ଗଠନରେ ଆଦିବାସୀ ଖେଳାଳିଙ୍କ ଭୂମିକା**

ଅତୀତରେ ମୁନା ମୁର୍ମୁ, ରାଜକିଶୋର ମୁର୍ମୁ, ସୁମିତ୍ରା ନାୟକ, ଗୋପୀ ମାଝୀ, ଡୁମିନି ମାରାଣ୍ଡି, ରଜନୀ ଶବର, ପାର୍ବତୀ କିସ୍କୁ, ମାମା ନାୟକ, ନିର୍ମାଲ୍ୟ ରାଉତ, ତରୁଲତା ନାୟକଙ୍କ ଭଳି ଓଡ଼ିଶାର ଅନେକ ଆଦିବାସୀ ଖେଳାଳି ଉଭୟ ପୁରୁଷ ଓ ମହିଳା ବିଭାଗରେ ଭାରତୀୟ ସିନିୟର ଦଳ ପାଇଁ ପ୍ରତିନିଧିତ୍ୱ କରିଛନ୍ତି। ଏଥିଯୋଗୁ ଭାରତୀୟ ରଗ୍‌ବୀ ଦଳ ଗଠନରେ ନିଶ୍ଚିତ ଭାବେ ଆଦିବାସୀ ଖେଳାଳିଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସେମାନଙ୍କଠାରୁ ମୋତେ ଅଧିକ ପରିଶ୍ରମ କରିବାକୁ ପ୍ରେରଣା ମିଳିଥିଲା। ଏଥିରେ ଆମ କୋଚ୍ ରାଜକିଶୋର ସାର୍‌ଙ୍କର ମଧ୍ୟ ଅବଦାନ ରହିଛି।

# ଜାତୀୟ ରେକର୍ଡ ସହ ଅନିମେଷଙ୍କୁ ବ୍ରୋଞ୍ଜ

**ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍**


ପଦକ ସହ ଅନିମେଶ କୁଜୁର।

**ଭୁବନେଶ୍ୱର, ୩୧ା୫ (ତପନ ସ୍ୱାଇଁ)**

ଦକ୍ଷିଣ କୋରିଆର ଗୁମିଠାରେ ଅନୁଷ୍ଠିତ ୨୬ତମ ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ଜାତୀୟ ରେକର୍ଡ ସହ ପୁରୁଷ ୨୦୦ ମିଟର ରେସ୍‌ରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି ଓଡ଼ିଶା ଏଚ୍‌ପିସି ଆଥ୍‌ଲେଟ୍ ଅନିମେଶ କୁଜୁର। ଏଥିସହ ସେ ଏହି ପ୍ରତିଯୋଗିତାର ପୁରୁଷ ୨୦୦ ମିଟରରେ ଭାରତ ପାଇଁ ପଦକ ଜିତିବାରେ ଦୀର୍ଘ ୧୦ ବର୍ଷ ପ୍ରତୀକ୍ଷାର ଅବସାନ ଘଟାଇଛନ୍ତି। ଶନିବାର ଅନୁଷ୍ଠିତ ପୁରୁଷ ୨୦୦ ମିଟର ରେସ୍‌ରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ୨୧ ବର୍ଷୀୟ ଅନିମେଶ ୨୦.୩୨ ସେକେଣ୍ଡ ସମୟ ନେଇ ତୃତୀୟ ସ୍ଥାନ ଅଧିକାର କରିବା ସହ ନିଜ ନାମରେ ଥିବା ଜାତୀୟ ରେକର୍ଡକୁ ଭାଙ୍ଗିଥିଲେ। ପୂର୍ବରୁ ଗତ ଫେଡେରେଶନ କପ୍‌ରେ ସେ ୨୦.୪୦ ସେକେଣ୍ଡ ସମୟ ନେଇ ଜାତୀୟ ରେକର୍ଡର ଅଧିକାରୀ ଥିଲେ। ସେହିପରି ପୂର୍ବରୁ ୨୦୧୫ରେ ଧରମବୀର ସିଂ ଏହି ମହାଦେଶୀୟ ପ୍ରତିଯୋଗିତାରେ ପ୍ରଥମ ଭାରତୀୟ ସ୍ପ୍ରିଣ୍ଟରଭାବେ ପୁରୁଷ ୨୦୦ ମିଟରରେ ଏକ ପଦକ ଜିତିଥିଲେ। ଏବେ ୨୦୨୫ରେ ପଦକ ଜିତି ଦୀର୍ଘ ପ୍ରତୀକ୍ଷାର ଅନ୍ତ ଘଟାଇଛନ୍ତି ଅନିମେଶ। ଜାପାନର ତୋୱା ଉଜାୱା ୨୦.୧୨ ସେକେଣ୍ଡ ସହ ସ୍ୱର୍ଣ୍ଣ ଏବଂ ସୌଦିଆରବର ଅବଦୁଲାଜିଜ୍ ଅବ୍‌ଦୁଲ ଅତାଫି ୨୩.୩୧ ସେକେଣ୍ଡ ସମୟ ନେଇ ରୌପ୍ୟ ପଦକ ହାସଲ କରିଥିଲେ।

ଅନିମେଶ ଗତ ବର୍ଷଠାରୁ ପ୍ରଭାବୀ ପ୍ରଦର୍ଶନ କରି ଆସୁଛନ୍ତି। ସେ ଅନେକଥର ୨୦୦ ମିଟରରେ ଜାତୀୟ ରେକର୍ଡକୁ ଭାଙ୍ଗିଛନ୍ତି। ୨୦୨୫ରେ ତାଙ୍କ ପ୍ରଦର୍ଶନ ନୂଆ ସ୍ତରକୁ ଛୁଇଁଛି। କୋଚିରେ ଅନୁଷ୍ଠିତ ଫେଡେରେଶନ କପ୍‌ରେ ସେ ଅମ୍ଲାନ ବୋରଗୋହେନଙ୍କ ନାମରେ ଥିବା ୨୦.୫୨ ସେକେଣ୍ଡର ଜାତୀୟ ରେକର୍ଡକୁ ଭାଙ୍ଗିଥିଲେ। "ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର ପୁରୁଷ ୨୦୦ ମିଟର ରେସ୍‌ରେ ବ୍ରୋଞ୍ଜ ପଦକ ଜିତିଥିଲେ ହେଁ ଅନିମେଶ ଦୁର୍ଭାଗ୍ୟ ବଶତଃ ଅଳ୍ପକିଛି ସେକେଣ୍ଡ ପାଇଁ ରୌପ୍ୟ ହାସଲରୁ ବଞ୍ଚିତ ହେଲେ। ମୁଁ ପ୍ରକୃତରେ ତାଙ୍କପାଇଁ ଗର୍ବିତ। ଗତ କିଛିଦିନଧରି ସେ ଜ୍ୱରରେ ପୀଡ଼ିତ ଥିଲେ। ଏହାସତ୍ତ୍ୱେ ସେ ନିଜ ଦକ୍ଷତା ଦେଖାଇଲେ। ୨୦୨୫ରେ ଏପର୍ଯ୍ୟନ୍ତ ତାଙ୍କ ପ୍ରଦର୍ଶନ ଚମତ୍କାର ରହିଆସିଛି" ବୋଲି କୋଚ୍ ମାର୍ଟିନ ଓଏନ୍ସ ପ୍ରକାଶ କରିଛନ୍ତି। ଅନିମେଶ ଓ ଶ୍ରାବଣୀଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଅଭିନନ୍ଦନ ଜଣାଇଛନ୍ତି।

## ରିଲେ ରେସ୍‌ରେ ଶ୍ରାବଣୀଙ୍କୁ ରୌପ୍ୟ

କୋରିଆର ଗୁମିଠାରେ ଅନୁଷ୍ଠିତ ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ଭାରତୀୟ ମହିଳା ୪x୧୦୦ ମିଟର ରିଲେ ଦଳ ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ପଦକ ହାସଲ କରିଛି। ଏହି ଦଳର ସଦସ୍ୟାଭାବେ ଓଡ଼ିଶାର ତାରକା ସ୍ପ୍ରିଣ୍ଟର ଶ୍ରାବଣୀ ନନ୍ଦ ରୌପ୍ୟ ପଦକ ଅର୍ଜନ କରିଛନ୍ତି। ଭାରତୀୟ ମହିଳା ରିଲେ ଦଳ ୪୩.୮୬ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। ଶ୍ରାବଣୀଙ୍କ ସହିତ ସ୍ନେହା ସତ୍ୟନାରାୟଣ ଶନୁଭାଲି, ଅଭିନୟ ରାଜାରାଜନ ଓ ନିତ୍ୟ ଗାନ୍ଧେଙ୍କୁ ନେଇ ଭାରତୀୟ ଦଳ ଏଥିରେ ଅଂଶଗ୍ରହଣ କରିଥିଲା। ଚାଇନା ଦଳ ୪୩.୨୮ ସେକେଣ୍ଡ ନେଇ ସ୍ୱର୍ଣ୍ଣ ଏବଂ ଥାଇଲାଣ୍ଡ ୪୪.୨୬ ସେକେଣ୍ଡ ସହ ବ୍ରୋଞ୍ଜ ପଦକ ଜିତିଥିଲା।



ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ପଦକ ଜିତିବାପରେ ଉଲ୍ଲସିତ ଓଡ଼ିଶାର ଶ୍ରାବଣୀ ନନ୍ଦ।

## ୟୁଫା ସଭାପତିଙ୍କୁ ଭେଟିଲେ ଜୟ ଶାହା

**ନୂଆଦିଲ୍ଲୀ, ୩୧ା୫ (ପି.ଟି.)**

ଆଲିଆଞ୍ଜ ଆରେନାଠାରେ ଶନିବାର ଇଣ୍ଟରମିଲାନ ଓ ପ୍ୟାରିସ ସେଣ୍ଟ ଜର୍ମେନ ମଧ୍ୟ ଚାମ୍ପିୟନ୍ସ ଲିଗ୍ ଫାଇନାଲ ଖେଳାଯିବା ପୂର୍ବରୁ ଶୁକ୍ରବାର ଅନ୍ତର୍ଜାତୀୟ କ୍ରିକେଟ ପରିଷଦ(ଆଇସିସି) ସଭାପତି ଜୟ ଶାହା ମ୍ୟାନିକ୍‌ଠାରେ ୟୁଫା (ୟୁନିୟନ ଅଫ୍ ୟୁରୋପିଆନ ଫୁଟ୍‌ବଲ ଆସୋସିଏଶନ୍ସ) ସଭାପତି ଆଲେକ୍‌ସାଣ୍ଡର ସେଫରିନ୍‌ଙ୍କୁ ଭେଟିଛନ୍ତି। ପୂର୍ବତନ ବିସିସିଆଇ ସଭାପତି ସେଫରିନ୍‌ଙ୍କୁ ଶୁକ୍ରବାର ଭେଟିଛନ୍ତି। ବିଶ୍ୱସ୍ତରରେ କ୍ରିକେଟର ପ୍ରସାର ଜାରି ରଖିଥିବା ଶାହା ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ତାଙ୍କର ଏକ ପୋଷ୍ଟରେ କହିଛନ୍ତି। ଆମ ଖେଳର ପ୍ରସାର ପାଇଁ ଅନ୍ୟ କ୍ରୀଡ଼ାର ପଦାଧିକାରୀଙ୍କ ସହ ସମୟ ବିତାଇବା ଗୁରୁତ୍ୱପୂର୍ଣ୍ଣ ଅଟେ। ଚଳିତବର୍ଷ ପ୍ରାରମ୍ଭରେ ଶାହା ଇଣ୍ଟରନ୍ୟାଶନାଲ ଅଲିମ୍ପିକ କମିଟି(ଆଇଓସି) ପୂର୍ବରୁ ଲାଉସାନେଠାରେ ଆଇଓସି ସଭାପତି ଥୋମାସ ବାକ୍‌ଙ୍କୁ ଭେଟିଥିଲେ। ଲସ୍‌ଏଞ୍ଜେଲ୍ସ ୨୦୨୮ ଅଲିମ୍ପିକ୍ସର ଗେମ୍ସ ପ୍ରୋଗ୍ରାମ୍‌ରେ କ୍ରିକେଟର ପ୍ରତ୍ୟାବର୍ତ୍ତନ ଦେଖିବାକୁ ମିଳିବ।

## ଓଡ଼ିଶା ଉଷୁ ଦଳକୁ ୧୭ ପଦକ

**ଭୁବନେଶ୍ୱର, ୩୧ା୫ (ତପନ ସ୍ୱାଇଁ)**

ତାମିଲନାଡୁର ନମାକ୍କାଲଠାରେ ଶନିବାର ଉଦ୍‌ଯାପିତ ଜାତୀୟ ସବ୍‌ଜୁନିୟର ଉଷୁ ଚାମ୍ପିୟନଶିପ୍‌ରେ ଓଡ଼ିଶା ଦଳ ୨ଟି ସ୍ୱର୍ଣ୍ଣ ସହ ମୋଟ ୧୭ ପଦକ ହାସଲ କରିଛି। ମଞ୍ଜୁ ମୁଣ୍ଡା ଓ ରଶ୍ମିତା ମୁଣ୍ଡା ସ୍ୱର୍ଣ୍ଣ ଜିତିଥିବାବେଳେ ସୁଶାନ୍ତ ଘଡ଼େଇ, ପ୍ରିୟତମା ମୁଣ୍ଡା, ଆୟୁଷ ଦାସ ଓ ନିରେନ୍ଦ୍ର ଦାସ ରୌପ୍ୟ ପଦକ ହାସଲ କରିଛନ୍ତି। ଓଡ଼ିଶାରୁ ୫୯ ଖେଳାଳିଙ୍କୁ ମିଶାଇ ମୋଟ ୬୫ ଜଣିଆ ପ୍ରତିନିଧି ଦଳ ଏଥିରେ ଅଂଶଗ୍ରହଣ କରିଥିଲେ। ପ୍ରଦ୍ୟୁମ୍ନ ବେହେରା ମୁଖ୍ୟ ଜଜ୍ ଓ ସୁଶାନ୍ତ ନାଏକ ଜଜ୍‌ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ପଙ୍କଜ ମହନ୍ତ ଓ ଦିବ୍ୟା ମୋହନ ପ୍ରଧାନ ଦଳର କୋଚ୍ ଥିଲେ।






# ଫାଇନାଲ ପାଇଁ ପଞ୍ଜାବ-ମୁମ୍ବାଇ ଲଢ଼େଇ

**ଆଇପିଏଲ୍ କ୍ୱାଲିଫାୟର-୨**

**ଅହମ୍ମଦାବାଦ, ୩୧ା୫ (ପି.ଟି.)**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର କ୍ୱାଲିଫାୟର-୨ରେ ରବିବାର ମୁମ୍ବାଇ ଇଣ୍ଡିଆନ୍ସ ଓ ପଞ୍ଜାବ କିଙ୍ଗ୍ସ ପରସ୍ପରକୁ ଭେଟିବେ। ଏକତରଫା ଭାବେ ଶେଷ ହୋଇଥିବା କ୍ୱାଲିଫାୟର-୧ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି)ଠାରୁ ୮ଉଇକେଟରେ ପରାଜିତ ହେବା ପରେ ଶ୍ରେୟସ ଆୟରଙ୍କ ପଞ୍ଜାବ କିଙ୍ଗ୍ସ କିଛି ପରିମାଣରେ ଆତ୍ମବିଶ୍ୱାସ ହରାଇ ଥାଇପାରେ, ଏପରିସ୍ଥଳେ ପ୍ରଥମ ଥର ଆଇପିଏଲ ଟ୍ରଫି ଜିତିବା ପାଇଁ ସ୍ୱପ୍ନ ଦେଖିଥିବା ଏହି ଦଳ ଲାଗି କର ଅବା ମର ପରିସ୍ଥିତି ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ଏଲିମିନେଟରରେ ଟାଇଟଲ ଫେଭରାଇଟ ଗୁଜରାଟ ଟାଇଟନ୍ସ ବିପକ୍ଷରେ ଭଲ ବିଜୟ ପରେ ମୁମ୍ବାଇ ଇଣ୍ଡିଆନ୍ସ ୬ଥର ଟାଇଟଲ ଜିତିବା ଲାଗି ଲକ୍ଷ୍ୟ ରଖିଛି। ଇତିହାସ କହୁଛି ନକ୍‌ଆଉଟରେ କିପରି ଜିତିବାକୁ ହୁଏ ଏହାର ତରିକା ମୁମ୍ବାଇ ଇଣ୍ଡିଆନ୍ସକୁ ଭଲରୂପେ ଜଣା। କିନ୍ତୁ ଦଳକୁ ସଂଗଠିତ କରିବା କୋଚ୍ ମାହେଲା ଜୟବର୍ଦ୍ଧନେଙ୍କ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ। ଅବଶ୍ୟ ସେ ଗତବର୍ଷ ଟେବୁଲର ସର୍ବନିମ୍ନ ସ୍ଥାନରେ ଥିବା ମୁମ୍ବାଇ ଇଣ୍ଡିଆନ୍ସକୁ ସେ ଏଥର ଏତେ ବାଟ ଆଣିପାରିଛନ୍ତି। ଗତ ଗେମ୍‌ରେ ପରାସ୍ତ ହୋଇଥିବାରୁ ଆୟର ଓ ରିକି ପଣ୍ଟିଂଙ୍କ ଯୋଡ଼ିଙ୍କୁ ସେମାନଙ୍କ ବୋଲିଂ ଲାଇନ୍ ଅପ୍ ସଜାଡ଼ିବାକୁ ପଡ଼ିବ, ଯେଉଁ ଥିରେ କି ଅର୍ଶଦୀପ ସିଂଙ୍କୁ ଅତିରିକ୍ତ ଚାପର ସମ୍ମୁଖୀନ ହେବାକୁ ପଡୁଛି। ମାର୍କୋ ଜାନସେନଙ୍କ ଅନୁପସ୍ଥିତି ଏବଂ ଆଇପିଏଲର ସଫଳ ଉଇକେଟ ହାସଲକାରୀ ବୋଲର ବୋଲର ୟୁଜବେନ୍ଦ୍ର ଚହଲ ଉପଲବ୍ଧ ନ ହେବା ପଞ୍ଜାବ ଦଳ ପାଇଁ ସମସ୍ୟା ସୃଷ୍ଟି କରିଛି। ଏହି କାରଣରୁ ମୁଲାନପୁରଠାରେ ଆରସିବି ବିପକ୍ଷ ମ୍ୟାଚରେ ଦଳକୁ ଚାପର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଏହା ସତ୍ତ୍ୱେ ସେମାନଙ୍କ ପାଇଁ ଏହା ଏକ ଖରାପ ଦିନ ଥିଲା ବୋଲି ପଞ୍ଜାବ ବିଚାର କରୁଛି। ପଞ୍ଜାବ ଆହୁରି ମଧ୍ୟ ଭଲରୂପେ ଜାଣେ ସାମାନ୍ୟ ତ୍ରୁଟି ଯୋଗୁ ରୋହିତ ଶର୍ମା କିପରି ଗୁଜରାଟର ବୋଲିଂ ଆକ୍ରମଣର ଧୂଳେଇ କରିଥିଲେ ଏବଂ ଏକ ମ୍ୟାଚ ବିଜୟୀ ଇନିଂସ ଖେଳିପାରିଥିଲେ। ଅନ୍ୟପକ୍ଷରେ ମୁମ୍ବାଇ ଇଣ୍ଡିଆନ୍ସ ଦଳରେ ରୋହିତ, ଯଶପ୍ରୀତ୍ ବୁମ୍‌ରା, ସୂର୍ଯ୍ୟକୁମାର ଯାଦବ, ତିଳକ ବର୍ମା ଓ ପାଣ୍ଡ୍ୟାଙ୍କ ଭଳି ଅନେକ ଭାରତୀୟ ଦଳର ଖେଳାଳି ରହିଛନ୍ତି। ସେମାନେ ଯଦି ଫର୍ମରେ ରୁହନ୍ତି ତେବେ ଫଳାଫଳକୁ ବଦଳାଇ ପାରନ୍ତି। ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ବ୍ୟାଟିଂକୁ ସୁହାଉଥିବା ପିଚ୍ ରହିଥିବା ବେଳେ ମୁମ୍ବାଇ ଦଳରେ ନୂତନ ଭାବେ ଜନି ବେୟାରଷ୍ଟୋ ଓ ରିଚାର୍ଡ ଗ୍ଲିସନ ଯୋଗ ଦେଇଥିବାରୁ ଏହାର ବ୍ୟାଟିଂ ଆହୁରି ଶକ୍ତିଶାଳୀ ହୋଇ ପାରିଛି।



ଶ୍ରେୟସ ଆୟର ଓ ହାର୍ଦ୍ଦିକ ପାଣ୍ଡ୍ୟା।


Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ